NITIDIN
ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

WEDNESDAY
17 DECEMBER 2025
ବୁଧବାର
୧୭ ଡିସେମ୍ବର ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 211 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୨୧୧ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

### ଓଡ଼ିଶା ଫାର୍ମାସ୍ୟୁଟିକାଲ୍,ମେଡିକାଲ୍ ଡିଭାଇସ୍ ନୀତି ୨୦୨୫ର ଶୁଭାରମ୍ଭ

# ୪୫ ଏମ୍ଓୟୁ, ବିନିଯୋଗ ହେବ ୬୨୬୩ କୋଟି

**ଭୁବନେଶ୍ୱର,୧୬/୧୨,ଏନ୍ଏନ୍ଏସ୍:**



ଓଡ଼ିଶା ଫାର୍ମାସ୍ୟୁଟିକାଲ୍ ଓ ମେଡିକାଲ୍ ଡିଭାଇସ ନୀତି ୨୦୨୫ର ଶୁଭାରମ୍ଭ ହୋଇଛି। ରାଜ୍ୟ ସରକାର ବିଭିନ୍ନ ଫାର୍ମା କମ୍ପାନୀ ସହ ସମୁଦାୟ ୬,୨୬୩ କୋଟି ଟଙ୍କାର ୪୫ ବୁଝାମଣା ପତ୍ର ସ୍ୱାକ୍ଷରିତ କରିଛନ୍ତି। ସେଥିମଧ୍ୟରୁ ଫାର୍ମାସ୍ୟୁଟିକାଲ୍ସ ପାଇଁ ୩୨ଟି ବୁଝାମଣାପତ୍ର, ମେଡିକାଲ ଉପକରଣ ପାଇଁ ୧୨ଟି ବୁଝାମଣାପତ୍ର ଏବଂ ଏକ ଲ୍ୟାଣ୍ଡମାର୍କ ଶିଳ୍ପ ପାର୍କ ପ୍ରସ୍ତାବ ଅର୍ନ୍ତଭୁକ୍ତ। ଏଥିଯୋଗୁଁ ସମୁଦାୟ ୩୮,୪୦୬ ନିଯୁକ୍ତି ସୃଷ୍ଟି କରିବ। ଫଳରେ ଗୁଣାତ୍ମକ ଔଷଧ ଉତ୍ପାଦନ ଏବଂ ଚିକିତ୍ସା ପାଇଁ ଉନ୍ନତ ମାନର ଡିଭାଇସ ପ୍ରସ୍ତୁତ କରି ଓଡ଼ିଶା ପୂର୍ବ ଭାରତର ଏକ ପ୍ରମୁଖ ଫାର୍ମା କେନ୍ଦ୍ର ଭାବରେ ଉଭା ହେବା ପାଇଁ ପ୍ରସ୍ତୁତ।

ମଙ୍ଗଳବାର ଭୁବନେଶ୍ୱର ସ୍ଥିତ ହୋଟେଲ ତାଜ୍ ଭିଭାନ୍ତାଠାରେ ଆୟୋଜିତ ଓଡ଼ିଶା ଫାର୍ମା ସମ୍ମିଳନୀ ୨୦୨୫କୁ ସମ୍ବୋଧନ କରି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଖୋର୍ଦ୍ଧା ଠାରେ ଗୋଟିଏ ଉତ୍ସର୍ଗୀକୃତ ଫାର୍ମା ପାର୍କ ତଥା ଏକ ମେଡିକାଲ ଡ଼ିଭାଇସେସ୍ ପାର୍କ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଓଡ଼ିଶାକୁ ନିବେଶକଙ୍କର ପ୍ରଥମ ପସନ୍ଦର ରାଜ୍ୟ କରିବାକୁ ସରକାର ସମସ୍ତ ପ୍ରକାର ଆବଶ୍ୟକତାକୁ ପୂରଣ କରୁଛନ୍ତି। ଏଥିସହିତ ରାଜ୍ୟରେ ଅଣ ପାରମ୍ପରିକ ଉଦ୍ୟୋଗକୁ ମଧ୍ୟ ବିକାଶ କରିବା ପାଇଁ ସେ ପ୍ରତିଶ୍ରୁତିବଦ୍ଧ। ଓଡ଼ିଶା ବର୍ତ୍ତମାନ ପୁଞ୍ଜି ନିବେଶ ପାଇଁ ଦେଶର ସବୁଠାରୁ ଉତ୍କୃଷ୍ଟ ରାଜ୍ୟ ମଧ୍ୟରୁ ଗୋଟିଏ। ଆମର ଶିଳ୍ପ ଇକୋସିଷ୍ଟମ ଦେଶର ସର୍ବୋତ୍ତମ ପରିବେଶ ମଧ୍ୟରେ ଅନ୍ୟତମ। ଅନ୍ୟାନ୍ୟ ଶିଳ୍ପ ସହିତ ଔଷଧ ଉତ୍ପାଦନରେ ମଧ୍ୟ

**ଖୋର୍ଦ୍ଧାରେ ଫାର୍ମା ପାର୍କ ଓ ମେଡିକାଲ୍ ଡିଭାଇସ୍ ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ**

**କିଛି ବର୍ଷ ମଧ୍ୟରେ ଓଡ଼ିଶା ଫାର୍ମା କ୍ଷେତ୍ରରେ ନୂତନ ଶିଖର ଛୁଇଁବ: ମୁଖ୍ୟମନ୍ତ୍ରୀ**

ଓଡିଶାକୁ ଏକ ପ୍ରମୁଖ କେନ୍ଦ୍ର କରିବା ଆମର ଲକ୍ଷ୍ୟ।

ମୁଖ୍ୟମନ୍ତ୍ରୀ କହଛନ୍ତି ଯେ, ଧାତୁ, ଖଣିଜ ଏବଂ ରାସାୟନିକ କ୍ଷେତ୍ର ଗୁଡିକ ହେଉଛି ଆମ ଓଡିଶାରେ ଶିଳ୍ପର ବ୍ୟାକବୋନ୍। କିନ୍ତୁ ରାଜ୍ୟର ସମ୍ବଳକୁ ଲୋକାଭିମୁଖୀ କରିବା ପାଇଁ, ଆମକୁ ଆହୁରି ଆଗକୁ ଯିବାକୁ ପଡିବ। ତେଣୁ ଆମେ ଭିତ୍ତିଭୂମି, ନବସୃଜନ ଶକ୍ତି ଓ ଜ୍ଞାନଭିତ୍ତିକ ଅର୍ଥନୀତି ଉପରେ ଅଧିକ ଗୁରୁତ୍ୱ ଦେଇଛୁ। ଗତ ଦେଢ ବର୍ଷ ଭିତରେ ରାଜ୍ୟରେ ଶିଳ୍ପର ବ୍ୟାପକ ବିବିଧକରଣ ହୋଇଛି। ଓଡିଶାରେ କେମିକାଲ୍ସ, ପେଟ୍ରୋକେମିକାଲ୍ସ, ଗ୍ରୀନ ଏନର୍ଜି, ଫିନଟେକ୍, ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ବୟନଶିଳ୍ପ, ପର୍ଯ୍ୟଟନ ଆଦି କ୍ଷେତ୍ରରେ ନିବେଶ ଆସିଛି। ଆଜି ଠାରୁ ଫାର୍ମା କ୍ଷେତ୍ରରେ ମଧ୍ୟ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ଶିଳ୍ପ, ସମଗ୍ର ବିଶ୍ୱର ଶିଳ୍ପ ସହିତ ଯୋଡି ହେଉ, ଏବଂ ସମଗ୍ର ବିଶ୍ୱର ଶିଳ୍ପ କ୍ଷେତ୍ରରେ ଓଡ଼ିଶା ନିଜର ପରିଚୟ ସୃଷ୍ଟି କରିବା ଆମର ଲକ୍ଷ୍ୟ। ଗତ ଦେଢ଼ ବର୍ଷ ମଧ୍ୟରେ, ଆମେ ରାଜ୍ୟର ଶିଳ୍ପ ନୀତି ଏବଂ ଫାର୍ମା ନୀତିରେ ଆବଶ୍ୟକୀୟ ପରିବର୍ତ୍ତନ ଆଣିଛୁ। ଆମର ଫାର୍ମା ନୀତି ଦେଶର ସର୍ବୋତ୍ତମ ନୀତି ମଧ୍ୟରୁ ଗୋଟିଏ। ନୂଆ ଫାର୍ମା ନୀତିରେ ଗବେଷଣା, ପୁଞ୍ଜି ନିବେଶ, ଭିତ୍ତିଭୂମି ନିର୍ମାଣ, ନିଯୁକ୍ତି ଇତ୍ୟାଦି ଫାର୍ମା କ୍ଷେତ୍ରର ପ୍ରତ୍ୟେକ ଅଂଶକୁ ପ୍ରୋତ୍ସାହନ ଦିଆଯାଇଛି। ଆଗାମୀ କିଛି ବର୍ଷ ମଧ୍ୟରେ ଓଡ଼ିଶାର ଫାର୍ମା କ୍ଷେତ୍ର ନୂତନ ଶିଖର ଛୁଇଁବ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିବା ସହିତ ଗୁଣବତ୍ତା ଏବଂ ମୂଲ୍ୟ ଦୃଷ୍ଟିରୁ, ଓଡ଼ିଶାର ଫାର୍ମା ଉତ୍ପାଦ ବିଶ୍ୱରେ ▶▶ ୫

### ଯମୁନା ଏକ୍ସପ୍ରେସୱେରେ ଭୟଙ୍କର ଦୁର୍ଘଟଣା

# ୧୩ ଜୀବନ୍ତ ଦଗ୍ଧ



**ଲକ୍ଷ୍ନୌ,୧୬/୧୨/ଏଜେନ୍ସି:**

ମଥୁରାର ଯମୁନା ଏକ୍ସପ୍ରେସୱେରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟି ୧୩ଜଣ ଜୀବନ୍ତ ଦଗ୍ଧ ହୋଇଯିବା ଭଳି ଅତ୍ୟନ୍ତ ଅଭାବନୀୟ ଘଟଣା ସମ୍ପର୍କରେ ସୂଚନା ମିଳିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ ଭୋର ସମୟରେ ଘନ କୁହୁଡି ମଧ୍ୟରେ ରାସ୍ତା ପରିଷ୍କାର ଦେଖାଯାଉନଥିବା କାରଣରୁ ଏହି ଦୁର୍ଘଟଣା ଘଟିଛି। ପ୍ରାୟ ୭ଟି ବସ୍ ଏବଂ ତିନୋଟି କାର୍ ପରସ୍ପର ସହ ଧକ୍କା ହୋଇଥିଲେ ଯାହାଫଳରେ କେତେକ ବସ୍ ଏବଂ କାର୍‌ଗୁଡ଼ିକରେ ନିଆଁ ଲାଗିଯାଇଥିଲା। ଏହି ଭୟଙ୍କର ଦୁଘର୍ଟଣାରେ ୭ଜଣ ନିଆଁରେ ପୋଡି ହୋଇ ମୃତ୍ୟୁବରଣ କରିଛନ୍ତି। ସେହିପରି ପ୍ରାୟ ଶତାଧିକ ଲୋକ ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। କିଛି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି କୁହୁଡି ଥିବା କାରଣରୁ ସେମାନେ ଘଟଣାସ୍ଥଳକୁ ଠିକ୍ ଭାବେ ଦେଖିପାରିନଥିଲେ ମଧ୍ୟ ପ୍ରାୟ ୨୦ ମିନିଟ୍ ମଧ୍ୟରେ ୩ ଥର ଭୟଙ୍କର ବିସ୍ଫୋରଣ ହୋଇଥିବା ଭଲଭାବେ ଶୁଣିପାରିଥିଲେ। ଘଟଣା ସମ୍ପର୍କରେ ସୂଚନା ମିଳିବା ପରେ ପୁଲିସ୍ ଏବଂ ଉଦ୍ଧାରକାରୀ ଟିମ୍ ସହ ଅଗ୍ନିଶମ ବାହିନୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭା କାର୍ଯ୍ୟ ତଥା ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ପ୍ରାୟ ୧୫୦ ଜଣଙ୍କୁ ୨୦ରୁ ଅଧିକ ଆମ୍ବୁଲାନ୍ସରେ ହସ୍ପିଟାଲ ପଠାଯାଇଛି। ରିପୋର୍ଟ ଅନୁସାରେ ମଙ୍ଗଳବାର ▶▶ ୫

### ଇଥିଓପିଆରେ ମୋଦୀଙ୍କୁ ଭବ୍ୟ ସ୍ୱାଗତ

# ଭାରତ-ଜୋର୍ଡାନ୍ ୫ ଚୁକ୍ତି ସ୍ୱାକ୍ଷରିତ

**ନୂଆଦିଲ୍ଲୀ, ଅମାନ୍, ୧୬/୧୨/ଏଜେନ୍ସି:**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ୨ଦିନିଆ ଜୋର୍ଡାନ୍ ଗସ୍ତ ମଙ୍ଗଳବାର ଶେଷ କରିଛନ୍ତି। ନିଜ ଗସ୍ତ ପରିପ୍ରେକ୍ଷୀରେ ସେ ରାଜା ଅବଦୁଲ୍ଲା ଦ୍ୱିତୀୟ, ପ୍ରତିପକ୍ଷ ପ୍ରଧାନମନ୍ତ୍ରୀ ଜାଫର ହସନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ତେବେ ଅମାନ୍ ସ୍ଥିତ ହୁସେନିଆ ପ୍ୟାଲେସ୍ ଠାରେ ରାଜା ଅବଦୁଲ୍ଲା ଦ୍ୱିତୀୟଙ୍କ ସହ ଦ୍ୱିପାକ୍ଷିକ ବୈଠକ ତଥା ଆଲୋଚନା ପରେ ଭାରତ ଏବଂ ଜୋର୍ଡାନ୍ ମଧ୍ୟରେ ୫ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ଜଣାପଡିଛି। ଚୁକ୍ତି ସ୍ୱାକ୍ଷର ହେବା ପରେ ଉଭୟ ନେତା ଏକ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଏସମ୍ପର୍କରେ ସୂଚନା ଦେଇଛନ୍ତି।

ପ୍ରତିରକ୍ଷା, ବାଣିଜ୍ୟ, ଶକ୍ତି ଏବଂ ଡିଜିଟାଲ୍ କ୍ଷେତ୍ରରେ ସହଯୋଗକୁ ଆହୁରି ଘନିଷ୍ଠ କରିବାକୁ ଭାରତ ଏବଂ ଜୋର୍ଡାନ ରାଜି ହୋଇଥିବା ଉଭୟ କହିଛନ୍ତି। ସେହିପରି ଭାରତ ଏବଂ ଜୋର୍ଡାନ ଆତଙ୍କବାଦ ବିରୋଧୀ, ଗାଜା ସମେତ ଆଞ୍ଚଳିକ ବିକାଶ ଏବଂ ଦ୍ୱିପାକ୍ଷିକ ସହଯୋଗ ଉପରେ ଆଲୋଚନା କରିଛନ୍ତି। ଉଭୟ ଦେଶ ମଧ୍ୟରେ ହୋଇଥିବା ଆଲୋଚନା ମୁଖ୍ୟତଃ ବାଣିଜ୍ୟ ଏବଂ ନିବେଶ, ପ୍ରତିରକ୍ଷା ଏବଂ ସୁରକ୍ଷା, ଆତଙ୍କବାଦ ବିରୋଧୀ ଏବଂ ମୌଳବାଦ ମୁକ୍ତି, ସାର ଏବଂ କୃଷି, ନବୀକରଣ ଶକ୍ତି ଏବଂ ପର୍ଯ୍ୟଟନ ଭଳି କ୍ଷେତ୍ରରେ ସହଯୋଗ ବିସ୍ତାର କରିବା ଉପରେ କେନ୍ଦ୍ରିତ ଥିଲା। ପ୍ରଧାନମନ୍ତ୍ରୀ ମୋଦୀ ଆତଙ୍କବାଦ ଏବଂ ଉଗ୍ରବାଦ ମୁକାବିଲାରେ ରାଜା ଅବଦୁଲ୍ଲା ଦ୍ୱିତୀୟଙ୍କ ଭୂମିକାକୁ ପ୍ରଶଂସା କରିଥିଲେ ଏବଂ ଏହି କ୍ଷେତ୍ରରେ ଶାନ୍ତି ଏବଂ ସ୍ଥିରତା ପାଇଁ ଭାରତର ସମର୍ଥନକୁ ପୁନଃନିର୍ଭର କରିଥିଲେ। ସେହିପରି ଭାରତ ଜୋର୍ଡାନର ତୃତୀୟ ବୃହତ୍ ବାଣିଜ୍ୟିକ ଅଂଶୀଦାର ବୋଲି ଉଲ୍ଲେଖ କରି, ପ୍ରଧାନମନ୍ତ୍ରୀ ମୋଦୀ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ୨.୮ ବିଲିୟନ ଆମେରିକୀୟ ଡଲାରର ବର୍ତ୍ତମାନର ସ୍ତରରୁ ୫ ବିଲିୟନ ଆମେରିକୀୟ ଡଲାରକୁ ବୃଦ୍ଧି କରିବାକୁ ▶▶ ୫

### ସମ୍ବଲପୁର ଜିଲ୍ଲା ହୋମ୍‌ଗାର୍ଡ ପରୀକ୍ଷା

# ୧୮୭ ପଦବୀ ପାଇଁ ୯ ହଜାରରୁ ଊର୍ଦ୍ଧ୍ୱ ପ୍ରାର୍ଥୀ

**ଭୁବନେଶ୍ୱର,୧୬/୧୨/ଏନ୍ଏନ୍ଏସ୍:**



ସମ୍ବଲପୁର ପୁଲିସ ଦ୍ୱାରା ମଙ୍ଗଳବାର ଆୟୋଜିତ ହୋମ୍‌ଗାର୍ଡ ନିଯୁକ୍ତି ପରୀକ୍ଷାରେ ଆଶ୍ଚର୍ଯ୍ୟଜନକ ଭାବେ ଅନେକ ଉଚ୍ଚଶିକ୍ଷିତ ପ୍ରାର୍ଥୀଙ୍କ ଉପସ୍ଥିତି ଦେଖିବାକୁ ମିଳିଛି। ୪ଟି ପୁଲିସ୍ ଷ୍ଟେସନ୍‌ରେ ମାତ୍ର ୧୮୭ ପଦବୀ ପାଇଁ ହୋଇଥିବା ପରୀକ୍ଷାରେ ୯ ହଜାରରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ଅଂଶଗ୍ରହଣ କରିଥିବା ହୋମ୍‌ଗାର୍ଡ ଡିଏସ୍‌ପି ବିଲ୍‌କିସ୍ ବାନୋ ବିବି ସୂଚନା ଦେଇଛନ୍ତି। ଏହି ପଦବୀ ପାଇଁ ଶିକ୍ଷାଗତ ଯୋଗ୍ୟତା ପଞ୍ଚମ ଶ୍ରେଣୀ ହୋଇଥିବା ବେଳେ ଆବେଦନକାରୀଙ୍କ ମଧ୍ୟରେ ରହିଛନ୍ତି ଅନେକ ସ୍ନାତକ, ଇଞ୍ଜିନିୟର୍, ଏମ୍‌ବିଏ, ଏମ୍‌ସିଏ, ଡିପ୍ଲୋମା, ଆଇଟିଆଇ ଏବଂ କମ୍ପ୍ୟୁଟର୍ ବିଜ୍ଞାନ ଡିଗ୍ରୀଧାରୀ। ହୋମ୍‌ଗାର୍ଡଙ୍କ ମାସିକ ଦରମା ଦୈନିକ ମଜୁରୀ ୬୧୨ ଟଙ୍କା ହିସାବରେ ୧୮ ହଜାର ୩୬୦ ଟଙ୍କା। ଏହା ସତ୍ତ୍ୱେ ନିଯୁକ୍ତି ଅଭିଯାନରେ ଉଚ୍ଚ ଡିଗ୍ରୀଧାରୀଙ୍କ ଉପସ୍ଥିତି ରାଜ୍ୟର ବେକାରୀ ସମସ୍ୟାକୁ ପଦାରେ ପକାଇଛି।

ସମ୍ବଲପୁର ଜିଲ୍ଲାରେ ପୁଲିସ ଗାଡ଼ି ଚାଳକ ଓ କମ୍ପ୍ୟୁଟର କାର୍ଯ୍ୟ ପାଇଁ ଏହି ପଦବୀ ସୃଷ୍ଟି କରାଯାଇଥିଲା, ଯାହାର ଶିକ୍ଷାଗତ ଯୋଗ୍ୟତା ପଞ୍ଚମ ଶ୍ରେଣୀ ରଖା ଯାଇଥିଲା। କିନ୍ତୁ ଆଜିର ପରୀକ୍ଷାରେ ଉଚ୍ଚଶିକ୍ଷିତ ପ୍ରାର୍ଥୀ ଉପସ୍ଥିତି ପ୍ରମାଣ କରିଛନ୍ତି ଯେ ରାଜ୍ୟରେ ନିଯୁକ୍ତିର ଘୋର ଅଭାବ ରହିଛି। ଯେଉଁଥି ପାଇଁ ଉଚ୍ଚଶିକ୍ଷିତ ପ୍ରାର୍ଥୀମାନେ ହୋମ୍‌ଗାର୍ଡ ନିଯୁକ୍ତିରେ ନିଜକୁ ସାମିଲ କରିଛନ୍ତି। ଏହି ନିଯୁକ୍ତି ପ୍ରକ୍ରିୟା ଜମାଦାରପାଲି ଏୟାର୍ ଷ୍ଟ୍ରିପ୍‌ରେ ସକାଳୁ ଆରମ୍ଭ ହୋଇଥିଲା। ସକାଳ ୬ଟାରୁ ରିପୋର୍ଟିଂ ସମୟ ଥିବା ବେଳେ ପ୍ରାର୍ଥୀମାନଙ୍କୁ ୯ଟା ସମୟରେ ପ୍ରବେଶ କରିବା ପାଇଁ ଦିଆ ଯାଇଥିଲା। ପରେ ୧୦.୩୦ରେ ପ୍ରଶ୍ନପତ୍ର ଦିଆଯାଇଥିଲା। ଏଥିରେ ୨୦ ନମ୍ବର ପାଇଁ ୩୦ ମିନିଟର ପାରାଗ୍ରାଫ୍ ଲେଖିବାକୁ ସମୟ ଦିଆଯାଇଥିଲା। ଏହାପରେ ଏକ ଘଣ୍ଟା ପାଇଁ ୩୦ ନମ୍ବରର ସାଧାରଣ ଜ୍ଞାନ ପରୀକ୍ଷା ହୋଇଥିଲା।

**ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅନେକ ଉଚ୍ଚଶିକ୍ଷିତ**

ସମ୍ବଲପୁର ଏସପି ମୁକେଶ ଭାମୁଙ୍କ ନିର୍ଦ୍ଦେଶରେ ୩ ଜଣ ଅତିରିକ୍ତ ଏସ୍‌ପି, ୨୪ ଜଣ ଇନ୍ସପେକ୍ଟର, ୮୬ ଜଣ ଏସ୍ଆଇ ଓ ଏଏସ୍ଆଇ ଏବଂ ୧୦୦ରୁ ଅଧିକ ହୋମ୍‌ଗାର୍ଡ ଏବଂ ଟ୍ରାଫିକ୍ ପୁଲିସ୍ କର୍ମଚାରୀ ପରୀକ୍ଷାର ସୁଗମ ପରିଚାଳନା ଏବଂ ସୁରକ୍ଷା ନିଶ୍ଚିତ କରିଥିଲେ। ଏହା ସହିତ ଏୟାର୍ ଷ୍ଟ୍ରିପ୍ ପଡ଼ିଆରେ ପରୀକ୍ଷା ସମୟରେ ପ୍ରାର୍ଥୀମାନଙ୍କୁ ନିରୀକ୍ଷଣ କରିବା ପାଇଁ ଡ୍ରୋନ୍ ମୁତୟନ କରାଯାଇଥିବା ସୂଚନା ଦେଇଛନ୍ତି ଡିଆଇବି ଶଶାଙ୍କ ବେହୁରା।

### ପଶ୍ଚିମବଙ୍ଗ ଏସ୍ଆଇଆର୍: ଡ୍ରାଫ୍ଟ ଭୋଟର୍ ତାଲିକା ଜାରି

# ବାଦ୍ ପଡ଼ିଛନ୍ତି ୫୮ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର୍

**ନୂଆଦିଲ୍ଲୀ, କୋଲକାତା, ୧୬/୧୨/ଏଜେନ୍ସି:**

ପଶ୍ଚିମବଙ୍ଗରେ ଏସ୍ଆଇଆର୍ ପ୍ରକ୍ରିୟା ଗତ ୧୧ ତାରିଖରେ ଶେଷ ହେବାର ମାତ୍ର ୫ ଦିନ ମଧ୍ୟରେ କେନ୍ଦ୍ର ନିର୍ବାଚନ ଆୟୋଗ ମଙ୍ଗଳବାର (ଡିସେମ୍ବର ୧୬, ୨୦୨୫) ଏହାର ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ କରିଛନ୍ତି। ତେବେ ଏଥିରେ ପ୍ରାୟ ୫୮ ଲକ୍ଷରୁ ଊର୍ଦ୍ଧ୍ୱ (୫୮,୨୦,୮୯୮ ଜଣ) ଭୋଟରଙ୍କ ନାମକୁ ବାଦ୍ ଦିଆଯାଇଥିବା ଦେଖିବାକୁ ମିଳିଛି। ଡ୍ରାଫ୍ଟ ଭୋଟରଙ୍କ ସହ ବାଦ୍ ପଡିଥିବା ଭୋଟରଙ୍କ ତାଲିକା ଏବଂ ବାଦ୍ ପଡିବାର କାରଣ ଆଦିକୁ ମଧ୍ୟ ନିର୍ବାଚନ ଆୟୋଗ ସାର୍ବଜନୀନ କରିଛନ୍ତି। ସେହିପରି ଏହି ତାଲିକାରେ ୨୦୨୫ରେ ନୂଆ କରି ଭୋଟର ଭାବେ ସାମିଲ ହୋଇଥିବା ଯୁବପିଢ଼ିଙ୍କ ନାମ ମଧ୍ୟ ସାମିଲ କରାଯାଇଛି।

ପଶ୍ଚିମବଙ୍ଗରେ ୨୦୨୬ ପ୍ରାରମ୍ଭରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏହାପୂର୍ବରୁ କେନ୍ଦ୍ର ନିର୍ବାଚନ ଆୟୋଗ ଏଠାରେ ଏସ୍ଆଇଆର୍ (ସ୍ୱତନ୍ତ୍ର ସଘନ ଭୋଟର ତାଲିକା) ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିଥିଲେ। ଏହିକ୍ରମେ ମଙ୍ଗଳବାର ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ ପାଇଛି। ତେବେ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ ପାଇବାର କିଛି ଘଣ୍ଟା ପୂର୍ବରୁ, ନିର୍ବାଚନ ଆୟୋଗ ବାଦ୍ ଦିଆଯାଇଥିବା ଭୋଟରମାନଙ୍କ ତାଲିକା ନିଜ ୱେବ୍‌ସାଇଟ୍‌ରେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ସରକାରୀ ତଥ୍ୟ ଅନୁଯାୟୀ ୫୮ ଲକ୍ଷ ଭୋଟରଙ୍କ ନାମ ବାଦ୍ ପଡିବା ପରେ ଏବେ ରାଜ୍ୟର ଡ୍ରାଫ୍ଟ ଭୋଟର ତାଲିକାରେ ମାତ୍ର ▶▶ ୫

# ୨୧ରେ ଓଡ଼ିଶା ଆସିବେ ଶାହ !

**ଭୁବନେଶ୍ୱର,୧୬/୧୨,ଏନ୍ଏନ୍ଏସ୍:**

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ। ଆସନ୍ତା ୨୧ରେ ଭୁବନେଶ୍ୱର ବରମୁଣ୍ଡାରେ ହେବାକୁ ଥିବା ସମବାୟ ବିଭାଗର କାର୍ଯ୍ୟକ୍ରମରେ ସେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ସେ ଦୀକ୍ଷାନ୍ତ ଭାଷଣ ଦେବେ। ତେବେ ଶାହଙ୍କ ଗସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ବା ସମବାୟ ବିଭାଗ ପକ୍ଷରୁ କିଛି ସ୍ପଷ୍ଟ କରାଯାଇ ନାହିଁ।

### ମନରେଗା ନାମ ପରିବର୍ତ୍ତନକୁ ନେଇ ସଂସଦରେ ହଙ୍ଗାମା

# ଲୋକସଭାରେ 'ଭିବି-ଜି ରାମ୍ ଜି' ବିଲ୍ ପାରିତ

**ନୂଆଦିଲ୍ଲୀ, ୧୬/୧୨/ଏଜେନ୍ସି:**

ମନରେଗା' ନାମକୁ ପରିବର୍ତ୍ତନ ପୂର୍ବକ "ବିକଶିତ ଭାରତ – ରୋଜଗାର ଏବଂ ଆଜିବିକା ମିଶନ (ଗ୍ରାମୀଣ) ପାଇଁ ଗ୍ୟାରେଣ୍ଟି" ବା 'ଭିବି-ଜି ରାମ୍ ଜି' ନାମରେ ପରିଣତ କରାଯିବା ପରିପ୍ରେକ୍ଷୀରେ ମଙ୍ଗଳବାର ଆଗତ ହୋଇଥିବା ବିଲ୍ ବହୁମତ ଆଧାରରେ ସଂସଦରେ ପାରିତ ହୋଇଛି। ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଏବଂ ବିରୋଧାଭାସ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ୍ ଏହି ବିଲ୍ ଉପସ୍ଥାପନ କରିଥିଲେ। ସଂସଦର ଶୀତକାଳୀନ ଅଧିବେଶନ ଜାରି ରହିଥିବା ବେଳେ କେନ୍ଦ୍ର ସରକାର ଏହି ବିଲ୍‌କୁ ସଂସଦର ଉଭୟ ଗୃହରେ ପାରିତ କରାଇନେବାକୁ ଯୋଜନା କରିଛନ୍ତି। ପ୍ରିୟଙ୍କା ଗାନ୍ଧୀ, ଶଶି ଥରୁରଙ୍କ ନେତୃତ୍ୱରେ କଂଗ୍ରେସ ତଥା ଅନ୍ୟ କେତେକ ବିରୋଧୀ ଦଳ ଭିବି-ଜି ରାମ୍ ଜି ବିଲ୍‌କୁ ବିରୋଧ କରିଛନ୍ତି। ପ୍ରିୟଙ୍କା ନାମ ପରିବର୍ତ୍ତନ କରିବା ବିଜେପିର ଏକ ଫୋବିଆ (ପ୍ରକୃତି) ବୋଲି କହିଛନ୍ତି। ବିରୋଧୀ ନେତାମାନେ ଗାନ୍ଧୀ ମୂର୍ତ୍ତି ତଳେ ପ୍ରତିବାଦ କରିଥିଲେ। ପୂର୍ବରୁ, ▶▶ ୫

### ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲା

# ବିକ୍ରମଙ୍କ ସମେତ ପାଞ୍ଚ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ

**ବ୍ରହ୍ମପୁର,୧୬/୧୨/ଏନ୍ଏନ୍ଏସ୍:**



ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ବିକ୍ରମ ପଣ୍ଡାଙ୍କ ସମେତ ୫ ଅଭିଯୁକ୍ତଙ୍କୁ ଶକ୍ତ ଝଟ୍‌କା ଲାଗିଛି। ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ମେୟର ଶିବ ଶଙ୍କର ଦାଶ (ପିଣ୍ଟୁ), ଆଇନଜୀବୀ ମଦନ ମୋହନ ଦଳାଇ, ଶୂନ୍ୟଚନ୍ଦ୍ର ଦାସ ଓ ସୁନୀଲ ହୋତାଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି। ବ୍ରହ୍ମପୁର ସ୍ୱତନ୍ତ୍ର କୋର୍ଟ ତଥା ଏଡିଜେ-୩ କୋର୍ଟ ଆଜି ବେଲ୍ ଆବେଦନକୁ ଖାରଜ କରିଛନ୍ତି। କୋର୍ଟ ଗତ ୧୩ ତାରିଖରେ ଶୁଣାଣି ପରେ ରାୟ ସଂରକ୍ଷିତ ରଖିଥିଲେ। ସୂଚନା ଅନୁଯାୟୀ, ଗତ ୯ ତାରିଖରେ ତଦନ୍ତକାରୀ ଅଧିକାରୀ ବ୍ରହ୍ମପୁର ଟାଉନ୍ ଏସଡିପିଓ ପ୍ରିୟସ୍ ରଞ୍ଜନ ଛୋଟରାୟ ସିଡି(କେସ୍ ଡାଏରୀ) ଦାଖଲ କରିଥିଲେ। ମାତ୍ର ସେହି ଦିନ ଜାମିନ ଶୁଣାଣି ହୋଇପାରିନଥିଲା। ୧୩ ତାରିଖ ▶▶ ୫

### କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀଙ୍କୁ ଭେଟିଲା ଓଡ଼ିଶା ବିଜେପି ଏମ୍‌ପି-ଏମ୍‌ଏଲ୍‌ଏ ପ୍ରତିନିଧି ଦଳ

# ଉଷୁନା ଚାଉଳ ଉଠାଣ ପରିମାଣ ୨୫ ଲକ୍ଷ ମେଟ୍ରିକ୍ ଟନ୍ ବୃଦ୍ଧି ପାଇଁ ଦାବି

**ନୂଆଦିଲ୍ଲୀ/ଭୁବନେଶ୍ୱର,୧୬/୧୨/ଏଜେନ୍ସି:**

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶାର ସାଂସଦ, ବିଧାୟକ ତଥା ବିଜେପିର ଏକ ପ୍ରତିନିଧି ଦଳ ମଙ୍ଗଳବାର ନୂଆଦିଲ୍ଲୀରେ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଭେଟିଛନ୍ତି। ଓଡ଼ିଶାର ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଉଷୁନା ଚାଉଳ ଉଠାଣ ପରିମାଣ ୨୦ ଲକ୍ଷ ମେଟ୍ରିକ୍ ଟନରୁ ବଢ଼ାଇ ୨୫ ଲକ୍ଷ ମେଟ୍ରିକ ଟନ କରିବା ପାଇଁ ଅନୁରୋଧ କରିଛନ୍ତି। ଏ ସମ୍ପର୍କିତ ଏକ ପତ୍ର ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ୨୦୨୪-୨୫ ▶▶ ୫



### ଗୁଗୁଲର 'ଏଆଇ ଇମ୍ପାକ୍ଟ ସମିଟ୍'ରେ କେନ୍ଦ୍ରମନ୍ତ୍ରୀ

# 'ଏଆଇ ଆଗାମୀ ପିଢ଼ିର ଛାତ୍ରଛାତ୍ରୀଙ୍କୁ ଦକ୍ଷ କରିବ'

**ନୂଆଦିଲ୍ଲୀ/ଭୁବନେଶ୍ୱର,୧୬/୧୨/ଏଜେନ୍ସି:**


କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଗୁଗୁଲ୍ ଦ୍ୱାରା ଆୟୋଜିତ 'ଏଆଇ ଇମ୍ପାକ୍ଟ ସମିଟ୍'ରେ ଯୋଗ ଦେଇ ଭାରତର କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ଷମତାକୁ ପ୍ରୋତ୍ସାହିତ କରିବା ସହ ଦେଶରେ ଏକ 'ଏଆଇ-ପ୍ରସ୍ତୁତ ପିଢ଼ି' ସୃଷ୍ଟି କରିବା ତଥା ଏଆଇ ମାଧ୍ୟମରେ ଆଗାମୀ ପିଢିର ଛାତ୍ରଛାତ୍ରୀଙ୍କୁ ଦକ୍ଷ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଦେଶରେ ୪ଟି ଏଆଇ ଉତ୍କର୍ଷ ▶▶ ୫

# ଗୋଟିଏ ପ୍ରକାର ପାଠ୍ୟକ୍ରମ ପାଇଁ ପ୍ରସ୍ତାବ

**ଭୁବନେଶ୍ୱର,୧୬।୧୨/ଏନ୍‌ଏନ୍‌ଏସ୍:** ଅଲ୍ ଓଡ଼ିଶା କମ୍ପ୍ୟୁଟର ଟ୍ରେନିଙ୍ଗ ସେଣ୍ଟର ଆସୋସିଏସନର କାର୍ଯ୍ୟକାରିଣୀ ସଦସ୍ୟମାନେ ସମ୍ବଲପୁର ସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘ ସମ୍ପାଦକ ତାପସ କୁମାର ପରିଡ଼ଙ୍କ ନେତୃତ୍ୱରେ ଦିଆଯାଇଥିବା ସ୍ମାରକପତ୍ରରେ ଓଏସଓୟୁ ସହିତ ହୋଇଥିବା ଚୁକ୍ତି ଭଳି ସମାନ୍ତରାଳ ଭାବରେ ସଂଘ ସହିତ ଏମ୍ଓୟୁ କରିବା ପାଇଁ ଅନୁରୋଧ କରାଯାଇଛି। କମ୍ପ୍ୟୁଟର ସମ୍ବନ୍ଧୀୟ ପ୍ରଶିକ୍ଷଣ ନିମିତ୍ତ ସାରା ଓଡ଼ିଶାରେ ଗୋଟିଏ ପ୍ରକାର ପାଠ୍ୟକ୍ରମ, ପାଠ୍ୟଦେୟ ଓ ପାଠ୍ୟକ୍ରମ ସମୟ ସୀମା ପ୍ରଚଳନ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଏହି ଉପଲକ୍ଷେ ପଦକ୍ଷେପ ନିଆଯିବ ବୋଲି କୁଳପତି ସଂଘକୁ ଆଶ୍ୱାସନା ଦେଇଛନ୍ତି। ଏହା ସଙ୍ଗେ ସଙ୍ଗେ ନିକଟ ଭବିଷ୍ୟତରେ ସଂଘ ସହିତ ବିସ୍ତୃତ ଆଲୋଚନା କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଏସୋସିଏସନର ସଭାପତି ସଇଦ ସଫିଉ ଅଲ୍ଲୀ, ରାଜ୍ୟ ସଂଯୋଜକ ଇଞ୍ଜିନିୟର ଅବିନାଶ ଦାସ, କୋଷାଧ୍ୟକ୍ଷ ମନୋରଞ୍ଜନ କର, କାଳନ୍ଦୀ ବେହେରା, ବୁଦ୍ଧେନ୍ ପ୍ରଧାନ, ମନୋରଞ୍ଜନ ମଲ୍ଲିକ, ଦୁର୍ଗାପ୍ରସାଦ ମହାପାତ୍ର, ପ୍ରଭାତ ଦେହୁରୀ, ଅଚ୍ୟୁତାନନ୍ଦ ବେହେରା, ରାକେଶ ଶର୍ମା ଓ ରମନ୍ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



# ବାର୍ଷିକ ଖଣି ସୁରକ୍ଷା ପକ୍ଷ



**ଭୁବନେଶ୍ୱର,୧୬।୧୨/ଏନ୍‌ଏନ୍‌ଏସ୍:** ବେଦାନ୍ତ ପକ୍ଷରୁ ଗତ ୨ରୁ ୧୫ ତାରିଖ ପର୍ଯ୍ୟନ୍ତ ବାର୍ଷିକ ଖଣି ସୁରକ୍ଷା ପକ୍ଷ (ଏଏମ୍‌ଏସ୍‌ଏଫ୍)ର ଆୟୋଜନ କରି ସୁରକ୍ଷିତ ଖନନ କାର୍ଯ୍ୟ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ (ଡିଜିଏମଏସ) ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ୬୦୦ ରୁ ଅଧିକ କର୍ମଚାରୀ, ବ୍ୟବସାୟିକ ସହଯୋଗୀ ଏବଂ ଶ୍ରମିକଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। କାର୍ଯ୍ୟସ୍ଥଳରେ ନିରାପତ୍ତା ଉପରେ ଗୁରୁତ୍ୱାରୋପ କରି କାର୍ଯ୍ୟକ୍ରମଟି 'ଆପ୍‌କା ପରିବାର ଆପ୍‌କା ଇନ୍ତେଜାର କର ରହା ହେଁ' ବିଷୟବସ୍ତୁ ଉପରେ ଧ୍ୟାନ ଦେଇଥିଲା। ଏହି ବିଷୟବସ୍ତୁ ଅନୁରୂପ ସୁରକ୍ଷା ଯାଞ୍ଚ, ସୁରକ୍ଷା କୁଇଜ୍, ପ୍ରାଥମିକ ଚିକିତ୍ସା ପ୍ରଦର୍ଶନ, ମକ୍ ଡ୍ରିଲ୍, ସଚେତନତା ଅଧିବେଶନ, ପଥପ୍ରାନ୍ତ ନାଟକ ଏବଂ ସୁରକ୍ଷା ଆଲୋଚନା ସମେତ ଅନେକ କାର୍ଯ୍ୟକଳାପ ହାତକୁ ନିଆଯାଇଥିଲା। ଜଣେ ଆଇଏସ୍‌ଓ (ଆଭ୍ୟନ୍ତରୀଣ ସୁରକ୍ଷା ସଂଗଠନ) ପର୍ଯ୍ୟବେକ୍ଷକ ଏବଂ କୋଲ ଇଣ୍ଡିଆ ଲିମିଟେଡର ସହାୟକ କମ୍ପାନୀ ମହାନଦୀ କୋଲଫିଲ୍ଡସ୍ ଲିମିଟେଡର ବରିଷ୍ଠ ଅଧିକାରୀଙ୍କ ସମେତ ୧୦ ଜଣ ବିଶେଷଜ୍ଞଙ୍କୁ ନେଇ ଗଠିତ ଏକ ବାହ୍ୟ ଏଏମ୍‌ଏସ୍‌ଏଫ୍ ଟିମ୍ ଦ୍ୱାରା ବ୍ୟାପକ ସୁରକ୍ଷା ଯାଞ୍ଚ ଏକ ପ୍ରମୁଖ ଆକର୍ଷଣ ଥିଲା। ସିଇଓ ରାଜୀବ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ସୁରକ୍ଷା ହେଉଛି ସବୁଠାରୁ ଆଗରେ। ଏଥିପାଇଁ ଆଚରଣଗତ ପରିବର୍ତ୍ତନ ଆଣିବା, ସୁରକ୍ଷାକୁ ଏକ ବ୍ୟକ୍ତିଗତ ଦାୟିତ୍ୱରେ ପରିଣତ କରିବା ପାଇଁ ଲୋକଙ୍କୁ ସଶକ୍ତ କରିବା ହେଉଛି ଆମର ପ୍ରାଥମିକତା। ଏମସିଏଲର ଚିଫ୍ ମ୍ୟାନେଜର ସେଫ୍ଟି ଏବଂ ଆଇଏସଓ ପର୍ଯ୍ୟବେକ୍ଷକ ତାପସ କୁମାର ମହାନ୍ତି କହିଛନ୍ତି, ଡ୍ରିଲ୍, କାର୍ଯ୍ୟବଳ ନିୟୋଜିତ, ସଚେତନତା କାର୍ଯ୍ୟକ୍ରମ ଏବଂ ସୁରକ୍ଷା ପ୍ରୋଟୋକଲକୁ କଡ଼ାକଡ଼ି ପାଳନ ମାଧ୍ୟମରେ ଦୈନନ୍ଦିନ କାର୍ଯ୍ୟରେ ସୁରକ୍ଷାକୁ ଏକୀକୃତ କରିବା ଖଣି ଶିଳ୍ପ ପାଇଁ ଏକ ଦୃଢ଼ ମାନଦଣ୍ଡ ସ୍ଥିର କରେ।

# ଛାତ୍ରଛାତ୍ରୀଙ୍କ ଡିଜିଟାଲ୍ ମାର୍କେଟିଂର ଭବିଷ୍ୟତକୁ ନେଇ ଗବେଷଣାତ୍ମକ ସେମିନାର୍

**ଭୁବନେଶ୍ୱର,୧୬।୧୨/ଏନ୍‌ଏନ୍‌ଏସ୍:** ଡିଏଭି ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟ (ଡିଏସ୍‌ବିଏମ୍)ରେ 'ସୋସିଆଲ୍ ମିଡିଆ ମାଧ୍ୟମରେ ଡିଜିଟାଲ୍ ମାର୍କେଟିଂର ପରିବର୍ତ୍ତନ' ଶୀର୍ଷକ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଶୈକ୍ଷିକ ସେମିନାର ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଏହି ସେମିନାର ଆଧୁନିକ ଡିଜିଟାଲ୍ ମାର୍କେଟିଂ ଅଭ୍ୟାସରେ ଏକ ରଣନୈତିକ ବାହକ ଭାବରେ ସୋସିଆଲ ମିଡିଆର ବିକଶିତ ଭୂମିକାକୁ ଗୁରୁତ୍ୱାରୋପ କରିଥିଲା ଏବଂ ସ୍ନାତକୋତ୍ତର ବାଣିଜ୍ୟ ଛାତ୍ରଛାତ୍ରୀଙ୍କ ବିଶ୍ଳେଷଣାତ୍ମକ ଗଭୀରତାକୁ ପ୍ରଦର୍ଶନ କରିଥିଲା। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରର ପ୍ରମୁଖ ଶିକ୍ଷାନୁଷ୍ଠାନର ପ୍ରଖ୍ୟାତ ଶିକ୍ଷାବିତ୍ ଏବଂ ବିଶେଷଜ୍ଞମାନେ ଯୋଗ ଦେଇଥିଲେ। ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର, ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରଫେସର୍ ଡକ୍ଟର ନିଶା ଜୈନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ସୃଜନଶୀଳ ଡିଜିଟାଲ୍ ରଣନୀତି ସହିତ ତଥ୍ୟ-ଚାଳିତ ଚିନ୍ତାଧାରାକୁ ସମନ୍ୱିତ କରିବାର ବର୍ଦ୍ଧିତ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସହକାରୀ ପ୍ରଫେସର ଡକ୍ଟର ଜ୍ୟୋତି ପ୍ରକାଶ ରଥ ଡିଜିଟାଲ ପ୍ଲାଟଫର୍ମଗୁଡ଼ିକର ମାର୍କେଟିଂ ପ୍ରଣାଳୀ ଏବଂ ଗ୍ରାହକ ସଂଯୋଗୀକରଣ ମଡେଲ ବିଷୟରେ ଏକ ବ୍ୟାପକ ଦୃଷ୍ଟିକୋଣ ପ୍ରଦାନ କରିଥିଲେ। ବକ୍ତା ଭାବେ ଅକ୍ଷୟ କୁମାର ତ୍ରିପାଠୀ ମୂଲ୍ୟବାନ ଶିଳ୍ପ-ଶିକ୍ଷାଗତର ସୋସିଆଲ ମିଡିଆ ମାର୍କେଟିଂରେ ବ୍ୟବହାରିକ ଜ୍ଞାନ ଏବଂ ସୁଯୋଗ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଅଧ୍ୟକ୍ଷ ଡ଼ଃ ଡିଏନ ମିଶ୍ର ଅତିଥିଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ପ୍ରଫେସର ଜୟଶ୍ରୀ ସ୍ୱାଇଁ ପରିଚାଳନା କରିଥିଲେ।

# ଇଭୋରୀ କାର୍ଯ୍ୟକ୍ରମ ଆୟୋଜିତ

ଭୁବନେଶ୍ୱର,୧୬।୧୨/ଏନ୍‌ଏନ୍‌ଏସ୍: ୟୁଏସ୍‌ଏଫ୍‌ବି ପକ୍ଷରୁ ଇଭୋରୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟକ୍ତିଗତ ସେବାକୁ ଜୀବନଶୈଳୀ ସୁବିଧା ସହ, ଉନ୍ନତ କାରବାର କ୍ଷମତା ପ୍ରଦାନ କରୁଛି। ଲୋକଙ୍କୁ ସେମାନଙ୍କର ଜୀବନଶୈଳୀ ଆକାଂକ୍ଷା ସହିତ ସମନ୍ୱିତ ଆର୍ଥିକ ସମାଧାନ କ୍ଷେତ୍ରରେ ଏହି ପଦକ୍ଷେପ ବେଶ ସହାୟକ ହେବ ବୋଲି ହିତେନ୍ଦ୍ର ଝା କହିଛନ୍ତି। ଆଜି ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ କହିଥିଲେ ଯେ, ପ୍ରତ୍ୟେକ ବ୍ୟକ୍ତି ଆର୍ଥିକ ସଞ୍ଚୟ ଉପରେ ବେଶ ଗୁରୁତ୍ୱ ଦେଇଥାନ୍ତି। ତେବେ ଏହି କାର୍ଯ୍ୟକ୍ରମ ଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ସେବା ପାଇବା କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ ବୋଲି ସେ ସୂଚନା ଦେଇଛନ୍ତି।

# ପୂର୍ବତଟ ରେଳପଥ ପକ୍ଷରୁ ପାର୍ସଲ୍ ଗ୍ରାହକଙ୍କ ସହ ବ୍ୟାବସାୟିକ ସୁଗମତା ବୈଠକ



**ଭୁବନେଶ୍ୱର,୧୬।୧୨/ଏନ୍‌ଏନ୍‌ଏସ୍:** ପୂର୍ବତଟ ରେଳପଥ ପାର୍ସଲ କ୍ଷେତ୍ରରେ ଅଂଶୀଦାରଙ୍କ ସହଭାଗିତାକୁ ସୁଦୃଢ଼ କରିବା ଏବଂ ବ୍ୟବସାୟ କ୍ଷେତ୍ରରେ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏକ 'ପାର୍ସଲ ବ୍ୟବସାୟ: ପ୍ରମୁଖ ଗ୍ରାହକ ବୈଠକ' ଆୟୋଜନ କରିଛି। ପୂର୍ବତଟ ରେଳପଥର ପ୍ରମୁଖ ମୁଖ୍ୟ ବାଣିଜ୍ୟିକ ପ୍ରବନ୍ଧକ (ପିସିସିଏମ୍) ରୀତା ରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟାଳୟ ଏବଂ ଡିଭିଜନର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ପ୍ରମୁଖ ପାର୍ସଲ ଗ୍ରାହକମାନେ ଆଲୋଚନା ଅଧିବେଶନରେ ଅଂଶଗ୍ରହଣ କରିଥିଲେ, ଯାହାର ଉଦ୍ଦେଶ୍ୟ ଥିଲା ବିଭିନ୍ନ ନୀତିଗତ ପଦକ୍ଷେପ ବିଷୟରେ ସୂଚନା ଦେବା ଏବଂ ପାର୍ସଲ ସେବାର ଆହୁରି ଉନ୍ନତି ପାଇଁ ମତାମତ ହାସଲ କରିବା। ଏହି ବୈଠକରେ ଭାରତୀୟ ରେଳପଥର ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପଗୁଡ଼ିକ, ଯଥା ପାର୍ସେଲ୍ ସ୍ଥାନର ଇ-ନିଲାମ, ପାର୍ସେଲ୍ କାର୍ଗୋ ଏକ୍ସପ୍ରେସ୍ ଟ୍ରେନ୍, ଇଣ୍ଟେଗ୍ରେଟେଡ୍ ପାର୍ସେଲ୍ ଟ୍ରେନ୍, ଡିମୁ ଭିପି ଏବଂ ପାରଦର୍ଶିତା, କ୍ଷମତା ଓ ସେବା ପ୍ରଦାନ ବୃଦ୍ଧି ପାଇଁ ଆଣାଯାଇଥିବା ବିଭିନ୍ନ ଡିଜିଟାଲ୍ ପଦକ୍ଷେପ ସମ୍ପର୍କରେ ଗ୍ରାହକମାନଙ୍କୁ ଜଣାଇ ଦିଆଯାଇଥିଲା। ପ୍ରମୁଖ ଗ୍ରାହକମାନେ ଆଲୋଚନାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ଏବଂ ମୂଲ୍ୟବାନ ପ୍ରସ୍ତାବ ରଖିଥିଲେ। ପାର୍ସଲ ବ୍ୟବସାୟ ସମ୍ପର୍କିତ ବିଭିନ୍ନ କାର୍ଯ୍ୟାନୁଷ୍ଠାନମୂଳକ ସମସ୍ୟା, ଯେପରିକି ଭିପି ଲିଙ୍କିଂ ପାଇଁ ଅନାପତ୍ତି ପ୍ରମାଣପତ୍ର (ଘଙଉ), ପ୍ଲାଟଫର୍ମରେ ପାର୍ସଲ ଷ୍ଟାକିଂ, କିଛି ନିର୍ଦ୍ଦିଷ୍ଟ ଟ୍ରେନର ଅଟକିବା ସମୟସୀମା ବୃଦ୍ଧି ଏବଂ ଅନ୍ୟାନ୍ୟ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅଂଶୀଦାରମାନଙ୍କୁ ଆଶ୍ୱାସନା ଦିଆଯାଇଥିଲା ଯେ ସେମାନଙ୍କ ସମସ୍ୟାର ଶୀଘ୍ର ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ପାର୍ସଲ ଲୋଡିଂ ସମ୍ଭାବନାକୁ ଆହୁରି ବୃଦ୍ଧି କରିବା ଏବଂ ସମୟ ମଧ୍ୟରେ ଅଂଶୀଦାରଙ୍କ ସମସ୍ୟାର ସମାଧାନ କରିବା ପାଇଁ ନିୟମିତ ବ୍ୟବଧାନରେ ଏପରି ପ୍ରମୁଖ ଗ୍ରାହକ ବୈଠକ ଆୟୋଜନ କରାଯିବ ବୋଲି ମଧ୍ୟ ସୂଚିତ କରାଯାଇଥିଲା। ପୂର୍ବତଟ ରେଳପଥ ଗ୍ରାହକ-କେନ୍ଦ୍ରିକ, ଦକ୍ଷ ଏବଂ ବ୍ୟବସାୟ-ଅନୁକୂଳ ପାର୍ସଲ ସେବା ପ୍ରଦାନ କରିବା ଏବଂ ଏକ ନିର୍ଭରଯୋଗ୍ୟ ଲଜିଷ୍ଟିକ୍ସ ଅଂଶୀଦାର ଭାବରେ ଏହାର ଭୂମିକାକୁ ସୁଦୃଢ଼ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଛି।

# ସାହିତ୍ୟ ପତ୍ରିକା 'ଶତଦ୍ରୁ'ର ୪୧ତମ ପୂର୍ତ୍ତି ଉତ୍ସବ



**ଭୁବନେଶ୍ୱର,୧୬।୧୨/ଏନ୍‌ଏନ୍‌ଏସ୍:** ଶତଦ୍ରୁ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ସାହିତ୍ୟ ପତ୍ରିକା 'ଶତଦ୍ରୁ'ର ୪୧ତମ ପୂର୍ତ୍ତି ଉତ୍ସବ ୨୦୨୫ ଶତଦ୍ରୁର ମୁଖ୍ୟ ସମ୍ପାଦକ ପ୍ରଫେସର୍ ଉପେନ୍ଦ୍ର ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଗୀତଗୋବିନ୍ଦ ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଖ୍ୟାତ କଥାଶିଳ୍ପୀ ଶାନ୍ତନୁ କୁମାର ଆଚାର୍ଯ୍ୟ ଉତ୍ସବକୁ ଉଦ୍‌ଘାଟନ କରି କହିଲେ ଯେ 'ଶତଦ୍ରୁ'ର ୪୧ ବର୍ଷର ଦୀର୍ଘ ଯାତ୍ରାରେ ଓଡ଼ିଶାର ବହୁ କବି ଓ ଲେଖକଙ୍କ ସାରସ୍ୱତ ସୃଷ୍ଟି ଓ କର୍ମ ବିକଶିତ ହୋଇଛି। ଶତଦ୍ରୁକୁ ନିରବଚ୍ଛିନ୍ନ ଭାବେ ପ୍ରକାଶ କରିବାରେ ପ୍ରଫେସର୍ ଉପେନ୍ଦ୍ର ନାୟକଙ୍କ ନିଷ୍ଠା ଓ ସାଧନା ଯେ ଅନୁପେକ୍ଷଣୀୟ ଏଥିରେ ସନ୍ଦେହ ନାହିଁ ବୋଲି ମୁଖ୍ୟଅତିଥି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ବ୍ୟକ୍ତ କରିଛନ୍ତି।

'ଶତଦ୍ରୁ'ର ବିଶେଷ ସଂଖ୍ୟା ଅତିଥିମାନେ ଉନ୍ମୋଚନ କରିବା ପରେ ପ୍ରଫେସର୍ ଉପେନ୍ଦ୍ର ନାୟକଙ୍କ ଗଳ୍ପ ସମଗ୍ର (ପ୍ରଥମ ଭାଗ)କୁ ଶାନ୍ତନୁ କୁମାର ଆଚାର୍ଯ୍ୟ ଲୋକାର୍ପଣ କରିଥିଲେ। ସମସ୍ତ ଅତିଥି ଡଃ. ଉପେନ୍ଦ୍ର ନାୟକଙ୍କ ରଚିତ 'ପ୍ରଥମ ଲହରୀ' ଉନ୍ମୋଚନ କରିଥିଲେ। ବଙ୍ଗୀୟ କବି ତଥା 'ଚିନ୍ତକ'ର ସମ୍ପାଦକ ଫାଲ୍‌ଗୁନୀ ଘୋଷ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ବଙ୍ଗଳା ପତ୍ରପତ୍ରିକାର ଅବଦାନ ଓ ଜନ୍ମମୃତ୍ୟୁର ବର୍ଣ୍ଣନା ସହିତ 'ଶତଦ୍ରୁ'ର ଦୀର୍ଘ ବର୍ଷର ପ୍ରକାଶନର ପ୍ରଶଂସା ବାଢ଼ିଥିଲେ। ସମ୍ମାନିତ ଅତିଥି କବି ଫନୀ ମହାନ୍ତି 'ଶତଦ୍ରୁ'ର ଜନ୍ମଜାତକ କିପରି ଗଢ଼ା ହୋଇଥିଲା, ସେହି ସ୍ମୃତିର ଅବତାରଣା କରିବା ସଙ୍ଗେ ସଙ୍ଗେ ପତ୍ରପତ୍ରିକାର ଉପାଦେୟତା ଓ ଦାୟିତ୍ୱବଦ୍ଧତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ପୂର୍ବତନ ମନ୍ତ୍ରୀ ତଥା କଥାକାର ପଞ୍ଚାନନ କାନୁନଗୋ 'ଶତଦ୍ରୁ'ର ଜନ୍ମ, ଜୀବନ ଓ ଉତ୍ତରଣରେ ସମ୍ପାଦକ ଉପେନ୍ଦ୍ର ନାୟକଙ୍କ ଏକାଗ୍ରତା ଓ ଏକନିଷ୍ଠତାକୁ ପ୍ରଶଂସା କରିବା ସହ 'ଶତଦ୍ରୁ'ର ଶତାୟୁ କାମନା କରିଥିଲେ। ମୁଖ୍ୟବକ୍ତା କଥାକାର ଡକ୍ଟର ଦିବାକର ମାନସିଂହ ଶତଦ୍ରୁର ନିରବଚ୍ଛିନ୍ନତା ଓ ପରିଚ୍ଛନ୍ନତା ସହିତ ଓଡ଼ିଆ ସାହିତ୍ୟ ପତ୍ରିକା ପରମ୍ପରାରେ ଶତଦ୍ରୁର ଏକ ସମୃଦ୍ଧ ସ୍ଥାନ ନିରୂପଣ କରିଥିଲେ। ସମ୍ମାନିତ ବକ୍ତା ଡଃ. ଫଣୀନ୍ଦ୍ର ଭୂଷଣ ନନ୍ଦ 'ଶତଦ୍ରୁ'ର ବୈଶିଷ୍ଟ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସଭାପତି ଡକ୍ଟର ଉପେନ୍ଦ୍ର ନାୟକ ସାହିତ୍ୟ ଓ ସାହିତ୍ୟିକର ସମୃଦ୍ଧି ଓ ବିକାଶ ନିମନ୍ତେ ପତ୍ରପତ୍ରିକାର ସେବା ଓ ଅବଦାନର ପଟ୍ଟାନ୍ତର ନାହିଁ ବୋଲି ଉଲ୍ଲେଖ କରିଥିଲେ। ଏହା ପରେ 'ଶତଦ୍ରୁ'ରେ କ୍ରମାଗତ ଲେଖି ଆସୁଥିବା କବି, ଲେଖକ, ଲେଖିକାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶତଦ୍ରୁ ସୃଜନ ସମ୍ମାନ - ୨୦୨୫ରେ ଅନୁବାଦିକା ସୁପ୍ରଭା ରାୟଙ୍କୁ ସମ୍ମାନିତ କରାଯାଇଥିବାବେଳେ ପ୍ରଖ୍ୟାତ ପୁରାଣ ବିଶାରଦା, ଶାସ୍ତ୍ରଦର୍ଶୀ ଚିତ୍ରକଳା ନାୟକଙ୍କ ସ୍ମୃତିରେ ପୌରାଣିକ ଉପନ୍ୟାସର ସ୍ରଷ୍ଟା ଡଃ. ଅର୍ଚ୍ଚନା ନାୟକଙ୍କୁ ଚିତ୍ରକଳା ନାୟକ ସ୍ମୃତି ସମ୍ମାନ - ୨୦୨୫ରେ ସମ୍ମାନିତ କରାଯାଇଥିଲା। 'ଶତଦ୍ରୁ' କବିତା ସମ୍ମାନ - ୨୦୨୩ ପାଇଁ କବି ଅମରେଶ ପଟ୍ଟନାୟକ, ଶତଦ୍ରୁ କବିତା ସମ୍ମାନ - ୨୦୨୩ ପାଇଁ ଡଃ. ସୁଲୋଚନା ଦାସ ଓ ଶତଦ୍ରୁ ପ୍ରବନ୍ଧ ସମ୍ମାନ -୨୦୨୪ ପାଇଁ ଡଃ. ଉଦ୍ଧବ ଚରଣ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଶତଦ୍ରୁ କବିତା ସମ୍ମାନ - ୨୦୨୪ ପାଇଁ ଡଃ. ରବିନାରାୟଣ ସେନାପତି, ଶତଦ୍ରୁ ଗଳ୍ପ ସମ୍ମାନ ପାଇଁ ଇନ୍ଦିରା ଦାସ ଓ ଶତଦ୍ରୁ ପ୍ରବନ୍ଧ ସମ୍ମାନ - ୨୦୨୪ ଡଃ. ବିଜୟାନନ୍ଦ ସିଂହଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଶତଦ୍ରୁ କବିତା ସମ୍ମାନ- ୨୦୨୫ରେ ଡଃ. ରଞ୍ଜିତା ନାୟକ, ଶତଦ୍ରୁ ଗଳ୍ପ ସମ୍ମାନ-୨୦୨୫ରେ ରୁମ୍‌ଝୁମ୍ ନାୟକ ଓ ଶତଦ୍ରୁ ପ୍ରବନ୍ଧ ସମ୍ମାନ - ୨୦୨୫ରେ ଡଃ. ଫଣୀନ୍ଦ୍ର ଭୂଷଣ ନନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। ଆଶୁତୋଷ ପରିଡ଼ାଙ୍କୁ ଇଂ. ନରେନ୍ଦ୍ର ପ୍ରସାଦ ନାୟକ ସ୍ମୃତି ସମ୍ମାନ - ୨୦୨୫, ମନୋରମା ବିଶ୍ୱାଳ ମହାପାତ୍ରଙ୍କୁ କବି ଅଚ୍ୟୁତାନନ୍ଦ ନାୟକ ସ୍ମୃତି ସମ୍ମାନ -୨୦୨୫, ବିଷ୍ଣୁ ମୋହନ ମହାନ୍ତିଙ୍କୁ ଶତଦ୍ରୁ ଶିକ୍ଷା ପ୍ରସାର ଓ ସାରସ୍ୱତ ସମ୍ମାନ - ୨୦୨୫ ଓ ଡାକ୍ତର ପ୍ରମିଳା ପାଢ଼ୀଙ୍କୁ ଶତଦ୍ରୁ ଗୀତି ସୃଜନ ସମ୍ମାନ - ୨୦୨୫ ସମ୍ମାନରେ ସମ୍ମାନିତ କରାଯାଇଥିଲା। ମଧୁମିତା ମିଶ୍ର ଓ ଚମକଚାନ୍ଦିନୀ ଦାସ ସଂଯୋଜନା କରିଥିଲେ। ଶତଦ୍ରୁର ସଂଯୋଜକ ଡକ୍ଟର ଛତ୍ରପତି ପରିଡ଼ା ଧନ୍ୟବାଦ୍ ଦେଇଥିଲେ। ସାହିତ୍ୟିକ ଡଃ. ରାମଚନ୍ଦ୍ର ମହାନ୍ତି, ଦେବେନ୍ଦ୍ରନାଥ ଦାସ, ମହିମା ପୃଷ୍ଟି, ଡା. ସସ୍ମିତା ନାୟକ, ମଧୁସ୍ମିତା ନାୟକ, ଦୀପା ନାୟକ, ଶିପ୍ରା ନାୟକ, ଅଧ୍ୟାପକ ଭକ୍ତବନ୍ଧୁ ଜେନା ଓ ଅନିରୁଦ୍ଧ ପ୍ରମୁଖ ସଭା ପରିଚାଳନା କରିଥିଲେ। ପ୍ରତିମା ପତି ପ୍ରାରମ୍ଭରେ ବେଦପାଠ କରିଥିଲେ।

# ୨୦ରେ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଓ ଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବ

**ଭୁବନେଶ୍ୱର,୧୬।୧୨/ଏନ୍‌ଏନ୍‌ଏସ୍:** ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ପ୍ରଚାର ଓ ପ୍ରସାର ନିମିତ୍ତ ସମର୍ପିତ ଅନୁଷ୍ଠାନ 'ସଙ୍ଗୀତ ସାଧକ ପରିଷଦ' ଦ୍ୱାରା ସ୍ଥାନୀୟ ଜୟଦେବ ଭବନଠାରେ ଏକଦିବସୀୟ ମନୋଜ୍ଞ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଉତ୍ସବର ଆୟୋଜିତ ହେବ। ଏହି ଉତ୍ସବରେ ଓଡ଼ିଶାରେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଂଗୀତର ପ୍ରଚାର, ପ୍ରସାର ଓ ଶିକ୍ଷାଦାନ କ୍ଷେତ୍ରରେ ଅଗ୍ରୀଣ ଭୂମିକା ଗ୍ରହଣ କରିଥିବା ଶ୍ରେଷ୍ଠ ସଙ୍ଗୀତ ସାଧକ ଓ ଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ସହ ବହୁ ଉଦୀୟମାନ ଯୁବ ଶାସ୍ତ୍ରୀୟ ସଙ୍ଗୀତ ପ୍ରତିଭା ମାନଙ୍କର ଶାସ୍ତ୍ରୀୟ କଣ୍ଠ ଓ ଯନ୍ତ୍ର ସଙ୍ଗୀତର ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି । ବିଶେଷ କାର୍ଯ୍ୟକ୍ରମ ରୂପେ ଅନୁଷ୍ଠାନ ଦ୍ୱାରା ଗ୍ରାମୀଣ ତଥା ଆଦିବାସୀ ଅଞ୍ଚଳରେ ସମାଜ ସେବା ଏବଂ ଶିକ୍ଷାର ପ୍ରଚାର କ୍ଷେତ୍ରରେ ସମଗ୍ର ଜୀବନ ସମର୍ପିତ କରିଥିବା ଦୁଇ ଜଣ ଆଦର୍ଶ ସମାଜସେବୀଙ୍କୁ 'ସ୍ୱର୍ଗୀୟ ପଣ୍ଡିତ ଦୁର୍ଯ୍ୟୋଧନ ଶତପଥୀ ସମାଜସେବା ସମ୍ମାନ' ଏବଂ ଆଦର୍ଶ ଶିକ୍ଷକ ଶିକ୍ଷୟିତ୍ରୀ ଦମ୍ପତି 'ପ୍ରଭାତି-ପ୍ରାଣନାଥ ସମ୍ମାନ' ଦ୍ୱାରା ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଉତ୍ସବରେ ବିଶିଷ୍ଟ ଅତିଥି ରୂପେ ଲୋକସଭା ସଦସ୍ୟା ଅପରାଜିତା ଷଡ଼ଙ୍ଗୀ, ରାଜ୍ୟସଭା ସଦସ୍ୟ ଓମ୍ ପ୍ରକାଶ ମିଶ୍ର, ବିଶିଷ୍ଟ ଓଡିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଡ. ଅରୁଣା ମହାନ୍ତି, ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ଶାସନ ସଚିବ ଏବଂ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ସାଧାରଣ ପରିଚାଳକ ଅରୁଣ କୁମାର ବିଶ୍ୱାଳ, ସାହିତ୍ୟିକା ଡ. ପ୍ରବୀଣା ମହାନ୍ତି, ସମାଜସେବୀ ସଂଗ୍ରାମ କେଶରୀ ପଟ୍ଟନାୟକ ଏବଂ ଶ୍ରୀ ସତ୍ୟସାଇ ସେବା ସଂଗଠନ, ଭାରତର ପୂର୍ବାଞ୍ଚଳ ମଣ୍ଡଳ ସଭାପତି ନାରାୟଣ ପ୍ରସାଦ ସରଙ୍ଗର ଯୋଗଦାନର କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନର ସମ୍ପାଦିକା କୃଷ୍ଣା ଶତପଥୀ ଏବଂ ପ୍ରତିଷ୍ଠାତା-ସଭାପତି ସଙ୍ଗୀତଜ୍ଞ ପଣ୍ଡିତ ଦେବେନ୍ଦ୍ର ନାରାୟଣ ଶତପଥୀ ସୂଚନା ଦେଇଛନ୍ତି।

# ଫ୍ଲାଗସିପ୍ ମହିଳା ସଶକ୍ତିକରଣ ପଦକ୍ଷେପ 'ସ୍ୱୟଂସିଦ୍ଧା'ର ଶୁଭାରମ୍ଭ



**ଭୁବନେଶ୍ୱର,ସମ୍ବଲପୁର,୧୬।୧୨/ଏନ୍‌ଏନ୍‌ଏସ୍:** ସମାବେଶୀ ଅଭିବୃଦ୍ଧି ଏବଂ ମହିଳା ପରିଚାଳିତ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ବଜାୟ ରଖି ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍ସିଏଲ୍) ମହିଳା ନେତୃତ୍ୱକୁ ପ୍ରୋତ୍ସାହିତ କରିବା, ବୃତ୍ତିଗତ ଦକ୍ଷତା ବୃଦ୍ଧି ଏବଂ ମହିଳା କର୍ମଚାରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ଫ୍ଲାଗ୍‌ସିପ୍ ମହିଳା ସଶକ୍ତିକରଣ ପଦକ୍ଷେପ 'ସ୍ୱୟଂସିଦ୍ଧା' ଆରମ୍ଭ କରିଛି। ଓ୍ୱିସ୍ୱ-ଏମ୍‌ସିଏଲ୍‌ରେ ମହିଳାଙ୍କ ଦ୍ୱାରା ପରିକଳ୍ପିତ ଏହି ପଦକ୍ଷେପ ଦକ୍ଷତା ବିକାଶ, ନେତୃତ୍ୱ ଆଭିମୁଖ୍ୟ, ଡିଜିଟାଲ୍ ସାକ୍ଷରତା ଏବଂ ଉଦ୍ୟୋଗୀ ଚିନ୍ତାଧାରା ଉପରେ ଧ୍ୟାନ ଦେଇଥାଏ, ଯାହା ମହିଳାମାନଙ୍କୁ ଉଭୟ ବୃତ୍ତିଗତ ଏବଂ ବ୍ୟକ୍ତିଗତ ଡୋମେନରେ ଆଗକୁ ବଢ଼ିବାରେ କରିବାକୁ ସକ୍ଷମ କରିଥାଏ।

ଏମ୍‌ସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମଡି) ଉଦୟ ଅନନ୍ତ କାଓଲେ ଆନୁଷ୍ଠାନିକ ଭାବେ କମ୍ପାନୀ ମୁଖ୍ୟାଳୟରେ ଏହି ପଦକ୍ଷେପର ଶୁଭାରମ୍ଭ କରିଥିଲେ ଏବଂ ସମାବେଶୀ ଅଭିବୃଦ୍ଧି ପ୍ରତି ଏମ୍‌ସିଏଲ୍‌ର ପ୍ରତିବଦ୍ଧତା ତଥା ସାଂଗଠନିକ ଉତ୍କର୍ଷତା ତଥା ରାଷ୍ଟ୍ର ନିର୍ମାଣରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ନେକ୍ସସ୍ ପାଓ୍ୱାରର ସହ-ପ୍ରତିଷ୍ଠାତା ତଥା ସିଇଓ ସୁଶ୍ରୀ ନିଶିତା ବଲିୟାରସିଂ ଏବଂ ନେକ୍ସସ୍ ପାଓ୍ୱାରର ସହ-ପ୍ରତିଷ୍ଠାତା ତଥା ସିଆଇଓ ସୁଶ୍ରୀ ନିକିତା ବଲିୟାରସିଂଙ୍କ ଦ୍ୱାରା ଏକ ମୁଖ୍ୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା, ଯେଉଁମାନେ ନେତୃତ୍ୱ, ନବସୃଜନ, ଡିଜିଟାଲ୍ ସଶକ୍ତିକରଣ ଏବଂ ଉଦ୍ୟୋଗୀତା ଉପରେ ଅନ୍ତର୍ଦୃଷ୍ଟି ବାଣ୍ଟିଥିଲେ। ଏହି ଅବସରରେ କେଶବ ରାଓ, ନିର୍ଦ୍ଦେଶକ (ମାନବ ସମ୍ବଳ), ପ୍ରଣବ କୁମାର ପଟେଲ, ମୁଖ୍ୟ ସତର୍କତା ଅଧିକାରୀ, ଅଜିତ କୁମାର ବେହୁରା, ନିର୍ଦ୍ଦେଶକ (ଅର୍ଥ) ଏବଂ ସଞ୍ଜୟ କୁମାର ଝା, ନିର୍ଦ୍ଦେଶକ (ବୈଷୟିକ-ପରିଚାଳନା)ଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦୁଲାଲ ମିଶ୍ରଙ୍କ ସମର୍ପିତ ସାମ୍ବାଦିକତା ଯୁବ ସାମ୍ବାଦିକଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ

**ଭୁବନେଶ୍ୱର,୧୬।୧୨/ଏନ୍‌ଏନ୍‌ଏସ୍:** ନିଷ୍ଠା ଓ ସମର୍ପିତ ସାମ୍ବାଦିକତା କ୍ଷେତ୍ରରେ ଦୁଲାଲ ମିଶ୍ର ଅନ୍ୟତମ ବିଦ୍ଧାଣୀ ଥିଲେ। ସତୁରୀ ଦଶକ ପୂର୍ବରୁ ସେ ନିଷ୍ଠାର ସହ ସାମ୍ବାଦିକତା ଜୀବନ ଆରମ୍ଭ କରିଥିଲେ ଏବଂ ଶେଷ ସମୟ ପର୍ଯ୍ୟନ୍ତ ସାମ୍ବାଦିକତାରେ ବ୍ରତୀ ରହିଥିଲେ। ତାଙ୍କର ସମଗ୍ର ଜୀବନ କାଳ ସମର୍ପିତ ସାମ୍ବାଦିକତାରେ ହିଁ ଅତିବାହିତ ହୋଇଥିଲା। ବର୍ତ୍ତମାନର ଯୁବପିଢ଼ି ସାମ୍ବାଦିକମାନେ ତାଙ୍କର ସମର୍ପିତ ସାମ୍ବାଦିକତାରେ ଅନୁପ୍ରାଣିତ ହେଲେ ତାହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୋଇପାରିବ ବୋଲି ବହୁ ବିଶିଷ୍ଟ ସାମ୍ବାଦିକ ମତବ୍ୟକ୍ତ କରିଛନ୍ତି।

ବର୍ଷୀୟାନ ସାମ୍ବାଦିକ ଦୁଲାଲ ମିଶ୍ରଙ୍କ ବିୟୋଗରେ ମଙ୍ଗଳବାର ଅପରାହ୍ଣରେ ଲୋକସେବା ଭବନସ୍ଥିତ ପ୍ରେସ୍ ଲାଉଞ୍ଜରେ ବିଶିଷ୍ଟ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ସାମ୍ବାଦିକ ସ୍ୱର୍ଗତ ମିଶ୍ର ୧୯୭୧ ବାଂଲାଦେଶ ଯୁଦ୍ଧ ସମୟରେ କଟକରେ ରହି 'ମାତୃଭୂମି' ଖବରକାଗଜରେ ଯୁଦ୍ଧ ବିଷୟରେ ରିପୋର୍ଟିଂ କରିଥିଲେ ଯାହା ସେ ସମୟରେ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସିତ ହୋଇଥିଲା ବୋଲି ମତପ୍ରକାଶ ପାଇଥିଲା। ସେହିପରି 'କଳିଙ୍ଗ ମେଲ୍', 'ଦିନଲିପି', 'ଜନଭାଷା' ଏବଂ 'ଆଜିକାଲି' ଭଳି ଅନେକ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସହ ସେ ଜଡ଼ିତ ରହିଥିଲେ ଏବଂ ଏହାର ସମ୍ପାଦନା ଦାୟିତ୍ୱ ମଧ୍ୟ ନିଷ୍ଠା ଓ ଦକ୍ଷତାର ସହ ତୁଲାଇଥିଲେ। ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ବଳିଷ୍ଠ ଅବଦାନ ରହିଛି ଯାହା ଯୁବପିଢ଼ିର ସାମ୍ବାଦିକଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମତପ୍ରକାଶ ପାଇଥିଲା। ଏହି ଶୋକସଭାରେ ବରିଷ୍ଠ ସାମ୍ବାଦିକ ରମେଶ ଚନ୍ଦ୍ର ମହାନ୍ତି, ବିଜୟ ପଣ୍ଡା, ସଞ୍ଜୟ ପ୍ରଧାନ, ବିପିନ ସିଂ, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସର୍ବେଶ୍ୱର ବର୍ଦ୍ଧନ, ମହେଶ୍ୱର ରଥ, ମାଧବାନନ୍ଦ ବେହୁରା, ଅବିନାଶ ମିଶ୍ର, ହରପ୍ରସାଦ ଦାସ, ବଳରାମ ପ୍ରସାଦ ନନ୍ଦ, କିଶୋର ମଙ୍ଗରାଜ, ରାଜକିଶୋର ଦାସ, ସନାତନ ଦଳବେହେରା, ସୁବାସ ସ୍ୱାଇଁ ଓ ବିବେକାନନ୍ଦ ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ସାମ୍ବାଦିକତା କ୍ଷେତ୍ରରେ ବହୁମୁଖୀ ପ୍ରତିଭା ଓ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଏହି ଶୋକସଭାରେ ସ୍ୱର୍ଗତ ମିଶ୍ରଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

# ନାଟ୍ୟକାର ଆନନ୍ଦ ଶଙ୍କରଙ୍କ 'ନାଟକ ସମଗ୍ର' ଲୋକାର୍ପିତ

## ମଞ୍ଚ ନାଟକର ବିକାଶ ପାଇଁ ସରକାରଙ୍କ ପ୍ରୋତ୍ସାହନ ଏକାନ୍ତ ଆବଶ୍ୟକ




**ଭୁବନେଶ୍ୱର,୧୬।୧୨/ଏନ୍‌ଏନ୍‌ଏସ୍:** ଓଡ଼ିଶା ହେଉଛି କଳାର ରାଜ୍ୟ। ସଙ୍ଗୀତ, ନୃତ୍ୟ ତଥା ନାଟକ ପାଇଁ ବିଶ୍ୱପ୍ରସିଦ୍ଧ ଓଡ଼ିଶାର ମଞ୍ଚନାଟକ ବର୍ତ୍ତମାନ ସଙ୍କଟ ଦେଇ ଗତି କରୁଛି ବୋଲି ବକ୍ତାଗଣ ମତ ଦେଇଛନ୍ତି। ଲେଖକ ସାମ୍ମୁଖ୍ୟ ଆନୁକୁଲ୍ୟରେ ରାଜଧାନୀ କଳା ବିକାଶ କେନ୍ଦ୍ର ସଭାଗୃହରେ ଲେଖକ ସାମ୍ମୁଖ୍ୟର ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ 'ନାଟକ ତଥାପି ବଞ୍ଚିଛି' ଶୀର୍ଷକରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ପ୍ରାକ୍ତନ ସଙ୍ଗୀତ ନାଟକ ଏକାଡେମୀର ସଚିବ ତଥା ଶତାବ୍ଦୀର କଳାକାରର ପ୍ରତିଷ୍ଠାତା ଧୀର ମଲ୍ଲିକ ଓଡ଼ିଶାର ୧୪୭ ଜଣ ବିଧାୟକଙ୍କ ନିର୍ବାଚନମଣ୍ଡଳୀରେ ଗୋଟିଏ ଲେଖାଏଁ ଅସ୍ମିତା ଭବନ ନିର୍ମାଣ କରାଯାଇ ସେଠାରେ ନୃତ୍ୟଗୀତ, ନାଟକ ତଥା ସଭା ପାଇଁ ବ୍ୟବସ୍ଥା ସହ ଗୋଟିଏ ଲେଖାଏଁ ପାଠାଗାର ରଖିବାକୁ ରାଜ୍ୟ ସରକାରଙ୍କୁ ଦେଇଥିବା ପ୍ରସ୍ତାବକୁ ତ୍ୱରାନ୍ୱିତ କରାଯାଉ ବୋଲି ଦାବି କରିଥିଲେ।

ଏହି ସଭାରେ ପ୍ରତିଷ୍ଠିତ ନାଟ୍ୟକାର ସ୍ୱର୍ଗତ ଆନନ୍ଦ ଶଙ୍କର ଦାସଙ୍କ ନାଟକ ସମଗ୍ର ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ମୁଖ୍ୟଅତିଥି ଓଡ଼ିଶା ସଙ୍ଗୀତ ନାଟକ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ନବୀନ ପରିଡ଼ା କହିଲେ ଯେ ନାଟକର ପ୍ରଚାର, ପ୍ରସାର ଓ ଆଲୋଚନା ଅଧିକ ହେଲେ ଦର୍ଶକ ନାଟକ ଦେଖିବା ପାଇଁ ଆକୃଷ୍ଟ ହେବେ। ନାଟ୍ୟକାର ଆନନ୍ଦ ଶଙ୍କରଙ୍କ ସହ ବିତାଇଥିବା ମୁହୂର୍ତ୍ତର ସ୍ମୃତିଚାରଣ କରିଥିଲେ ପ୍ରଫେସର ପ୍ରମୋଦ ମହାପାତ୍ର, କମଳାକାନ୍ତ ମହାପାତ୍ର ଓ କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ର। ଅଭିନେତା ପ୍ରେମାଞ୍ଜନ ପରିଡ଼ା ସଂଗୀତ ନାଟକ ଏକାଡେମୀ ତରଫରୁ ପୁରସ୍କାର ପାଇଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରୁ ଡ. ଅଭୟ ନାୟକ ସ୍ୱାଗତ ଭାଷଣ ଦେଇଥିଲେ ଓ ନାଟ୍ୟକାର ଆନନ୍ଦ ଶଙ୍କର ଦାସଙ୍କର ପୁତ୍ର ପାର୍ଥ ସାରଥୀ ଦାସ, ଇନ୍ଦିରା ଦାଶ, ପୀତବାସ ରାଉତରାୟ, ଅଭିନ୍ନ ରାଉତରାୟ ପ୍ରମୁଖ ବହୁ ସାହିତ୍ୟିକ ଓ ନାଟ୍ୟକାର ଉପସ୍ଥିତ ଥିଲେ। ସଭାପତି ସୂର୍ଯ୍ୟମଣି ତ୍ରିପାଠୀ ଓଡ଼ିଶାରେ ଥିବା ରଙ୍ଗମଞ୍ଚର ଐତିହ୍ୟ ଉପରେ ଆଲୋକପାତ କରି ଏହାର ପୁନରୁତ୍‌ଥାନ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପ୍ରଚେଷ୍ଟା କରିବା ଆବଶ୍ୟକ ବୋଲି ମତ ରଖିଥଲେ। ଶେଷରେ ବରିଷ୍ଠ ସଭ୍ୟ ସାହିତ୍ୟିକ ଭାସ୍କର ଜେନା ଧନ୍ୟବାଦ୍ ଦେଇଥିଲେ। ସଭା ପରିଚାଳନା କରିଥିଲେ ଲେଖକ ସାମ୍ମୁଖ୍ୟର ଯୁଗ୍ମ ସମ୍ପାଦକ ସଞ୍ଜୟ କୁମାର ମହାନ୍ତି।

# ଫ୍ୟାଶନ୍ ଡିଜାଇନ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ପକ୍ଷରୁ ଫ୍ୟାଶନ୍ ଟୁର୍

**ଭୁବନେଶ୍ୱର,୧୬।୧୨/ଏନ୍‌ଏନ୍‌ଏସ୍:** ଫ୍ୟାଶନ ଡିଜାଇନ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ଏଫଡିସିଆଇ) ସହଭାଗିତାରେ ଏକ ଫ୍ୟାଶନ୍ ଟୁର୍ ଆୟୋଜିତ ହୋଇଯାଇଛି। ଏଥିରେ ଡିଜାଇନ, ଗ୍ଲାମର୍ସ ପୋଷାକ ପ୍ରଦର୍ଶିତ ହୋଇଥିଲା। ଏଫ୍‌ଡିସିଆଇ ସହଭାଗିତାରେ ଆୟୋଜିତ ଏହି ରନ୍‌ୱେରେ ଡିଜାଇନର୍ ନମ୍ରତା ଜୋଶୀପୁରା ଏବଂ ଅଭିଷେକ ପାଟନୀ ଉପସ୍ଥାପନ କରିଥିଲେ। ଏହି ଶୋ'ରେ ଏକ ଅନନ୍ୟ ତିନି-ଲାପ୍ ରନଓ୍ୱେ ଅଭିଜ୍ଞତା ପ୍ରଦର୍ଶିତ ହୋଇଥିଲା, ଯାହା ସଭିଙ୍କୁ ବେଶ ଆକର୍ଷିତ କରିଥିଲା। ତେବେ ଏ ସମ୍ପର୍କରେ ଦେବଶ୍ରୀ ଦାସଗୁପ୍ତା କହିଛନ୍ତି, ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମ ବେଶ୍ ଚିତ୍ତାକର୍ଷକ ରହିଥିଲା। ଯୁବଗୋଷ୍ଠୀଙ୍କ ମଧ୍ୟରେ ଫ୍ୟାସନ ଉପରେ ନିଆରା ଅନୁଭୂତି ସୃଷ୍ଟି କରିଛି। ଏପରି କାର୍ଯ୍ୟକ୍ରମ ବିଭିନ୍ନ ରାଜ୍ୟରେ ଆୟୋଜନ କରିବାର ଯୋଜନା ରହିଥିବା ସେ କହିଛନ୍ତି।

# ବିଦ୍ୟା ପବ୍ଲିଶିଙ୍ଗ୍ ଇଙ୍କ୍‌ର ପୁସ୍ତକ ଉନ୍ମୋଚନ ଓ ସମ୍ମାନ ସମାରୋହ



**ଭୁବନେଶ୍ୱର,୧୬।୧୨/ଏନ୍‌ଏନ୍‌ଏସ୍:** ବିଦ୍ୟା ପବ୍ଲିଶିଙ୍ଗ୍ ଇଙ୍କ୍ ଦ୍ୱାରା ୭ମ ରାଜ୍ୟ ପୁସ୍ତକ ମହୋତ୍ସବ ଆୟୋଜିତ ଏକ ସ୍ୱତନ୍ତ୍ର ବହି ଉନ୍ମୋଚନ କାର୍ଯ୍ୟକ୍ରମରେ ୧୨ ଜଣ ସ୍ରଷ୍ଟାଙ୍କର ସ୍ୱରଚିତ ପୁସ୍ତକ ପ୍ରକାଶିତ ହେବା ସହିତ ପାଣ୍ଡୁଲିପି ଆହ୍ୱାନ କାର୍ଯ୍ୟକ୍ରମରେ ଯୁବ ଲେଖିକାଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ମାନିତ କରାଯାଇଥିଲା। ଏକବିଂଶ ଶତାବ୍ଦୀକୁ ପ୍ରଭାବିତ କରିଥିବା ମହୀୟସୀ ଲେଖିକା ପୁସ୍ତକ ମଧ୍ୟ ଏହା ସହ ଉନ୍ମୋଚିତ ହୋଇଯାଇଛି। ଉଦଘାଟକ ଦେବପ୍ରସାଦ ଦାଶ, ସଚିବ ଭାଷା ସଂସ୍କୃତି ବିଭାଗ, ମୁଖ୍ୟଅତିଥି ଡ ଚନ୍ଦ୍ରଶେଖର ହୋତା, ସଚିବ ସାହିତ୍ୟ ଏକାଡେମୀ, ବରିଷ୍ଠ ସାହିତ୍ୟିକା ସାରଳା ପୁରସ୍କାର ବିଜୟିନୀ ବନଜ ଦେବୀ, ବରିଷ୍ଠ ସାହିତ୍ୟିକା ପ୍ରଫେସର ସଂଘମିତ୍ରା ମିଶ୍ର, ବରିଷ୍ଠ ସାହିତ୍ୟିକା ଡ ଜୟନ୍ତୀ ରଥ, ସାହିତ୍ୟିକ ସୀତେଶ୍ ତ୍ରିପାଠୀ, ସାହିତ୍ୟିକ ତରୁଣକାନ୍ତି ମିଶ୍ର, ବିଶିଷ୍ଟ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ ପୁସ୍ତକ ସମ୍ବନ୍ଧରେ ପ୍ରଶଂସା କରିବା ସହ ଏହା ଏକ ଅନନ୍ୟ ପରମ୍ପରା ବୋଲି କହିଥିଲେ। ଧନ୍ୟବାଦ ଜ୍ଞାପନ କରିଥିଲେ ସାହିତ୍ୟିକବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ। କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ ବିଦ୍ୟା ପବ୍ଲିଶିଙ୍ଗ୍ ଇଙ୍କ୍ ପ୍ରକାଶନ ସଂଯୋଜିକା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଅଧ୍ୟାପିକା, ଲେଖିକା ଡଃ. ସରୋଜିନୀ ପାଣି ଏବଂ ବେଦପାଠ ଓ ସଂଗୀତ ପରିବେଷଣ କରିଥିଲେ ମଧୁସ୍ମିତା ବିଶ୍ୱାଳ।

ନିତିଦିନ NITIDIN



# ଜିଲ୍ଲାସ୍ତରୀୟ ନିର୍ବାଚନ ସଂସ୍କାର କର୍ମଶାଳା



**ଭୁବନେଶ୍ୱର,୧୬।୧୨/ଏନ୍‌ଏନ୍‌ଏସ୍:** ମୃତ୍ୟୁ ହେଲେ କିମ୍ବା ଦୁଇଟି ସ୍ଥାନରେ ଭୋଟର ହେବା ପରେ ନାମ ବାଦ୍ ଦେବା, ୧୮ ବର୍ଷ ବୟସ ହେବା ପରେ ନାମ ଯୋଡ଼ିବା ଏବଂ ବାଛି ବାଛି ଅନୁପ୍ରବେଶକାରୀଙ୍କୁ ବାଦ୍ ଦେବା ହେଉଛି ଏସ୍‌ଆଇଆର୍। ଭୋଟର ତାଲିକାର ଶୁଦ୍ଧିକରଣ ଅତ୍ୟାବଶ୍ୟକ, କାରଣ ଦେଶର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଚୟନ କରି ଦେଶକୁ ଅସୁରକ୍ଷିତ କରିବାକୁ ପ୍ରୟାସ କରୁଥିବା ଅନୁପ୍ରବେଶକାରୀ ଲଙ୍କୁ ରୋକିବା ନିମନ୍ତେ ଏସ୍‌ଆଇଆର୍ ଜରୁରୀ। ଅନୁପ୍ରବେଶକାରୀ ଙ୍କୁ ଚିହ୍ନଟ କରିବା, ଭୋଟର ତାଲିକାରୁ ବାଦ୍ ଦେବା ଏବଂ ସେମାନଙ୍କୁ ଦେଶାନ୍ତର କରିବା ହେଉଛି ବିଜେପିର ସ୍ପଷ୍ଟ ନୀତି। ଅନ୍ୟପଟେ କଂଗ୍ରେସ ସମେତ ଇଣ୍ଡି ମେଣ୍ଟର ନେତୃବୃନ୍ଦ ବିବାଦୀୟ ବାୟାନବାଜି କରି ବିଭ୍ରାନ୍ତ କରୁଛନ୍ତି। ଏସ୍‌ଆଇଆର୍ ପ୍ରସଙ୍ଗରେ ସତ୍ୟାସତ୍ୟ ଜାଣିବାର ଆବଶ୍ୟକତା ରହିଛି ବୋଲି ରାଜ୍ୟ ସମ୍ପାଦକ ସରୋଜ କର କହିଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ତରଫରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ରାଜ୍ୟ ସମ୍ପାଦକ ତଥା ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ପ୍ରଭାରୀ ସରୋଜ କର, ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢ଼ାଲି, ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନଙ୍କ ସମେତ ସମସ୍ତ ଜିଲ୍ଲା ପଦାଧିକାରୀ, ମଣ୍ଡଳ ସଭାପତି, ଶକ୍ତିକେନ୍ଦ୍ର ସଭାପତିମାନେ ଉପସ୍ଥିତ ଥିଲେ। ଏହାକୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଗୃହ ମନ୍ତ୍ରୀ ଅମିତ ଶାହ ପାର୍ଲିଆମେଣ୍ଟରେ ଦେଇଥିବା ଏସ୍‌ଆଇଆର୍ ବିବୃତ୍ତି ଉପରେ ଆଲୋଚନା ହୋଇଥିଲା। ଆସନ୍ତା କାଲି ଜିଲ୍ଲାର ସମସ୍ତ ମଣ୍ଡଳରେ ଏସ୍‌ଆଇଆର୍ ଉପରେ କର୍ମଶାଳା ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି।

# ମହିଳା ସୁରକ୍ଷା ବିପର୍ଯ୍ୟସ୍ତ, ସୁରକ୍ଷା ଦେବାରେ ସରକାର ଅସମର୍ଥ: ବିଜେଡି

**ଭୁବନେଶ୍ୱର,୧୬।୧୨/ଏନ୍‌ଏନ୍‌ଏସ୍:** ଧଉଳି ଗଣଦୁଷ୍କର୍ମ ଘଟଣା ଲୋକଲୋଚନକୁ ଆସିବା ପରେ ରାଜ୍ୟରେ ମହିଳାମାନଙ୍କ ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ଅଭିଯୋଗ କରି ଆଜି ବିଜୁ ଜନତା ଦଳ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି। ଏହାଛଡା ମା'ମାନେ ଝିଅ ମାନଙ୍କୁ ଏପରି ଜାଗାକୁ ଛାଡିବା ଉଚିତ୍ ନୁହେଁ ଓ ଝିଅମାନେ ନିଜ ସୁରକ୍ଷା କଥା ନିଜେ ଚିନ୍ତା କରିବା କଥା ବୋଲି ରାଜ୍ୟ ମହିଳା କମିସନଙ୍କ ମନ୍ତବ୍ୟକୁ ମଧ କଡ଼ା ଭାଷାରେ ନିନ୍ଦା କରିବା ସହିତ ସରକାର ଯଦି ମହିଳାଙ୍କୁ ସୁରକ୍ଷା ଦେବା ସ୍ଥିତିରେ ନାହାନ୍ତି, ତାହେଲେ ତୁରନ୍ତ ଗାଦି ଛାଡ଼ନ୍ତୁ ବୋଲି ବିଜେଡି କହିଛି।

ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ, ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ ପରି ଘଟଣାମାନ ଦିନକୁ ଦିନ ବୃଦ୍ଧି ପାଇବା ସହିତ ରାଜ୍ୟରେ ମହିଳା ମାନଙ୍କ ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି। ଗତ ୧୮ ମାସର ବିଜେପି ଶାସନରେ ରାଜ୍ୟରେ ମହିଳାଙ୍କ ବିରୋଧରେ ଅପରାଧ ସଂଖ୍ୟା ଅହେତୁକ ବୃଦ୍ଧି ପାଇ ଏହା ୪୦ ହଜାରରୁ ଅଧିକ ହୋଇଛି। ରାଜ୍ୟରେ ଆଇନ ଶୃଙ୍ଖଳା ଏପରି ଦୟନୀୟ ସ୍ଥିତିରେ ପହଞ୍ଚିଛି ଯେ, ଅପରାଧୀମାନେ ଭୟମୁକ୍ତ ହୋଇ ଅପରାଧ ଘଟାଉଛନ୍ତି। ରାଜଧାନୀ ଭୁବନେଶ୍ୱରରେ ଗତ ୧୭ ମାସରେ ୨୮ ଜଣ ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି। ଶ୍ରୀମତୀ ଛୁରିଆ ଆହୁରି କହିଥିଲେ, ଦୁଃଖ ଓ ପରିତାପର ବିଷୟ ଯେ ରାଜ୍ୟରେ ମହିଳା ସୁରକ୍ଷା ସ୍ଥିତି ସଙ୍ଗୀନ ହୋଇଥିଲେ ମଧ ଏହାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର କୌଣସି ତତ୍ପରତା ଦେଖାଉ ନାହାନ୍ତି। ଗୃହ ବିଭାଗ ଖୋଦ ମୁଖ୍ୟମନ୍ତ୍ରୀଙ୍କ ପାଖରେ ରହିଥିଲା ବେଳେ ସ୍ଥିତିରେ ସୁଧାର ଆସିବା ପରିବର୍ତ୍ତେ ଅଧିକ ବିଗିଡ଼ି ଯିବା, ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ଅପାରଗ ପଣିଆକୁ ପଦାରେ ପକାଉଛି। ରାଜ୍ୟର ମହିଳା କମିଶନର ଶ୍ରୀମତୀ ଉର୍ମିଳା ମହାପାତ୍ର ଆଜି ଦେଇଥିବା ମନ୍ତବ୍ୟ ଦୁର୍ଭାଗ୍ୟଜନକ। ମା ମାନେ ଏଭଳି ଜାଗାକୁ ଝିଅ ମାନଙ୍କୁ ଛାଡିବା ଉଚିତ ନୁହେଁ ଓ ଝିଅମାନେ ନିଜ ସୁରକ୍ଷା କଥା ନିଜେ ଚିନ୍ତା କରିବା ଦରକାର ବୋଲି ସେ କହିଥିଲେ। ଏହାର ଅର୍ଥ ସରକାର ମହିଳା ମାନଙ୍କୁ ସୁରକ୍ଷା ପ୍ରଦାନ ପାଇଁ ଅସମର୍ଥ ବୋଲି ସେ ସ୍ୱୀକାର କରିଛନ୍ତି। ଯଦି ରାଜ୍ୟର ବିଜେପି ସରକାର ମହିଳା ମାନଙ୍କୁ ସୁରକ୍ଷା ଦେବାରେ ଅସମର୍ଥ, ତାହେଲେ ସରକାର ଗାଦି ଛାଡ଼ନ୍ତୁ ବୋଲି ସେ ଦାବି କରିଥିଲେ।

## ପ୍ରାଥମିକ ପ୍ରସ୍ତୁତି ବୈଠକ

# ଜାନୁଆରୀକୁ ଜାତୀୟ ସଡ଼କ ସୁରକ୍ଷା ମାସ ଭାବେ ପାଳନ କରାଯିବ

**ଭୁବନେଶ୍ୱର,୧୬।୧୨/ଏନ୍‌ଏନ୍‌ଏସ୍:** ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ ଜାନୁଆରୀ ପହିଲାରୁ ୩୧ ତାରିଖ ଯାଏଁ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ପାଇଁ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ ନିଷ୍ପତ୍ତି ନେଇଛି। ଏହିକ୍ରମରେ ଆମ ରାଜ୍ୟରେ ଏହି କାର୍ଯ୍ୟକ୍ରମର ସଫଳତାର ସହ ଆୟୋଜନ ପାଇଁ ଏକ ପ୍ରାଥମିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପରିବହନ ଆୟୁକ୍ତ ଓ ବିଭାଗୀୟ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଏହି ମାସ ପାଳନ ନେଇ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ ଦ୍ୱାରା ଆସିଥିବା ନିର୍ଦ୍ଦେଶାବଳୀକୁ ସଠିକ ସମନ୍ୱୟ ସହ କିଭଳି କାର୍ଯ୍ୟକାରୀ କରାଯିବ ସେ ସଂପର୍କରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ସେହିଭଳି ସଡ଼କ ଦୁର୍ଘଟଣା ହ୍ରାସ ନେଇ ଅନ୍ୟ ପଦକ୍ଷେପ ସଂପର୍କରେ ମଧ ଆଲୋଚନା ହୋଇଥିଲା। ବିଶେଷକରି, ଦୁର୍ଘଟଣା ସଂଖ୍ୟାରେ ଆଗୁଆ ଥିବା ସାତଟି ଜିଲ୍ଲାକୁ ବିଶେଷ ପ୍ରାଧାନ୍ୟ ଦେଇ ରଣନୀତି ଆଧାରରେ କାର୍ଯ୍ୟକ୍ରମ ହାତକୁ ନେବାକୁ ନିଷ୍ପତ୍ତି ହୋଇଛି। ସେହିଭଳି ସଡ଼କ ସୁରକ୍ଷାକୁ ସଶକ୍ତ କରିବାକୁ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମର ଫଳାଫଳ ଏବଂ ଏହି ଆଧାରରେ ନୂଆ ପଦକ୍ଷେପ ଗ୍ରହଣ କରିବାକୁ ଆଲୋଚନା ହୋଇଛି। ବିକଶିତ ଓଡ଼ିଶା ଗଠନ ଦିଗରେ ସଡ଼କ ସୁରକ୍ଷା ସରକାରଙ୍କ ପ୍ରାଧାନ୍ୟରେ ରହିଛି। ସଡ଼କ ଦୁର୍ଘଟଣା ଓ ତଦଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଁ ନିରନ୍ତର ପଦକ୍ଷେପ ଗ୍ରହଣ କରାଯାଉଛି। ଆଗକୁ ଏହି ପଦକ୍ଷେପକୁ ଆହୁରି ବ୍ୟାପକ କରାଯିବ। ବିଶେଷ କରି ଚିହ୍ନଟ ହୋଇଥିବା ଦୁର୍ଘଟଣାପ୍ରବଣ ପ୍ରବଣ ଅଞ୍ଚଳରେ ଥିବା ତ୍ରୁଟି ସୁଧାରିବାକୁ ସଡ଼କ ନିର୍ମାଣକାରୀ ସଂସ୍ଥାମାନଙ୍କ ସହଯୋଗରେ ପଦକ୍ଷେପ ନିଆଯିବ। ସେହିଭଳି ସଚେତନତା, ଏନଫୋର୍ସମେଣ୍ଟ ଓ ଦୁର୍ଘଟଣାଗ୍ରସ୍ତଙ୍କୁ ତ୍ୱରିତ ସହାୟତା ପ୍ରଦାନ ସରକାରଙ୍କ ପ୍ରାଧାନ୍ୟରେ ରହିଥିବା ପ୍ରମୁଖ ଶାସନ ସଚିବ ଶ୍ରୀମତୀ ପାଢ଼ୀ କହିଛନ୍ତି। ସମସ୍ତ ବିଭାଗ, ପୋଲିସ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ସହଭାଗିତାରେ ସଡ଼କ ଦୁର୍ଘଟଣା ହ୍ରାସ ନିମନ୍ତେ ବାଣିଜ୍ୟ ଓ ପରିବହନ ବିଭାଗ ଆବଶ୍ୟକୀୟ ସମସ୍ତ କାର୍ଯ୍ୟକ୍ରମ ଗ୍ରହଣ କରୁଥିବା ସେ କହିଛନ୍ତି। ଜାତୀୟ ସଡ଼କ ସୁରକ୍ଷା ମାସ- ୨୦୨୬ ପାଳନ ପାଇଁ ଆଜି ଖାରବେଳ ଭବନରେ ଏକ ପ୍ରାଥମିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆଗକୁ ଏ ସଂକ୍ରାନ୍ତରେ ଉଚ୍ଚସ୍ତରୀୟ ବୈଠକରେ ବିସ୍ତୃତ ନିଷ୍ପତ୍ତି ଗ୍ରହଣ କରାଯିବ।

**ଦୁର୍ଘଟଣା ହ୍ରାସ ପାଇଁ ଗ୍ରହଣ ହେବ ବିଭିନ୍ନ ପଦକ୍ଷେପ**

# ଜନସାଧାରଣଙ୍କ ସହିତ ସହଭାଗୀ ହୋଇ କାମ କରୁଛି ବିକାଶ କନ୍‌କ୍ଲେଭ୍‌ର ସହଯୋଗୀ ସଂସ୍ଥା




**ଭୁବନେଶ୍ୱର,୧୬।୧୨/ଏନ୍‌ଏନ୍‌ଏସ୍:** 'ଜଳବାୟୁ-ସହନଶୀଳ ଏବଂ ଲୋକକେନ୍ଦ୍ରିକ ବିକାଶ ପାଇଁ ପଥ' ଶୀର୍ଷକ ଓଡ଼ିଶା ବିକାଶ କନ୍‌କ୍ଲେଭ୍ ୨୦୨୫ର ଫଳାଫଳଗୁଡ଼ିକୁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ଯୋଜନାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଆରୁମୁଗମ ଏବଂ ଯୋଜନା ଓ ସଂଯୋଜନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଓଡ଼ିଶା ସରକାରଙ୍କୁ ପ୍ରଦାନ ଉଦ୍ଦେଶ୍ୟରେ ଉପସ୍ଥାପନ କରାଯାଇଛି। ଓଡ଼ିଶା ଡିଭେଲପ୍‌ମେଣ୍ଟ୍ ଇନିସିଏଟିଭ୍ (ଓଡିଆଇ)ର ଏକ ପ୍ରତିନିଧିମଣ୍ଡଳୀ ଓଡ଼ିଶା ବିକାଶ କନ୍‌କ୍ଲେଭ୍‌ର ସମାବେଶର ଆବାହକ ତଥା ସିଓ୍ୱାଇଏସଡିକର ସହ ପ୍ରତିଷ୍ଠାତା ଡଃ. ଜଗଦାନନ୍ଦଙ୍କ ସହିତ ଯୋଗଦେଇ ଓଡ଼ିଶା ଭିଜନ୍ ୨୦୩୬ ଏବଂ ବିକଶିତ ଭାରତ ଅ୨୦୪୭ ଦୃଷ୍ଟିକୋଣକୁ ଲକ୍ଷ୍ୟ ରଖି କ୍ଷେତ୍ର-ନିର୍ଦ୍ଦିଷ୍ଟ ପ୍ରାଥମିକତା, ସଂସ୍ଥାଗତ ଭୂମିକା ଏବଂ କାର୍ଯ୍ୟାନୁଷ୍ଠାନଯୋଗ୍ୟ ପଥଚିହ୍ନଗୁଡ଼ିକୁ ଆଲୋକପାତ କରୁଥିବା ମୁଖ୍ୟ ଫଳାଫଳଗୁଡ଼ିକ ଉପସ୍ଥାପନ କରିଥିଲେ। ଉନ୍ନୟନ କମିଶନରଙ୍କ ସହିତ ଆଲୋଚନାରେ ଓଡ଼ିଶା ବିକାଶ କନକ୍ଲେଭର ସହଯୋଗୀମାନଙ୍କ ମଧ୍ୟରେ ସମାବେଶର ଆବାହକ ତଥା ସିଓ୍ୱାଇଏସଡିକର ସହ ପ୍ରତିଷ୍ଠାତା ଡଃ. ଜଗଦାନନ୍ଦ ଯୋଗଦେଇ କହିଲେ ଯେ, ବିକାଶ କନକ୍ଲେଭ୍‌ର ସହଯୋଗୀ ସଂସ୍ଥାମାନେ ତୃଣମୂଳସ୍ତରରେ ଜନସାଧାରଣଙ୍କ ସହିତ ସହଭାଗୀ ହୋଇ କାମ କରୁଛନ୍ତି। ସରକାର ଭଳି ଏକ ବୃହତ ଅନୁଷ୍ଠାନ ସହିତ କାର୍ଯ୍ୟ କରି ବିକାଶରେ ସେମାନେ ଉଲ୍ଲେଖନୀୟ ଯୋଗଦାନ କରିପାରିବେ ବୋଲି ସେ ଦୃଢ ମତ ଉପସ୍ଥାପନ କରିଥିଲେ। ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ କହିଲେଯେ, ବିକାଶ ସମାବେଶରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଓ ବିକାଶର ପଥ ସମ୍ପର୍କରେ ମତାମତ ଆଲୋଚନା ହୋଇଛି। ରାଜ୍ୟ ସରକାର ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ସାଧନ ରଖି ବହୁ ଯୋଜନା ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି। କ୍ଷେତ୍ରସ୍ତରରେ ବିକାଶ ପ୍ରକ୍ରିୟାକୁ ଆଗେଇନେବାରେ ବହୁ ଅଂଶୀଦାରୀ ସଂସ୍ଥାମାନଙ୍କର ଆବଶ୍ୟକତା ରହିଥିବା ସମ୍ପର୍କରେ ସେ ଗୁରୁତ୍ୱାରୋପ କରିଥିଲେ। ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆରୁମୁଗମ ଯୋଗଦେଇ କହିଲେ ଯେ, ରାଜ୍ୟ ସରକାର ଜନକେନ୍ଦ୍ରିକ ଶାସନ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଗ୍ରାମ ପଞ୍ଚାୟତ ଏବଂ ବ୍ଲକ ସ୍ତରରେ ଡିଜିଟାଲ ଭିତ୍ତିଭୂମିକୁ ସୁଦୃଢ କରି ବିକାଶମୂଳକ ପ୍ରକ୍ରିୟାରେ ତଦାରଖ ବ୍ୟବସ୍ଥାକୁ ଉନ୍ନତ କରୁଛନ୍ତି।

# ଓଡ଼ିଶା ସଚିବାଳୟର ଚତୁର୍ଥ ବ୍ୟାଚ୍ ସହାୟକ ଉପବିଭାଗ ଅଧିକାରୀଙ୍କ ପ୍ରଶିକ୍ଷଣ ଶେଷ

**ଭୁବନେଶ୍ୱର,୧୬।୧୨/ଏନ୍‌ଏନ୍‌ଏସ୍:** ଓଡ଼ିଶା ସଚିବାଳୟର ଚତୁର୍ଥ ବ୍ୟାଚ୍ ସହାୟକ ଉପବିଭାଗ ଅଧିକାରୀ (ଇଣ୍ଡକସନ୍ ଟ୍ରେନି)ମାନଙ୍କ ସମ୍ବର୍ଦ୍ଧନା ସଭା ଅଶୋକ ନଗରସ୍ଥିତ ସଚିବାଳୟ ପ୍ରଶିକ୍ଷଣ ଅନୁଷ୍ଠାନର ନୂତନ ଗୃହରେ ଅନୁଷ୍ଠିତ ହୋଇଯାଇଛି। ସ୍ୱରାଷ୍ଟ୍ର ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ପ୍ରଶାସନର ପ୍ରାଣକେନ୍ଦ୍ର ସଚିବାଳୟରେ ଅବସ୍ଥାପିତ ଓଡ଼ିଶା ସଚିବାଳୟ ସେବା ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସରକାରୀ କାର୍ଯ୍ୟରେ ଦକ୍ଷତା, ସ୍ୱଚ୍ଛତା, ସମୟାନୁବର୍ତ୍ତିତା, ପାରଦର୍ଶିତା ଓ ସଦାଚାରିତା ଅବଲମ୍ବନ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷଣ ଅବଧି ମଧରେ ବିଭିନ୍ନ ଜିଲ୍ଲା, ବ୍ଲକ୍, ପୋଲିସ ଷ୍ଟେସନ୍, ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଆଦି ଗସ୍ତ କରି ସେଠାକାର ସରକାରୀ କାର୍ଯ୍ୟଶୈଳୀ ତଥା ସରକାରୀ ଯୋଜନାଗୁଡ଼ିକର ପରିଚାଳନା ସମ୍ପର୍କୀୟ ଜ୍ଞାନ ଆହରଣ କରିବା ପାଇଁ ସେ ଉପଦେଶ ଦେଇଥିଲେ। ଓଡ଼ିଶା ପୋଲିସ ଗୃହନିର୍ମାଣ ଓ କଲ୍ୟାଣ ନିଗମର ମୁଖ୍ୟ ପରିଚାଳନା ଅଧକ୍ଷ ସୌମେନ୍ଦ୍ର ପ୍ରିୟଦର୍ଶୀ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଯୁଗ ଉପଯୋଗୀ ପ୍ରଶିକ୍ଷଣ ଅନୁଷ୍ଠାନକୁ ନିର୍ମାଣ କରିବାର ଦାୟିତ୍ୱ ଓଡ଼ିଶା ପୋଲିସ ଗୃହନିର୍ମାଣ ଓ କଲ୍ୟାଣ ନିଗମକୁ ଦେଇଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ ଏବଂ ଅନୁଷ୍ଠାନର ନିର୍ମାଣ କାର୍ଯ୍ୟ ମାତ୍ର ତିନି ବର୍ଷ ମଧରେ ସମାପ୍ତ କରିଥିବାରୁ ନିଗମର ଅଧିକାରୀମାନଙ୍କୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରଣତୀ ଛୋଟରାୟ ସରକାରୀ କାର୍ଯ୍ୟ ଦକ୍ଷତାର ସହ ଓ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ନବନିଯୁକ୍ତ ସହାୟକ ଉପବିଭାଗ ଅଧିକାରୀମାନଙ୍କୁ ପ୍ରସ୍ତୁତ କରିବାରେ ପ୍ରଶିକ୍ଷଣ ଅନୁଷ୍ଠାନର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସଚିବାଳୟ ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷ ମନୋଜ କୁମାର ଷଡ଼ଙ୍ଗୀ ଅତିଥି ଓ ନୂତନ ଭାବେ ଯୋଗଦେଇଥିବା ଅଧିକାରୀମାନଙ୍କୁ ସ୍ୱାଗତ କରିବା ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ପ୍ରଶିକ୍ଷଣ ଲାଭ କରିଥିବା ସହାୟକ ଉପବିଭାଗ ଅଧିକାରୀମାନେ ସେମାନଙ୍କର ପ୍ରଶିକ୍ଷଣରୁ ଲାଭ କରିଥିବା ଅଭିଜ୍ଞତା ଏବଂ ପ୍ରଶିକ୍ଷଣ ଅନ୍ତର୍ଗତ କ୍ଷେତ୍ର ପରିଭ୍ରମଣର ସୁନ୍ଦର ଅନୁଭୂତି ବର୍ଣ୍ଣନା କରିଥିଲେ। ଇଣ୍ଡକସନ୍ ଟ୍ରେନିଂକୁ ସଫଳ ଭାବେ ସମ୍ପୂର୍ଣ୍ଣ କରିଥିବା ଚତୁର୍ଥ ବ୍ୟାଚ୍‌ର ସମସ୍ତ ଶିକ୍ଷାନବିଶ ଉପବିଭାଗ ଅଧିକାରୀଙ୍କୁ ପ୍ରମାଣପତ୍ର ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ସଚିବାଳୟର ପଞ୍ଚମ ବ୍ୟାଚ୍‌ର ସହାୟକ ଉପବିଭାଗ ଅଧିକାରୀମାନଙ୍କ ଇଣ୍ଡକସନ୍ ଟ୍ରେନିଂ କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ ହେବ। ଏହି ଅବସରରେ ସ୍ୱରାଷ୍ଟ୍ର ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ନାବାଳିକା ଗଣଦୁଷ୍କର୍ମ ଅଭିଯୋଗ, ଧରା ପଡ଼ିନାହାନ୍ତି ଅନ୍ୟ ଅଭିଯୁକ୍ତ

**ଭୁବନେଶ୍ୱର,୧୬।୧୨/ଏନ୍‌ଏନ୍‌ଏସ୍:** ରାଜଧାନୀରେ ଗୋପାଳପୁର ଘଟଣାର ପୁନରାବୃତ୍ତି ହୋଇଛି। ପୁରୁଷ ବନ୍ଧୁଙ୍କ ସହ ଧଉଳି ବୁଲିବାକୁ ଆସିଥିବା ୧୭ ବର୍ଷୀୟା ନାବାଳିକାକୁ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଗଣଦୁଷ୍କର୍ମ ଘଟଣାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଜଣଙ୍କୁ ଅଟକ ରଖିଛି ଧଉଳି ପୁଲିସ। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚେଷ୍ଟା ଜାରି ରହିଥିବା କହିଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମୀନା। ଗିରଫ ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ହେଲେ ବିଭୁ ପ୍ରସାଦ ମିଶ୍ର। ତାଙ୍କ ଘର କଟକ ଜିଲ୍ଲା ବାଙ୍କି ଅଞ୍ଚଳରେ। ଅନ୍ୟ ଜଣେ ଅଭିଯୁକ୍ତ ହେଲେ କାଳନ୍ଦି ପାତ୍ର। ତାଙ୍କ ଘର କଟକ କଣ୍ଟାପଡ଼ା ଓଲଟପୁର ଅଞ୍ଚଳରେ। ସେହିପରି ଜଣେ ଅଟକ ଥିବା ବେଳେ ଦୁଇ ଜଣ ଫେରାର ଅଛନ୍ତି।

ଧଉଳି ପାହାଡ ଦୟାନଦୀ ପଠାରେ ଏଭଳି ଜଘନ୍ୟ କାଣ୍ଡ ଘଟିଛି। ପୁରୁଷ ବନ୍ଧୁଙ୍କ ସହ ବୁଲିବାକୁ ଆସିଥିବା ଜଣେ ନାବାଳିକା ସହ ଘଟିଛି ଏହି ଲଜ୍ଜାଜନକ ଘଟଣା। ପାଞ୍ଚ ଜଣ ଦୁର୍ବୃତ୍ତ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଧଉଳିରୁ ଫେରିବା ସମୟରେ ନାବାଳିକା ଜଣକୁ ୫ ଜଣ ଯୁବକ ଅସଦାଚରଣ କରିବା ସହ ଡକାୟତି କରିଥିଲେ ଓ ମାଡ଼ ମାରିଥିଲେ। ଏହା ପରେ ଛାତ୍ରୀଙ୍କୁ ୫ ଜଣ ଦୁଷ୍କର୍ମ କରିଥିବା ଏତଲାରେ ଉଲ୍ଲେଖ କରିଛନ୍ତି ପୀଡିତାଙ୍କ ମା'। ଏତଲା ଆଧାରରେ ଧଉଳି ଥାନାରେ କେସ୍ ନଂ- ୨୯୫/୨୫ କେସ ନମ୍ବରରେ ମାମଲା ରୁଜୁ ହୋଇଛି। ଗତ ୧୦ ଡିସେମ୍ବରରେ ଘଟଣା ଘଟିଥିବା ବେଳେ ଗତ ଡିସେମ୍ବର ୧୧ରେ




ପୀଡିତାଙ୍କ ମା' ଧଉଳି ଥାନାରେ ଏତଲା ଦେଇଥିଲେ। କମିଶନରେଟ ପୁଲିସ ସୂଚନା ଅନୁଯାୟୀ, ଜଣେ ନାବାଳିକା ଓ ତାଙ୍କ ପୁରୁଷ ବନ୍ଧୁ ଧଉଳି ବୁଲିବାକୁ ଯାଇଥିବା ବେଳେ ଘଟିଥିଲା ଘଟଣା। କିଛି ଦୁର୍ବୃତ୍ତ ଉଭୟଙ୍କୁ ଏକାକି ଦେଖି ନାବାଳିକାଙ୍କୁ ନଦୀ ପଠାକୁ ଉଠାଇ ନେଇ ଦୁଷ୍କର୍ମ କରିଥିଲେ। ନାବାଳିକା ଅଚେତ୍ ହୋଇଯିବା ପରେ ଫେରାର ହୋଇଯାଇଥିଲେ ଅଭିଯୁକ୍ତ। ନାବାଳିକା ଗଣଦୁଷ୍କର୍ମ ଘଟଣା ନେଇ ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି, 'ଗତ ୧୦ ତାରିଖ ରାତିରେ ଘଟିଥିଲା ଘଟଣା। ୧୧ ତାରିଖ ସକାଳେ ଅଭିଯୋଗ କରିଥିଲେ ପୀଡିତା। ପ୍ରଥମେ ଲୁଟ୍ ଅଭିଯୋଗ କରିଥିଲେ ପରେ ତାଙ୍କ ସହ ଦୁଷ୍କର୍ମ ହୋଇଥିବା ଜଣାଇଥିଲେ। ଗତ ୧୦ ରାତିରେ ପୁରୁଷ ବନ୍ଧୁ ସହ ଯିବା ବେଳେ କେନାଲ ରାସ୍ତାରେ ଦୁଇ ପିଲା ପ୍ରଥମେ ଅଟକାଇଥିଲେ। ଘଟଣାରେ ପାଞ୍ଚ ଜଣ ଦୁଷ୍କର୍ମ କରିଥିବା ଜଣାପଡ଼ିଥିଲା। ପୁଲିସ ତଦନ୍ତ କରି ଫଟୋ ସଂଗ୍ରହ କରି ଦୁଇ ଜଣ ଗିରଫ କରି କୋର୍ଟଚାଲାଣ କରିଛି। ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରହିଛି। ପୀଡ଼ିତା ଓ ଗିରଫ ଅଭିଯୁକ୍ତ ମାନେ ସମସ୍ତେ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ଅଭିଯୁକ୍ତଙ୍କ ପରିଚୟ ଗୋପନ ରଖିଛି। ଭୁବନେଶ୍ୱର କୋର୍ଟରେ ନାବାଳିକାର ବୟାନ ରେକର୍ଡ ହୋଇଛି।

## ରାଜଧାନୀ ଏବେ ଅସୁରକ୍ଷିତ: ନବୀନ

**ଭୁବନେଶ୍ୱର,୧୬।୧୨/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱରର ଛାତି ଉପରେ ନାବାଳିକାଙ୍କୁ ଗଣଦୁଷ୍କର୍ମ ଘଟଣା ଅତ୍ୟନ୍ତ ସ୍ୱର୍ଶକାତର ଏବଂ ବିଚଳିତ କରିଦେବା ପରି ବିଷୟ। ବର୍ବରତା ଓ ଅରାଜକତା ସୀମା ଟପୁଛି, ରାଜ୍ୟ ରାଜଧାନୀ ଅସୁରକ୍ଷିତ ହେଉଛି। ଭୟଶୂନ୍ୟ ହେଉଛନ୍ତି ଅପରାଧୀ, ବିଶ୍ୱସନୀୟତା ହରାଉଛନ୍ତି ସରକାର। ଆଇନଶୃଙ୍ଖଳା କେତେ ଆଉ ବିପର୍ଯ୍ୟସ୍ତ ହେଲେ ସରକାର ସଜାଗ ହେବେ ବୋଲି ପ୍ରଶ୍ନ କରିଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ମଙ୍ଗଳବାର ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ, ଅପରାଧ ରୋକିବା ଦିଗରେ ସରକାରଙ୍କ ଅସମର୍ଥତା ସାଧାରଣ ଜନତାଙ୍କୁ ଭୟଭୀତ କରୁଛି। ରାଜଧାନୀରେ ମହିଳାଙ୍କ ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରି ନ ପାରିବା ବିଜେପି ସରକାରର ଅପାରଗତା ଓ ସମ୍ବେଦନହୀନ ଆଚରଣକୁ ଦର୍ଶାଉଛି। ମହିଳାଙ୍କ ସୁରକ୍ଷା ସହ ଅପରାଧ ପ୍ରବଣତାକୁ ରୋକିବା ପାଇଁ ସରକାର କଠୋର ପଦକ୍ଷେପ ନିଅନ୍ତୁ। ଘଟଣା ଘଟିବା ପରେ ନୁହେଁ, ପୂର୍ବରୁ ଏହାକୁ ରୋକିବା ଦିଗରେ ସରକାର ତତ୍ପର ହୁଅନ୍ତୁ ବୋଲି ନବୀନ ପରାମର୍ଶ ଦେଇଛନ୍ତି।

## ସ୍ଥିତି ଅନୁଧ୍ୟାନ କଲେ ମହିଳା କମିଶନ୍

ସେପଟେ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି ମହିଳା କମିଶନ ସଦସ୍ୟା ଉର୍ମିଳା ମହାପାତ୍ର। ପ୍ରଥମେ ଧଉଳି ଥାନା ଯାଇ ଘଟଣା ସମ୍ପର୍କରେ ବୁଝିବା ସହ ପରେ ଘଟଣା ସ୍ଥଳକୁ ଯାଇ ପାରିପାର୍ଶ୍ୱିକ ସ୍ଥିତି ଦେଖିଛନ୍ତି। ଅନୁଧ୍ୟାନ ପରେ ଏହି ସମ୍ବେଦନଶୀଳ ଘଟଣାକୁ ଗୁରୁତର ସହ ନେଇ ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏ ଘଟଣାର ଯେଭଳି ପୁନରାବୃତ୍ତି ନ ହେବ ସେଥିପ୍ରତି ସରକାର ଯତ୍ନଶୀଳ ଅଛନ୍ତି। ବିଶେଷ କରି ଏଭଳି ଅଶାଳୀନ ବ୍ୟବହାର ଅପ୍ରୀତିକର ପରିସ୍ଥିତି ଯିଏ ସୃଷ୍ଟି କରୁଛନ୍ତି ଦୋଷୀ ଯିଏ ବି ହେଉ ତାଙ୍କ ବିରୋଧରେ କଠୋର ଦଣ୍ଡ ବିଧାନ ନିଶ୍ଚୟ ହେବ। ୨ ଜଣ ଗିରଫ ହୋଇଥିବା ବେଳେ ଘଟଣାକୁ ପୁଲିସ ଗୁରୁତର ସହ ନେଇଛି। ମୁଖ୍ୟ ଅଭିଯୁକ୍ତକୁ ଧରିବାକୁ ପୁଲିସ ତଦନ୍ତ ଚଳାଇଛି ବୋଲି ସେ କହିଛନ୍ତି। ମହିଳା କମିଶନ ସଦସ୍ୟା ଉର୍ମିଳା ମହାପାତ୍ର କହିଛନ୍ତି, ଘଟଣାକୁ ଗୁରୁତର ସହ ନିଆଯାଇଛି, ଦୃଷ୍ଟାନ୍ତମୂଳକ ପଦକ୍ଷେପ ଏନେଇ ନିଆଯିବ। ଏଥିସହ ରାତିରେ ନିଛାଟିଆ ସ୍ଥାନକୁ ଝିଅମାନେ ଯିବା ଉଚିତ୍ ନୁହେଁ।

## ଜବାବ ଦେଲେ ଉପମୁଖ୍ୟମନ୍ତ୍ରୀ

ନବୀନଙ୍କ କଠୋର ସମାଲୋଚନାର ଜବାବ ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ପ୍ରଭାତୀ କହିଛନ୍ତି, ଦୁଃଖଦ ଘଟଣାକୁ ନେଇ ରାଜନୀତି କରିବା ଆପଣଙ୍କ ଭଳି ବ୍ୟକ୍ତିତ୍ୱଙ୍କଠାରୁ ଓଡ଼ିଶା ଲୋକମାନେ କେବେ ବି ଆଶା କାରି ନଥିବେ। ସତ ଆଉ କେବେ କହିବେ। ଏହି ଘଟଣାରେ ତ୍ୱରିତ ପୁଲିସର ପଦକ୍ଷେପ ଓ ଅଭିଯୁକ୍ତ ଗିରଫ ଏହା ହେଉଛି ସତ। ଆପଣଙ୍କ ଦେଖେଇବା ରାସ୍ତାରେ ନୁହେଁ। ଏବେ ସରକାରରେ ଆଇନ ତା ବାଟରେ ଯାଉଛି। ଅନୁଭବ ଆଧାରରେ ଚିଠି ଲେଖିଲେ ଖୁସି ହେବୁ।

# ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ପକ୍ଷରୁ ଲାଭାଂଶ ପ୍ରଦାନ




**ଭୁବନେଶ୍ୱର,୧୬।୧୨/ଏନ୍‌ଏନ୍‌ଏସ୍:** ଓଡିଶା ରାଜ୍ୟ ପଣ୍ୟାଗାର ନିଗମ ପକ୍ଷରୁ ଆଜି ଓଡ଼ିଶା ରାଜ୍ୟ ସରକାରଙ୍କୁ ଲାଭାଂଶ ଅର୍ଥ ପ୍ରଦାନ କରାଯାଇଛି। ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କୁ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୮୧,୫୯,୮୪୫ ଟଙ୍କା ଲାଭାଂଶ ପ୍ରଦାନ କରାଯାଇଛି। ସମବାୟ ବିଭାଗର ସଚିବ ରାଜେଶ ପ୍ରଭାକର ପାଟିଲ ଏବଂ ରାଜ୍ୟ ପଣ୍ୟାଗାର ନିଗମର ପରିଚାଳନା ନିର୍ଦ୍ଦେଶକ ମିହିର ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏହି ଲାଭାଂଶ ରାଶି ପ୍ରଦାନ କରିଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ନିଗମର ମୋଟ ଲାଭ ହେଉଛି ୫,୪୩,୯୮,୯୬୫ଟଙ୍କା। ଏହି ବର୍ଷ ପାଇଁ ମୋଟ ଲାଭର ୩୦% ହିସାବରେ ଡିଭିଡେଣ୍ଡ୍ ରାଶି ହେଉଛି ୧,୬୩,୧୯,୬୯୦ ଟଙ୍କା। ଏହି ଡିଭିଡେଣ୍ଟ ରାଶିକୁ ଉଭୟ ଅଂଶୀଦାର ଯଥା ରାଜ୍ୟ ସରକାର ଏବଂ କେନ୍ଦ୍ରୀୟ ଭଣ୍ଡାରଣ ନିଗମଙ୍କୁ ସମ ପରିମାଣରେ ଅର୍ଥାତ ପ୍ରତିଟି ଅଂଶୀଦାରଙ୍କୁ ୮୧,୫୯,୮୪୫ ଟଙ୍କା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମବାୟ ସମିତି ସମୂହ ନିବନ୍ଧକ ସିଦ୍ଧାର୍ଥ ଦାସ, ସମବାୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଉଷାରାଣୀ ଦାସ, ବ୍ୟକ୍ତିଗତ ସଚିବ ପୀତାମ୍ବର ସାମଲ, ଅତିରିକ୍ତ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ପଣ୍ୟାଗାର ନିଗମର ସଚିବ ରଞ୍ଜିତା ସାହୁ, ବିତ୍ତ ପରାମର୍ଶଦାତା ସ୍ମିତାଞ୍ଜଳି ସ୍ୱାଇଁ, ମୁଖ୍ୟ ସାଧାରଣ ପରିଚାଳକ ତୃପ୍ତି କଲ୍ୟାଣ ସେଠୀ, ଯୁଗ୍ମ ସଚିବ ସଂଗ୍ରାମ ରାଉତ, ଜେଆରସିଏସ ଲିଙ୍ଗରାଜ ନାୟକ, ବରିଷ୍ଠ ଅଧୀକ୍ଷକ ପ୍ରଭାତ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ୧୯୫୮ ମସିହାରେ ସ୍ଥାପିତ ହୋଇଥିଲା। ଏହାର ଷ୍ଟୋରେଜ୍ କ୍ଷମତା ହେଉଛି ୫,୨୧,୬୦୦ ମେଟ୍ରିକ ଟନ୍। ରାଜ୍ୟର ୩୦ଟି ଜିଲ୍ଲାରେ ୬୮ଟି ଗୋଦାମ ରହିଛି। ଏହାର ଭଣ୍ଡାରଣ କ୍ଷମତାର ସୁବିନିଯୋଗ ଯୋଗୁଁ ନିଗମ କ୍ରମାଗତ ଭାବରେ ଲାଭାନ୍ୱିତ ହେଉଛି ଏବଂ ଏହାର ଦୁଇ ଅଂଶୀଦାର ଯଥା ରାଜ୍ୟ ସରକାର ଏବଂ କେନ୍ଦ୍ରୀୟ ଭଣ୍ଡାରଣ ନିଗମଙ୍କୁ ନିୟମିତ ଭାବରେ ଲାଭାଂଶ (ଡିଭିଡେଣ୍ଡ) ପ୍ରଦାନ କରୁଛି। ଉଲ୍ଲେଖଯୋଗ୍ୟ ଯେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ନିଗମ ପକ୍ଷରୁ ଏହାର ଲାଭାଂଶ ବାବଦକୁ ପ୍ରତ୍ୟେକ ଅଂଶୀଦାରଙ୍କୁ ୩,୪୦,୬୪,୧୦୫ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ୨୦୧୯-୨୦ ଏବଂ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ନିଗମ ପକ୍ଷରୁ ଏହାର ଲାଭାଂଶ ବାବଦକୁ ପ୍ରତ୍ୟେକ ଅଂଶୀଦାରଙ୍କୁ ୪, ୩୬, ୩୧, ୨୫୧ ଟଙ୍କା ପ୍ରଦାନ କରାଯାଇଥିଲା।

ପ୍ରଦୂଷଣ ହ୍ରାସ କରିବା ଅସମ୍ଭବ

# ସତ ମାନିବା ସହ ଦିଲ୍ଲୀବାସୀଙ୍କୁ କ୍ଷମା ମାଗିଲେ ରାଜ୍ୟ ସରକାର

**ନୂଆଦିଲ୍ଲୀ,୧୬।୧୨/ଏଜେନ୍ସି:** ଜାତୀୟ ରାଜଧାନୀ ଦିଲ୍ଲୀର ବିଗିଡ଼ିଥିବା ବାୟୁ ଗୁଣବତ୍ତାକୁ ନେଇ ପ୍ରଦେଶ ପରିବେଶ ମନ୍ତ୍ରୀ ମଞ୍ଜିନ୍ଦର ସିଂ ସିରସା ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀ କରିବା ପୂର୍ବକ ଦିଲ୍ଲୀବାସୀଙ୍କୁ କ୍ଷମା ମାଗିଛନ୍ତି। ସେ ସ୍ୱୀକାର କରିଛନ୍ତି ଯେ ୯-୧୦ ମାସ ମଧ୍ୟରେ ଦିଲ୍ଲୀର ପ୍ରଦୂଷଣକୁ ସମ୍ପୂର୍ଣ୍ଣ ରୂପେ ହ୍ରାସ କରିବା କୌଣସି ନିର୍ବାଚିତ ସରକାର ପକ୍ଷେ ସମ୍ଭବ ନୁହେଁ। ତେବେ ତାଙ୍କ ସରକାର ପୂର୍ବ ସରକାର (ଆମ୍ ଆଦ୍‌ମୀ ପାର୍ଟି-ଆପ୍) ତୁଳନାରେ ଏଦିଗରେ ଦ୍ରୁତଗତିରେ କାମ କରୁଛନ୍ତି ଏବଂ ନିୟମିତ ଭାବେ ପ୍ରଦୂଷଣକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ସେ କହିଛନ୍ତି। ମନ୍ତ୍ରୀ ସିରସା ଦିଲ୍ଲୀର ଏହି ବାୟୁ ପ୍ରଦୂଷଣଜନିତ ସଙ୍କଟକୁ ତାଙ୍କ ପ୍ରଶାସନର ବିଫଳତା ନୁହେଁ, ବରଂ ପୂର୍ବ ସରକାରଙ୍କ ଦ୍ୱାରା ଦିଆଯାଇଥିବା ସମସ୍ୟା ଭାବରେ ଉପସ୍ଥାପନ କରିଛନ୍ତି।



ଏତଦ୍‌ବ୍ୟତୀତ ଏହି ଅବସରରେ ଶ୍ରୀ ସିରସା ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଡିସେମ୍ବର ୧୮ ଠାରୁ ପଲ୍ୟୁସନ୍ ସାର୍ଟିଫିକେଟ୍ ବିନା କୌଣସି ଯାନବାହନକୁ ପେଟ୍ରୋଲ ପମ୍ପରେ ପେଟ୍ରୋଲ, ଡିଜେଲ୍ ଆଦି ମିଳିବ ନାହିଁ। ଗାଡି ଚାଳକଙ୍କୁ ପଲ୍ୟୁସନ୍ ସାର୍ଟିଫିକେଟ୍ ହାସଲ କରିବାକୁ ଦିଲ୍ଲୀ ସରକାର ବାଧ୍ୟତାମୂଳକ କରିଛନ୍ତି। ପ୍ରକାଶ, ଦିଲ୍ଲୀର ବାୟୁ ଗୁଣବତ୍ତା କ୍ରମାଗତ ତିନି ଦିନ ଧରି 'ଗମ୍ଭୀର' ଶ୍ରେଣୀରେ ରହିବା ପରେ ମଙ୍ଗଳବାର ସାମାନ୍ୟ ଉନ୍ନତି ହୋଇ 'ଅତ୍ୟନ୍ତ ଖରାପ' ଶ୍ରେଣୀକୁ ଆସିଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଯାୟୀ, ମଙ୍ଗଳବାର ସକାଳ ୯ ଟା ସୁଦ୍ଧା ଏକ୍ୟୁଆଇ ୩୭୮ରେ ରେକର୍ଡ କରାଯାଇଛି, ଯାହା ସୋମବାର ସନ୍ଧ୍ୟାର ୪୨୭ ଠାରୁ ଭଲ ସ୍ଥିତି।

କେନ୍ଦ୍ରୀୟ ମେକ୍ସିକୋରେ ବଡ଼ ବିମାନ ଦୁର୍ଘଟଣା

# ଜଳିଗଲା ବିମାନ, ୭ ମୃତ

**ମେକ୍ସିକୋ ସିଟି,୧୬।୧୨/ଏଜେନ୍ସି:** କେନ୍ଦ୍ରୀୟ ମେକ୍ସିକୋରେ ଏକ ବଡ଼ ବିମାନ ଦୁର୍ଘଟଣା ଘଟିଛି, ଯେଉଁଥିରେ ପ୍ରାୟ ୭ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମେକ୍ସିକୋ ରାଜ୍ୟ ନାଗରିକ ସୁରକ୍ଷା ସଂଯୋଜକ ଆଡ୍ରିଆନ ହର୍ନାଣ୍ଡେଜଙ୍କ ଅନୁଯାୟୀ, ଦୁର୍ଘଟଣାଟି ସାନ ମାଟେଓ ଆଟେନକୋରେ ଘଟିଥିଲା, ଯାହା ଟୋଲୁକା ବିମାନବନ୍ଦରରୁ ପ୍ରାୟ ପାଞ୍ଚ କିଲୋମିଟର ଏବଂ ମେକ୍ସିକୋ ସିଟିରୁ ପ୍ରାୟ ୫୦ କିଲୋମିଟର ପଶ୍ଚିମରେ ଅବସ୍ଥିତ ଏକ ଶିଳ୍ପାଞ୍ଚଳ। ଏକ ଛୋଟ ଘରୋଇ ବିମାନ ଆକାପୁଲକୋରୁ ଉଡ଼ାଣ ଭରିଥିବା ବେଳେ କୌଣସି କାରଣରୁ ଏହା ସାନ୍ ମାଟେଓ ଆଟେନ୍‌କୋ ଅଞ୍ଚଳରେ ଜରୁରୀକାଳୀନ ଅବତରଣ କରିବାକୁ ଚେଷ୍ଟା କରିଥିଲା। ତେବେ ଏହି ସମୟରେ ହିଁ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଥିଲା। ଦୁର୍ଘଟଣା ଅଞ୍ଚଳରେ ଭୟ ସୃଷ୍ଟି କରିଥିଲା ଏବଂ କର୍ତ୍ତୃପକ୍ଷ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ରିପୋର୍ଟ ଅନୁଯାୟୀ, ବିମାନଟି ନିକଟସ୍ଥ ଏକ ଫୁଟବଲ ପଡ଼ିଆରେ ଜରୁରୀକାଳୀନ ଅବତରଣ କରିବାକୁ ଚେଷ୍ଟା କରୁଥିଲା। ଏହା ନିକଟବର୍ତ୍ତୀ ଏକ ବାଣିଜ୍ୟିକ କୋଠାର ଛାତ ସହିତ ଧକ୍କା ହୋଇଥିଲା। ଧକ୍କା ପରେ, ବିମାନଟି ନିଆଁ ଲାଗିଯାଇ ଆଖପାଖ ଅଞ୍ଚଳକୁ ଗ୍ରାସ କରିଥିଲା। ବିମାନରେ ମୋଟ୍ ୮ ଜଣ ଯାତ୍ରୀ ଏବଂ ଦୁଇ ଜଣ କ୍ରୁ ସଦସ୍ୟ ଥିଲେ। ଦୁର୍ଘଟଣାର କିଛି ଘଣ୍ଟା ପରେ କେବଳ ୭ ମୃତଦେହ ହିଁ ଉଦ୍ଧାର କରାଯାଇଥିଲା। ଅବଶିଷ୍ଟ ପୀଡିତଙ୍କ ସନ୍ଧାନ ଏବଂ ଚିହ୍ନଟ ଜାରି ରହିଛି। ଦୁର୍ଘଟଣା ପରେ ଅଗ୍ନିଶମ ଏବଂ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।




ମହାରାଷ୍ଟ୍ର ଚାଷୀଙ୍କ ଆର୍ଥିକ ଦୁର୍ଗତିର ଆଉ ଏକ ଦାରୁଣ ଚିତ୍ର

# ଋଣ ପରିଶୋଧ କରିବାକୁ କିଡ୍‌ନୀ ବିକ୍ରି କଲେ ଚାଷୀ

**ମୁମ୍ବାଇ,୧୬।୧୨/ଏଜେନ୍ସି:** ମହାରାଷ୍ଟ୍ରରୁ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି ଯାହାକି ସମସ୍ତ ଦେଶ ପାଇଁ ଅତ୍ୟନ୍ତ ଲଜ୍ଜାଜନକ ସ୍ଥିତି ଉତ୍ପନ୍ନ କରିଛି। ରିପୋର୍ଟ ଅନୁସାରେ ଏଠାରେ ଜଣେ ଚାଷୀ ଚାଷକାର୍ଯ୍ୟ ପାଇଁ ଆଣିଥିବା ଋଣ ଟଙ୍କାକୁ ପରିଶୋଧ କରିନପାରିବାରୁ ସାହୁକାରଜଣକ ତାଙ୍କ କିଡ୍‌ନୀ କାଢ଼ିନେଇଥିବା ଅଭିଯୋଗ ହୋଇଛି। ଘଟଣାଟି ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲ୍ଲାରେ ଘଟିଥିବା ଜଣାପଡିଛି। ପୁଲିସ୍ ନିକଟରେ ହୋଇଥିବା ଅଭିଯୋଗ ଅନୁସାରେ ଏଠାରେ ରୋଶନ ସଦାଶିବ କୁଡେ ନାମକ ଜଣେ ଯୁବଚାଷୀ ନିଜ ଚାଷବାସ କାର୍ଯ୍ୟ ନଷ୍ଟ ହୋଇଯିବା ପରେ ନିଜର ଏକ ଦୁଗ୍ଧ ବ୍ୟବସାୟ କରିବାକୁ ମନ ବଳାଇଥିଲେ। ଏଥିପାଇଁ ସେ ସ୍ଥାନୀୟ କିଛି ମହାଜନ ପାଖରୁ ପ୍ରାୟ ୧ ଲକ୍ଷ ଟଙ୍କା କରଜ କରିଥିଲେ। ଋଣ ଦେବା ବେଳେ ମହଜନ ବା ସାହୁକାରମାନେ ନିଜ ମୂଳଧନ ଉପରେ ଦୈନିକ ସୁଧ ଲାଗୁ କରିଥିଲେ। ଯାହାକି ଦୈନିକ ପ୍ରାୟ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ହୋଇଥିଲା। କିନ୍ତୁ ଦୁର୍ଭାଗ୍ୟବଶତଃ, ରୋଶନ ନିଜ ବ୍ୟବସାୟ ଆରମ୍ଭ ହେବା ପୂର୍ବରୁ ସେ କିଣିଥିବା ଗାଈଗୁଡ଼ିକ ମରିଗଲେ ଏବଂ ଅନ୍ୟପକ୍ଷେ ତାଙ୍କ ଜମିର ଫସଲ ମଧ୍ୟ ନଷ୍ଟ ହୋଇଯାଇଥିଲା। ଫଳରେ ରୋଶନ ଋଣ ଅର୍ଥ ଦେବାରେ ବିଫଳ ହୋଇଥିଲେ ଯାହାଫଳରେ ସୁଧ ବଢ଼ି ବଢ଼ି ୭୪ ଲକ୍ଷ ଟଙ୍କାରେ ପହଞ୍ଚିଯାଇଥିଲା। ଅନ୍ୟପକ୍ଷେ ସାହୁକାରମାନେ ନିଜ ମୂଳ ସହ ସୁଧ ଟଙ୍କା ନେବା ପାଇଁ ଯେତେବେଳେ ରୋଶନ ଏବଂ ତାଙ୍କ ପରିବାର ଲୋକଙ୍କ ଉପରେ ବାରମ୍ବାର ଚାପ ପକାଇଲେ ସେତେବେଳେ ରୋଶନ ନିଜର ସମସ୍ତ ଜମି, ଟ୍ରାକ୍ଟର, ଗାଈଗୋରୁ ସବୁକିଛି ବିକ୍ରି କରିଦେଇଥିଲେ। ଏଥିରେ କିଛି ମାତ୍ରାରେ ମୂଳ ସୁଧ ଟଙ୍କା ପରିଶୋଧ ହୋଇଯାଇଥିଲେ ସମ୍ପୂର୍ଣ୍ଣ ଋଣ ମୁକ୍ତ ହେବା ପାଇଁ ଯଥେଷ୍ଟ ନଥିଲା। ପରେ ଅନ୍ୟ ଜଣେ ସାହୁକାର ନିଜ ଅର୍ଥ ଫେରସ୍ତ ନେବା ପାଇଁ ଦାବି କରିବାରୁ ରୋଶନଙ୍କୁ କିଡ୍‌ନୀ ବିକ୍ରି କରିବାକୁ ବାଧ୍ୟ କରିଥିଲେ। ଅନ୍ୟ ଉପାୟ ନପାଇ ରୋଶନ୍ ମଧ୍ୟ ଶେଷରେ କିଡ୍‌ନୀ ବିକ୍ରି କରିବାକୁ ଚିନ୍ତା କରିଥିଲେ। ପରେ ସେ କିଛି ଦଲାଲ୍‌ଙ୍କ କଥାରେ ପଡି ପ୍ରଥମେ କୋଲକାତା ଯାଇଥିଲେ ଏବଂ ସେଠାରେ ନିଜ ପରୀକ୍ଷା କରାଇବା ପରେ କମ୍ବୋଡିଆ ଯାଇ ସେଠାରେ ନିଜର ଏକ କିଡ୍‌ନୀକୁ ମାତ୍ର ୮ ଲକ୍ଷ ଟଙ୍କାରେ ବିକ୍ରି କରି ଘରକୁ ଫେରିଥିଲେ।



ସାହୁକାରଙ୍କ ଠାରୁ ଆଣିଥିବା ୧ ଲକ୍ଷ ଟଙ୍କାର ଋଣ, ୭୪ ଲକ୍ଷ ହୋଇଗଲା

ପରେ ରୋଶନ୍ ସଦାଶିବ କିଛି ଏନ୍‌ଜିଓଙ୍କ ସଂସ୍ପର୍ଶରେ ଆସିବା ପରେ ସାହସ କରି ଏସମ୍ପର୍କରେ ପୁଲିସରେ ଅଭିଯୋଗ କରିଛନ୍ତି। କିନ୍ତୁ ଅଭିଯୋଗ ସତ୍ତ୍ୱେ ପୁଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ, ଯାହା ତାଙ୍କର ମାନସିକ ଓ ଶାରୀରିକ ଯନ୍ତ୍ରଣାକୁ ବଢାଇ ଦେଇଛି। ସେ ଏବେ ଚେତାବନୀ ଦେଇଛନ୍ତି ଯେ ଯଦି ତାଙ୍କୁ ନ୍ୟାୟ ନ ମିଳେ, ତେବେ ସେ ଏବଂ ତାଙ୍କ ପରିବାର ମୁମ୍ବାଇରେ ରାଜ୍ୟ ସରକାରଙ୍କ ମୁଖ୍ୟ କାର୍ଯ୍ୟାଳୟ ମନ୍ତ୍ରାଳୟ ସମ୍ମୁଖରେ ଆତ୍ମାହୁତି ଦେବେ। ନିଜ ଅଭିଯୋଗରେ ଋଣ ଦେଇ ତାଙ୍କୁ ଏବଂ ତାଙ୍କ ପରିବାରକୁ ହଇରାଣ କରିଥିବା ମହାଜନମାନଙ୍କ ନାମ ଉଲ୍ଲେଖ କରିଛନ୍ତି ରୋଶନ୍ ସଦାଶିବ। ଅଭିଯୁକ୍ତ ମହାଜନମାନେ ହେଲେ କିଶୋର ବାୱାନକୁଲେ, ମନୀଷ କାଲବାନ୍ଦେ, ଲକ୍ଷ୍ମଣ ଉରକୁଡେ, ପ୍ରଦୀପ ବାୱାନକୁଲେ, ସଞ୍ଜୟ ବଲ୍ଲାରପୁରେ ଏବଂ ଲକ୍ଷ୍ମଣ ବୋରକର, ଯେଉଁମାନେ ବ୍ରହ୍ମପୁରୀ ସହରର ବାସିନ୍ଦା। ପୀଡିତ ଚାଷୀ ରୋଶନ୍ ସଦାଶିବ ଅଭିଯୋଗ କରିଛନ୍ତି ଯେ ସେ ପୁଲିସ ନିକଟରେ ଅଭିଯୋଗ କରିଥିଲେ, କିନ୍ତୁ ପ୍ରଶାସନ କୌଣସି ଠୋସ୍ କାର୍ଯ୍ୟାନୁଷ୍ଠାନ ନେଇ ନଥିଲା। ତାଙ୍କ କହିବାନୁସାରେ ଯଦି ପୋଲିସ ସମୟୋଚିତ କାର୍ଯ୍ୟାନୁଷ୍ଠାନ ନେଇଥାନ୍ତା, ତେବେ ତାଙ୍କୁ ଆଜି ଏହି ଶାରୀରିକ ଏବଂ ମାନସିକ ଯନ୍ତ୍ରଣା ସହିବାକୁ ପଡିନଥାନ୍ତା।

ଗୋଆ ନାଇଟ୍ କ୍ଲବ୍ ଅଗ୍ନିକାଣ୍ଡ ଘଟଣାର ୧୦ଦିନ ପରେ...

# ଦିଲ୍ଲୀରେ ପହଞ୍ଚିଲେ ଲୁଥ୍ରା ବ୍ରଦର୍ସ

**ନୂଆଦିଲ୍ଲୀ,୧୬।୧୨/ଏଜେନ୍ସି:** ଗୋଆ ନାଇଟ୍ କ୍ଲବ୍ ଅଗ୍ନିକାଣ୍ଡ ଘଟଣାର ଅନ୍ୟତମ ଅଭିଯୁକ୍ତ ଥିବା ଲୁଥ୍ରା ବ୍ରଦର୍ସ ଶେଷରେ ଦିଲ୍ଲୀରେ ଆସି ପହଞ୍ଚିଛନ୍ତି। ଅଘଟଣ ପରେ ପରେ ଉଭୟ ଭାଇ ଥାଇଲାଣ୍ଡର ଫୁକେଟ୍‌କୁ ପଳାୟନ କରିଥିଲେ। ତେବେ ସେମାନଙ୍କୁ ଧରିବା ପାଇଁ ଭାରତ ସରକାର ସେମାନଙ୍କ ପାସପୋର୍ଟକୁ ଜରୁରିକାଳୀନ ପ୍ରଭାବ ଆଧାରରେ ବାତିଲ କରିଦେବାରୁ ଥାଇଲାଣ୍ଡ ପୁଲିସ୍ ଉଭୟ ଭାଇଙ୍କୁ ସେଠାରେ ଗିରଫ କରିଥିଲା। ପରେ ଭାରତ ସହ ଥାଇଲାଣ୍ଡର ଥିବା ପ୍ରତ୍ୟର୍ପଣ ଚୁକ୍ତି ଅନ୍ତର୍ଗତ ଥାଇଲାଣ୍ଡ ପୁଲିସ୍ ଉଭୟ ଭାଇଙ୍କୁ ଭାରତକୁ ପ୍ରତ୍ୟର୍ପଣ କରିଥିଲା। ଗୋଆ 'ବର୍ଚ୍ଚ ବାଏ ରୋମିଓ ଲେନ୍' ନାଇଟ୍ କ୍ଲବର ମାଲିକ ଦୁଇ ଭାଇ ସୌରଭ ଲୁଥ୍ରା ଓ ଗୌରବ ଲୁଥ୍ରା ଘଟଣା ଘଟିବାର ୧୦ ଦିନ ପରେ ଅର୍ଥାତ୍ ମଙ୍ଗଳବାର ଦିନ ଭାରତ ଫେରିଛନ୍ତି। ଆଜି ଦିଲ୍ଲୀରେ ପହଞ୍ଚିବା ପରେ ଉଭୟ ଭାଇଙ୍କୁ ଗିରଫ କରାଯାଇଥିଲା ଏବଂ ଦିଲ୍ଲୀ କୋର୍ଟରେ ହାଜର କରାଯାଇଥିଲା। ରିପୋର୍ଟ ଲେଖାହେବା ବେଳକୁ ଉଭୟ ଭାଇଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଉଭୟଙ୍କୁ ଗୋଆ ନିଆଯାଇଥିବା ନେଇ ମଧ୍ୟ ସୂଚନା ମିଳିଛି।



ସୂଚନାଯୋଗ୍ୟ, ଭାରତ ସରକାର ଉଭୟ ଭାଇଙ୍କ ସମ୍ପର୍କରେ ଥାଇଲାଣ୍ଡ ସରକାର ତଥା ସ୍ଥାନୀୟ ପୁଲିସ୍ ପ୍ରଶାସନକୁ ଅବଗତ କରାଯିବା ପରେ ଡିସେମ୍ବର ୧୧ ତାରିଖରେ ଏମାନେ ରହୁଥିବା ହୋଟେଲ ଇଣ୍ଡିଗୋରେ ହିଁ ଏମାନଙ୍କୁ ଅଟକ ରଖାଯାଇଥିଲା। ଡିସେମ୍ବର ୧୨ ତାରିଖରେ ସେମାନଙ୍କୁ ଫୁକେତରୁ ବ୍ୟାଙ୍କକ୍‌କୁ ପ୍ରତ୍ୟର୍ପଣ କରାଯାଇଥିଲା, ଯେଉଁଠାରେ ଆନୁଷ୍ଠାନିକ ପ୍ରତ୍ୟର୍ପଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପାସପୋର୍ଟକୁ ରଦ୍ଦ କରାଯିବା ମଧ୍ୟରେ ଦିଲ୍ଲୀର ରୋହିଣୀ କୋର୍ଟ ଉଭୟ ଭାଇଙ୍କ ପକ୍ଷରୁ କରାଯାଇଥିବା ଆଗୁଆ ଜାମିନ ଆବେଦନକୁ ମଧ୍ୟ ଖାରଜ କରିଦେଇଥିଲେ। ଫଳରେ ସେମାନଙ୍କ ଗିରଫଦାରୀ ନିଶ୍ଚିତ ହୋଇଯାଇଥିଲା। ପ୍ରକାଶ, ଡିସେମ୍ବର ୬ ତାରିଖ ମଧ୍ୟରାତ୍ରି ପରେ ଗୋଆର ଆରପୋରାରେ ଥିବା 'ବିର୍ଚ୍ଚ ବାଏ ରୋମିଓ ଲେନ୍' ନାଇଟ୍ କ୍ଲବରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଏହି ଘଟଣାରେ ୨୫ଜଣଙ୍କର ମୃତ୍ୟୁ ହୋଇଥିଲା। ସେବେଠାରୁ ଏହାର ମାଲିକ ସୌରଭ ଓ ଗୌରବ ଫେରାର ହୋଇଯାଇଥିଲେ। ଏସବୁ ମଧ୍ୟରେ ତଦନ୍ତ ସମୟରେ କ୍ଲବ୍‌ଟି ବିନା ଲାଇସେନ୍ସରେ ଚାଲୁଥିବାର ଏବଂ ଏଠାରେ ନିଆଁ ଲିଭାଇବା ପାଇଁ ସେଠାରେ କୌଣସି ସୁରକ୍ଷା ବ୍ୟବସ୍ଥା ନଥିବା ଜଣାପଡ଼ିଛି।

ସିଡ୍‌ନୀ ବିଚ୍ ଆତଙ୍କବାଦୀ ଘଟଣା

# ଆକ୍ରମଣକାରୀ ସାଜିଦ୍ ଜଣେ ଭାରତୀୟ

**ସିଡ୍‌ନୀ, ୧୬।୧୨/ଏଜେନ୍ସି:** ଡିସେମ୍ବର ୧୪ରେ ଅଷ୍ଟ୍ରେଲିଆର ସିଡ୍‌ନୀ ସ୍ଥିତ ବୋଣ୍ଡି ବିଚ୍‌ରେ ୟିହୁଦୀ ଲୋକଙ୍କ ଉପରେ ଆକ୍ରମଣ କରିଥିବା ୨ ଆତଙ୍କବାଦୀଙ୍କ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଛି। ବାସ୍ତବରେ ଗୁଳିକାଣ୍ଡ ଭିଆଇଥିବା ବ୍ୟକ୍ତିର ନାମ ସାଜିଦ୍ ଆକ୍ରମ ଏବଂ ଅନ୍ୟ ଜଣେ ତାଙ୍କର ୨୪ ବର୍ଷୀୟ ପୁଅ ନାଭିଦ୍ ଆକ୍ରମ। ତେବେ ସାଜିଦ୍ ମୂଳତଃ ଜଣେ ଭାରତୀୟ ନାଗରିକ। କିନ୍ତୁ ଦୀର୍ଘ ୨୭ ବର୍ଷ ତଳୁ ସେ ଭାରତ ଛାଡି ଅଷ୍ଟ୍ରେଲିଆ ଚାଲିଯାଇଥିଲେ ଏବଂ ସେଠାରେ ନାଗରିକତା ଗ୍ରହଣ କରିଥିଲେ। ସାଜିଦ୍‌ଙ୍କ ବୟସ ଏବେ ୫୦ ବର୍ଷ ହୋଇଥିବା ବେଳେ ତାଙ୍କ ପୈତୃକ ବାସସ୍ଥାନ ବା ବାପା ମା' ମୂଳତଃ ତେଲେଙ୍ଗାନାର ହାଇଦ୍ରାବାଦର ସ୍ଥାୟୀ ନିବାସୀ ବୋଲି ଜାଣିବାକୁ ମିଳିଛି। ସାଜିଦ୍‌ଙ୍କ ପରିବାର ଦାବି କରିଛନ୍ତି ଯେ, ସାଜିଦ୍ ଯେତେବେଳେ ଜଣେ ଖ୍ରୀଷ୍ଟିଆନ୍ ଝିଅଙ୍କୁ ବିବାହ କରିଥିବା ସମ୍ପର୍କରେ ସେମାନେ ଜାଣିବାକୁ ପାଇଲେ ସେତେବେଳେ ସେମାନେ ସାଜିଦ୍‌ଙ୍କ ଠାରୁ ସମସ୍ତ ସମ୍ପର୍କ ତୁଟାଇ ଦେଇଥିଲେ। ସାଜିଦ୍ ହାଇଦ୍ରାବାଦରୁ ବି.କମ୍ ଡିଗ୍ରୀ ହାସଲ କରିଥିଲେ ଏବଂ ଚାକିରି ଖୋଜିବା ପାଇଁ ନଭେମ୍ବର ୧୯୯୮ରେ ଛାତ୍ର ଭିସାରେ ଅଷ୍ଟ୍ରେଲିଆ ଚାଲିଯାଇଥିଲେ। ପରେ ସେ ୟୁରୋପୀୟ ବଂଶୋଦ୍ଭବ ମହିଳା ଭେନେରା ଗ୍ରୋସୋଙ୍କୁ ବିବାହ କରିଥିଲେ ଏବଂ ସେଠାରେ ସ୍ଥାୟୀ ଭାବରେ ବାସ କରିଥିଲେ। ତେବେ ସେଠାରେ ଦୀର୍ଘ ୨୭ ବର୍ଷର ରହଣି ମଧ୍ୟରେ ମାତ୍ର ୬ ଥର ହିଁ ସାଜିଦ୍ ଭାରତ ଗସ୍ତରେ ଆସିଥିଲେ। ଶେଷଥର ପାଇଁ ସେ ୨୦୨୨ରେ ଭାରତ ଆସିଥିଲେ। ସାଜିଦଙ୍କ ପାଖରେ ଏବେ ବି ଭାରତୀୟ ପାସପୋର୍ଟ ଥିବା ତଦନ୍ତ ସମୟରେ ଜଣାପଡିଛି। ସାଜିଦଙ୍କ ଏକ ଝିଅ ମଧ୍ୟ ଅଛନ୍ତି। ସାଜିଦ୍‌ଙ୍କ ଉଭୟ ପିଲା ଅଷ୍ଟ୍ରେଲୀୟ ନାଗରିକ। ଉଭୟ ବାପା-ପୁଅ ମାସକ ପୂର୍ବେ ଦକ୍ଷିଣ ଫିଲିପାଇନ୍ସର ମିଣ୍ଡାନାଓ ଦ୍ୱୀପରେ ଅବସ୍ଥିତ ଡାଭାଓ ସହରକୁ ଯାତ୍ରା କରିଥିଲେ। ମିଣ୍ଡାନାଓକୁ ଇସଲାମିକ୍ ଆତଙ୍କବାଦୀ ଏବଂ ବିଦ୍ରୋହୀ ସଂଗଠନର ଏକ ଗଡ଼ ଭାବରେ ମଧ୍ୟ ବିବେଚନା କରାଯାଏ। ଏତଦ୍‌ବ୍ୟତୀତ ଉଭୟ ବାପା-ପୁଅଙ୍କ ଗାଡିରୁ ଇସଲାମିକ୍ ଷ୍ଟେଟ୍ (ଆଇଏସ୍) ଆତଙ୍କୀ ସଂଗଠନର ଦୁଇଟି ପତାକା ମଧ୍ୟ ଉଦ୍ଧାର କରାଯାଇଥିଲା।



ବନ୍‌ତାରା'କୁ ଲିଓନେଲ୍ ମେସିଙ୍କ ସ୍ୱତନ୍ତ୍ର ଗସ୍ତ

# ବନ୍ୟପ୍ରାଣୀଙ୍କୁ ଦିଆଯାଉଥିବା ସେବାଯତ୍ନରେ ଅଭିଭୂତ

**ଜାମନଗର, ୧୬।୧୨/ଏଜେନ୍ସି:** ବିଶ୍ୱ ଫୁଟବଲ୍ ଆଇକନ୍ ଲିଓନେଲ୍ ମେସି ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ବନ୍ୟପ୍ରାଣୀ ଉଦ୍ଧାର, ପୁନର୍ବାସ ଏବଂ ସଂରକ୍ଷଣ କେନ୍ଦ୍ର 'ବନତାରା'କୁ ଏକ ସ୍ୱତନ୍ତ୍ର ଗସ୍ତ କରିଥିଲେ। ମେସିଙ୍କ ଗସ୍ତ ଏବଂ ଏଠାରେ ତାଙ୍କୁ ଦିଆଯାଇଥିବା ସ୍ୱାଗତ ସମ୍ବର୍ଦ୍ଧନା ସମ୍ପୂର୍ଣ୍ଣ ପାରମ୍ପରିକ ହିନ୍ଦୁ ରୀତିନୀତି ଆଧାରିତ ଥିଲା। ଏହି କିମ୍ବଦନ୍ତୀ ଫୁଟବଲର ବନତାରା'ରେ ଥଇଥାନ କରାଯାଇଥିବା ବନ୍ୟପ୍ରାଣୀଙ୍କୁ ଦେଖିଥିଲେ ଏବଂ ଯତ୍ନ ନେଉଥିବା ବିଶେଷଜ୍ଞ ବନ୍ୟପ୍ରାଣୀ ହସ୍ପିଟାଲ ମଧ୍ୟ ପରିଦର୍ଶନ କରିଥିଲେ, ବାସ୍ତବ ସମୟରେ କ୍ଲିନିକାଲ୍ ଏବଂ ଶଲ୍ୟଚିକିତ୍ସା ଦେଖିଥିଲେ ଏବଂ ପରେ ଓକାପିସ୍, ଗଣ୍ଡା, ଜିରାଫ ଏବଂ ହାତୀମାନଙ୍କୁ ଖାଦ୍ୟ ଦେଇଥିଲେ। ବିଶ୍ୱସ୍ତରୀୟ ଦୃଷ୍ଟିକୋଣରୁ, ସେ ଦେଶରେ ବନ୍ୟପ୍ରାଣୀ ଯତ୍ନ ଏବଂ ସଂରକ୍ଷଣକୁ ଆଗକୁ ବଢ଼ାଇବା ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତିବଦ୍ଧତାକୁ ଏବଂ ଅନନ୍ତଙ୍କ ମହତ୍ ଉଦ୍ୟମକୁ ମଧ୍ୟ ପ୍ରଶଂସା କରିଥିଲେ।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଅନନ୍ତଙ୍କ ପ୍ରତିବଦ୍ଧତାକୁ ପ୍ରଶଂସା



ବ୍ୟକ୍ତି ଏବଂ ସଂରକ୍ଷଣ ଦଳମାନଙ୍କ ସହିତ କଥା ହୋଇଥିଲେ। ଭାରତ ଗସ୍ତ ପରିପ୍ରେକ୍ଷୀରେ ବନ୍‌ତାରା' ପରିଦର୍ଶନ ବନ୍ୟପ୍ରାଣୀଙ୍କ ପ୍ରତି ତାଙ୍କ ସ୍ନେହ, ଭଲପାଇବାକୁ ପ୍ରତିପାଦିତ କରିଥିବା ବେଳେ ବନ୍ୟପ୍ରାଣୀଙ୍କ ଏଭଳି ବିଶ୍ୱସ୍ତରୀୟ ସଂରକ୍ଷଣ ତଥା ରକ୍ଷଣାବେକ୍ଷଣ ପ୍ରତି ପ୍ରତିବଦ୍ଧତା ଦର୍ଶାଇଆସୁଥିବା ଅନନ୍ତ ଅମ୍ବାନୀଙ୍କ ସହିତ ସେ ଅନେକ ସମୟ ଧରି ବନ୍ଧୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ।

ବନ୍‌ତାରା ପରିଦର୍ଶନରେ ଆସିଥିବା ମେସି ଏବଂ ତାଙ୍କର ସାଥୀ ଖେଳାଳି ଲୁଇସ୍ ସୁଆରେଜ ଏବଂ ରୋଡ୍ରିଗୋ ଡି ପାଉଲଙ୍କୁ ଏଠାରେ ପାରମ୍ପରିକ ଶୈଳୀରେ ଫୁଲ ବର୍ଷା ଏବଂ ଏକ ଆନୁଷ୍ଠାନିକ ଆରତୀ ସହିତ ସ୍ୱାଗତ କରାଯାଇଥିଲା। ପରେ ଏଠାରେ ମନ୍ଦିର ପୂଜା କାର୍ଯ୍ୟକ୍ରମରେ ମଧ୍ୟ ଏହି ତିନି ଅନ୍ତର୍ଜାତୀୟ ଫୁଟବଲ୍ ଖେଳାଳି ସହର୍ଷ ସାମିଲ ହୋଇଥିଲେ। ପରେ ପରେ ମେସି ବନତାରା'ର ବ୍ୟାପକ ସଂରକ୍ଷଣ ଇକୋସିଷ୍ଟମ୍‌କୁ ବୁଲି ଦେଖିଥିଲେ। ମେସି ଏଠାରେ ଥିବା ବହୁବିଧ

ଏହି ଅବସରରେ ଉଭୟ ଅନନ୍ତ ଅମ୍ବାନୀ ଏବଂ ତାଙ୍କ ପତ୍ନୀ ରାଧିକା ଅମ୍ବାନୀ ମିଳିତ ଭାବରେ ଏଠାରେ ପ୍ରତିପାଳିତ ହେଉଥିବା ଏକ ସିଂହ ଛୁଆକୁ 'ଲିଓନେଲ୍' ନାମ ଦେଇଥିଲେ, ଯାହାକି ଫୁଟବଲ୍ କିମ୍ବଦନ୍ତୀ ଲିଓନେଲ୍ ମେସିଙ୍କ ସମ୍ମାନରେ ଦିଆଯାଇଛି। ମେସି, ନିଜ ପ୍ରତିକ୍ରିୟାରେ ବନତାରା'ର ବହୁ ପ୍ରଶଂସା କରିଥିଲେ ଏବଂ ନିଜ ସ୍ପାନିଶ୍ ଭାଷାରେ କହିଥିଲେ ବନତାରା ପ୍ରକୃତରେ ଏହି ବନ୍ୟଜନ୍ତୁଙ୍କ ନେଇ ଅତ୍ୟନ୍ତ ସୁନ୍ଦର ଭାବେ ସଜେଇ ହୋଇଛି। ଏଠାରେ ବନ୍ୟପ୍ରାଣୀଙ୍କୁ ଉଦ୍ଧାର ଏବଂ ପ୍ରତିପାଳନ କରାଯାଉଛି। ଏଠାରେ ବିଶ୍ୱସ୍ତରୀୟ ସମସ୍ତ ସୁବିଧା ଉପଲବ୍ଧ କରାଯାଇଛି। ଶେଷରେ ମେସି ବିଶ୍ୱବ୍ୟାପୀ ସାମାଜିକୀକରଣ, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଶିଶୁ କଲ୍ୟାଣ ପାଇଁ ସମର୍ପିତ ଲିଓ ମେସି ଫାଉଣ୍ଡେସନର ନେତୃତ୍ୱ ନେଉଥିବା ମେସି, ଭାଣ୍ଟାରାଙ୍କ ଉଦ୍ଦେଶ୍ୟ ସହିତ ଏକ ଗଭୀର ସମନ୍ୱୟତା ଏବଂ ପ୍ରାଣୀମାନଙ୍କ ପ୍ରତି ଦୟାଳୁ, ବିଜ୍ଞାନ ଆଧାରିତ ଯତ୍ନର ଦୃଷ୍ଟିକୋଣ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ।

ମେସି ଇଭେଣ୍ଟ୍ ବିବାଦ

# ପଶ୍ଚିମବଙ୍ଗ କ୍ରୀଡ଼ା ମନ୍ତ୍ରୀଙ୍କ ଇସ୍ତଫା, ଡିସିପି ନିଲମ୍ବିତ

**କୋଲକାତା,୧୬।୧୨/ଏଜେନ୍ସି:** ଆର୍ଜେଣ୍ଟିନାର ଫୁଟବଲ୍ ତାରକା ଲିଓନେଲ୍ ମେସିଙ୍କ କାର୍ଯ୍ୟକ୍ରମ ସମୟରେ କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମ୍‌ରେ ସୃଷ୍ଟି ହୋଇଥିବା ଅରାଜକତା ଓ ଭଙ୍ଗାରୁଜା ଘଟଣାକୁ ନେଇ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଥିବା ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗର କ୍ରୀଡ଼ାମନ୍ତ୍ରୀ ଅରୂପ ବିଶ୍ୱାସ ଘଟଣାର ନିରପେକ୍ଷ ତଦନ୍ତ ସୁନିଶ୍ଚିତ କରିବା ପାଇଁ ସୌଜନ୍ୟତା ଦୃଷ୍ଟିରୁ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସେ ଏକ ଚିଠି ମଧ୍ୟ ଲେଖିଛନ୍ତି ଯେଉଁଥିରେ ସେ ଏହି ଘଟଣାକୁ ସ୍ୱାଧୀନ ଭାବେ ତଦନ୍ତ କରାଇବା ପାଇଁ ପଦ ଛାଡୁଥିବା କହିଛନ୍ତି। ସେହିପରି ଏହି ଘଟଣାକୁ ଆଧାର କରି କର୍ତ୍ତବ୍ୟରେ ଅବହେଳା ପାଇଁ ଡିସିପି ବିଧାନନଗର ଅନୀଶ ସରକାରଙ୍କୁ ନିଲମ୍ବନ କରାଯାଇଛି। ପୁଲିସ୍ ବିଭାଗ ପକ୍ଷରୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କ୍ରମେ ଏପ୍ରକାର ନିଷ୍ପତ୍ତି ନିଆଯାଇଛି।



ସେହିପରି କ୍ରୀଡ଼ା ସଚିବ ରାଜେଶ କୁମାର ସିହ୍ନାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି ଏବଂ ସଲ୍ଟ ଲେକ୍ ଷ୍ଟାଡିୟମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡି.କେ. ନନ୍ଦନଙ୍କ ସେବାକୁ ପ୍ରତ୍ୟାହାର କରାଯାଇଛି।

ଶନିବାର ସଲ୍ଟ ଲେକ୍ ଷ୍ଟାଡିୟମ୍‌ରେ ମେସିଙ୍କୁ ଦେଖିବାକୁ ଆସିଥିବା ଦର୍ଶକମାନେ ଟିକେଟ୍ ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ ଭିଭିଆଇପି, ରାଜନେତା ଓ ପୁଲିସ୍ ଅଧିକାରୀଙ୍କ ଭିଡ଼ ଯୋଗୁଁ ତାଙ୍କୁ ଠିକ୍ ଭାବରେ ଦେଖିପାରିନଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଦର୍ଶକମାନେ ଷ୍ଟାଡିୟମ୍‌ରେ ବ୍ୟାପକ ଭଙ୍ଗାରୁଜା କରିଥିଲେ। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବାରୁ ପୋଲିସକୁ ବ୍ୟାପକ ଲାଠିଚାର୍ଜ କରିବାକୁ ପଡ଼ିଥିଲା ଏବଂ ଆରଏଏଫ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା। ହଙ୍ଗାମା କାରଣରୁ ମେସି ନିର୍ଦ୍ଧାରିତ ସମୟ ପୂର୍ବରୁ ଷ୍ଟାଡିୟମ୍ ଛାଡ଼ି ଚାଲିଯାଇଥିଲେ। ଘଟଣାର ମୁଖ୍ୟ ଆୟୋଜକ ଶତାଦ୍ରୁ ଦତ୍ତଙ୍କୁ ଗିରଫ କରାଯାଇଛି। ଘଟଣାର ତଦନ୍ତ ପାଇଁ ମୁଖ୍ୟ ଶାସନ ସଚିବ ମନୋଜ ପନ୍ତଙ୍କ ଦ୍ୱାରା ବରିଷ୍ଠ ଆଇପିଏସ୍ ଅଧିକାରୀମାନଙ୍କୁ ନେଇ ଏକ ୪-ସଦସ୍ୟ ବିଶିଷ୍ଟ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗଠନ କରାଯାଇଛି। ପ୍ରକାଶ ମେସିଙ୍କ କାର୍ଯ୍ୟକ୍ରମରେ ଅଘଟଣ ଘଟିବା ପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କ୍ଷମା ପ୍ରାର୍ଥନା କରିଥିଲେ।

ନ୍ୟାସ୍‌ନାଲ୍ ହେରାଲ୍ଡ ମାମଲା: ସୋନିଆ ଓ ରାହୁଲଙ୍କୁ ବଡ଼ ଆଶ୍ୱସ୍ତି

# ଶୁଣାଣି କରିବାକୁ ମନାକଲେ ରାଉଜ୍ ଆଭେନ୍ୟୁ କୋର୍ଟ

**ନୂଆଦିଲ୍ଲୀ, ୧୬।୧୨/ଏଜେନ୍ସି:** ନ୍ୟାସନାଲ ହେରାଲ୍ଡ ମାମଲାରେ କଂଗ୍ରେସର ବରିଷ୍ଠ ନେତ୍ରୀ ସୋନିଆ ଏବଂ ରାହୁଲ ଗାନ୍ଧୀଙ୍କୁ ସାମୟିକ ଆଶ୍ୱସ୍ତି ମିଳିଛି। ଏମାନଙ୍କ ବିରୋଧରେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ପକ୍ଷରୁ ମନି ଲଣ୍ଡରିଂ ଅଭିଯୋଗ ଅନ୍ତର୍ଗତ ଦାଖଲ କରାଯାଇଥିବା ଚାର୍ଜସିଟ୍‌କୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ। ଇଡିର ଏହି ଚାର୍ଜସିଟ୍ ଉପରେ ବିଚାର କରିବାକୁ କୋର୍ଟ ସ୍ପଷ୍ଟ ମନା କରିଛନ୍ତି। ବ୍ୟକ୍ତିଗତ ଅଭିଯୋଗ ଆଧାରରେ ମାମଲା ହୋଇଥିବାରୁ ଏପ୍ରକାର ଚାର୍ଜସିଟ୍ ଉପରେ ଶୁଣାଣି ସମ୍ଭବ ନୁହେଁ ବୋଲି କୋର୍ଟ ଦର୍ଶାଇଛନ୍ତି। କୋର୍ଟଙ୍କ କହିବାନୁସାରେ ମାମଲାଟି ବ୍ୟକ୍ତିଗତ ଅଭିଯୋଗ ଉପରେ ଆଧାରିତ, ଏଫ୍‌ଆଇଆର୍ ଆଧାରିତ ନୁହେଁ। ତେବେ ଦିଲ୍ଲୀ କୋର୍ଟ କେବଳ ଇଡିର ଚାର୍ଜସିଟ୍‌କୁ ପ୍ରତ୍ୟାଖ୍ୟାନ କରିଛନ୍ତି ତାହା ନୁହେଁ ବରଂ କୋର୍ଟ ଇଡିର ତଦନ୍ତ ପ୍ରକ୍ରିୟା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। କୋର୍ଟ ପ୍ରଶ୍ନ କରିଛନ୍ତି ଯେ ସିବିଆଇ ଏପର୍ଯ୍ୟନ୍ତ କୌଣସି ପ୍ରେଡିକେଟ୍ ଅଫେନ୍ସ ରେକର୍ଡ କରିନାହିଁ। ତଥାପି ଇଡି ତଦନ୍ତ ଜାରି ରଖିଛି। ଯେତେବେଳେ ମୂଳ ଅପରାଧ ହିଁ ରେକର୍ଡ ହୋଇନାହିଁ। ସେଥିରେ ମନି ଲଣ୍ଡରିଂ ଆଧାରିତ ତଦନ୍ତ ଆଗକୁ କିଭଳି ବଢିପାରିବ? ଅନ୍ୟପକ୍ଷେ ଦିଲ୍ଲୀ କୋର୍ଟଙ୍କ ଏପ୍ରକାର ରାୟ ଗାନ୍ଧୀ ପରିବାର ପାଇଁ ସାମୟିକ ହେଲେ ମଧ୍ୟ ଏକ ବଡ ବିଜୟ ଭାବେ ବିବେଚନା କରାଯାଉଛି। କାରଣ ଏହି ରାୟ ଫଳରେ ବର୍ତ୍ତମାନ୍ ପାଇଁ ମାମଲାର ଟ୍ରାଏଲ୍ ପ୍ରକ୍ରିୟା ଆଉ ଆଗକୁ ବଢିପାରିବନାହିଁ। ତେବେ କୋର୍ଟ ଏହି ଅବସରରେ ସ୍ପଷ୍ଟ କରିଛନ୍ତି ଯେ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚାହିଁଲେ ଏହି ମାମଲାରେ ତଦନ୍ତ ଜାରି ରଖିପାରିବ।




ପ୍ରକାଶ, ଇଡି ନିଜ ଚାର୍ଜସିଟ୍‌ରେ ଦାବି କରିଥିଲା କି ନ୍ୟାସନାଲ ହେରାଲ୍ଡ ସମ୍ବାଦପତ୍ରର ପ୍ରକାଶକ ଏସୋସିଏଟେଡ ଜର୍ଣ୍ଣାଲ୍ସ ଲିମିଟେଡର ସମ୍ପତ୍ତିଗୁଡ଼ିକୁ ୟଙ୍ଗ୍ ଇଣ୍ଡିଆନ ପ୍ରାଇଭେଟ୍ ଲିମିଟେଡ୍ ମାଧ୍ୟମରେ ଅବୈଧ ଭାବେ ହାସଲ କରି ବ୍ୟାପକ ମନି ଲଣ୍ଡିରିଂ କରାଯାଇଛି। ଇଡି ଅଭିଯୋଗ ଅନୁଯାୟୀ, କଂଗ୍ରେସ ନେତାମାନେ ମାତ୍ର ୫୦ ଲକ୍ଷ ଟଙ୍କାରେ ଘରୋଇ କମ୍ପାନି 'ୟଙ୍ଗ ଇଣ୍ଡିଆନ୍' ମାଧ୍ୟମରେ ଆସୋସିଏଟେଡ୍ ଜର୍ଣ୍ଣାଲ୍ସ ଲିମିଟେଡ୍‌ର ୨ହଜାର କୋଟି ମୂଲ୍ୟର ସମ୍ପତ୍ତି ହାସଲ କରିବାକୁ ଷଡ଼ଯନ୍ତ୍ର କରିଥିଲେ। ସୋନିଆ ଏବଂ ରାହୁଲ କମ୍ପାନିର ୭୬% ଅଂଶଧନ ରଖିଛନ୍ତି। ଏଥିରୁ ସୋନିଆ ଏବଂ ରାହୁଲ ୯୮୮ କୋଟି ଟଙ୍କା ଆୟ କରିଥିଲେ ବୋଲି ଆକଳନ କରାଯାଉଛି। ସମ୍ପୃକ୍ତ ସମ୍ପତ୍ତିର ବଜାର ମୂଲ୍ୟ ଏବେ ୫ହଜାର କୋଟି ହେବ ବୋଲି ଆକଳନ କରାଯାଇଛି। ଏହିକ୍ରମେ ଇଡି ଚାର୍ଜସିଟ୍ ଦାଖଲ କରିବା ପୂର୍ବରୁ ଅର୍ଥାତ୍ ୧୨ ଏପ୍ରିଲ୍, ୨୦୨୫ରେ ତଦନ୍ତ ସମୟରେ ଏହାସହ ଜଡିତ କେତେକ ସମ୍ପତ୍ତି ଜବତ କରିଥିଲା। ଦିଲ୍ଲୀର ହେରାଲ୍ଡ ହାଉସ୍ (୫ଏ, ବାହାଦୁର ଶାହ ଜାଫର ମାର୍ଗ), ମୁମ୍ବାଇର ବାନ୍ଦ୍ରା (ପୂର୍ବ) ଏବଂ ଲକ୍ଷ୍ନୌର ବିଶେଶ୍ୱର ନାଥ ରୋଡରେ ଥିବା ଏସୋସିଏଟେଡ ଜର୍ଣ୍ଣାଲ୍ସ ଲିମିଟେଡ୍‌ର କୋଠାରେ ନୋଟିସ୍ ଲଗାଇଥିଲା ଇଡି। ୬୬୧ କୋଟି ମୂଲ୍ୟର ଏହି ଅସ୍ଥାବର ସମ୍ପତ୍ତି ବ୍ୟତୀତ ଇଡି ନଭେମ୍ବର ୨୦୨୩ ରେ ୯୦.୨ କୋଟି ମୂଲ୍ୟର ଏସୋସିଏଟେଡ ଜର୍ଣ୍ଣାଲ୍ସ ଲିମିଟେଡ୍‌ର ସେୟାର ଜବତ କରିଥିଲା। ଏହାକୁ ଆଧାର କରି ସୋନିଆ, ରାହୁଲଙ୍କ ସମେତ ସାମ ପିତ୍ରୋଡା, ସୁମନ ଦୁବେ, ସୁନୀଲ ଭଣ୍ଡାରୀ, ୟଙ୍ଗ୍ ଇଣ୍ଡିଆନ୍ ଏବଂ ଡୋଟେକ୍ସ ମର୍ଚାଣ୍ଡାଇଜ୍ ପ୍ରାଇଭେଟ୍ ଲିମିଟେଡ୍ ବିରୋଧରେ ଇଡି ଚାର୍ଜସିଟ୍ ଦାଖଲ କରିଥିଲା।

# ନିଶା ବେପାରୀଙ୍କ ଘରେ ବୁଲିଲା ବୁଲ୍‌ଡୋଜର୍

**ପୁରୀ,୧୬।୧୨/ଏନ୍‌ଏନ୍‌ଏସ୍:** ସରକାରୀ ଜାଗା ମାଡ଼ି ବସି ଘର କରି ବିକ୍ରି କରୁଥିଲେ ବ୍ରାଉନ୍ ସୁଗାର। ଶାଶୁ ସହ ଜ୍ୱାଇଁ ମିଶି ଚଳାଇଥିଲା ଡ୍ରଗ୍ସ କାରବାର। ପ୍ରଥମେ ଶାଶୁଙ୍କ ପରେ ଏବେ ପୁରୀ ପୋଲିସର ନଜର ପଡ଼ିଛି ଜ୍ୱାଇଁ ଉପରେ। ଅପରେସନ୍ ଚକ୍ରରେ ପୁରୀ ପୋଲିସ ନିଶା ବେପାରୀ ଜ୍ୱାଇଁର ତିନି ତିନୋଟି ଘରକୁ ଭାଙ୍ଗି ମାଟିରେ ମିଶାଇ ଦେଇଛି। ପୁରୀ ଏସ୍‌ପି ପ୍ରତୀକ ସିଂହଙ୍କ ନିର୍ଦ୍ଦେଶରେ ଜାରି ରହିଛି ନିଶା ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ। ସଦର ଥାନା ଅନ୍ତର୍ଗତ ନୀଳଚକ୍ରନଗରରେ ଥିବା ଟିକି ଖାନଙ୍କ ଦୁଇଟି ଘର ସହ ହୁଲୁହୁଲିଆ ପୋଲ ନିକଟରେ ଥିବା ଆଉ ଏକ ଘରକୁ ଉଚ୍ଛେଦ କରାଯାଇଛି। ଆଜି ଟିକି ଖାନର ୩ଟି ଘର ମାଟିଲେ ମିଶିଛି। ଅତିରିକ୍ତ ତହସିଲଦାର ଓ ପୋଲିସ ଉପସ୍ଥିତିରେ ଘର ଭଙ୍ଗାଯାଇ ଟିକି ମାଡ଼ି ବସିଥିବା ଜମିକୁ ପ୍ରଶାସନ ଦଖଲକୁ ନେଇଛି। ପ୍ରଥମେ ବିଦ୍ୟୁତ କର୍ମଚାରୀ ଲାଇନ୍ କାଟିବା ପରେ ତିନୋଟି ଘରକୁ ସମ୍ପୂର୍ଣ୍ଣ ଭାବେ ମାଟିରେ ମିଶାଇ ଦିଆଯାଇଛି। ଆଗକୁ ନିଶା ବେପାରୀଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି କହିଛି ପ୍ରଶାସନ। ଏହା ପୂର୍ବରୁ ଡିସେମ୍ବର ୪ ତାରିଖରେ ପୁରୀରେ ବୁଲ୍‌ଡୋଜର୍ ବୁଲିଥିଲା। ଟିକି ଖାନଙ୍କ ଶାଶୁ ସୁକାନ୍ତି ପଣ୍ଡାଙ୍କ ଘର ମାଟିରେ ମିଶାଇଥିଲା ପ୍ରଶାସନ। ନୀଳଚକ୍ର ନଗରରେ ଥିବା ସୁକାନ୍ତିଙ୍କ ୪ ବଖରା ଘରକୁ ବୁଲ୍‌ଡୋଜର୍ ଲଗାଇ ପ୍ରଶାସନ ଭାଙ୍ଗି ଦେଇଥିଲା। କିଛିଦିନ ତଳେ ୨୦୦ ଗ୍ରାମ୍ ବ୍ରାଉନ ସୁଗର ସହ ଧରାପଡ଼ିଥିଲେ ସୁକାନ୍ତି ପଣ୍ଡା। ଯାହା ପରେ ପୁରୀ ପୋଲିସ ଆକ୍ସନ୍ ମୋଡକୁ ଆସି ସରକାରୀ ଜମିରେ କରିଥିବା ଘରକୁ ଭାଙ୍ଗିଥିଲା। ଏବେ ଶାଶୁ ପରେ ଜ୍ୱାଇଁ ଜବରଦଖଲ କରିଥିବା ଘରକୁ ପ୍ରଶାସନ ମାଟିରେ ମିଶାଇ ନିଶା ବେପାରୀଙ୍କୁ କଡ଼ା ବାର୍ତ୍ତା ଦେଇଛି। ମିଳିଥିବା ସୂଚନା ମୁତାବକ, ସୁକାନ୍ତି ପଣ୍ଡାଙ୍କ ଜ୍ୱାଇଁ ଟିକି ଖାନ ବାଲି ଚୋରାଚାଲାଣ ଠାରୁ ଆରମ୍ଭ କରି ବ୍ରାଉନସୁଗାର କାରବାର ଭଳି ୧୭ଟି ମାମଲାରେ ସମ୍ପୃକ୍ତ ଅଛି।

# ଯୌତୁକ ଦାବିରେ ବଧୂହତ୍ୟା ଅଭିଯୋଗ

**ଓଡ଼ଗାଁ,୧୬।୧୨/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ପଞ୍ଚୁମୁ ଗ୍ରାମରେ ଏକ ବଧୂହତ୍ୟା ଅଭିଯୋଗ ହୋଇଛି। ବୋହୂକୁ ସ୍ୱାମୀ, ଶାଶୁ ଓ ନଣନ୍ଦ ମିଶି ମାରି ଦେଇଛନ୍ତି। ଏ ନେଇ ନବବଧୂଙ୍କ ବାପା ଶରଣକୁଳ ଥାନାରେ ଲିଖିତ ଅଭିଯୋଗ କରିବାପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ନୟାଗଡ଼ ଟାଉନ ଥାନା ବ୍ରଜବଲ୍ଲଭପୁର ଗ୍ରାମର ବୈକୁଣ୍ଠନାଥ କରଙ୍କ ଜ୍ୟେଷ୍ଠକନ୍ୟା ପ୍ରତିମା କରଙ୍କୁ ପଞ୍ଚୁମୁ ଗ୍ରାମର ନିହାର ରଞ୍ଜନ ମିଶ୍ର ବୈଦିକ ରୀତି ଅନୁସାରେ ୨୪ ବର୍ଷତଳେ ବିବାହ କରିଥିଲେ। ବିବାହ ସମୟରେ ଯୌତୁକ ବାବଦକୁ ୬୦ହଜାର ଟଙ୍କା ସହିତ ସୁନାଚେନ, ହାର, ମୁଦି ଏବଂ କାନଫୁଲ ଆଦି ୨ଶହ ଗ୍ରାମର ସୁନା ଅଳଙ୍କାର ଏବଂ ଘରକରଣା ଜିନିଷମାନ ଦେଇଥିଲେ। ନିହାର ରଞ୍ଜନ ମିଶ୍ର କୌଣସି କାମଧନ୍ଦା ନକରି ତାଙ୍କ ବାପା ଜୟକୃଷ୍ଣ ମିଶ୍ରଙ୍କ ପେନସନ ଟଙ୍କାରେ ଚଳୁଥିଲେ। ତାଙ୍କର ୪ବର୍ଷ ତଳେ ମୃତ୍ୟୁ ହେବା ପରେ ଘରେ ଅର୍ଥ ସଙ୍କଟ ଦେଖାଦେଇଥିଲା। ସ୍ୱାମୀ ନିହାର, ଶାଶୁ ରେବତୀ, ୩ନଣନ୍ଦ ସୁଜାତା, ପିଙ୍କି ଓ ରିଙ୍କି ବୋହୂକୁ ୨ଲକ୍ଷ ଟଙ୍କା ବାପଘରୁ ଆଣିବାକୁ କହିଥିଲେ। ସ୍ୱାମୀଙ୍କ କଥାରଖି ରେବତୀ ବାପାଙ୍କୁ ୨ଲକ୍ଷ ଟଙ୍କା ମାଗିଥିଲେ। କିନ୍ତୁ ବାପା ବୈକୁଣ୍ଠଙ୍କ ଟଙ୍କା ଦେବାକୁ ସମ୍ବଳ ନଥିବାରୁ ସେ ଝିଅକୁ ମନାକରି ଦେଇଥିଲେ। ଝିଅ ସ୍ୱାମୀ ଘରକୁ ଆସିବା ପରେ ସମସ୍ତେ ମିଶି ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ଗତକାଲି ରାତି ପ୍ରାୟ ୧୧ଟା ସମୟରେ ଝିଅକୁ ମାରିଦେଇ ଆତ୍ମହତ୍ୟାର ରୂପ ଦେବାକୁ ଯାଇ ତାଙ୍କୁ ଝୁଲାଇ ଦେଇଥିଲେ। ବାପଘରକୁ ଖବର ନଦେଇ ଶବ ବ୍ୟବଛେଦ ପାଇଁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିବା ନବବଧୂର ବାପା ବୈକୁଣ୍ଠନାଥ ଶରଣକୁଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତକରି ଦୋଷୀମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି। ବଧୂହତ୍ୟା ଅଭିଯୋଗ ପାଇଛୁ ଏବଂ ଘଟଣାର ତଦନ୍ତ ଚାଲିଥିବା ଶରଣକୁଳ ପୁଲିସ ପକ୍ଷରୁ ସୂଚନା ମିଳିଛି।

# ପବିତ୍ର ଧନୁ ସଂକ୍ରାନ୍ତିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପହିଲି ଭୋଗ ଆରମ୍ଭ



**ପୁରୀ,୧୬।୧୨/ଏନ୍‌ଏନ୍‌ଏସ୍:** ଆଜି ପବିତ୍ର ଧନୁ ସଂକ୍ରାନ୍ତି। ପୌଷ ମାସ ପ୍ରଥମ ଦିନକୁ ଧନୁ ସଂକ୍ରାନ୍ତି ଭାବେ ପାଳନ କରାଯାଏ। ଏହି ଦିନ ସୂର୍ଯ୍ୟ ଧନୁ ରାଶିକୁ ଚଳନ କରିଥାନ୍ତି। ଆଜି ଠାରୁ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପହିଲି ଭୋଗ ଆରମ୍ଭ ହୋଇ ଉତ୍ତରାୟଣ ସଂକ୍ରାନ୍ତି ବା ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିବ। ପହିଲି ଭୋଗରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପାଖରେ ୩୨ପ୍ରକାରର ପିଠା ଓ ଧନୁ ମୁଆଁ ଲାଗି ହୋଇଥାଏ। ଏହି ଅବସରରେ ଶ୍ରୀମନ୍ଦିରରେ ପ୍ରବଳ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ପରମ୍ପରା ଅନୁସାରେ, ଆଜିଠାରୁ ମା’ ମହାଲକ୍ଷ୍ମୀ ଦୀର୍ଘ ଏକ ମାସ ପର୍ଯ୍ୟନ୍ତ ନିଜ ବାପା ଘରକୁ ଯାଇଥାନ୍ତି। ତେଣୁ ଶ୍ରୀମନ୍ଦିରରେ ମା’ ଲକ୍ଷ୍ମୀଙ୍କ ଅନୁପସ୍ଥିତ ବେଳେ ମା’ ଯଶୋଦା ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପାଇଁ ବିଭିନ୍ନ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରିଥାନ୍ତି। ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପୂର୍ବ ଦିନ ପର୍ଯ୍ୟନ୍ତ ପହିଲି ଭୋଗ ପ୍ରସ୍ତୁତ ହୋଇଥାଏ। ପହିଲି ଭୋଗ ନୀତି ହେଉଛି ମହାପ୍ରଭୁଙ୍କ ଆଦ୍ୟ ଭୋଗ ଯାହାକି, କାଉ ରାବିବା ପୂର୍ବରୁ ଏହା ମହାପ୍ରଭୁଙ୍କ ପାଖରେ ଲାଗି ହୋଇଥାଏ। ବିରି ଓ ଗହମରେ ପ୍ରସ୍ତୁତ ୩୨ ପ୍ରକାରର ପିଠାପଣା ଶ୍ରୀଜିଉଙ୍କ ନିକଟରେ ଲାଗି କରାଯାଇଥାଏ। ଏଥିରେ ମୁଖ୍ୟତଃ ବଡଝିଲି, ଅମାଲୁ, ଗଇଣ୍ଠା, ଆରିସା, କାକରା, ମଣ୍ଡା, ଚଢ଼େଇ ନେଦା ଓ ବଡ଼ି ଆଦି ଭୋଗ ଅର୍ପଣ କରାଯାଏ। ଶ୍ରୀମନ୍ଦିରର ବିଧି ଅନୁଯାୟୀ, ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ସକାଳର ଗୋପଳବଲ୍ଲଭ ଭୋଗ ନୀତି ସହିତ ‘ପହିଲି ଭୋଗ’ ନୀତି ଅନୁଷ୍ଠିତ ହୋଇଥାଏ। ଲୋକଙ୍କ ବିଶ୍ୱାସରେ ମା’ ଲକ୍ଷ୍ମୀ ଏହି ମାସଟି ନିଜର ବାପ ଘରେ କାଟନ୍ତି। ପୌଷ ମାସରେ ବୋହୂ ନିଜର ବାପ ଘରକୁ ଯିବାର ଚଳଣୀ ଓଡ଼ିଆ ଘରମାନଙ୍କରେ ରହିଛି। ତେଣୁ ମା’ ବ୍ୟଗ୍ର ହୋଇ ନିଜ ପୁଅ, ଝିଅଙ୍କୁ ଶୀତରେ ସକାଳୁ ଗରମ ଗରମ ଖାଦ୍ୟ ଖୁଆଇ ଦିଅନ୍ତି। ଏହି ପହିଲି ଭୋଗ ମା’ ଓ ତା’ର ସନ୍ତାନର ନିବିଡ଼ ସମ୍ପର୍କକୁ ମନେ ପକାଇଥାଏ। ଅନ୍ୟପଟେ ଆଜି ମହାପ୍ରଭୁଙ୍କ ପାଖରେ ଲାଗି ହୋଇଛି ଧନୁ ମୁଆଁ। ଧନୁ ସଂକ୍ରାନ୍ତିର ମୁଖ୍ୟ ଆକର୍ଷଣ ହେଉଛି ‘ଧନୁ ମୁଆଁ’। ଆଜି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରୁ ଆରମ୍ଭ କରି ସମସ୍ତ ଦେବାଦେବୀଙ୍କ ପାଖରେ ମୁଆଁ ଭୋଗ ଲାଗି ହୋଇଥିଲା। ପୌଷ ମାସର ପବିତ୍ରତା ଯୋଗୁଁ ପୁଷ୍ୟାଭିଷେକ ନୀତି ମଧ୍ୟ ଅନୁଷ୍ଠିତ ହୋଇଥାଏ।

## ରାଜଯୋଗିନୀ କମଲେଶ ଦିଦିଙ୍କୁ ଶ୍ରଦ୍ଧାଞ୍ଜଳି

**ବାଲିଅନ୍ତା,୧୬।୧୨/ଏନ୍‌ଏନ୍‌ଏସ୍:** ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କଟକ ସବଜୋନ ନିର୍ଦ୍ଦେଶିକା ରାଜଯୋଗିନୀ ଡଃ. କମଲେଶ ଦିଦିଙ୍କ ଦେହାବସାନ ଅବସରରେ ଏକ ସ୍ମୃତିଚାରଣ ସଭା ବାଲିଅନ୍ତା ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଅନନ୍ତପୁରସ୍ଥ ବିଶ୍ୱଶାନ୍ତି ସରୋବର ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜଯୋଗିନୀ ସୁଲୋଚନା ଦିଦିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ କମଲେଶ ଦିଦିଜୀଙ୍କ ଓଡ଼ିଶାରେ ଅବସ୍ଥାନ ଓ ଜ୍ଞାନ ଓ ଧ୍ୟାନ ପ୍ରସାରରେ ଦୀର୍ଘକାଳୀନ ଅବଦାନ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୫ହଜାରରୁ ଉର୍ଦ୍ଧ୍ୱ ସଂଖ୍ୟକ ଶ୍ରଦ୍ଧାଳୁ ତଥା ଅନୁଗାମୀ ଉପସ୍ଥିତ ରହି ଦିଦିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ ହୋଇଥିଲା। ବିଶ୍ୱଶାନ୍ତି ସରୋବର ଅନ୍ତେବାସୀ ଓ କଟକ ଝାଞ୍ଜିରିମଙ୍ଗଳାସ୍ଥିତ ବ୍ରହ୍ମାକୁମାରୀ କେନ୍ଦ୍ରର କାର୍ଯ୍ୟକର୍ତ୍ତା ଉତ୍ସବ ପରିଚାଳନା କରିଥିଲେ।

## ଖୋର୍ଦ୍ଧା ମହୋତ୍ସବ-୨୦୨୫, ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଘାଟିତ

# ‘ମହୋତ୍ସବ ଗରିମାମୟ ସାମାଜିକ ଅଙ୍ଗ ଓ ଅସ୍ମିତାର ନିଦର୍ଶନ’



**ଖୋର୍ଦ୍ଧା,୧୬।୧୨/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧାର ଲଢୁଆ ପାଇକମାନଙ୍କ ବିତତ୍ୱ ସମଗ୍ର ରାଷ୍ଟ୍ର ଓ ଆନ୍ତରାଷ୍ଟ୍ରରେ ଅନନ୍ୟ। ଖୋର୍ଦ୍ଧା ମାଟିର ଜୋଗଜନ୍ମା ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ, ପିଣ୍ଡିକି ବାହୁବଳୀ, କୃତିବାସ ପାଟଶାଣୀଙ୍କ ଅବଦାନ ଖୋର୍ଦ୍ଧା ପାଇକ ମାଟିର ଗାଥା ବହନ କରେ। ଖୋର୍ଦ୍ଧା ବୟନ ଶିଳ୍ପର ଗନ୍ତାଘର। ୧୯୯୭ ଏବଂ ୧୯୯୮ ମସିହାରୁ ଉଦ୍ୟମ ହୋଇ ୨୦୦୦ ମସିହାରୁ ଖୋର୍ଦ୍ଧା ମହୋତ୍ସବ ଘାତ ପ୍ରତିଘାତ ସତ୍ତ୍ୱେ ଆଜି ୨୫ ବର୍ଷ ପୂର୍ତ୍ତି ପାଳନରେ ଖୋର୍ଦ୍ଧା ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତି, ସାମାଜିକ ମୂଲ୍ୟବୋଧ, ଅସ୍ମିତାର ନିଦର୍ଶନ ଯାହା ସମଗ୍ର ରାଷ୍ଟ୍ର ଓ ଅନ୍ତରାଷ୍ଟ୍ରରେ ପରିଚିତ ବୋଲି ଆଜି ସନ୍ଧ୍ୟାରେ ସମବାୟ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ତଥା ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଗ୍ରହ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ଘାଟନ କରିଥିଲେ। ମହୋତ୍ସବ ଆୟୋଜନ କମିଟି ନିୟୁ ଥିଙ୍କିଙ୍ଗ ଫୋରମର ସଭାପତି ଏବଂ ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍ଘାଟନୀ ସମାରୋହରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ସ୍ୱାଗତ ସମ୍ଭାଷଣ ଓ ମହୋତ୍ସବର ଦୀର୍ଘ ୨୫ବର୍ଷ ପୂର୍ତ୍ତିର ଇତିହାସ ସମ୍ବନ୍ଧରେ ବକ୍ତବ୍ୟ ରଖି ଚଳିତ ବର୍ଷ ମହୋତ୍ସବ ଯୁବ ପିଢ଼ିକୁ ଏବଂ ଖୋର୍ଦ୍ଧା ଜିଲ୍ଲାକୁ ବିକଶିତ ଜିଲ୍ଲା ସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନକୁ ଦିଗ ଦର୍ଶନ ଦେବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ଆଧୁନିକ ଖୋର୍ଦ୍ଧା ନିର୍ମାଣର ବିଦ୍ଧାଣି ଜିତେନ୍ଦ୍ରିୟ ନାଥ ମିତ୍ର, ସଭାପତି, ଜିଲ୍ଲାପରିଷଦ, ରୂପଶ୍ରୀ ରାଣୀ ଗୁମାନ ସିଂହ, ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ, ଖୋର୍ଦ୍ଧା ପୌର ପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ସମାଜସେବୀ ନିକୁଞ୍ଜ ପଟ୍ଟନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ବାସନ୍ତୀ ମହାପାତ୍ର ପ୍ରମୁଖ ଖୋର୍ଦ୍ଧା ଜିଲ୍ଲାର ଐତିହ୍ୟ ଓ ସଂସ୍କୃତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥି ପରିଚୟ ମହୋତ୍ସବ କମିଟି ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟି ପ୍ରଦାନ କରିଥିଲେ। ପରେ ଅତିଥି ମାନଙ୍କୁ ମହୋତ୍ସବ ସ୍ମୃତି ଫଳକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ସାଂସଦଙ୍କ ପ୍ରତିନିଧି ଦିଲ୍ଲିପ କୁମାର ହୋତା, ବହୁ ଜନପ୍ରତିନିଧି, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ଗଣମାଧ୍ୟମ ପ୍ରତିନିଧି ବୃନ୍ଦ, ବୁଦ୍ଧିଜୀବୀ ବହୁ ସଂଖ୍ୟାରେ ଯୋଗଦେଇଥିଲେ।

# ଓଷ୍ଟା ପକ୍ଷରୁ ବ୍ଲକ୍‌ସ୍ତରୀୟ ଶିଶୁଉତ୍ସବ



**ଓଡ଼ଗାଁ,୧୬।୧୨/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ନନ୍ଦିଘୋର ଜବାହରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଓଡିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ୪୨ତମ ଓଡ଼ଗାଁ ବ୍ଲକସ୍ତରୀୟ ଶିଶୁ ଉତ୍ସବ -୨୦୨୫ ଅନୁଷ୍ଠିତ ହୋଇଯାଇଛି। ଶିଶୁ ହସିଲେ ଦୁନିଆ ହସେ,ଶିଶୁ ହସ୍ତରୁ ମୁକ୍ତା ବରଷେ ଶୀର୍ଷକ ଉପରେ ଆଲୋଚନା କରାଯିବା ସହିତ ଶିକ୍ଷକଙ୍କ ସମସ୍ୟା ଓ ଗୁଣାତ୍ମକ ଶିକ୍ଷା ଉପରେ ଅତିଥି ମାନେ ଗୁରୁତ୍ୱାରୋପ କରିଥିଲେ। ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଓଡ଼ଗାଁ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାଜକିଶୋର ସାହୁ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ନିମନ୍ତେ ଆଜିର ଶିଶୁଉତ୍ସବ ଏକ ବଡ଼ ପ୍ଲାଟଫର୍ମ ବୋଲି ମତପ୍ରକାଶ କରିଥିଲେ। ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସମ୍ପାଦକ ଭଗବାନ ସାହୁ, ସମ୍ମାନିତ ଅତିଥିଭାବେ ଏବିଇଓ ରଘୁନାଥ ମଲ୍ଲିକ ଓ ଅବସର ପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ଦାମୋଦର ଖିଲାର, ମୁଖ୍ୟବକ୍ତା ଭାବରେ ଡ. ଗୋବିନ୍ଦ ଚନ୍ଦ୍ର ଦାଶ, ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ଭାଷା ସାହିତ୍ୟ ବିଭାଗ, ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପ୍ରମୁଖ ମଞ୍ଚାସୀନଥିବା ବେଳେ ସଂପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ସ୍ୱାଇଁ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଦ୍ୱିତୀୟ ଅଧିବେଶନ ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟବକ୍ତା ଭାବେ ମାଣିକେଶ୍ୱର ସ୍ୱାଇଁ ରାଜ୍ୟ କାର୍ଯ୍ୟକାରିଣୀ ସମ୍ପାଦକ, ଓଷ୍ଟା, ଓଡ଼ିଶା, ସମ୍ମାନିତ ଅତିଥିଭାବେ ମାନସ କୁମାର ସାହୁ, ସମ୍ପାଦକ,ଓଷ୍ଟା, ନୟାଗଡ଼, ଓଷ୍ଟା କାର୍ଯ୍ୟକାରୀ ସଭାପତି ଘନଶ୍ୟାମ ରାଉତ, ଯୁଗ୍ମ ସମ୍ପାଦକ ପରମାନନ୍ଦ ଦଳେଇ, ଉପସଭାପତି ନିରାକାର ସ୍ୱାଇଁ, ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର,ରମେଶ ଚନ୍ଦ୍ର ପ୍ରଧାନ, ଦେବରାଜ ସ୍ୱାଇଁ,ତ୍ରିନାଥ ନାୟକ, ସୁନୀତା ବେହେରା ଓ ସିଆରସିସି ଗୋଦାବରୀ ବସନ୍ତିଆ ପ୍ରମୁଖ ଯୋଗଦାନ କରିଥିଲେ। ଦିବସ ବ୍ୟାପୀ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ତର୍କ, କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, ଆବୃତ୍ତି, ଗଳ୍ପ ଲିଖନ, କବିତା ରଚନା, ଏକକ ଅଭିନୟ, ଏକକ ନୃତ୍ୟ, ସାଧାରଣ ଜ୍ଞାନ ଓ କୁଇଜ୍ ଆଦି ପ୍ରତିଯୋଗିତା କରାଯାଇଥିଲା। ଏହାସହିତ ‘ଆମେ ଓ ଆମ ଓଡ଼ିଶା’ଶୀର୍ଷକ ଦଳଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ୧୦ଟି ପ୍ରତିଯୋଗିତାରୁ କେବଳ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀ ମାନେ ୨୨ ତାରିଖଦିନ ନୟାଗଡ଼ ଜିଲ୍ଲା ନବଘନପୁର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଘୋଷଣା କରାଯାଇଥିଲା। ଶିକ୍ଷକ ନିରାକାର ସ୍ୱାଇଁ ଓ ଗୋଦାବରୀ ବସନ୍ତିଆ ସଂଯୋଜନା କରିଥିବାବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ସ୍ୱାଇଁଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିବା ଜଣାପଡ଼ିଛି।

# ପୁରୀରେ ବଡ଼ଦିନ ଓ ନୂଆ ବର୍ଷ ପ୍ରସ୍ତୁତି ବୈଠକ



**ପୁରୀ,୧୬।୧୨/ଏନ୍‌ଏନ୍‌ଏସ୍:** ବଡ଼ଦିନ ଓ ନୂଆ ବର୍ଷରେ କେବଳ ସିଂହଦ୍ୱାର ଦେଇ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ପ୍ରବେଶ କରିବେ ଏବଂ ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିବେ। ପଞ୍ଚୁକ ସମୟରେ ଏହି ବ୍ୟବସ୍ଥା ଅନୁସାରେ ଶ୍ରଦ୍ଧାଳୁ ମାନେ ଶୃଙ୍ଖଳିତ ଭାବେ ଦର୍ଶନ କରିଥିଲେ। ତେଣୁ ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ସୁବିଧା ପାଇଁ ଏହା କରାଯିବ ବୋଲି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସୂଚନା ଦେଇଛନ୍ତି। ଆଜି ଅପରାହ୍ନରେ ସର୍କିଟ ହାଉସ ଠାରେ ଆଗାମୀ ବଡଦିନ ଓ ନୂଆ ବର୍ଷ ସମୟରେ ଶୃଙ୍ଖଳିତ ଦର୍ଶନ ଓ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଶ୍ରୀ ପରିଡା ଏଥିରେ ଅଧ୍ୟକ୍ଷତା କରିବା ସହ ବର୍ଷ ଶେଷ ସହିତ ଛୁଟି ଦିନ ରହୁଥିବାରୁ ବଡଦିନ ଓ ନୂଆ ବର୍ଷ ରେ ମହାପ୍ରଭୁଙ୍କ ଦର୍ଶନ ନିମିତ୍ତ ଲୋକ ମାନଙ୍କ ର ଗହଳି ହୋଇଥାଏ। ତେଣୁ ଶୃଙ୍ଖଳିତ ଦର୍ଶନ ସହ ସୁରକ୍ଷା ବ୍ୟବସ୍ଥା, ଆଇନ ଶୃଙ୍ଖଳା, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ଯୋଗାଣ, ଗମନାଗମନ, ଟ୍ରାଫିକ ନିୟନ୍ତ୍ରଣ, ସ୍ୱଚ୍ଛତା ଇତ୍ୟାଦି ଅତ୍ୟାବଶ୍ୟକୀୟ ବ୍ୟବସ୍ଥା ପାଇଁ ପରାମର୍ଶ ଦେଇଥିଲେ। ଶ୍ରଦ୍ଧାଳୁ ମାନଙ୍କ ଦର୍ଶନ ପାଇଁ ବ୍ୟାରିକେଡ ବ୍ୟବସ୍ଥା ହୋଇ ଥିବାରୁ ପାନୀୟ ଜଳ ପ୍ରଦାନ ବ୍ୟବସ୍ଥା ମନ୍ଦିର ଭିତରେ ଓ ବାହାରେ କରାଯିବ। ଅଗ୍ନି ଶମ ବିଭାଗ ପକ୍ଷରୁ କୌଣସି ଦୁର୍ଘଟଣା ପାଇଁ ପ୍ରସ୍ତୁତ ରହିବା, ସମୁଦ୍ର ନିକଟରେ ଆନୁସଙ୍ଗିକ ସୁରକ୍ଷା ବ୍ୟବସ୍ଥା, ଲାଇଫଗାର୍ଡ ମୁତୟନ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।ନୀତି କାନ୍ତି ସଠିକ ସମୟରେ ପରିଚାଳନା ପାଇଁ ଜିଲ୍ଲାପାଳ ଶ୍ରୀମନ୍ଦିର ପ୍ରଶାସନ କୁ ପରାମର୍ଶ ଦେଇଥିଲେ। ଯାହା ଫଳରେ ଦର୍ଶନ ଯଥା ଶୀଘ୍ର ତ୍ୱରାନ୍ୱିତ ହୋଇ ପାରିବ। ସେହିପରି ପାନୀୟ ଜଳ ଓ ଶୌଚାଳୟ ପାଇଁ ୱାଟକୋ, ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ସିଡିଏମଓ, ସ୍ୱଚ୍ଛତା, ପରିଷ୍କାର ପରିଚ୍ଛନ୍ନତା ଓ ଶୌଚାଳୟ ପାଇଁ ପୁରୀ ପୌରପାଳିକା, ଶ୍ରଦ୍ଧାଳୁ ଙ୍କୁ ବିବିଧ ସୂଚନା ପ୍ରଦାନ ପାଇଁ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଟ୍ରାଫିକ ନିୟନ୍ତ୍ରଣ, ଶୃଙ୍ଖଳା ରକ୍ଷା ପାଇଁ ଆରକ୍ଷୀ ବିଭାଗ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ଟିପିସିଓଡିଏଲ, ପାର୍କିଂ ସ୍ଥଳ ଓ ଯାନବାହନ ନିୟନ୍ତ୍ରଣ ପାଇଁ ଆରଟିଓ, ବ୍ୟାରିକେଡ ନିର୍ମାଣ, ଆବଶ୍ୟକ ଅନୁସାରେ ରାସ୍ତା ମରାମତି ପାଇଁ ପୂର୍ତ୍ତ ବିଭାଗ ଉପଯୁକ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହା ଏକ ସାମୁହିକ କାର୍ଯ୍ୟକ୍ରମ। ଏହାକୁ ସମ୍ମିଳିତ ସହଯୋଗ ରେ ସଫଳ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ଅନ୍ୟ ଦିନ ମାନଙ୍କ ଅପେକ୍ଷା ଛୁଟି ଦିନ ପଡୁଥିବା ରୁ ବଡଦିନ ଓ ନୂଆ ବର୍ଷରେ ବ୍ୟାପକ ଗହଳି ର ଆଶା କରାଯାଉଛି। ଆଇନଶୃଙ୍ଖଳା ରକ୍ଷା, ପାର୍କିଂ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ଧାଡିରେ ଥିବା ଶ୍ରଦ୍ଧାଳୁ ଙ୍କୁ ନିୟନ୍ତ୍ରଣ, ସମୁଦ୍ର କୂଳରେ ସୁରକ୍ଷା ବ୍ୟବସ୍ଥା ଇତ୍ୟାଦି ପାଇଁ ପୋଲିସ ବିବିଧ ପଦକ୍ଷେପ ନେଇଛନ୍ତି। ଏଥିସହ ଶ୍ରଦ୍ଧାଳୁଙ୍କୁ ସୂଚନା ପ୍ରଦାନ ଓ ସଚେତନତା ପାଇଁ ସାଇନଏଜ ବିଭିନ୍ନ ସ୍ଥାନରେ ଲଗାଯିବ। ତେବେ ନିତି ଠିକ ସମୟରେ ସମ୍ପାଦନ ପାଇଁ ମନ୍ଦିର କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବେନ୍ଦ୍ର ନାଥ ସାହୁ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପିକେଡିଏ ସଚିବ ଦିଲ୍ଲିପ କୁମାର ମହାରଣା, ସିଡିଏମଓ ଡା. ଅକ୍ଷୟ କୁମାର ଶତପଥୀ, ଅତିରିକ୍ତ ଏସପି ଦେବୀ ଶଙ୍କର ପ୍ରତାପ, ସଚିବ ପାଟିଲ, ସୌମ୍ୟରଞ୍ଜନ ମଲ୍ଲିକ, ସହକାରୀ ପ୍ରଶାସକ ରଞ୍ଜନ କୁମାର ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀମାନେ ଯୋଗ ଦେଇଥିଲେ।

# ଆଦର୍ଶ ବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ




**ଖଣ୍ଡପଡ଼ା,୧୬।୧୨/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ସହରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଗତ ୨ଦିନ ଧରି ମଧୁବନ ମିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଶୁଭଲକ୍ଷ୍ମୀ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଖେଳକୁଦ, ଦୌଡ଼ ପ୍ରଭୃତି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ଏସଡିପିଓ ମଦନମୋହନ ପ୍ରଧାନ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ଅବସରରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଆୟୋଜିତ ଉତ୍ସବରେ ପୁରସ୍କାର ବିତରଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଆରସିସି ନାରାୟଣ ଦାଶ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ବରିଷ୍ଠ ଶିକ୍ଷକ ବିଦ୍ୟାଧର ମହାରଣା, ମନୋଜ କୁମାର ବିଶ୍ୱାଳଙ୍କ ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀମାନେ କ୍ରୀଡା ପ୍ରତିଯୋଗିତା ଓ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ପ୍ରକାଶଥାଉ କି ଆଦର୍ଶ ବିଦ୍ୟାଳୟ ପରିସରରେ କ୍ରୀଡାଙ୍ଗନଟିଏ ନଥିବାରୁ ଛାତ୍ରଛାତ୍ରୀ ଖେଳକୁଦ ନିମନ୍ତେ ବର୍ଷ ତମାମ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ଏଥିପ୍ରତି ପ୍ରଶାସନ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଖଣ୍ଡପଡ଼ା ବିଧାୟକ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ‘ରେକି’ ପକ୍ଷରୁ ଜନସଚେତନତା




**ଓଡ଼ଗାଁ,୧୬।୧୨/ଏନ୍‌ଏନ୍‌ଏସ୍:** ନିଜ ଉପରେ ଆତ୍ମବିଶ୍ୱାସ ରହିଲେ ସବୁ ସମ୍ଭବ ବୋଲି ‘ରେକି’ ପକ୍ଷରୁ ସଚେତନ କରାଯାଇଛି। ଓଡ଼ଗାଁ ସରକାରୀ କଲ୍ୟାଣମଣ୍ଡପ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକାକି ବସି ଧ୍ୟାନକରିବା ଦ୍ୱାରା ଦୂରଦୃଷ୍ଟିକୁ ଅନୁଭବ କରିହୁଏ। କେବଳ ଧ୍ୟାନଦ୍ୱାରା ଦୂରଦୃଷ୍ଟି ହୋଇପାରିବ ତାହା ନୁହେଁ ସ୍ୱାସ୍ଥ୍ୟ ଏବଂ ବିଭିନ୍ନ ସମସ୍ୟା କ୍ଷେତ୍ରରେ ମଧ୍ୟ ସୁଧାର ଆସିଥାଏ ବୋଲି ‘ରେକି’ ପକ୍ଷରୁ କୁହାଯାଇଛି।ଆଜିକାଲି ବ୍ୟସ୍ତବହୁଳ ସମାଜରେ ସମସ୍ତଙ୍କ ପାଖରେ ସମୟର ଘୋର ଅଭାବ ରହିଛି।ସ୍ୱାସ୍ଥ୍ୟ ଖରାପ ହେଲେ ଡ଼ାକ୍ତରଙ୍କୁ ଫିସଦେଇ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ଓ ଔଷଧ କିଣି ଖର୍ଚ୍ଚାନ୍ତ ହେବା ଏକ ଅଭ୍ୟାସରେ ପରିଣତ ହୋଇଯାଇଛି। କିନ୍ତୁ ଧ୍ୟାନକରି ନିଜକୁ ସୁରକ୍ଷିତ ରଖିବାକୁ କାହାପାଖରେ ସମୟ ନଥାଏ।ଏଣୁ ଏବେ ‘ରେକି’କୁ ସମସ୍ତେ ଅନୁସରଣ କରିବାକୁ ବାର୍ତ୍ତା ଦିଆଯାଇଛି। ଯେ କୌଣସି ସମସ୍ୟା ‘ରେକି’ ଦ୍ୱାରା ସମାଧାନ ହୋଇପାରିବ ବୋଲି ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ବ୍ୟକ୍ତିମାନଙ୍କୁ ପରାମର୍ଶ ଦେଇଛନ୍ତି। ‘ରେକି’ ସ୍ୱୟଂ ଏମ୍ପାୟାରର ଗ୍ରାଣ୍ଡମାଷ୍ଟର ଦେବସ୍ମିତା ବେହେରା, ଶାଶ୍ୱତୀ ଆଚାର୍ଯ୍ୟ ଓ ଓଡ଼ଗାଁ ସ୍ୱୟଂ ଏମ୍ପାୟାରର ଡ଼ାଇରେକ୍ଟର ଅନୁପା ମହାପାତ୍ର ଲୋକମାନଙ୍କୁ ଏହି ପରାମର୍ଶ ଦେଇଥିବା ବେଳେ ଏଥିରେ ଶହେରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ, ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ଅଂଶଗ୍ରହଣ କରିଥିବା ଜଣାପଡ଼ିଛି।

# ବଚନ ସ୍ମାରକୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍: ସିଆର୍‌ଆର୍‌ଆଇ ବିଜୟୀ

**ନିଶ୍ଚିନ୍ତକୋଇଲି,୧୬।୧୨/ଏନ୍‌ଏନ୍‌ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ ପିପି କଲେଜ ଖେଳ ପଡ଼ିଆ ପରିସରରେ କଟକ ଜିଲ୍ଲା ସଂସଦ ଆନୁକୂଲ୍ୟରେ ଓ ମାହାଙ୍ଗା ଆଥଲେଟିକ୍ ଆସୋସିଏସନ ସହଯୋଗରେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ବଚନ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ-୨୦୨୫ ୨ୟ ଦିବସ ଶତାଧିକ ଦର୍ଶକଙ୍କ ଭିଡ଼ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ୨ୟ ଦିନର ଏହି ଖେଳକୁ ଜାତୀୟ ଫୁଟବଲ ଖେଳାଳି ରଂଜିତ ଇଗ୍ନୀଶୀୟ ସଟୀକା, କ୍ରୀଡ଼ା ସଂଗଠକ ସହଦେବ ରାଉତ, ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡ଼ଃ ତରୁଲତା ଦେବୀ, ବ୍ଲକ ଉପାଧ୍ୟକ୍ଷ ନୃସିଂହଚରଣ ମିଶ୍ର, ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁ, କୈଳାସ ବେହେରା, ପିତାମ୍ବର ମହାନ୍ତି, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର କୁମାର ସାହୁ ପ୍ରମୁଖ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି ଖେଳରେ ସିଆର୍‌ଆର୍‌ଆଇ କ୍ଲବ ଓ ଜଲୁକା ୟୁଥ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ବେଳେ ସିଆର୍‌ଆର୍‌ଆଇ କ୍ଲବ ଓ ଜଲୁକା ୟୁଥ୍ କ୍ଲବକୁ ୫-୦ ଗୋଲରେ ପରାସ୍ତ କରି ବିଜୟୀ ଲାଭ କରିଥିଲା। ଶ୍ରେଷ୍ଠ ଖେଳାଳି ଭାବେ ସାହେବ୍ ସୋରେନ୍‌ଙ୍କୁ ପୁରସ୍କୃତ କରାଯାଇଥିଲା।

## ଜାନକୀ ପାଢ଼ୀ ସ୍ମାରକୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍

# ଟାଇବ୍ରେକର୍‌ରେ ଅହମଦିଆନ୍ କ୍ଲବ ବିଜୟୀ



**ବୋଲଗଡ଼,୧୬।୧୨/ଏନ୍‌ଏନ୍‌ଏସ୍:** ବୋଲଗଡ଼ ଫ୍ରେଣ୍ଡସ କ୍ଲବ ଆନୁକୁଲ୍ୟରେ ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ଜାନକୀ ପାଢ଼ୀ ସ୍ମାରକୀ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଚତୁର୍ଥ ଲିଗ୍ ମ୍ୟାଚରେ ଆୟୋଜକ ଫ୍ରେଣ୍ଡସ କ୍ଲବକୁ ୫-୪ ଟାଇବ୍ରେକର ପେନାଲ୍ଟି ଗୋଲରେ ହରାଇ ଖୋର୍ଦ୍ଧା କେରଙ୍ଗର ଅହମଦିଆନ କ୍ଲବ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଖେଳଶେଷ ସୁଦ୍ଧା କେହି କାହାରିକୁ ଗୋଲ ଦେଇପାରିନଥିଲେ। ଆଜିର ଖେଳକୁ ମୁଖ୍ୟରେଫରୀ ଭାବେ ଏମ୍‌ଏସ ବେଗ ପରିଚାଳନା କରିଥିବା ବେଳେ ଲାଇନସରେ ଲକ୍ଷ୍ମୀଧର ଚୌଧୁରୀ ଓ ବୈକୁଣ୍ଠ ମହାପାତ୍ର ସହାୟତା କରିଥିଲେ। ଚତୁର୍ଥ ରେଫରି ଭାବେ ଭଞ୍ଜକିଶୋର ଯତି ଦାୟିତ୍ୱ ନିର୍ବାହ କରିଥିଲେ। ଅତିଥି ଭାବେ ବରିଷ୍ଠ ସମାଜସେବୀ ବାସୁଦେବ ସାହୁ, ଶିଳ୍ପପତି ଭାଗ୍ୟଧର ବେହେରା ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଅମୂଲ୍ୟ ବାହିନୀପତି ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଫ୍ରେଣ୍ଡସ କ୍ଲବ୍ ସଦସ୍ୟମାନେ ଖେଳ ପରିଚାଳନାରେ ସହଯୋଗ କରୁଥିଲେ। ବୁଧବାର ପ୍ରଥମ ସେମିଫାଇନାଲରେ ଖୋର୍ଦ୍ଧା ପାଇକତିଗିରିଆ ଏଜେକ୍ଲବ ଓ ଖଣ୍ଡପଡ଼ା ବାଇଗୁଣିଆର ୱାଇଏସସି ଟିମ୍ ମଧ୍ୟରେ ମୁକାବିଲା ହେବ ବୋଲି ଆୟୋଜକ ମାନେ ଜଣାଇଛନ୍ତି।

**ନିତି ଭାରତୀ**
ସବୁ ଧର୍ମ ଭିତରେ କିଛି ନା କିଛି ସତ୍ୟ ରହିଛି, କିନ୍ତୁ ସେଥି ମଧ୍ୟରୁ କୌଣସି ଗୋଟିଏ ଧର୍ମରେ ସବୁଯାକ ସତ୍ୟ ନାହିଁ। - ଶ୍ରୀ ଅରବିନ୍ଦ

ନିତିଦିନ NITIDIN
ବୁଧବାର , ୧୭ ଡିସେମ୍ବର, ୨୦୨୫

# ଝିଅମାନେ ନାହିଁ କହିବା ଶିଖନ୍ତୁ



ବିଶ୍ୱରଂଜନ ଦାସ

ନିଜକୁ 'ଅବଳା' ଭାବି ସବୁ କଥାରେ ମଉନ ରହିବାର ଦିନ ଶେଷ ହୋଇ ସାରିଛି। ମନ ଓ ବିବେକକୁ ଯଦି ସଜାଡି ଭାବ ଆସୁଛି, ତାହା ହୁଏତ ଅଲଗା କଥା। ହେଲେ ଅନେକ କ୍ଷେତ୍ରରେ ଭୟ ବା ଆଶଙ୍କାରୁ ସମ୍ପ୍ରତି ଲକ୍ଷଣ ପ୍ରକାଶ ପାଉଥିବାରୁ ଝିଅମାନେ ନିଜ ଜୀବନ ପାଇଁ ବିପଦକୁ ଆହ୍ୱାନ କରୁଛନ୍ତି। କ୍ଷେତ୍ରବିଶେଷରେ ଝିଅମାନେ ସ୍ପଷ୍ଟବାଦୀ ହେବା ଶ୍ରେୟସ୍କର। ଅନ୍ୟାୟକୁ 'ନାହିଁ' କହିବା ତଥା ନିଜ ଅଧିକାର ରକ୍ଷା କରିବା ଆଜିର ଉଚ୍ଚଶିକ୍ଷିତାଙ୍କ ପାଇଁ ଆହ୍ୱାନ। 'ନାହିଁ' କହିବା ଆଦୌ ହାସ୍ୟାସ୍ପଦ କଥା ନୁହେଁ। ଏହା ଆତ୍ମାଭିମାନର ପ୍ରଥମ ପଦକ୍ଷେପ। ସମାଜରେ ସମତା, ସୁରକ୍ଷା ଓ ସ୍ୱାଧୀନତା ସାବ୍ୟସ୍ତ ହେଲେ ଝିଅମାନେ ନିଜ କଥା ନିଜେ କହିବାର ସାହସ ରଖିବେ ଓ ଅନ୍ୟାୟ-ଅତ୍ୟାଚାର ପ୍ରସଙ୍ଗକୁ ନିର୍ଦ୍ଦୟ ଭାବେ ପ୍ରତ୍ୟାଖ୍ୟାନ କରି ପାରିବେ। ଝିଅଟିଏ ନିଜ ଅସ୍ତିତ୍ୱର ମୂଲ୍ୟ ବୁଝିଲେ ଯାଇଁ ସଶକ୍ତିକରଣ ସମ୍ଭବ ହୁଏ; ନଚେତ୍ ଏହା କେବଳ ଏକ ନାରାବାଜି ହୋଇ ରହିଯାଏ।

ଶିକ୍ଷାନୁଷ୍ଠାନ କେବଳ ବିଦ୍ୟାଧ୍ୟୟନ ବା ଜ୍ଞାନ ଲାଭର କେନ୍ଦ୍ର ନୁହେଁ; ଏହା ହେଉଛି ମୂଲ୍ୟବୋଧ, ସୁରକ୍ଷା, ନ୍ୟାୟର ନାଭିକେନ୍ଦ୍ର। ଯେଉଁ ଅନୁଷ୍ଠାନରେ ଛାତ୍ରୀମାନେ ନିରାପଦ, ସେଠାରେ ଶିକ୍ଷା ନିଶ୍ଚିତ ଭାବେ ଉନ୍ନତ। ଛାତ୍ରୀମାନଙ୍କର ସ୍ୱରକୁ ଯେଉଁଠି ସମ୍ମାନ ମିଳେ, ତାହାକୁ ସୁସ୍ଥ ଓ ପ୍ରଗତିଶୀଳ ସାମାଜିକ ପରିସର ଆଖ୍ୟାୟିତ କରାଯାଇ ପାରେ। ଯେଉଁଠି ନ୍ୟାୟିକ ସୁରକ୍ଷା ଓ ସାମାଜିକ ସମ୍ମାନବୋଧ ସୁନିଶ୍ଚିତ ହୃଦ୍‌ବୋଧ ହୁଏ, ସେଠାରେ ସାମଗ୍ରିକ ଭାବେ ଭବିଷ୍ୟତର ରୂପରେଖ ଉଜ୍ଜ୍ୱଳ ହୋଇ ଉଭା ହୁଏ। ତେବେ ଛାତ୍ରୀ ନିର୍ଯାତନା ପ୍ରସଙ୍ଗଟି କେବଳ ଆଜି ନୁହେଁ; ଅନେକ ପୂର୍ବରୁ ବି ଥିଲା। କିନ୍ତୁ ଏସବୁ ସେତେଟା ଲୋକଲୋଚନକୁ ଆସିପାରୁ ନଥିଲା। ନିର୍ଯାତିତା ଛାତ୍ରୀ ବିଭିନ୍ନ କାରଣରୁ ଚୁପ୍ ରହିଯିବା ଯୋଗୁଁ ଅଘଟଣଗୁଡ଼ିକ ଲୁଚି ଯାଉଥିଲା। ଏବେ ପ୍ରକାଶିତ ହେବାର ସୁଯୋଗ ସୃଷ୍ଟି ହେବାରୁ ଛାତ୍ରୀ ନିର୍ଯାତନା ମାମଲା ବଢ଼ିବା ପରି ଅନୁଭୂତ ହେଉଛି। ସମ୍ପ୍ରତି ଛାତ୍ରୀମାନେ ଆଇନ, ଅନୁଶାସନ, ଆନ୍ତଃ-ଅଭିଯୋଗ କମିଟି ଇତ୍ୟାଦି ସମ୍ବନ୍ଧରେ କ୍ରମଶଃ ସଚେତନ ହେଲେଣି। ସୋସିଆଲ ମିଡିଆ ଓ ଡିଜିଟାଲ ମାଧ୍ୟମ ହରକତ୍ ଭଳି ଘଟଣାଗୁଡ଼ିକୁ ବ୍ୟାପକ କରୁଛି। ଏଥି ସହିତ ଅନ୍‌ଲାଇନ୍ ମାଧ୍ୟମରେ ମେସେଜିଂ, ଫେକ୍ ଆଇଡି, ଏଡିଟିଂ, ସାଇବର ବୁଲିଂ, ମରଫିଙ୍ଗ, ବ୍ଲାକ୍‌ମେଲିଂ ଇତ୍ୟାଦି ନୂତନ ଧରଣର ଅପରାଧ ବଢ଼ିଛି। ସ୍ମାର୍ଟଫୋନ୍ ଧରୁଥିବା ସ୍କୁଲ୍-କଲେଜର ଛାତ୍ରୀମାନେ ଏହାର ସବୁଠୁ ଅଧିକ ଶିକାର ହେଉଥିବା ଦେଖିବାକୁ ମିଳୁଛି।

ପରିବାର ଓ ସମାଜରେ ବିଷମ ମନୋଭାବ, ଅର୍ଥାତ୍ 'ନାରୀ ପୁରୁଷ ସହ ସମାନ ନୁହେଁ'- ଏହି ଭାବନାଟି ଆଜି ସୁଦ୍ଧା ଅନେକଙ୍କ ଗୁପ୍ତ ଅବଚେତନ ମନରେ ବଳବତ୍ତର ରହୁଛି। ପୁରୁଷତାନ୍ତ୍ରିକ ଆକ୍ରମଣାତ୍ମକ ଭାବ ଓ 'ଛାତ୍ରୀ ଅବଳା'ର ଧାରଣା ସୁରକ୍ଷାହୀନତାକୁ ଉତ୍ତେଜିତ କରୁଛି। ଶିକ୍ଷାନୁଷ୍ଠାନରେ ସିସିଟିଭି, ଗାଇଡ୍‌ଲାଇନ୍, କାଉନ୍‌ସେଲିଂ, ଶିକ୍ଷକ ନିରୀକ୍ଷଣ, କ୍ୟାମ୍ପସ ପ୍ରବେଶ ପଥ ସୁରକ୍ଷା- ଇତ୍ୟାଦି ଯେଉଁଠି ଦୁର୍ବଳ, ସେଠାରେ ଆଇସିସି ଥିଲେ ବି ସକ୍ରିୟ ନଥାଏ କି 'ଗ୍ରିଭାନ୍ସ ସେଲ୍' ଓ 'ଜିରୋ ଟଲରେନ୍ସ' ପଲିସି ପ୍ରୟୋଗ ହୋଇପାରି ନଥାଏ। ଫଳତଃ, ଅପରାଧ ଦବିବା ପରିବର୍ତ୍ତେ ଅପରାଧୀ ନିର୍ଭୟରେ ତା' କାର୍ଯ୍ୟରେ ଆଗଭର ହୋଇ ଅଘଟଣମାନ ପୂର୍ବବତ୍ ଘଟାଇ ଚାଲୁଥାଏ। ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଅନେକଙ୍କର ମନସ୍ତାତ୍ତ୍ୱିକ ପରିପକ୍ୱତା ଆସି ନଥାଏ। ଛୋଟ ଛୋଟ ଆକ୍ରୋଶ, ଅସଭ୍ୟ ସଂସ୍କୃତି, ପର୍ଣ୍ଣୋଗ୍ରାଫିର ପ୍ରଭାବ ସେମାନଙ୍କ ମନରେ ବିକୃତ ଆଚରଣ ଜମାଟ ବାନ୍ଧିରଖେ। କେତେକ କୁସଙ୍ଗ ବନ୍ଧୁ ଅପରାଧ ଘଟାଇ ଥିବା ଛାତ୍ରକୁ 'ତୋର କିଛି ହେବନାହିଁ' ବୋଲି କହି ଯେଉଁ ଭାବ ବିଶ୍ୱାସ ଦିଅନ୍ତି, ତାହା ହିଁ ସବୁଠୁ ବଡ଼ ବିପଦ ସୃଷ୍ଟିକରେ। ଅପର ପକ୍ଷରେ, ମନୋବୈଜ୍ଞାନିକ ଦୃଷ୍ଟିରୁ ପରିବାରରେ ମୁକ୍ତ-ମନୋବିଚାର କ୍ଷେତ୍ରରେ ଅଭାବ ପରିଲକ୍ଷିତ ହୋଇଥାଏ। ଅନେକ ଝିଅ ନିଜ ଘରେ ନିଜର ସମସ୍ୟା କଥା ବି କହି ପାରନ୍ତି ନାହିଁ। ସେମାନଙ୍କୁ ଭ୍ରମ ସଂସ୍କାର ଦିଆ ଯାଇଥାଏ ଯେ ଚୁପ୍‌ଚାପ୍ ସହିଯିବା ହେଉଛି ସଭ୍ୟ ଆଚରଣ। କିନ୍ତୁ ଏପରି ହେଲେ ପରିସରରେ ଅପରାଧିକ ଭାବନା ଝୁଲି ହୋଇ ରହେ ଓ କେବେ ହ୍ରାସ ପାଏନାହିଁ।

ଆଜି ସଚେତନତା ବଢୁଛି, ଏହା ଏକ ଶୁଭ ସୂଚନା। କିନ୍ତୁ ତା' ସହ ମଧ୍ୟ ବଢୁଛି ନୂତନ ଅପରାଧର ଫର୍ମାଟ୍। କେବଳ ଯୁବ-ଛାତ୍ରମାନେ ଯେ ସହପାଠିନୀ କିମ୍ବା ନିମ୍ନ ଶ୍ରେଣୀରେ ଅଧ୍ୟୟନରତା ଝିଅଙ୍କ ପ୍ରତି ନକାରାତ୍ମକ




ମନୋଭାବ ପୋଷଣ କରନ୍ତି ତା' ନୁହେଁ; ପରିଣତ ବୟସର ଶିକ୍ଷକ ଓ ଅଧ୍ୟାପକମାନେ ନିଜ ପଦ ମର୍ଯ୍ୟାଦାର ଏରୁଣ୍ଡି ଡେଇଁ କ୍ଷମତାର ଅପବ୍ୟବହାର କରିଥାନ୍ତି। ମନ୍ଦ ମନୋଭାବ ରଖି ନୋଟ୍, ଆନ୍ତଃପରୀକ୍ଷା ମାର୍କ, ପ୍ରାକ୍ଟିକାଲ, ଅନୁମୋଦନ ପତ୍ର ଇତ୍ୟାଦିକୁ ଫାଇଦା ହାସଲ କରିବାର ଏକ ମାଧ୍ୟମ ଭାବେ ଗ୍ରହଣ କରନ୍ତି। ବିଭିନ୍ନ ପ୍ରକାର ଚାପ ଓ ଭୟରୁ ଛାତ୍ରୀମାନେ ବିରୋଧ କରି ପାରନ୍ତି ନାହିଁ। 'ମତେ କିଏ ବିଶ୍ୱାସ କରିବ', 'ମୋ ଚରିତ୍ର ସଂହାର ହେବ', 'ମୋ କ୍ୟାରିଅର୍ ନଷ୍ଟ ହୋଇଯିବ'- ଏହିସବୁ ଭୟ କାରଣରୁ ଅନେକ ଛାତ୍ରୀ ଚୁପ୍ ରହଯାନ୍ତି। କେତେକ ପୁରୁଷଙ୍କ ଅବଚେତନ ମନରେ ପୁରୁଣା ନାରୀ-ବିରୋଧୀ ମନୋଭାବ ପୁଞ୍ଜିଭୂତ ହୋଇଥାଏ; ଯଥା- 'ଅବଳାମାନେ ଚୁପ୍ ରୁହନ୍ତି', 'ଭବିଷ୍ୟତ ଭୟରେ କିଛି କରି ପାରନ୍ତି ନାହିଁ'- ଇତ୍ୟାଦି। ଏପରି ଭ୍ରାନ୍ତ ଧାରଣା ଶୋଷଣର ସ୍ୱରୂପକୁ ଦ୍ୱିଗୁଣିତ କରିଥାଏ।

ଶିକ୍ଷାର ମୂଳ ଉଦ୍ଦେଶ୍ୟ ହେଲା- ଚିନ୍ତା, ସମ୍ମାନ, ଦୟା ଓ ଦାୟିତ୍ୱବୋଧ ସୃଷ୍ଟି କରିବା। ନୈତିକ ଶିକ୍ଷାର ଅଧଃପତନ ଯୋଗୁଁ ଏହି ମୂଳ କଥାଟି ଅନେକଙ୍କ ମନରୁ ଅନ୍ତର୍ହିତ ହୋଇ ଯାଇଛି। ଯେଉଁ ଶିକ୍ଷାନୁଷ୍ଠାନରେ ଆଇସିସି କାର୍ଯ୍ୟକ୍ଷମ, ସେଠାରେ ଗୋପନ ଅଭିଯୋଗର ମଧ୍ୟ ତ୍ୱରିତ ତଦନ୍ତ ଓ କଠୋର ପଦକ୍ଷେପ ନିଆ ଯାଇଥାଏ। ଛାତ୍ରୀମାନେ କେଉଁଠି ଓ କାହା ପାଖରେ ଅଭିଯୋଗ କଲେ ସେମାନଙ୍କ ସୁରକ୍ଷା ଦିଗଟି ନିର୍ଭରକାମୀ ହେବ, ସେ ସମ୍ପର୍କରେ ସ୍ପଷ୍ଟ ଜ୍ଞାନ ରହିବା ଦରକାର। ଏଣୁ ସମସ୍ତେ ହେଲ୍ପଡେସ୍କ, ହେଲ୍ପଲାଇନ, ଆଇସିସି ମେଲ୍-ଆଇଡି, କ୍ଷେତ୍ର ଅଧିକାରୀଙ୍କ ଯୋଗାଯୋଗ ନମ୍ବର ସ୍ପଷ୍ଟ ଭାବେ ରଖିବା ଜରୁରୀ। ଶିକ୍ଷକ ବା ଅଧ୍ୟାପକମାନଙ୍କ ଦାୟିତ୍ୱରେ ରହୁଥିବା ମାର୍କ ତଥା ଏକାଡେମିକ୍ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ ପାଇଁ ଏକକ ମୂଲ୍ୟାୟନ ଧାରା ହ୍ରାସ କରି ସମୂହ ପରୀକ୍ଷକଙ୍କୁ ନେଇ ମୂଲ୍ୟାଙ୍କନ ପ୍ରକ୍ରିୟା କରାଇବା ଜରୁରୀ। ଏଥି ସତ୍ତ୍ୱେ ଯଦି ଅପରାଧ ପ୍ରମାଣିତ ହୁଏ, ତେବେ ସସ୍‌ପେନ୍‌ସନ୍, ଟର୍ମିନେସନ୍, କ୍ରିମିନାଲ ଆକ୍ଟ ଓ ପିଓଏସଏଚ୍ ଭଳି ଦୃଢ଼ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ।

ଶିକ୍ଷକ ଏକ ସମ୍ମାନସ୍ପଦ ପଦ। ଶିକ୍ଷାଦାନ ଏକ ପବିତ୍ରତମ କର୍ମ। ଯେଉଁମାନେ ପଦ ମର୍ଯ୍ୟାଦାର ଅପବ୍ୟବହାର କରନ୍ତି, ସେମାନଙ୍କୁ ଆଇନ ପରିଷଦ ଦ୍ୱାରା କଠୋର ଦଣ୍ଡ ଦିଆଯିବା ଆବଶ୍ୟକ। ନହେଲେ ଶିକ୍ଷାନୁଷ୍ଠାନର ପବିତ୍ରତା ଓ ଛାତ୍ରୀ ନିରାପତ୍ତା ପ୍ରତି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେବା ଅବଶ୍ୟମ୍ଭାବୀ। ଅନେକ ସମୟରେ ଲୋକେ ପଦ ପଦବୀର ଦୁରୁପଯୋଗ କରି ସୀମା ଉଲ୍ଲଙ୍ଘନ କରିଥାନ୍ତି। ନିଜକୁ ଯୁବକ ଭାବି ତରୁଣୀଙ୍କ ଆଗରେ ବୟସ କମାଇ ଦେଖାଇବା, ଅନ୍ୟର ସମ୍ମାନ ଲୁଟି କମ୍ ବୟସ୍କଙ୍କୁ ନିୟନ୍ତ୍ରଣ କରିବା ଓ ଆପଣାକୁ 'ଶ୍ରେଷ୍ଠ' ବିବେଚିତ କରିବା ଓ 'ମୋର କିଏ କ'ଣ କରିବ, ମୁଁ ଯାହା ଚାହିଁବି, ସେଇଟା ହେବ; ମୁଁ ପ୍ରତିଷ୍ଠିତ ହେତୁ ସମାଜ ମୋ ସପକ୍ଷରେ ହିଁ ରହିବ'- ଏମିତି ଅହମିକାପୂର୍ଣ୍ଣ ଅଧିକାର ଧାରଣା ଏକ ରୋଗ ପରି କାର୍ଯ୍ୟ କରିଥାଏ। ପରିଣତଙ୍କର ଏହି ବ୍ୟବହାରକୁ ମନୋବିଜ୍ଞାନରେ 'ଲେଟ୍ ଲାଇଫ୍ ନାର୍ସିସିଜମ୍' ବୋଲି କୁହାଯାଏ ଓ ଏହା ଏକ ମାନସିକ ବିକୃତି ବ୍ୟତୀତ ଅନ୍ୟ କିଛି ନୁହେଁ। କେତେକ ମଧ୍ୟ ଭାବନ୍ତି, 'ବଞ୍ଚିଥିବା ବେଳେ ଆଉ କିଛି ରସପ୍ରାପ୍ତି କରିଯିବୁ'- ଏହା ହେଉଛି ଏକ ପ୍ରକାର ଅସ୍ଥିର ଓ ଅନିୟନ୍ତ୍ରିତ ମନୋଦଶା। ଏ ଧରଣର ଲୋକେ ଗୋପନରେ ଦୀର୍ଘ ଦିନ ଧରି ଅନୈତିକ କାର୍ଯ୍ୟକଳାପରେ ଅଭ୍ୟସ୍ତ ଥାଆନ୍ତି। ଏଣୁ ବୟସ ବଢ଼ିଲେ ମଧ୍ୟ ସେମାନଙ୍କର ଅଭ୍ୟାସ ତଥା ବ୍ୟବହାରରେ ପରିବର୍ତ୍ତନ ହୁଏନାହିଁ। ତେବେ ଏସବୁ କ୍ଷେତ୍ରରେ ଝିଅଟିଏ କ'ଣ କରିବା ଆବଶ୍ୟକ? ମେସେଜ୍, କଲ୍ ଲଗ୍, ସ୍କ୍ରିନସଟ୍ ପ୍ରଭୃତି ପ୍ରମାଣ ସଂରକ୍ଷିତ କରି ରଖିବା ଦରକାର। ନିଜର ବିଶ୍ୱସ୍ତ ତଥା ଅତି ପରିଚିତ, କାହାକୁ ଏସବୁ ବିଷୟରେ ଅଳ୍ପ ଟିକେ ହେଉ ପଛେ ସୂଚନା ଦେବା ଉଚିତ। ଅନୁଷ୍ଠାନର ଆଇସିସି ଅଧକ୍ଷ, ସାଇବର କ୍ରାଇମ୍ ଅବା ଥାନାରେ ଅଭିଯୋଗ ଜଣାଇବା ଆବଶ୍ୟକ। ଅନ୍ୟର ଆକ୍ରୋଶକୁ କେବେ ନିଜର ଦୋଷ ଭାବିବା ଚୁପ୍ ରହିଯିବା ଉଚିତ ନୁହେଁ।

ଶିକ୍ଷାଳୟରେ ସତ୍ୟ, ଆଦର୍ଶ, ଦୟା ଓ ନୈତିକତାର ପାଠ ପଢ଼ା ଯାଇଥାଏ। କିନ୍ତୁ ବାସ୍ତବରେ ନିଜ ଜୀବନରେ ଏସବୁକୁ କିପରି ପ୍ରୟୋଗ କରିବେ; ଏହା କେହି କୁହନ୍ତିନି। ଭଲ ପରୀକ୍ଷା ଫଳ ପାଇଁ ପିଲାମାନେ ଉତ୍ତର ଘୋଷି ଖାତାରେ ଲେଖନ୍ତି, କିନ୍ତୁ ନୈତିକ ମୂଲ୍ୟ ନିଜ ବ୍ୟବହାରରେ ପ୍ରବେଶ କରିପାରେ ନାହିଁ। ନୈତିକ ଶିକ୍ଷା ପାଠ୍ୟକ୍ରମ ରହିଛି, କ୍ଲାସ୍ ପିରିୟଡ୍ ଅଛି, କିନ୍ତୁ ଶିକ୍ଷକମାନେ ଏହାକୁ ଏକ 'ଫ୍ରି-ପିରିଅଡ୍' ବୋଲି ଭାବନ୍ତି। କୌଣସି ପ୍ରକାର ଆଚରଣ ଶୁଦ୍ଧି-ମୂଳକ ଶିକ୍ଷା ନାହିଁ। ପରୀକ୍ଷା ସମାପ୍ତ ତ ନୈତିକତା ପାଠ ବି ଶେଷ। ପାଠକୁ କେବଳ ପଢ଼ି ପକାଇଲେ ନୈତିକତା ସୃଷ୍ଟି ହୋଇଯାଏ ନାହିଁ; ଦେଖିଲେ, ଅନୁଭବ କଲେ ଓ ଅନୁସରଣ କଲେ, ତାହା ଆସେ। ସମ୍ପ୍ରତି ଗୃହାଳୟ ଓ ଶିକ୍ଷାଳୟ ମଧ୍ୟରେ ସମନ୍ୱୟର ଅଭାବ ପରିଲକ୍ଷିତ। ଆଜିର ଅଭିଭାବକମାନେ ପିଲାଙ୍କ ପାଖରୁ କେବଳ ନମ୍ବର ଚାହୁଁଛନ୍ତି, କିନ୍ତୁ ଚରିତ୍ରବତ୍ତା ଉପରେ ଜୋର୍ ଦେଉ ନାହାନ୍ତି। ପୂର୍ବରୁ ଶିକ୍ଷା ଥିଲା ଦଣ୍ଡମୂଳକ। ଶିକ୍ଷାର୍ଥୀକୁ ଆକଟ କଲେ ତା' ଅନ୍ତରରେ ମୂଲ୍ୟବୋଧ, ସହାନୁଭୂତି ଓ ଦାୟିତ୍ୱବୋଧ ବଢୁଥିଲା। କିନ୍ତୁ କାଳକ୍ରମେ ଦଣ୍ଡ ବିଧାନକୁ ଅପରାଧ ବିବେଚନା କରାଗଲା। ଶିକ୍ଷାଳୟରୁ ନିୟମ ଓ ଶିଷ୍ଟାଚାର ଶିକ୍ଷା କମିଯିବା ଫଳରେ ପିଲାଏ ସ୍ୱାଧୀନତାକୁ ଅନୁଶାସନହୀନତା ବୋଲି ଭାବି ବସିଲେ।

ଏହା ଅପ୍ରିୟ ସତ୍ୟ ଯେ କେତେକ କ୍ଷେତ୍ରରେ ଝିଅମାନେ ବିପଦାପନ୍ନ ହେବା ମୂଳରେ ବି ଝିଅମାନଙ୍କର ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ପୂର୍ବେ ସଂସ୍କାର-ଲଜ୍ଜା-ସଂଯମ; ଏସବୁ ଚରିତ୍ର ଗଠନର ପରିମାପକ ଥିଲା। କିନ୍ତୁ ଆଜି ଏସବୁକୁ 'ଗତ ଦିନର କଥା' ଓ 'ସ୍ୱାଧୀନତା ପ୍ରତି ସଂକଟ' ଭାବେ ଗ୍ରହଣ କରାଯାଉଛି। ଆଜି ସମାଜରେ ଉପଭୋକ୍ତାବାଦୀ ଦୃଷ୍ଟିଭଙ୍ଗୀ ବଢ଼ିଛି। ଦେହ ଭୋଗବାଦୀ ପ୍ରକ୍ରିୟା ଫଳରେ ପୁରୁଷଙ୍କୁ ଆକର୍ଷିତ କରି ସ୍ୱାର୍ଥସାଧନ ଓ ନିୟନ୍ତ୍ରଣ କରି ରଖିବା ଆଜିର ନାରୀ ପାଇଁ ଏକ 'ସାଧାରଣ କଥା' ହୋଇ ଯାଇଛି। ଅନେକ ଯୌନତାକୁ ବଦଳାଇ ଦେବା ସମ୍ପର୍କିତ ଏକ ବସ୍ତୁ ବୋଲି ମଧ୍ୟ ନୂଆ ଧାରଣାର ବଶବର୍ତ୍ତୀ ହେଉଛନ୍ତି। ଲୋକଲଜ୍ଜା, ନୈତିକ ଭୟ ଓ ଆଧ୍ୟାତ୍ମିକତାର ଅବକ୍ଷୟ ଆଜି ଆମ ଧର୍ମ, ନୈତିକତା, ଆତ୍ମ-ନିୟନ୍ତ୍ରଣ, ସଂସ୍କାର ଓ ପାରମ୍ପରିକ ବିଶ୍ୱାସକୁ ଦୁର୍ବଳ କରି ଦେଉଛି। ଏଣୁ, ଆଜିର ସମାଜ-ଜୀବନ ପରିପ୍ରେକ୍ଷୀରେ ଛାତ୍ରୀମାନେ ନିଜ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି କରାନ୍ତୁ। 'ମୁଁ କାହାଠାରୁ କମ୍ ନୁହେଁ'- ଏହି ଚିନ୍ତାଧାରା ମନରେ ଆଣନ୍ତୁ। ନିଷ୍ପତ୍ତିରେ ଦୃଢ଼ତା ଓ ଆତ୍ମରକ୍ଷା ଜ୍ଞାନ ବୃଦ୍ଧି କରି ପାରିଲେ ପ୍ରଲୋଭନର ଅସ୍ତ୍ର ଭାଙ୍ଗିଯିବ। ସୁତରାଂ, ଛାତ୍ରୀ ଆତ୍ମରକ୍ଷା କୌଶଳ କହିଲେ କେବଳ ଶାରୀରିକ ସାମର୍ଥ୍ୟ ନୁହେଁ, ନିଜ ଦେହ, ମନ, ନିଷ୍ପତ୍ତି ସବୁ ଉପରେ ନିଜର ଅଧିକାର।

ଏଣୁ, ଝିଅମାନେ ଏବେଠୁ 'ନାହିଁ' କହିବା ଶିଖନ୍ତୁ। କୁହନ୍ତୁ, ମୁଁ ଆଇସ୍କ୍ରିମ୍ ଖାଏନି। ମୋତେ ଚକୋଲେଟ୍ ଭଲ ଲାଗେନି। ନାଇଁ, ମୋତେ ଏକଥା ପସନ୍ଦ ନୁହେଁ। ନାଇଁ, ଏହା ମୋ ପାଇଁ ଠିକ୍ ନୁହେଁ। ନାଇଁ, ମୁଁ ଏ ପ୍ରସ୍ତାବ ମାନି ପାରିବି ନାହିଁ ଇତ୍ୟାଦି- ସିଧା ସିଧା ଓ ସଫା କଥା କହିବାର ସାହସ ହିଁ ଝିଅମାନଙ୍କୁ ସକଳ ପ୍ରବଞ୍ଚନାରୁ ରକ୍ଷା କରି ପାରିବ ବୋଲି ବିଶ୍ୱାସ।■

**ବିଭାଗ ମୁଖ୍ୟ ଅଧ୍ୟାପକ (ଓଡ଼ିଆ)**
**ବିଏନଏମଏ କଲେଜ, ପାଳିଆବିନ୍ଧା, ଭଦ୍ରକ,**
**ମୋ: ୬୩୭୧୪୩୦୫୬୩**

# ବିଜେପି: ନୂଆ ଚେହେରା ସହିତ ଯାତ୍ରା

ରାଷ୍ଟ୍ରୀୟ ସଭାପତି ପାଇଁ ବିଜେପିର ଅନ୍ୱେଷଣରେ ପରିସମାପ୍ତି ଘଟିଛି ବିହାରର ଜଣେ ମନ୍ତ୍ରୀ ନୀତିନ ନବୀନଙ୍କୁ ଏହାର କାର୍ଯ୍ୟକାରୀ ସଭାପତି ଭାବରେ ଦଳର ସଂସଦୀୟ ମଣ୍ଡଳୀ ଦ୍ୱାରା ନିଯୁକ୍ତି ପ୍ରଦାନ କରାଯିବା ପରେ। ଏହା ଦଳ ଭିତରେ ପିଢ଼ିଗତ ପରିବର୍ତ୍ତନ ଘଟିବାର ସଂକେତ ପ୍ରଦାନ କରିଛି, ଆଉ ସେଥିପାଇଁ ଏହାକୁ ଏକ ସମୟୋଚିତ ନିଷ୍ପତ୍ତି ବୋଲି କୁହାଯାଇପାରେ। ଏବେ ଦଳ ତା'ର ଅନ୍ୟାନ୍ୟ ସାଂଗଠନିକ କାର୍ଯ୍ୟ ଶେଷ କରି ସାରିବା ପରେ ତଥା ତାଙ୍କ ଉପରେ ଦଳର ସର୍ବୋଚ୍ଚ କାର୍ଯ୍ୟକର୍ତ୍ତା ଭାବରେ ମୋହର ମାରିବା ପରେ ୪୫ ବର୍ଷ ବୟସ୍କ ନବୀନ ୪୫ ବର୍ଷ ପୁରୁଣା ଦଳର ସର୍ବକନିଷ୍ଠ ସଭାପତି ଭାବରେ ଅଧିଷ୍ଠିତ ହେବେ। ବିଜେପିର ଏହି ନୂଆ ମୁଖିଆ ଆଦର୍ଶଗତ ଭାବରେ ଦଳରେ ମୂଳରୁ ରହି ଆସିଛନ୍ତି ଏବଂ ତାଙ୍କ ବୟସର ଅନେକଙ୍କଠାରେ ଦେଖା ଯାଉ ନଥିବା ସାଂଗଠନିକ ଏବଂ ପ୍ରଶାସନିକ ଅନୁଭୂତି ଅର୍ଜନ କରିଛନ୍ତି। ପାଞ୍ଚ ଥର ବିଧାୟକ ହୋଇ ସାରିଥିବା ନବୀନ ମଧ୍ୟ ଦୁଇ ଥର ବିହାର କ୍ୟାବିନେଟ୍‌ର ସଦସ୍ୟ ଭାବରେ କାର୍ଯ୍ୟ ନିର୍ବାହ କରି ସାରିଛନ୍ତି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦରେ ଜଣେ ନେତା ଭାବେ ନିଜର ରାଜନୀତିକ ଜୀବନ ଆରମ୍ଭ କରି ଉନ୍ନତିର ପଥରେ ପଥିକ ହୋଇଥିବା ନବୀନ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହିତ ଜଡ଼ିତ ହୋଇଥିଲେ ଏବଂ ପରେ ବିଜେପିର ଯୁବ ଶାଖା ଭାବରେ ପରିଚିତ ଭାରତୀୟ ଜନତା ଯୁବ ମୋର୍ଚ୍ଚାରେ ସ୍ୱଳ୍ପ ସମୟ ପାଇଁ କାର୍ଯ୍ୟ କରିଥିଲେ। ଏସବୁ ବୃହତ୍ତର ସଂଘ ପରିବାର ସହିତ ତାଙ୍କର ଦୀର୍ଘସ୍ଥାୟୀ ସମ୍ପର୍କକୁ ସୂଚୀତ କରେ। ଛତିଶଗଡ଼ରେ ଦଳର ପ୍ରଭାରୀ ଭାବରେ ତାଙ୍କର କାର୍ଯ୍ୟ ସମେତ ସେ ଦାୟିତ୍ୱ ନିର୍ବାହ କରିଥିବା ବିଭିନ୍ନ ସାଂଗଠନିକ ଦାୟିତ୍ୱଗୁଡ଼ିକ ତାଙ୍କୁ ହୁଏତ ଦଳୀୟ ସଂଗଠନର ଏକ ଅନ୍ତର୍ନିହିତ ଦୃଷ୍ଟିକୋଣ ପ୍ରଦାନ କରିବାରେ ସକ୍ଷମ କରିଥିବ। ଦଳର କାର୍ଯ୍ୟକାରୀ ସଭାପତି ଭାବରେ ଜାତୀୟ ସ୍ତରର ପଦବୀ ନିମନ୍ତେ ତାଙ୍କ ନାମ ସୁପାରିସ କରିବା ପୂର୍ବରୁ ଏହାର ନେତୃବୃନ୍ଦ ଅବଶ୍ୟ ତାଙ୍କ ନିକଟରେ ଏକ ଜାତୀୟ ସ୍ତରୀୟ ପଦବୀର ଅଧିକାରୀ ହେବାଜନିତ ଅଭାବକୁ ବିଚାରକୁ ନେଇଥିବେ। ତେବେ ଦଳର ରାଷ୍ଟ୍ରୀୟ ସଭାପତି ଭାବରେ କାର୍ଯ୍ୟ କରୁଥିବା ଜେପି ନଡ୍ଡାଙ୍କ ଅଧୀନରେ ସେ ଯେତିକି ଦିନ କାର୍ଯ୍ୟ କରିବେ, ତାହା ତାଙ୍କୁ ରାଷ୍ଟ୍ରୀୟ ସ୍ତରର ସଭାପତି ଭାବରେ କାର୍ଯ୍ୟ କରିବାକୁ ନେଇ ରହିଥିବା ବିଭିନ୍ନ ଆହ୍ୱାନଗୁଡ଼ିକ ପ୍ରତି ଉନ୍ମୁଖ କରାଇବ।

ଦଳର ବରିଷ୍ଠ ଏବଂ ଗୁରୁତ୍ୱପୂର୍ଣ୍ଣ ପଦବୀ ନିମନ୍ତେ ଯୁବ ନେତୃତ୍ୱକୁ ଚିହ୍ନଟ କରିବା ଉପରେ ଦଳର ଆଭିମୁଖ୍ୟ ଅନୁସାରେ ଧ୍ୟାନ କେନ୍ଦ୍ରିତ କରିବା ଦୃଷ୍ଟିରୁ ଶ୍ରୀଯୁକ୍ତ ନବୀନଙ୍କ ମନୋନୟନ ସମ୍ପୂର୍ଣ୍ଣ ଭାବରେ ଠିକ୍। ଏକଥା ସ୍ମରଣ କରାଯାଇପାରେ ଯେ ଦଳର ମୁଖ୍ୟମନ୍ତ୍ରୀମାନଙ୍କ ମଧ୍ୟରୁ ଅନେକ, ଯେଉଁମାନଙ୍କ ମଧ୍ୟରେ ରହିଛନ୍ତି ଯୋଗୀ ଆଦିତ୍ୟନାଥ (ଉତ୍ତରପ୍ରଦେଶ), ଦେବେନ୍ଦ୍ର ଫଡନାବିସ୍ (ମହାରାଷ୍ଟ୍ର), ମୋହନ ଚରଣ ମାଝୀ (ଓଡ଼ିଶା), ମୋହନ ଯାଦବ (ମଧ୍ୟପ୍ରଦେଶ), ବିଷ୍ଣୁ ଦେଓ ସାଇ (ଛତିଶଗଡ଼) ଏବଂ ଭଜନ ଲାଲ୍ ଶର୍ମା (ରାଜସ୍ଥାନ) ଥିଲେ ୬୦ରୁ କମ୍ ବର୍ଷ ବୟସର, ଯେତେବେଳେ ସେମାନେ ଏହି ପଦବୀ ପାଇଁ ମନୋନୀତ ହୋଇଥିଲେ। ନୂଆ ଯୁବ ନେତା ବର୍ତ୍ତମାନ ଏହିସବୁ ପ୍ରବୀଣ ନେତାମାନଙ୍କ ସହିତ କାମ କରିବେ। ଅତୀତର ବିଜେପି ମୁଖିଆମାନଙ୍କ ଭଳି ହୋଇ ନଥିବା ଏହି ନୂଆ କାର୍ଯ୍ୟକାରୀ ସଭାପତିଙ୍କ ନିକଟରେ ରହିଛି ଏକ ମେଣ୍ଟରେ କାମ କରିବା ଏବଂ ଜଣେ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ କାମ କରିବାର ଅନୁଭୂତି, ଯିଏକି ନିଜ ଦଳର ନୁହନ୍ତି। ବିହାରରେ ଏନ୍‌ଡିଏର ନେତୃତ୍ୱ ନେଉଛନ୍ତି ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ବିଜେପି ଏହାକୁ ସାଦରେ ଗ୍ରହଣ କରି ନେଇଛି, ଏମିତିକି ବିଧାନସଭା ନିର୍ବାଚନରେ ବିଜେପି ଅପେକ୍ଷା ନୀତୀଶଙ୍କ ଦଳ କମ୍ ସଂଖ୍ୟକ ଆସନରେ ବିଜୟ ଲାଭ କରିଥିଲେ ସୁଦ୍ଧା। ଶ୍ରୀଯୁକ୍ତ ନବୀନଙ୍କ ପାଇଁ ଏହି ଅନୁଭୂତି ଏନ୍‌ଡିଏରେ ବିଜେପି ସହିତ ମେଣ୍ଟ କରିଥିବା ଦଳମାନଙ୍କ ସଙ୍ଗେ ବୁଝାମଣା କରିବା ବେଳେ ଯଥେଷ୍ଟ ସହାୟକ ସାବ୍ୟସ୍ତ ହେବ। ଶ୍ରୀଯୁକ୍ତ ନବୀନଙ୍କୁ କାର୍ଯ୍ୟକାରୀ ସଭାପତି ଭାବରେ ଚୟନ କରାଯିବା କେବଳ ଯୁବ ପିଢ଼ିଙ୍କ ହାତରେ ନେତୃତ୍ୱ ଅର୍ପଣ କରିବାର ପ୍ରତୀକ ନୁହେଁ, ବରଂ ବିଜେପିକୁ ଯୁବ ପିଢ଼ିଙ୍କ ସମେତ ଅଭିଳାଷୀ ବର୍ଗଙ୍କ ସହିତ ଯୋଡ଼ିବାର ଏକ ଲକ୍ଷ୍ୟ ନେଇ କରାଯାଇଛି, ଯେଉଁମାନେ ଜନସଂଖ୍ୟାର ଏକ ସିଂହଭାଗ ଗଠନ କରନ୍ତି। ଏହି ନିଯୁକ୍ତ ମଧ୍ୟ ସକ୍ଷମ ନେତୃତ୍ୱ ଉପରେ ବିଜେପିର ମନୋନିବେଶକୁ ପ୍ରତିଫଳିତ କରେ, ଯିଏକି ନିର୍ବାଚନୀ ପରିସରରେ ଜନସାଂଖ୍ୟିକ ଫସଲକୁ ଅଧିକ ପରିମାଣରେ କାଟି ପାରିବ।

ଭାରତରେ ରାଜନୀତିକ ଦଳମାନଙ୍କ ଦୃଷ୍ଟିରୁ ଦେଖିଲେ ବିଜେପି ହେଉଛି ଆପାତତଃ ଏକ ଯୁବ ଦଳ ବା କମ୍ ବୟସର ଦଳ, ଯାହା ଏତିକି ପରିମାଣରେ ନିର୍ବାଚନୀ ବିଜୟ ହାସଲ କରି ପାରିଛି, ଯାହା ଅନ୍ୟ କୌଣସି ଦଳ କରି ପାରିଛନ୍ତି ବୋଲି କ୍ୱଚିତ୍ ଦାବି କରି ପାରିବେ। ଗତ ଏକ ଦଶନ୍ଧି ଭିତରେ ଘଟିଥିବା ଏହାର ପ୍ରଥମ ପିଢ଼ିଗତ ପରିବର୍ତ୍ତନ ଆଦୌ ଏକ ସୁଖଦ ବ୍ୟାପାର ନଥିଲା, କିନ୍ତୁ ଦଳର ନେତୃବୃନ୍ଦ ଅତୀତର ସେହି ଭୁଲ୍‌ର କିପରି ପୁନରାବୃତ୍ତି ଘଟିବ ନାହିଁ, ସେଥିପାଇଁ ଚଳିତ ଥର ଯଥେଷ୍ଟ ସାବଧାନ ହୋଇଥିବା ମନେହୁଏ। ନୂଆ ନେତା ସେତିକି ବେଳେ ନିଜର ନୂତନ ଦାୟିତ୍ୱକୁ ଗ୍ରହଣ କରିବାକୁ ଯାଉଛନ୍ତି, ଯେତେବେଳେ କି ଦଳ ନିର୍ବାଚନଗୁଡ଼ିକରେ ନିଜର ପ୍ରଦର୍ଶନ ଦୃଷ୍ଟିରୁ ଶିଖର ଦେଶରେ ଅବସ୍ଥାପିତ। ଏହି ଧାରା ବଜାୟ ରଖିବା ସହିତ ନୂଆ ନୂଆ କ୍ଷେତ୍ରକୁ ବିସ୍ତାର କରିବା, ଯେଉଁଠି ଏ ପର୍ଯ୍ୟନ୍ତ ସୁଦ୍ଧା ପଦ୍ମ ଫୁଟିପାରି ନାହିଁ ତାଙ୍କ ପାଇଁ ଏକ ବଡ଼ ଆହ୍ୱାନ ହେବ। ବିଜେପି ଏବଂ କେନ୍ଦ୍ରରେ ଏହା ନେତୃତ୍ୱ ନେଉଥିବା ସରକାର ବିରୁଦ୍ଧରେ ବର୍ତ୍ତମାନ ଦେଶରେ ସମ୍ବିଧାନ ସମେତ ଗଣତାନ୍ତ୍ରିକ ଅନୁଷ୍ଠାନ ସମୂହକୁ ଦୁର୍ବଳ କରୁଥିବାର ଅଭିଯୋଗ ବ୍ୟାପକ ଭାବରେ ଉଠିଛି। ଏସବୁ ପ୍ରତି ଭ୍ରୂକ୍ଷେପ ନ କରି ସଂଘ ପରିବାର ନିଜର କାର୍ଯ୍ୟସୂଚୀ ସହିତ ଆଗକୁ ମାଡ଼ି ଚାଲିଛି। ଏହି କାର୍ଯ୍ୟସୂଚୀ ମଧ୍ୟରୁ ଯେଉଁଗୁଡ଼ିକ ଏ ଯାବତ୍ ପୂରଣ ହୋଇନାହିଁ, ସେସବୁକୁ ଆଗେଇ ନେବା ନୂଆ ନେତାଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ହେବ। ଇତିହାସ ବିଚାର କରିବ ନୂଆ ଯୁବ ବିଜେପି ନେତା ଏକ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ଭାବରେ ଦେଶର ଯାତ୍ରାକୁ ସୁରୁଖୁରୁରେ ଚାଲିବାରେ ଏବଂ ଏହାର କର୍ତ୍ତବ୍ୟଗୁଡ଼ିକୁ ନିର୍ବାହ କରିବାରେ କେତେଦୂର ସହାୟକ ହୋଇଛନ୍ତି।■

# କେଉଁଟା ଭୁଲ୍, କେଉଁଟା ଠିକ୍



ପ୍ରମୋଦ କୁମାର ପଣ୍ଡା

ଓଡ଼ିଆ ଆମର ମାତୃଭାଷା। ଓଡ଼ିଆ ପୁଅର ପରିଚୟ। ଗର୍ବ ଓ ଗୌରବ। ଆମେ ଏହି ଭାଷା ଆଜୀବନ ବ୍ୟବହାର କରିଥାଉ। ଏହା ସହିତ ଆମେ ବଢ଼ିଥାଉ। ବଞ୍ଚିଥାଉ। ଏପରିକି ଓଡ଼ିଶା ବାହାରେ ରହୁଥିବା ପରିବାରଙ୍କ ଘରେ ଓଡ଼ିଆ ବ୍ୟବହୃତ ହୋଇଥାଏ। ଓଡ଼ିଆ ଭାଷା ଅସ୍ମିତା ସରକାରଙ୍କ ପ୍ରାଥମିକତା। ସରକାରୀ କାର୍ଯ୍ୟାଳୟମାନଙ୍କରେ ଓଡ଼ିଆ ଭାଷାର ସମ୍ପୂର୍ଣ୍ଣ ବ୍ୟବହାର ପାଇଁ ନିର୍ଦ୍ଦେଶ ରହିଛି। ସହରାଞ୍ଚଳ ବ୍ୟବସାୟିକ ପ୍ରତିଷ୍ଠାନ ଓ ଦୋକାନମାନଙ୍କରେ ଓଡ଼ିଆ ଭାଷାରେ ନାମ ଫଳକ ଲେଖିବା ପାଇଁ ସ୍ପଷ୍ଟ ମାର୍ଗଦର୍ଶିକା ଜାରି ହୋଇଛି। ବିଦ୍ୟାଳୟମାନଙ୍କରେ ଓଡ଼ିଆ ମାଧ୍ୟମରେ ପାଠପଢ଼ା ଚାଲିଛି। ଓଡ଼ିଆ ଭାଷାର ଉତ୍ଥାନ ସକାଶେ ରାଜ୍ୟ ସ୍ତରରେ ଓଡ଼ିଆ ଭାଷା ପ୍ରତିଷ୍ଠାନ କାର୍ଯ୍ୟ କରୁଛି। ଓଡ଼ିଆ କବି, ଲେଖକ, ଗାଳ୍ପିକ, ନାଟ୍ୟକାର ତାଙ୍କ କୃତୀ ପାଇଁ ପୁରସ୍କୃତ ହେଉଛନ୍ତି। ପ୍ରଯତ୍ନ, ପ୍ରୋତ୍ସାହନ ସତ୍ତ୍ୱେ ଓଡ଼ିଆ ଭାଷା ବ୍ୟବହାରରେ ଆମର ତ୍ରୁଟି ବିଚ୍ୟୁତି ରହି ଯାଉଛି। ଭୁଲ୍ ଭଟ୍‌କା ଦେଖା ଦେଉଛି। କାଳାନ୍ତରେ ଭୁଲ୍ ଭୁଲ୍ ଅନୁଭୂତ ହେଉନି। ନିର୍ଭୁଲ୍ ପ୍ରତୀୟମାନ ହେଉଛି। ପରିଣାମ ସ୍ୱରୂପ, ଆମରି ଅଜାଣତରେ ଭାଷାର ମର୍ଯ୍ୟାଦା ନଷ୍ଟ ଓ ଗରିମା ହାନି ଘଟୁଛି।

ଆପଣଙ୍କୁ ଖାଇବାକୁ ସବୁଠୁ କ'ଣ ଭଲ ଲାଗେ ବୋଲି କିଛି ଲୋକଙ୍କୁ ପଚାରିଲେ ଆମେ ଭିନ୍ନ ଭିନ୍ନ ଉତ୍ତର ପାଇବା। ସେହିପରି ସବୁଠୁ ଭଲ ଲାଗୁଥିବା ସୁସ୍ୱାଦୁ ଭୋଜନକୁ ଆପଣ କ'ଣ କହିବେ କହିଲେ ମଧ୍ୟ ଅଲଗା ଅଲଗା ଉତ୍ତର ଆସିବ। କିଛି ସ୍ୱାଦିଷ୍ଟ କହିଲେ ଆଉ କିଛି ସ୍ୱାଦିଷ୍ଟ କହିବେ। ତେବେ ସ୍ୱାଦିଷ୍ଟ ଓ ସ୍ୱାଦିଷ୍ଟ ମଧ୍ୟରୁ କୋଉଟା ଠିକ୍ ଓ କୋଉଟା ଭୁଲ୍? ଉତ୍ତର ପାଇଁ ଆମକୁ ଉଭୟ ଶବ୍ଦର ବ୍ୟାକରଣଗତ ବ୍ୟାଖ୍ୟା କରିବାକୁ ହେବ। ତର୍ଜମା କରିବାକୁ ପଡ଼ିବ। ତେବେ, ଆସନ୍ତୁ ଜାଣିବା କେଉଁଟା ଭୁଲ୍ ଏବଂ କେଉଁଟା ଠିକ୍।

ଇଷ୍ଠନ ସଂସ୍କୃତ ଭାଷାର ଏକ ପ୍ରତ୍ୟୟ। ଶବ୍ଦ ପୂର୍ବରୁ ଉପସର୍ଗ ଓ ଶବ୍ଦ ପରେ ପ୍ରତ୍ୟୟ ବ୍ୟବହୃତ ହୋଇଥାଏ। ଇଷ୍ଠନ କୌଣସି ଶବ୍ଦର ଉତ୍ତମ ଅବସ୍ଥାକୁ ଦର୍ଶାଏ। ଆମେ ଯେବେ ବିଶେଷଣର ଉତ୍ତମାବସ୍ଥା ପ୍ରସ୍ତୁତ କରୁ, ତେବେ ଇଷ୍ଠନ ପ୍ରତ୍ୟୟ ଲାଗେ। ଏଠି ମୂଳ ଶବ୍ଦ ସ୍ୱାଦୁ। ଏଥିରେ ଇଷ୍ଠନ ପ୍ରତ୍ୟୟ ଲାଗିଲେ ସ୍ୱାଦିଷ୍ଠ ଶବ୍ଦଟି ତିଆରି ହେବ ଯା'ର ଅର୍ଥ ସବୁଠୁ ସ୍ୱାଦୁକର। ସ୍ୱାଦିଷ୍ଠ ଇଷ୍ଠନ ପ୍ରତ୍ୟୟଯୁକ୍ତ ଏକମାତ୍ର ଶବ୍ଦ ନୁହେଁ। ଏମିତି ଆହୁରି ଅନେକ ଶବ୍ଦ ଅଛି, ଯେଉଁଠି ଆମେ ଇଷ୍ଠନ ପ୍ରତ୍ୟୟ ପ୍ରୟୋଗ କରିଥାଉ। ବ୍ୟବହୃତ ହୋଇଥାଏ। ଯେମିତି ଗୁରୁ ଏକ ଶବ୍ଦ ଯା'ର ଅର୍ଥ ଭାରି। ଯଦି ଏଥିରେ ଇଷ୍ଠନ ପ୍ରତ୍ୟୟ ଲାଗେ, ତେବେ ଗରିଷ୍ଠ ଶବ୍ଦର ସୃଷ୍ଟି ହୁଏ, ଯା'ର ଅର୍ଥ ସବୁଠୁ ଓଜନିଆ କିମ୍ବା ଭାରି। ସେହିଭଳି କନିଷ୍ଠ, ବରିଷ୍ଠ, ଜ୍ୟେଷ୍ଠ, ଶ୍ରେଷ୍ଠ, ଘନିଷ୍ଠ, ବଳିଷ୍ଠ ଇତ୍ୟାଦି ସବୁ ଶବ୍ଦରେ ଇଷ୍ଠନ ପ୍ରତ୍ୟୟ ପ୍ରୟୋଗ ହୋଇ ସେମାନଙ୍କ ଉତ୍ତମାବସ୍ଥାକୁ ଦର୍ଶାଉଛି। କନିଷ୍ଠ, ବରିଷ୍ଠ, ଶ୍ରେଷ୍ଠ ଆଦି ଶବ୍ଦ ପ୍ରଥମରୁ ଉତ୍ତମାବସ୍ଥାରେ ଅଛନ୍ତି। ତେଣୁ ଏହି ଶବ୍ଦମାନଙ୍କରେ ତମ ବ୍ୟବହୃତ ହୋଇ ପାରିବ ନାହିଁ। କନିଷ୍ଠତମ, ବରିଷ୍ଠତମ, ଶ୍ରେଷ୍ଠତମ ଆଦି ଶବ୍ଦ ବ୍ୟବହାର କଲେ ବ୍ୟାକରଣଗତ ତ୍ରୁଟି ରହିବ। ସାହିତ୍ୟିକ ଦୃଷ୍ଟିକୋଣରୁ ନିର୍ଭୁଲ୍ ହେବନାହିଁ। ତେବେ ସ୍ୱାଦିଷ୍ଠ ସ୍ଥାନରେ ସ୍ୱାଦିଷ୍ଟ ଶବ୍ଦ କିମିତି ଓ କେଉଁ ପରିସ୍ଥିତିରେ ସୃଷ୍ଟି ହେଲା? ଏଭଳି ଏକ ବିଷମ ପ୍ରଶ୍ନ ମନରେ ସୃଷ୍ଟିହେବା ସ୍ୱାଭାବିକ କଥା।

ଓଡ଼ିଆରେ ଏମିତି ଅନେକ ଶବ୍ଦ ରହିଛି ଯେଉଁଥିରେ ମୁର୍ଦ୍ଧନ୍ୟ 'ଷ' ପରେ 'ଟ' ଆସେ। ଯେପରିକି ଇଷ୍ଟ, ଅନିଷ୍ଟ, ଶିଷ୍ଟ, କ୍ଲିଷ୍ଟ, ରିଷ୍ଟ, ଅରିଷ୍ଟ, ଅଭୀଷ୍ଟ, କଷ୍ଟ, ନଷ୍ଟ ଇତ୍ୟାଦି। ସେହି ନ୍ୟାୟରେ ସ୍ୱାଦିଷ୍ଠ ଶବ୍ଦର 'ଷ' ବର୍ଣ୍ଣ ପରେ 'ଟ' ବ୍ୟବହୃତ ହେବ ବୋଲି ବୋଧହୁଏ ଧରି ନିଆଗଲା। ସ୍ୱାଦିଷ୍ଟ ଶବ୍ଦର ପ୍ରୟୋଗ ଏତେ ଅଧିକ ମାତ୍ରାରେ ହେଲା ଯେ ଏହା ଏକ ତ୍ରୁଟିଯୁକ୍ତ ଶବ୍ଦ ବୋଲି ପରିଶେଷରେ ଜଣା ପଡ଼ିଲା ନାହିଁ। ଅଭିଧାନରେ ସ୍ୱାଦିଷ୍ଟ ସ୍ୱାଦିଷ୍ଠ ଶବ୍ଦର ସ୍ଥାନ ଅଧିକାର କରିନେଲା। ବ୍ୟାକରଣଗତ ବ୍ୟାଖ୍ୟାରୁ ଏହା ସ୍ପଷ୍ଟ ଯେ ସ୍ୱାଦିଷ୍ଠ ଠିକ୍ ଓ ସ୍ୱାଦିଷ୍ଟ ଭୁଲ୍ ଅଟେ। ଓଡ଼ିଆ ଭାଷାରେ ଏଭଳି ଅନେକ ଶବ୍ଦର ଭୁଲ୍ ବ୍ୟବହାର ହୋଇଥାଏ, ଯେଭଳି ଆରମ୍ଭ ସ୍ଥାନରେ ପ୍ରାରମ୍ଭ, ପ୍ରାରମ୍ଭ ସ୍ଥାନରେ ଆରମ୍ଭ ଆଦି ସ୍ଥାନରେ ଇତ୍ୟାଦି ଓ ଇତ୍ୟାଦି ସ୍ଥାନରେ ଆଦି।

ଆପଣ ଇଂରାଜୀ ଶବ୍ଦ START ଓ RESTART ଶୁଣିଥିବେ। ଏହାର ଓଡ଼ିଆ ଅର୍ଥ ଯଥାକ୍ରମେ ଆରମ୍ଭ ଓ ପୁନଃଆରମ୍ଭ। ଆରମ୍ଭ ଶବ୍ଦଟି ବହୁଳ ଭାବେ ବ୍ୟବହୃତ। ପୁନଃଆରମ୍ଭ ଶବ୍ଦର ବ୍ୟବହାର ଖୁବ୍ କମ୍। କ୍ୱଚିତ୍। ପ୍ରାରମ୍ଭ ପୁନଃଆରମ୍ଭର ପର୍ଯ୍ୟାୟବାଚୀ। ଆମକୁ ଏହା ପ୍ରାୟତଃ ଜଣା ନାହିଁ। ଆରମ୍ଭ ଓ ପ୍ରାରମ୍ଭ ପର୍ଯ୍ୟାୟବାଚୀ ବୋଲି ମନେକରୁ। ଏକା ଭାବୁ। କିନ୍ତୁ ଏ ଦୁଇଟି ଶବ୍ଦ ମଧ୍ୟ ଭିନ୍ନ ଭିନ୍ନ ଅର୍ଥ ବହନ କରନ୍ତି। ଆରମ୍ଭ ମାନେ ଆରମ୍ଭରୁ ଆରମ୍ଭ କରିବା। ପ୍ରାରମ୍ଭ ମାନେ ପୁଣି ଆରମ୍ଭ କରିବା। ଧରନ୍ତୁ ଘର ତିଆରି କାମ ଆଦୌ ଆରମ୍ଭ ହୋଇନାହିଁ। ଆମେ ଆରମ୍ଭରୁ ଆରମ୍ଭ କରୁଛୁ। ଯେମିତିକି ନିହକାମ। ତେବେ ଏହା ଆରମ୍ଭ। ଲିନଟେଲ ପରେ ଧରନ୍ତୁ କାମଟି ବନ୍ଦ ହୋଇଗଲା। ପୁଣି ଛଅ ମାସ ପରେ ଆରମ୍ଭ ହେଲା। ଆମେ ତାକୁ ମଧ୍ୟ ଆରମ୍ଭ କହିଥାଉ। ତେବେ ଏହା ଆରମ୍ଭ ନୁହେଁ। ପ୍ରାରମ୍ଭ ଅଟେ। ଏହାକୁ ଆରମ୍ଭ ନ କହି ପୁନଃଆରମ୍ଭ କିମ୍ବା ପ୍ରାରମ୍ଭ କହିଲେ ଭାଷାନୁସାରେ ସଠିକ୍ ହେବ। ଆରମ୍ଭ ଓ ପ୍ରାରମ୍ଭର ସୂକ୍ଷ୍ମ ଅନ୍ତର ବୁଝି ବ୍ୟବହୃତ ହେଲେ ନିର୍ଭୁଲ୍ ହେବ।

ସେମିତି ଆଉ ଦୁଇଟି ଶବ୍ଦ ଆଦି ଓ ଇତ୍ୟାଦି। ଏ ଦୁଇ ଶବ୍ଦକୁ ମଧ୍ୟ ଆମେ ଏକା ବୋଲି ବିଚାର କରୁ। ନିଜ ଇଚ୍ଛା ଅନୁସାରେ ବ୍ୟବହାର କରିଥାଉ। ଆଦି ଅର୍ଥ ଆରମ୍ଭ। ଯିମିତି ଆଦିରୁ ଅନ୍ତ। ମାନେ ଆରମ୍ଭରୁ ଶେଷଯାଏଁ। ଆଦିକବି, ଆଦିମାନବ, ଆଦିପୁରୁଷ, ଆଦିକାଳ ଇତ୍ୟାଦି। ଏଠି ଆଦି ବିଶେଷଣ ଭାବେ ବ୍ୟବହୃତ। ସମସ୍ୟା ସେତେବେଳେ ହୁଏ ଯେତେବେଳେ ଆଦି ଶବ୍ଦର ବ୍ୟବହାର ଅବ୍ୟୟ ରୂପେ କରାଯାଏ। ଇତ୍ୟାଦି ଦୁଇଟି ଶବ୍ଦର ସମାହାର। ଇତି ଏବଂ ଆଦି। ଇତି ଅର୍ଥ ସମାପ୍ତ କିମ୍ବା ଶେଷ। ଅର୍ଥାତ୍ ସମାପ୍ତି ପରେ ପୁଣି ଆରମ୍ଭ। ବାକ୍ୟରେ ଆମେ ଆଦି ଏବଂ ଇତ୍ୟାଦି ଉଭୟ ଶବ୍ଦ ବ୍ୟବହାର କରୁ। ଏମାନଙ୍କ ଅନୁପଯୁକ୍ତ ବ୍ୟବହାର ଭାଷାର ଗରିମା ହ୍ରାସ କରେ। ଆଦି ଏବଂ ଇତ୍ୟାଦି ଦୃଷ୍ଟାନ୍ତ ଦେବା ବେଳେ ବ୍ୟବହୃତ ହୁଏ। ବାକ୍ୟରେ ଗୋଟିଏ ବିଶେଷ ଉଦାହରଣ ଦେଇ ତତ୍ପରେ ଆଦି ବ୍ୟବହାର କରାଯାଏ। ପରନ୍ତୁ ଏକାଧିକ ଦୃଷ୍ଟାନ୍ତ ପରେ ଇତ୍ୟାଦି ବ୍ୟବହୃତ ହୁଏ। ଯିମିତିକି ରାମ ଆଦି ଭଗବାନଙ୍କ ଅବତାର। ବ୍ରହ୍ମାଦି ଦେବତା। ହନୁମାନ ଚାଳିଶା ବର୍ଣ୍ଣିତ ସନକାଦିକ ବ୍ରହ୍ମାଦି ମୁନିଶା, ନାରଦ ଶାରଦ ସହିତ ଅହିସା। ଏଠି ସନକାଦିକ ମାନେ ସନକ ଆଦିକ। ଆଦି ଶବ୍ଦକୁ ଆଦିକ ମଧ୍ୟ କୁହାଯାଏ। ସନକାଦିକ ଅର୍ଥ ସନକ, ସନତ କୁମାର, ସନାତନ ଓ ସନନ୍ଦନ ଆଦି ବ୍ରହ୍ମାଙ୍କ ଚାରି ମାନସପୁତ୍ର। ଗୋଟିଏ ଦୃଷ୍ଟାନ୍ତ ପରେ ପାଠକ ଅନ୍ୟ ଉଦାହରଣ ନିଜେ ଆଦି ଅର୍ଥାତ୍ ଆରମ୍ଭ କରିବ। ଏକାଧିକ ବିଶିଷ୍ଟ ଦୃଷ୍ଟାନ୍ତ ଦେବା ପରେ ଇତ୍ୟାଦି ବ୍ୟବହୃତ ହୁଏ। ଯେମିତିକି ହସିବା, କହିବା, ଶୋଇବା ଇତ୍ୟାଦି କ୍ରିୟା ଅଟେ। ଏଠି ଏକାଧିକ କ୍ରିୟାର ଦୃଷ୍ଟାନ୍ତ ଦେବା ଇତି ହେଲା। ତତ୍ପରେ ପାଠକ ସ୍ୱୟଂ ନିଜେ ସେମିତି ଅନ୍ୟ କ୍ରିୟା ଆଦି ଅର୍ଥାତ୍ ଆରମ୍ଭ କରିବ। କେତେକଙ୍କ ମତରେ, ସର୍ବାଧିକ ଦୁଇଟି ବିଶେଷ ଦୃଷ୍ଟାନ୍ତ ପରେ ଆଦି ଓ ତା'ଠୁ ଅଧିକରେ ଇତ୍ୟାଦି ବ୍ୟବହୃତ ହୋଇଥାଏ।

ମାତୃଭାଷାର କେବଳ ବହୁଳ ନୁହେଁ, ତ୍ରୁଟିଶୂନ୍ୟ ବ୍ୟବହାର ଆବଶ୍ୟକ। ଭୁଲ୍-ଠିକ୍ ଜାଣି ପ୍ରୟୋଗ କଲେ ଓଡ଼ିଆ ଭାଷା ସମୃଦ୍ଧ ହେବ। ଭାଷା ଅସ୍ମିତା ସୁରକ୍ଷିତ ରହିବ।■

**ପ୍ରାକ୍ତନ ଜିଲ୍ଲା ଅଧିକାରୀ, ସମ୍ବଲପୁର**
**ମୋ: ୭୯୭୮୨୮୩୧୯୦**

# ଲୁହ ଓ କୋହର ରସାୟନ

କାହିଁ କେଉଁ କାଳରୁ ଈଶ୍ୱରଙ୍କର ଅସ୍ତିତ୍ୱକୁ ନେଇ ସାରା ପୃଥିବୀରେ ମଣିଷ ମଣିଷ ଭିତରେ ରହି ଆସିଛି ମତ ପାର୍ଥକ୍ୟ। ହେଲେ ଈଶ୍ୱର ଯେ ଅଦୃଷ୍ଟ ସତ୍ତା ଏବଂ ଭକ୍ତି- ବିଶ୍ୱାସ ବଳରେ ତାଙ୍କୁ ଉପଲବ୍ଧି କରିହୁଏ, ଏ କଥାଟିକୁ ଏଡ଼ାଇ ହେବ ନାହିଁ। ଏହାର ଏକ ଉଦାହରଣ। ଶ୍ରୀ ଶ୍ରୀ ନିଗମାନନ୍ଦ ପରମହଂସ ସେତେବେଳେ ସାଧକ ଅବସ୍ଥାରେ ଥିଲେ। ତାଙ୍କର ଜ୍ଞାନଗୁରୁ ଥିଲେ ସଚ୍ଚିଦାନନ୍ଦ। ସେ ସେହି ଆଶ୍ରମରେ ରହି ସେବା କରୁଥିଲେ। ଆଶ୍ରମର ନିୟମ ଥିଲା ଅତି କଠୋର। କେବେ ଘାସ କାଟିବାକୁ ଯାଇ ଦେହରେ ଜୋକ ଲାଗିଥିବା ଅବସ୍ଥାରେ ଫେରୁଥିଲେ ତ କେବେ କୁରାଢ଼ିରେ କାଠ ହାଣି ହାତ ଫୋଟକା ହୋଇ ଯାଉଥିଲା। ଆଉ କେବେ ଚାଷବାସ ତ କେବେ ରୋଷେଇବାସ କରିବାକୁ ପଡୁଥିଲା। କାମରେ ଭୁଲ୍ ଭଟକା ହେଲେ ମାଡ଼ ଗାଳି ବି ଛାଡ଼ ନଥିଲା।

ଦିନେ ଆଶ୍ରମ ଦିଅଁଙ୍କ ସେବା ପୂଜା କରିବା ଦାୟିତ୍ୱ ଦିଆଗଲା ନିଗମାନନ୍ଦଙ୍କୁ। ସେ ଖୁବ୍ ଖୁସି ହୋଇଗଲେ। କାରଣ ହଳ କରିବା, ମାଟି ହାଣିବା, କାଠ କାଟିବା ଅପେକ୍ଷା ଦିଅଁଙ୍କ ସେବା ଏତେଟା କଷ୍ଟ ନଥିଲା। ଗୁରୁ ଯେମିତି ଶିଖାଇ ଦେଲେ, ସେହି ଅନୁସାରେ ପୂଜା କଲେ। କିଛିଦିନ ପାଇଁ ମାଡ଼ ଗାଳିରୁ ରକ୍ଷା ପାଇଗଲେ।

ନିଗମାନନ୍ଦ ଦିନେ ଠାକୁର ପୂଜା କଲାବେଳେ ଗୁରୁ ଠାକୁର ଘରକୁ ପଶି ଆସିଲେ। ଠାକୁରଙ୍କୁ ଦିଆ ଯାଇଥିବା ଫୁଲ, ଚନ୍ଦନ, ଭୋଗ ଇତ୍ୟାଦି ଦେଖି ଗୁରୁ କ୍ରୋଧରେ ତାତି ଉଠିଲେ। କଟୁ ଭାଷାରେ ଗାଳି ସାଙ୍ଗକୁ କାଠ ଫାଳିଆରେ ପିଟି ପକାଇଲେ। ରାଗରେ କହିଲେ- 'ତୁ ଦିଅଁମାନଙ୍କୁ ପଥର ବୋଲି ଭାବୁଛୁ? ହେୟଜ୍ଞାନ କରି କି ପୂଜା କରୁଛୁ?' ସେଦିନ ମଧ୍ୟାହ୍ନରେ ନିଗମାନନ୍ଦ ଉପାସ ରହିଲେ। ଭୋକରେ ପେଟ ଜଳୁଥିଲା। କ୍ରମେ ସନ୍ଧ୍ୟା ହେଲା।

ଦିନର ଗାଳି, ମାଡ଼ ସାଙ୍ଗକୁ ଉପବାସ ଦାଉ ସବୁ କିଛି ଯେମିତି ଲୁହ ଆଉ କୋହ ହୋଇ ଝରି ପଡୁଥିଲା। କାନ୍ଦି କାନ୍ଦି ଆଖି ଫୁଲି ଯାଇଥିଲା। କ୍ଷୀଣ ଦୀପ ଆଲୋକରେ ନିରେଖି ଚାହିଁଲେ ଦିଅଁଙ୍କୁ। ତାଙ୍କରି ଉପରେ ସବୁ ରାଗ ଶୁଝାଇବାକୁ ଇଚ୍ଛା ହେଲା। ଭାବୁଥିଲେ, ଦିଅଁଙ୍କ ଗାଲରେ ଦୁଇ ଚଟକଣି କଷି ଦିଅନ୍ତେ। ତାଙ୍କୁ ବି ଉପବାସରେ ପକାଇ ଦିଅନ୍ତେ। ଏହା ପରେ ଗଲେ ଦିଅଁଙ୍କ ବାସନ ମାଜିବାକୁ। କାନ୍ଦିକାନ୍ଦି କହୁଥିଲେ- 'ତୋ ସେବା କରିବି। ପୁଣି ମାଡ଼ ଗାଳି ଖାଇବି! ତୁ କି ଦିଅଁ ହୋଇଛୁ? ତୋ ସେବକକୁ କଷ୍ଟ ଦେଇ ଖୁସି ହେଉଛୁ?'

ଏସବୁକୁ ପଛରେ ରହି ଦେଖୁଥିଲେ ଗୁରୁ ସଚ୍ଚିଦାନନ୍ଦ। ଆଖି ତାଙ୍କର ଛଳଛଳ ହୋଇଗଲା। ଭାବୁଥିଲେ, ସତରେ ପିଲାଟା ବହୁତ କଷ୍ଟ ପାଇଛି। କୋଳେଇ ନେଲେ ନିଗମାନନ୍ଦଙ୍କୁ। ଚାପି ଧରିଲେ ନିଜ ଛାତିରେ। ସ୍ନେହଭିଜା ଛଳ ଛଳ ଆଖିରେ କହିଲେ- 'ଆଜି ତୋର ଦିଅଁ ସେବାରେ ପୂର୍ଣ୍ଣତା ଆସିଲା। ଏତେ ଦିନ ପରେ ଦିଅଁକୁ ଗାଳିଦେଲୁ। ଏହାର ଅର୍ଥ, ଦିଅଁଙ୍କ ଭିତରେ ଐଶ୍ୱରୀୟ ସତ୍ତାକୁ ତୁ ଅନୁଭବ କରି ପାରିଛୁ।' ଗୁରୁଙ୍କ ଆଶିଷର ଲୁହରେ ଭିଜି ଯାଉଥିଲା ନିଗମାନନ୍ଦଙ୍କ ପୃଷ୍ଠଦେଶ। ନିଗମାନନ୍ଦଙ୍କ ଈଶ୍ୱରୀୟ ବିଶ୍ୱାସ ଓ ଅନୁଭବସିକ୍ତ ଲୁହରେ ଓଦା ହୋଇ ଯାଉଥିଲେ ଗୁରୁ ସଚ୍ଚିଦାନନ୍ଦ। ବାସ୍ତବରେ ଈଶ୍ୱରଙ୍କୁ ବିଜ୍ଞାନର ପରୀକ୍ଷାଗାର ନୁହେଁ; ହୃଦୟର ପରୀକ୍ଷାଗାରରେ ନିଜ ଅନୁଭବର ଲୁହ ଓ କୋହ ରୂପକ ରସାୟନ ମିଶାଇ ଦେଲେ ତାଙ୍କୁ ଜାଣିବା ସହଜ ହୋଇଯାଏ।■

ନିତିଦିନ NITIDIN

## ୧୯୭୮ ବ୍ୟାଚ୍‌ର ବନ୍ଧୁମିଳନ

**ଖଣ୍ଡପଡ଼ା,୧୬।୧୨/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ସହରର ମା’ ଉମାଦେବୀଙ୍କ ପୀଠରେ ରାମଚନ୍ଦ୍ର ଉଚ୍ଚବିଦ୍ୟାଳୟ ୧୯୭୮ ମାଟ୍ରିକ ବ୍ୟାଚ ସହପାଠୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୫୦ରୁ ଉର୍ଦ୍ଧ୍ୱ ସହପାଠୀ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ବନ୍ଧୁମିଳନ କାର୍ଯ୍ୟକ୍ରମ ପରିଚାଳନାରେ ବୈକୁଣ୍ଠ ନାରାୟଣ ଦାଶ, ଅରୁଣ କୁମାର ଦାଶ, ପ୍ରସନ୍ନ କୁମାର ନନ୍ଦ, ଶରତ ଚନ୍ଦ୍ର ମିଶ୍ର, କୈଳାସ ଚନ୍ଦ୍ର ମିଶ୍ର, ବିରଞ୍ଚି କୁମାର ବସନ୍ତରାୟ, ଲଡୁ କିଶୋର ଦାସ, ଅଜିତ୍ କୁମାର ଷଡଙ୍ଗୀ, ପ୍ରଦୀପ୍ତ ରଞ୍ଜନ ବରାଳ, ରମେଶ ଚନ୍ଦ୍ର ମୁଖୀ, ଅଯୋଧ୍ୟା ପୃଷ୍ଟି, ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ ।



# ଅଭିନବ ବୟାଳିଶମୌଜା ପକ୍ଷରୁ ସଚେତନତା

**ବୟାଳିଶମୌଜା,୧୬।୧୨/ଏନ୍‌ଏନ୍‌ଏସ୍:** ଅଭିନବ ୪୨ମୌଜା ସଂଗଠନ ପକ୍ଷରୁ କୁସପରିତୁଥାଁ ନେଗାଲ ଉଚ୍ଚ ବିଦ୍ୟାଳୟ ଠାରେ ଆସନ୍ତା ମାଟ୍ରିକ ପରୀକ୍ଷା ପ୍ରସ୍ତୁତି ସମ୍ପର୍କୀୟ ଏକ ସଚେତନତା କାର୍ଯ୍ୟକ୍ରମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କୁ ଆସନ୍ତା ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସଫଳ ହେବା ପାଇଁ କିଭଳି ନିଜକୁ ପ୍ରସ୍ତୁତି କରିବେ ତାର ଏକ ପ୍ରସ୍ତୁତି ପତ୍ର ପାଠ କରାଯାଇ ଉକ୍ତ ପ୍ରସ୍ତୁତି ପତ୍ର ସହ ପେନ୍ ଇତ୍ୟାଦି ଛାତ୍ରଛାତ୍ରୀମାନଙ୍କୁ ବଣ୍ଟନ କରାଯାଇଥିଲା ଯାହାକି ଛାତ୍ରଛାତ୍ରୀ ମାନେ ଘରେ ରହି ପ୍ରସ୍ତୁତି ହେବାରେ ସହାୟକ ହେବ ବୋଲି ସଂଗଠନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିଲା । କାର୍ଯ୍ୟକ୍ରମରେ ସଂଗଠନର ସଭାପତି ଅଲେଖ ଭୋଇ, କୋଷାଧକ୍ଷ ଜ୍ୟୋତି ରଞ୍ଜନ ମହାପାତ୍ର, ପ୍ରଦି ରଞ୍ଜନ ପତି, ସତ୍ୟ ରଞ୍ଜନ ଦୀକ୍ଷିତ, ସ୍ୱାଗତ ନାୟକ, ବରିଷ୍ଠ ମହିଳା ସଦସ୍ୟା ସବିତା ରାଣୀ ଦାଶ, ଦୃପ୍ତିମୟୀ ମହାନ୍ତି, ବିଶ୍ୱଜିତ ପତି, ଅମିତ ମହାପାତ୍ର, ସୁମନ୍ତ ମହାପାତ୍ର, ବିଷ୍ଣୁ ଚରଣ ଦାଶ, ଜୟସୂର୍ଯ୍ୟ ପତି ଓ କମଳାକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟ ପକ୍ଷରୁ ଶିକ୍ଷୟିତ୍ରୀ ପ୍ରଭାତୀ ସାହୁ ଏବଂ ଅନ୍ୟାନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରମୁଖ ସହଯୋଗ କରିଥିଲେ । ପରିଶେଷରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ସଂଗଠନ ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ୨୧ରେ କିମ୍ସ ପକ୍ଷରୁ ସ୍ୱାସ୍ଥ୍ୟ ସେବା ଶିବିର

**ସାଲେପୁର,୧୬।୧୨/ଏନ୍‌ଏନ୍‌ଏସ୍:** ଗ୍ରାମାଞ୍ଚଳ ଜନସାଧାରଣଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲକ୍ଷରେ ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜସେବୀ ଡାକ୍ତର ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମରେ କିମ୍ସ ପକ୍ଷରୁ ସାଲେପୁର ବ୍ଲକ ଗୋପୀନାଥପୁର ପଞ୍ଚାୟତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଆସନ୍ତା ୨୧ତାରିଖ ରବିବାର ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଉଛି । ଏହି ସ୍ୱାସ୍ଥ୍ୟ ଶିବିରରେ ରୋଗୀମାନଙ୍କୁ ମାଗଣାରେ ଡାକ୍ତରୀ ପରାମର୍ଶ, ଔଷଧ ପ୍ରଦାନ ଓ ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା କରାଯିବ । ଶିବିରରେ ମେଡ଼ିସିନ, ଶିଶୁରୋଗ, ଚର୍ମ ରୋଗ, ଶଲ୍ୟ ଚିକିତ୍ସା, ସ୍ତ୍ରୀ ଓ ପ୍ରସୂତି ଚିକିତ୍ସା, କର୍ଣ୍ଣ, ନାସା, ଗଳା, ଚକ୍ଷୁ ରୋଗ, ମାନସିକ ରୋଗ, ନ୍ୟୁରୋଲୋଜି, ହୃଦରୋଗ ଓ ଗ୍ୟାଷ୍ଟ୍ରୋ ଏଣ୍ଟ୍ରୋଲୋଜି ଭଳି ୨୦ରୁ ଅଧିକ ବିଭାଗର ସୁନାମଧନ୍ୟ ୫୦ରୁ ଊର୍ଦ୍ଧ୍ୱ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଯିବ । ଏହି ମେଗା ସ୍ୱାସ୍ଥ୍ୟ ଶିବିରର ସୁଯୋଗ ନେବାକୁ କିମ୍ସ ପକ୍ଷରୁ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ଼ ହରିଶ ଚୌଧୁରୀ, ଉପ ଅଧ୍ୟକ୍ଷ, କିମ୍ସ ହସ୍ପିଟାଲ, ଦେବାଶିଷ ମହାନ୍ତି, ଡେପୁଟି ଡିରେକଟର, ମାର୍କେଟିଙ୍ଗ, କିମ୍ସ ସୂଚନା ଦେଇଥିବା ବେଳେ ବୀରବର ସାହୁ, ସମ୍ପାଦକ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଗୋପୀନାଥପୁର, ଦମୟନ୍ତୀ ମହାନ୍ତି, ସରପଞ୍ଚ, ଗୋପୀନାଥପୁର ଗ୍ରାମ ପଞ୍ଚାୟତ, ସୁଧାଂଶୁ ବାଲା ଜେନା, ସରପଞ୍ଚ, ସତ୍ୟଭାମାପୁର ଗ୍ରାମ ପଞ୍ଚାୟତ ଏବଂ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଲୋକ ପ୍ରତିନିଧି, ଗ୍ରାମବାସୀ ଉପସ୍ଥିତ ଥିଲେ ।

# ବୋଲଗଡ଼ ଥାନାରେ ନୂତନ ଆଇଆଇସି

**ବୋଲଗଡ଼,୧୬।୧୨/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନାରେ ନୂତନ ଆଇଆଇସି ଯୋଗ ଦେଇଛନ୍ତି । ସୂଚନାକ୍ରମେ ନୂତନ ଆଇଆଇସି ସୁକାନ୍ତ କୁମାର ଦଳେଇ ବୋଲଗଡ଼ ଥାନାରେ ନୂତନ ଥାନା ଅଧିକାରୀ ଭାବେ ଯୋଗଦେଇଛନ୍ତି । ସେ ପୂର୍ବରୁ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟସ୍ଥ ସ୍ୱତନ୍ତ୍ର ଅପରାଧ ଓ ସାଇବର ୟୁନିଟରେ କାର୍ଯ୍ୟରତ ଥିଲେ । ତେବେ ପ୍ରାକ୍ତନ ଆଇଆଇସି ସ୍ମିତାମୟୀ ବରାଳ ଜିଲ୍ଲା ମୁଖ୍ୟ ପୋଲିସ କାର୍ଯ୍ୟାଳୟକୁ ବଦଳି ହୋଇଥିବାରେ ଶ୍ରୀ ଦଳେଇଙ୍କୁ ନୂତନ ଅଧିକାରୀ ଭାବେ ବୋଲଗଡ଼ ଥାନାରେ ଯୋଗ ଦେବାକୁ ପୋଲିସ ଜିଲ୍ଲା କାର୍ଯ୍ୟାଳୟରୁ ନିର୍ଦ୍ଦେଶ ରହିଥିଲା । ଏଣୁ ଥାନା ଅଞ୍ଚଳକୁ ନିଶାମୁକ୍ତ ସହ ନିଶା କାରବାରରେ ଜଡ଼ିତ ରହିଥିବା ବ୍ୟକ୍ତିମାନଙ୍କୁ ଧରିବାକୁ ପ୍ରାଥମିକତା ଦିଆଯିବ ବୋଲି ଦୃଢୋକ୍ତି ପ୍ରକାଶ କରି ଥିଲେ । ସେହିପରି ଗୁଣ୍ଡା, ଗର୍ଦ୍ଦି, ଚୋରି, ଡକାୟତି, ରାହଜାନି ଓ ସର୍ବୋପରି ଗୋଚାଳାନ, ଗୋ ମାଫିଆ ପ୍ରମୁଖ କାର୍ଯ୍ୟକୁ ଦମନ କରାଯିବା ନିମନ୍ତେ ବେଶ ଯତ୍ନବାନ ବୋଲି ସୂଚନା ଦେଇଥିଲେ ।

# ୨୪ତମ ମଦନପୁର ଫୁଟବଲ୍ କପ୍

**ମୁଣ୍ଡମୁହାଣ,୧୬।୧୨/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ୍ ମଦନପୁରଠାରେ ନବଜ୍ୟୋତି କ୍ଲବ ଆନୁକୁଲ୍ୟରେ ୧୪ତମ ମଦନପୁର ସ୍ୱ ଭାରତୀୟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି । ଆଜିର ମ୍ୟାଚ ବ୍ଲାକ୍ ଟାଇଗର୍ ଭୁବନେଶ୍ୱର ବନାମ ରାଜଧାନି ଏଫ୍ ସି ଜଗସିଂପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା, ଆଜିର ମ୍ୟାଚଟିକୁ ରାଜଧାନୀ ଏଫ୍ ସି ୩-୦ ବିଜୟୀ ହୋଇ ପ୍ରଥମ ସେମିଫାଇନାଲ ମ୍ୟାଚ କୁ ଉତିର୍ନ୍ନ ହୋଇଛି, ଖେଳର ୨୦ ମିନିଟ୍ ସମୟରେ ୧୦ ନମ୍ବର ଖେଳାଳି ଜଳନ୍ଦର ନାୟକ ପ୍ରଥମ ଗୋଲ୍ ଦେଇଥିବା ବେଳେ ୩୯ ମିନିଟ୍ ରେ ୮ ନଂ ଖେଳାଳି ପ୍ରଦ୍ୟୁନ୍ନ ଆଉ ଗୋଟିଏ ଗୋଲ୍ ଦେଇଥିଲେ ପୁଣି ଦ୍ୱିତୀୟା ଅର୍ଧରେ ୩୯ ମିନିଟ୍ ରେ ୧୦ ନଂ ଖେଳାଳି ପୁଣି ଏକ ଗୋଲ୍ ଦେଇ ୩-୦ ରେ ବିଜୟ ଲାଭ କରିଥିଲେ । ମ୍ୟାଚ୍‌ରେ ଜଳନ୍ଦର ନାୟକ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ । ଅତିଥି ଭାବେ ସୁରେଶ କୁମାର ରାଉତରାୟ ଏବଂ ସାରଳା ପ୍ରସନ୍ନ ପଟ୍ଟନାୟକ ଉପସ୍ଥିତ ଥିବାବେଳେ, ଆଜିର ମ୍ୟାଚ୍‌କୁ ସେଖାବତ୍ ଖାନ୍, ମଙ୍ଗଳ ସିଙ୍ଗ୍, ସୁଜିତ୍ ରାଜହଂସ ଏବଂ ଚନ୍ଦ୍ରକାନ୍ତ ବାରିକ୍ ମ୍ୟାଚକୁ ପରିଚାଳନା କରିଥିଲେ । ଆସନ୍ତାକାଲି ବସ୍କର ବିହାର ବନାମ ଜଗା ୟୁନାଇଟେଡ୍ ମଧ୍ୟରେ ଖେଳାଯିବ ।

# ଆଇତଲଙ୍ଗରେ ଶୀତବସ୍ତ୍ର ବଣ୍ଟନ

**ବୟାଳିଶମୌଜା,୧୬।୧୨/ଏନ୍‌ଏନ୍‌ଏସ୍:** କଟକ ସଦର ବୟାଳିଶମୌଜା ବିକାଶ ପରିଷଦ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷର ଶୀତ ବସ୍ତ୍ର କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଆଇତଲଙ୍ଗ ସ୍ଥିତ ସ୍ୱପ୍ନେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ସଭାରେ ପରିଷଦର ସଭାପତି ଆଡ଼ଭୋକେଟ କେଶବ ଚନ୍ଦ୍ର କର ଅଧ୍ୟକ୍ଷତା କରିଥିବା ସ୍ଥଳେ ସମ୍ପାଦକ ସନ୍ତୋଷ କୁମାର ପତି ସ୍ୱାଗତ ଭାଷଣ ଦେଇଥିଲେ । ପରିଷଦ ପକ୍ଷରୁ ୨୫ଜଣ ହିତାଧିକାରୀଙ୍କୁ ଶୀତବସ୍ତ୍ର କମ୍ବଳ ବଣ୍ଟନ କରାଯାଇଥିଲା । ପରିଷଦ ପକ୍ଷରୁ ୪୨ ମୌଜା ବିକାଶ ପରିଷଦ କଲ୍ୟାଣ ପାଣ୍ଠି ନାମରେ ଏକ ପାଣ୍ଠି ଗଠନ କରାଯାଇ ପ୍ରତିବର୍ଷ ଅସହାୟ, ଗରିବ ଲୋକଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥାଏ ବୋଲି ସଭାପତି ପ୍ରକାଶ କରିଥିଲେ । ଆଜିର ଶୀତବସ୍ତ୍ର କମ୍ବଳ ବଣ୍ଟନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ଗୌତମ ଚରଣ ପରିଡ଼ା, ଉପଦେଷ୍ଟା ପ୍ରମୋଦ କୁମାର ମହାପାତ୍ର, ବୁଲେଇ ବେହେରା, କୋଷାଧକ୍ଷ ଭଜକୃଷ୍ଣ ଲେଙ୍କା, ସହ ସମ୍ପାଦକ ସୁରେଶ ଚନ୍ଦ୍ର ଦେବତା, ସଂଯୋଜକ ନିକୁଞ୍ଜ କୁମାର ସ୍ୱାଇଁ, ରବୀନ୍ଦ୍ର କୁମାର ଦେବତା, ହେମନ୍ତ କୁମାର ପାତ୍ର, ଶରତ ଚନ୍ଦ୍ର ଦାସ, ଅଶୋକ କୁମାର ତ୍ରିପାଠୀ, ସଞ୍ଜୟ କୁମାର ବେହେରା ଓ ଦୀନବନ୍ଧୁ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

## ସମସ୍ୟା ଘେରରେ ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ

# ଜିଲ୍ଲାପାଳଙ୍କୁ ଛାତ୍ରଛାତ୍ରୀଙ୍କ ୪ଦଫା ସମ୍ବଳିତ ଦାବିପତ୍ର

**ଭୁଷଣ୍ଡପୁର,୧୬।୧୨/ଏନ୍‌ଏନ୍‌ଏସ୍:** ସରକାର ଶିକ୍ଷା ବ୍ୟବସ୍ଥା ରେ ସୁଧାର ଆଣିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି । କିନ୍ତୁ ଅଧିକାଂଶ କ୍ଷେତ୍ରରେ ସହଯୋଗ ସହାନୁଭୂତି ତଥା ଦୂରଦୃଷ୍ଟି ଅଭାବରୁ ଛାତ୍ରଛାତ୍ରୀମାନଙ୍କୁ ଯୋଗାଇ ଦିଆଯାଉଥିବା ଶିକ୍ଷା ବିଭିନ୍ନ କାରଣରୁ ସୁଫଳ ମିଳିପାରୁ ନଥିବା ବାସ୍ତବିକ ପରିତାପର ବିଷୟ । ୩୦ବର୍ଷ ତଳର ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ ଏହାର ଏକ ନିଛକ ଉଦାହରଣ । ତେବେ ବର୍ଷ ବର୍ଷ ଧରି କୌଣସି ପ୍ରତିକାର ନହେବା ରୁ ଶତାଧିକ ଛାତ୍ରଛାତ୍ରୀମାନଙ୍କ ସ୍ୱାକ୍ଷରିତ ୪ ଦଫା ସମ୍ବଳିତ ଦାବିପତ୍ର ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ଜଣାପଡିଛି । ସୂଚନାଯୋଗ୍ୟ ୧୯୯୪ ମସିହାରେ ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ ସ୍ଥାପିତ ହୋଇଥିଲା ଯାହାର ଛାତ୍ରଛାତ୍ରୀମାନଙ୍କ ସଂଖ୍ୟା ଏବେ ୫ଶହରୁ ଅଧିକ । ଏହି ଛାତ୍ରଛାତ୍ରୀମାନଙ୍କୁ ମାତ୍ର ୫ଟି ଆଜବେଷ୍ଟସ ଶ୍ରେଣି ଗୃହ ରେ ଶିକ୍ଷାଦାନ କରାଯାଉଛି । ଫଟା ଆଜବେଷ୍ଟସ ଛାତ ଯୋଗୁ ବର୍ଷା ଦିନେ ବର୍ଷା ପାଣି ଓ ଖରାଦିନେ ସୂର୍ଯ୍ୟକିରଣ ବିନା ପ୍ରତିବନ୍ଧକରେ ଛାତ୍ରଛାତ୍ରୀମାନଙ୍କ ଶିକ୍ଷାଦାନରେ ବାଧା ସୃଷ୍ଟି କରନ୍ତି । ଏହି ମହାବିଦ୍ୟାଳୟର ନିଜସ୍ୱ ଜମି ନଥିବାରୁ ସରକାରଙ୍କ ତରଫରୁ ଏହି ମହାବିଦ୍ୟାଳୟକୁ କୌଣସି ଆର୍ଥିକ ସହାୟତା ମିଳି ପାରୁନାହିଁ । ଯାହା ଫଳରେ ମହାବିଦ୍ୟାଳୟ ଭିତ୍ତିଭୂମି ଉନ୍ନତିକରଣ ନିମନ୍ତେ



ପ୍ରତିବନ୍ଧକ ସୃଷ୍ଟି କରୁଥିବା ଲିଖିତ ଅଭିଯୋଗରେ ଦର୍ଶାଯାଇଛି । ସ୍ଥାୟୀ ଜମିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ୫ ଏକର ଜମି ଯୋଗାଇଦେବାକୁ ମଧ୍ୟ ଅନୁରୋଧ କରାଯାଇଛି । ଏହି ମହାବିଦ୍ୟାଳୟର ଛାତ୍ରୀମାନଙ୍କ ନିମନ୍ତେ ଶୌଚାଳୟ କି ଛାତ୍ରୀ ସାଧାରଣକକ୍ଷ ନଥିବାରୁ ଏଥିପ୍ରତି ବିଚାର କରିବାକୁ ଦର୍ଶାଯାଇଛି । ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ଡିଗ୍ରୀ ମହାବିଦ୍ୟାଳୟରେ ବର୍ଷକୁ ୬ଟି ସେମିଷ୍ଟାର ପରୀକ୍ଷା ଅନୁଷ୍ଠିତ ହୁଏ । ଯେହେତୁ ଦୁର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ ଓ ଦୁର୍ଗାଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୋଟିଏ କ୍ୟାମ୍ପସରେ ଚାଲୁଛି ତେଣୁ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା ସମୟରେ ସମସ୍ତ ଶ୍ରେଣୀ ଗୃହଗୁଡିକୁ ପରୀକ୍ଷା ନିମନ୍ତେ ବ୍ୟବହାର କରାଯାଉଥିବାରୁ ଦୁଇ ମାସ ପର୍ଯ୍ୟନ୍ତ ଡିଗ୍ରୀ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଶିକ୍ଷାଦାନ ସମ୍ପୂର୍ଣ୍ଣ ବନ୍ଦ ରହୁଛି । ତେଣୁ ଡିଗ୍ରୀ ଛାତ୍ରଛାତ୍ରୀମାନଙ୍କ ଶେଷ ତିନୋଟି ସେମିଷ୍ଟାର ପାଠପଢ଼ା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଥିବାରୁ ଡିଗ୍ରୀ ମହାବିଦ୍ୟାଳୟ କ୍ୟାମ୍ପସକୁ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଠାରୁ ପୃଥକ୍ କରାଯିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି । ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସମେତ ଅଭିଯୋଗର ଏକକିତା ନକଲ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ଭୁବନେଶ୍ୱର ସାଂସଦ, ଖୋର୍ଦ୍ଧା ବିଧାୟକ, ଉଚ୍ଚଶିକ୍ଷା ସଚିବ, ନିର୍ଦ୍ଦେଶକ ଉଚ୍ଚଶିକ୍ଷା ବିଭାଗ, ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କ ନିକଟକୁ ଦାବିପତ୍ର ପଠାଯାଇଥିବା ଜଣାପଡିଛି ।

# ବୋଲଗଡ଼ରେ ମା’ ଭୁଇଁଆଣିଙ୍କ ୩୫ତମ ଧନୁଯାତ୍ରା



**ବୋଲଗଡ଼,୧୬।୧୨/ଏନ୍‌ଏନ୍‌ଏସ୍:** ବୋଲଗଡ଼ ସଦର ମୁଖ୍ୟାଳୟସ୍ଥିତ ମା’ ଭୁଇଁଆଣିଙ୍କ ୩୫ତମ ଧନୁଯାତ୍ରା ଅନୁଷ୍ଠିତ ହେଉଛି । ବ୍ଲକଛକ ୫୭ନଂ ଜାତୀୟ ରାଜପଥ ଠାରୁ ଅନିତ ଦୂର ପ୍ରାୟତଃ ୧କି.ମି ଦୂରତ୍ୱ ବହନ କରୁଥିବା ରାସ୍ତା ପାର ପରେ ତଥା ସବୁଜ ବନାନୀ ପାହାଡ଼ର ଦ୍ୱାର ଦେଶରେ ମା’ଙ୍କର ମନ୍ଦିର ଅବସ୍ଥିତ । ଦକ୍ଷିଣ ଦିଗରେ ବିସ୍ତୀର୍ଣ୍ଣ ଡୁଗୁରି ପାହାଡ଼ ଉତ୍ତର ଦିଗରେ ବିସ୍ତୃତ ସବୁଜ ବନାନୀ କ୍ଷେତର ସମାହାର ।ଏହାର ମଧ୍ୟସ୍ଥଳରେ ଅବସ୍ଥିତ ମା’ଙ୍କ ମନ୍ଦିର । ପ୍ରତ୍ୟେହ ଦିନ ଏଠାରେ ବିବାହ, ନିର୍ବନ୍ଧ,ବଣଭୋଜି ଠାରୁ ଆରମ୍ଭ କରି ରାଜନେତା ମାନଙ୍କର ସଭା ସମିତି ଏପରିକି ନୈସ୍ୟ ଭୋଜିର ଆସର ବହୁତ ମନମୁଗ୍ଧର ଖୋରାକ ଯୋଗାଇ ଆସିଛି ମା’ଭୁଇଁଆଣି ପୀଠ । ତେବେ ଏହି ପୀଠର ଗାରିମା ଓ ଐତିହ୍ୟକୁ ମନେ ପକାଇ ଅଞ୍ଚଳ ତଥା ବିଶେଷ କରି ସ୍ଥାନୀୟ ଗଡ଼ଭିତର ବାସିନ୍ଦାମାନେ ଏକ କମିଟି ମାଧ୍ୟମରେ ଦୀର୍ଘ ବର୍ଷ ଧରି ଠାକୁରାଣୀଙ୍କ ଧନୁଯାତ୍ରା ଗୌରବ ମୟ ଭାବେ ପାଳିତ ହୋଇ ଆସୁଅଛି । ମା ଭୁଇଁଆଣି କମିଟି ଦ୍ୱାରା ଆୟୋଜିତ ଧନୁଯାତ୍ରା ସୋମବାର ଅଧିବାସ ଦିବସ ରୂପେ ମା’ଙ୍କ ପୂଜାବିଧି,ମହାସ୍ନାନ ଓ ଆଳତି ଆଦି ସମ୍ପନ୍ନ ହୋଇ ଥିଲା ।ମଙ୍ଗଳବାର ପୂର୍ବାହ୍ନରେ ମା’ ଏକ ସୁସଜ୍ଜିତ ବିମାନରେ ଘଣ୍ଟ,ଘଣ୍ଟା,ତ୍ରାସ,ଛତ୍ରୀ ଓ ଆତସବାଜି ଇତ୍ୟାଦିର ତାଳେତାଳେ ଗ୍ରାମ ପରିକ୍ରମା କରି ଭୋଗ ଲାଗି ହୋଇ ପୁନଃ ପାହାଡ଼ ତଳ ନିକଟସ୍ଥ ନିଜ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ । ତେବେ ମଙ୍ଗଳବାର ଠାରୁ ଗୁରୁବାର ଦୀର୍ଘ ୩ଦିନ ବ୍ୟାପି ଧନୁଯାତ୍ରା ଧୁମଧାମରେ ପାଳନ ହେଉଥିବା ବେଳେ ବେପାର ବଣିଜ ପାଇଁ ବହୁ ପସରା ସହ ‘ଧନୁ ମୁଆଁ’ ଯାତ୍ରା ପଡିଆକୁ ଚଳ ଚଞ୍ଚଳ କରିବାରେ ବିଶେଷ ସହାୟକର ଭୂମିକା ଲିଭାଇ ଆସିଅଛି । ସେହିପରି ମନୋରଞ୍ଜନ କାର୍ଯ୍ୟକ୍ରମରେ ଭରପୁର ଭଗବାନ ଶ୍ରୀକୃଷ୍ଣଙ୍କ କାଳୀୟ ଦଳନ ସହ ଶ୍ରୀରାମ ନାଟକ ପ୍ରମୁଖ ଧନୁଯାତ୍ରାକୁ ସରସ, ସୁନ୍ଦର, ଉତ୍କୃଷ୍ଟ ଓ ମନ ମୁଗ୍ଧକର କରିପାରିଛି । ଏହି ଯାତ୍ରାକୁ ଦେଖିବା ଲାଗି ଅଞ୍ଚଳର ବହୁ ଧନୁଯାତ୍ରା ପ୍ରେମୀଙ୍କ ସମାଗମ ହୋଇଥିବାର ଦେଖିବାକୁ ମିଳିଛି । ଶେଷ ସନ୍ଧ୍ୟା ତଥା ଗୁରୁବାର ଯାତ୍ରାର ଅନ୍ତିମ ସନ୍ଧ୍ୟାରେ ବହୁ ମାନସିକ ପୂରଣଧାରୀ ଆତସବାଜି ଲଗାଇ ମା’ଙ୍କ ନିକଟରେ ମାନସିକ ରଖିବା ପାଇଁ ସଜବାଜ ହେଉଥିବା ଜଣାଯାଇଛି ।


**AFFIDAVIT**

By virtue of an affidavit sworn before the Executive Magistrate, Tangi, Dist - Khordha, dtd. 10.03.2025, I, Manguli Pradhan (new name) resident of village At/Po- Abhimanpur, Ps- Tangi, Dist - Khordha, Pin-752021, Odisha declare that I have changed my name from Manguli Manga Bhramar Pradhan (old name) to Manguli Pradhan (new name). Henceforth, I shall be known as **Manguli Pradhan** for all purposes.

Sd/- Manguli Pradhan

**AFFIDAVIT**

By virtue of an affidavit sworn before the Executive Magistrate, Jatni, dtd. 20.11.2025, I, Bebina Bhujabal, aged about 26 years, W/o- Nityananda Bhujabal, At-Niranjanpur, Po- Kantia, Ps- Jatni, Dist- Khordha, Pin-752050, Odisha do hereby declare that after marriage I have changed my name from Kabita Bhatta, D/o-Rajkishore Bhatta to Bebina Bhujabal, W/o - Nityananda Bhujabal. Henceforth I shall be known as **Bebina Bhujabal** for all purposes.


# ପାଣି ଟାଙ୍କିରେ ପଡ଼ିଛି ୮ବର୍ଷ ହେଲା ତାଲା: ଜଳ ଯୋଗାଣ ବନ୍ଦ, ପାଚେରିରେ ଫାଟ

**ନୟାହାଟ,୧୬।୧୨/ଏନ୍‌ଏନ୍‌ଏସ୍:** ପ୍ରାୟ ୧କୋଟି ଟଙ୍କା ବ୍ୟୟରେ ବସୁଧା ଯୋଜନାରେ ନିର୍ମାଣ କରାଯାଇଥିବା ପାଣି ଟାଙ୍କି କାର୍ଯ୍ୟକ୍ଷମ ନହୋଇ ୮ବର୍ଷ ହେଲା ଅଚଳ ହୋଇଥିବା ବେଳେ ଗେଟ୍‌ରେ ତାଲା ଝୁଲୁଥିବା ଦୁର୍ଗାପୁର ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ପ୍ରକାଶ ଯେ, ନୟାହାଟ ପାଣ୍ଠି ଅନ୍ତର୍ଗତ ଶୋରଭା ପଞ୍ଚାୟତର ଦୁର୍ଗାପୁରଠାରେ ଦୀର୍ଘ ୮ବର୍ଷ



ତଳେ ଏକ ପାଣି ଟାଙ୍କି ନିର୍ମାଣ କରାଯାଇ ତା’ର ସମସ୍ତ କାର୍ଯ୍ୟ ସରିଥିଲା । ବିଦ୍ୟୁତ୍ ଟ୍ରାନ୍ସଫର୍ମ୍ ଖୁଣ୍ଟ ପାଣି ଟାଙ୍କୀ ପାଖରେ ପଡ଼ିଥିଲେ ମଧ୍ୟ ବିଦ୍ଯୁତ ଆଦ୍ୟାବିଧି ସଂଯୋଗ ହୋଇନଥିବାରୁ ମୁରୁଡ଼ା, ଦୁର୍ଗାପୁର, ପାଇକସାଇ, ମହାନ୍ତି ସାଇ ପିଇବା ପାଣିରୁ ବଞ୍ଚିତ ହେଉଛନ୍ତି । ନିମ୍ନମାନର କାମ ଓ ରକ୍ଷଣାବେକ୍ଷଣ ଅଭାବରୁ ନିର୍ମାଣାଧୀନ ପାଚେରୀ ଫାଟିଗଲାଣି । ଟାଙ୍କିରୁ କଳର ଛାଡ଼ିଲାଣି ଓ ଲୁହା ଗେଟ୍ କଳଙ୍କି ଲାଗି ନଷ୍ଟ ହେବାକୁ ବସିଲାଣି । ପାଣି ଟାଙ୍କି ଭିତର ଜଙ୍ଗଲ ହୋଇ ପଡ଼ିଥିବାବେଳେ ସେଠାରେ ବିଷଧର ସାପ ବାସା ବାନ୍ଧିଲେଣି । ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଇ ପାଣି ଟାଙ୍କିକୁ କାର୍ଯ୍ୟକ୍ଷମ କରିବା ପାଇଁ ସୋରଭା ସରପଞ୍ଚ କିଶୋର ଚନ୍ଦ୍ର ସେଠି ଦାବି କରିଛନ୍ତି ।


OFFICE OF THE SUPERINTENDING ENGINEER
BOUDH (R&B) DIVISION, BOUDH
INVITATION FOR BIDS (IFB)

B-855

E-mail- eeboudhrb@gmail.com

No. 5993 Date : 09.12.2025

**Cancellation of tender call notice no. SE BDH-14/2025-26 dated 15.11.2025**

The tender invited vide Bid Identification No. SE BDH-14/2025-26 dated 15.11.2025 for Sl. No. 02 & 03 i.e., “Construction of entrance gate with renovation of Boudh (R&B) Division office at Boudh for the year 2025-26" & “Shifting of 11 KV HT Lines & LT Linces & sub-station due to road widening and strengthening work of Telibandha-Barapuduga ODR from 0/000 km to 4/350 km & from 4/850 km to 17/005 km in the district of Boudh” is hereby canceled due to technical reason.

Sd/- Superintending Engineer,
Boudh (R&B) Division, Boudh

OIPR-34134/11/0034/2526

**NOTICE**

1) Ford Fiesta, Rgd. No-OR 02AY 6737 owner Sri Sunam Chandra Paika, At-Talada, Po.-Chheligad. Dist.-Gajapati
2) Ford Figo Regd. No.- OR 02 BT 4480 owner Smt. Shovabati Debata, At- Badagada, Po.- Badagada Brit Colony, Bhubaneswar.

You are hereby by informed that your vehicle as above laying in our premises from dtd. 25.8.2021 & dtd.21.3.2013. In spite of our repeated communication and legal notice in the address there is no response. Should you fail to take delivery of the vehicle against payment of repair and parking charges within **seven days** here of. We shall be constrained to dispose the salvage on as is where basis and adjust the proceeds there of towards our charges. Your immediate response is solicited to avoid any litigation in future and you shall have no right to claim any compensation whatsoever in future.


# ଭଗବାନପୁର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ମୁଣ୍ଡମୁହାଣ,୧୬।୧୨/ଏନ୍‌ଏନ୍‌ଏସ୍:** ରାଜଧାନୀ ଉପକଣ୍ଠ ଭଗବାନପୁର ସ୍ପୋର୍ଟସ ଆଣ୍ଡ କଲ୍ଚରାଲ ଆସୋସିଏସନ୍ ଟ୍ରଷ୍ଟ ଆନୁକୂଲ୍ୟରେ ୨୦ ତମ ଜିଲ୍ଲା ସ୍ତରିୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ (୨୦୨୫) ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ବ୍ଲକର ପୂର୍ବତନ ଅଧକ୍ଷ ଦୁଃଶାସନ ସ୍ୱାଇଁ, ସ୍ଥାନୀୟ କର୍ପୋରେଟର ରଶ୍ମି ରଂଜନ ପାଟସାଣୀ, କ୍ରୀଡ଼ାପ୍ରେମୀ ରବିନ୍ଦ୍ର ନାଥ ସାହୁ, ଜାନକୀ ବଲ୍ଲଭ ପଟ୍ଟନାୟକ ଓ ଅଭିମନ୍ୟୁ ଚମ୍ପତି ଯୋଗଦେଇ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁଭ ଉଦଘାଟନ କରିଥିଲେ । ୧୦ଦିନ ବ୍ୟାପି ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ପ୍ରମୁଖ ଦଳ ଅଂଶଗ୍ରହଣ କରିବା ସହିତ ଆସନ୍ତା ୨୫ତାରିଖ ଦିନ ଉଦ୍‌ଯାପନ କରାଯିବ । ଆଜିର ପ୍ରଥମ ଉଦଘାଟ୍‌ନୀ ମ୍ୟାଚ ଗୁଡୁମ୍ ଓ ଗଙ୍ଗପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ୍ ଜିତି ଗଙ୍ଗ ପଡ଼ା ନିର୍ଦ୍ଧାରିତ ୧୫ ଓଭରରେ ୫ ୱିକେଟ୍ ହରାଇ ୧୬୮ରନ୍ କରିଥିଲେ, ଦଳ ପକ୍ଷରୁ ଦିଲୀପ ୫୮ରନ୍ କରିଥିବା ସ୍ଥଳେ ଗୁଡୁମ୍ ଦଳର ରାଜେଶ ୨ଟି ୱିକେଟ ନେଇଥିଲେ । ବିଜୟ ପାଇଁ ୧୬୯ ରନ୍ ର ପିଛାକରି ପ୍ରତିପକ୍ଷ ଗୁଡୁମ୍ ଦଳ ନିର୍ଦ୍ଧାରିତ ଓଭର ରେ ୮ ୱିକେଟ୍ ହରାଇ ମାତ୍ର ୧୦୮ ରନ୍ କରି ଏହି ମ୍ୟାଚ୍‌କୁ ୬୨ ରନ ରେ ହା ରିଯାଇଥିଲେ ଥିଲେ, ଏହି ମ୍ୟାଚ୍ ରେ ଗଙ୍ଗ ପଡ଼ା ଦଳ ର ରଶ୍ମୀ ରଞ୍ଜନ ଜେନା କୁଁ ମ୍ୟାନ ‘ଅଫ ଦି ମ୍ୟାଚ୍’ ଘୋଷିତ କରାଯାଇ ଥିଲା ।ଏହି ମ୍ୟାଚରେ ସସ୍ମିତ ରଂଜନ ଦାସ ଓ ପରଭେଜ୍ ଖାଁନ ଅମ୍ପ୍ୟା । ରିଙ୍ଗ କରିଥିଲେ । ଦ୍ୱିତୀୟାର୍ଦ୍ଧର ମ୍ୟାଚ୍ ପାନ ବରଜ ଓ କାଇପଦର ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଟସ୍ ଜିତି କଇପଦର୍ ନିର୍ଦ୍ଧାରିତ ୧୫ଓଭର ରେ ୭ ୱିକେଟ୍ ହରାଇ ୧୫୨ କରିଥିଲା ଦଳ ପକ୍ଷରୁ ରଜତ ସାମନ୍ତରାୟ ୫୭ରନ୍ କରିଥିଲେ । ଏମ୍‌ଡି ହସିମ୍ ୨୪ରନ୍ ବିନିମୟ ରେ ୨ଟି ୱିକେଟ୍ ନେଇଥିଲେ । ବିଜୟ ୧୫୩ ରନ୍ ର ପିଛା କରି ପାନ ବରଜ ଦଳ ୭ ୱିକେଟ ହରାଇ ୧୩୩ ରନ୍ କରି ଥିଲେ । ଦଳ ପକ୍ଷରୁ ବିକି ପଲ୍ଲ । ସର୍ବାଧିକ ୩୧ ରନ୍ କରିଥିଲେ । ବିଜୟୀ ଦଳର ରଜତ ସାମନ୍ତରାୟ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ କରାଯାଇଥିଲା । ବୀରେନ୍ ବେହେରା ଓ ବୀରେନ୍ଦ୍ର ନାଥ ସାହୁ ଅମ୍ପାୟର୍ ରହିଥିଲେ ।




**ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, କଟକ**

ପତ୍ର ସଂଖ୍ୟା : ୬୧୨୨ ତା. ୧୧.୧୨.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଶ୍ରୀ ପ୍ରଫୁଲ୍ଲ କୁମାର ପଣ୍ଡା, ପିତା-ରଘୁନାଥ ପଣ୍ଡା, ସ୍ଥା-ରାଜେନ୍ଦ୍ର ନଗର, ଥାନା-ମଧୁପାଟଣା, ଜିଲ୍ଲା-କଟକ, ୨ ଗୋଟି ଗାଡ଼ିର ଯଥା - **OR05AG-4664 (CAR)** ଏବଂ **ORO2-6781 (M/C)** ପଞ୍ଜିକୃତ ମାଲିକଙ୍କ ନାମ - ପ୍ରଶାନ୍ତ କୁମାର ପଣ୍ଡା, ମାଲିକନାମା ହସ୍ତାନ୍ତର ତାଙ୍କ ନାମରେ କରିବା ପାଇଁ ଉକ୍ତ କାର୍ଯ୍ୟାଳୟରେ ଆବେଦନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଜଣାଇ ଦିଆଯାଉଅଛି କି, ଯଦି କୌଣସି ସମ୍ପୃକ୍ତ ବ୍ୟକ୍ତି ଉକ୍ତ ଗାଡ଼ିମାନଙ୍କର ମାଲିକାନା ତାଙ୍କ ନାମରେ ହସ୍ତାନ୍ତର କରାଯିବା ଦ୍ୱାରା କ୍ଷତିଗ୍ରସ୍ତ ହେଉଥାନ୍ତି ଅଥବା ଏହି ବିଷୟରେ ସେମାନଙ୍କର କୌଣସି ଅଭିଯୋଗ ଥିଲେ ଉକ୍ତ ନୋଟିସ୍ (**Notice**) ପ୍ରକାଶନର ୧୫ ଦିନ ମଧ୍ୟରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, କଟକରେ ଦାଖଲ କରିବାକୁ ଅନୁରୋଧ କରାଯାଉଅଛି ।

ଆଞ୍ଚଳିକ ପରିବହନ ଅଧିକାରୀ, କଟକ


# ପ୍ରାଣୀବିଜ୍ଞାନ ବିଭାଗରେ ପାଠଚକ୍ର ଆଲୋଚନା

**ସାକ୍ଷୀଗୋପାଳ,୧୬।୧୨/ଏନ୍‌ଏନ୍‌ଏସ୍:** ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ସଭାଗୃହରେ ପ୍ରାଣୀ ବିଜ୍ଞାନ ପକ୍ଷରୁ ଆଜି ଖାଦ୍ୟ ସଂଯୋଜକ ଓ ମାନବ ସ୍ୱାସ୍ଥ୍ୟ ଶୀର୍ଷକ ଏକ ପାଠଚକ୍ର ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପିପିଲି ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ପିନାକୀ ଜେନା ଯୋଗଦେଇଥିଲେ । ଖାଦ୍ୟ ସଂଯୋଜନାର ପ୍ରକାରଭେଦ, ବ୍ୟବହାର, ତଥା ଉପଭୋକ୍ତାଙ୍କ ପାଇଁ ସଚେତନତା ଉପରେ ଆଲୋଚନା କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପମିତ୍ରା ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଅଧିକ ପ୍ରକ୍ରିୟାକୃତ ଖାଦ୍ୟ ନଖାଇ ସମ୍ଭବ ହେଲେ ପ୍ରାକୃତିକ ଓ ସତେଜ ଖାଦ୍ୟ ଖାଇବା ଅଭ୍ୟାସ ପାଇଁ ଉପଦେଶ ପ୍ରଦାନ କରିଥିଲେ । ଗଣିତ ବିଭାଗର ମୁଖ୍ୟ ପ୍ରାଧାପକ ଧନୁର୍ଦ୍ଧର ମୁଦୁଲି ଖାଦ୍ୟ ସଂଯୋଜକ ନିର୍ଦ୍ଦିଷ୍ଟ ମାତ୍ରାରେ ବ୍ୟବହାର କରିବା, ସଚେତନ ଉପଭୋଗୀ ଓ ନିୟମ ମାନିବ ଅତ୍ୟାବଶ୍ୟକ ବୋଲି ପିଲାମାନଙ୍କୁ ଅବଗତ କରାଇଥିଲେ । ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା ଡ଼ଃ ରାଜଶ୍ରୀ ଶତପଥୀ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିବା ସହିତ ପାଠଚକ୍ର ବିଷୟରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ସମସ୍ତ, ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମଟିକୁ ବିଭାଗର ଅନ୍ୟତମ ଅଧ୍ୟାପିକା ଶ୍ୱେତପଦ୍ମା ମିଶ୍ର ପରିଚାଳନା କରିଥିଲାବେଳେ ଯୁକ୍ତ ତିନିର ଦ୍ୱିତୀୟ ବର୍ଷର ଛାତ୍ରୀ ସୌମ୍ୟା ଉପାଧ୍ୟାୟ ଏହାର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।





GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, JEYPORE
***

O-1786

e-Procurement for Road works
Bid Identification No: EERWJYP – Online -09/2025-26

Letter No. 5489 Date: 09.12.2025

01. Name of the work :: Road works
02. Total Number of works :: 10 (Ten) Nos.
03. Approximate Estimated cost :: Rs. 5.98 lakhs to Rs. 39.87 lakhs (approximately)
04. Class of Contractor : “B”, “C” & “D” Class
05. Period of Completion :: within 1 & 2 Months
06. Other Details

| Procurement Officer | Bid Identification No. | Sl No. of work in notice | Availability of tender online for bidding | | Last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender/09/ RWD-JYP/2025-26 | 10 Nos. | 15.12.2025 at 10.00 A.M | 22.12.2025 upto 5.00 P.M. | 20.12.2025 at 01.30 P.M | 23.12.2025 at 10.00 A.M |

Further details can be seen from the website www.tendersodisha.gov.in/nicgep/app

All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

*N.B. Any Addendum or Corrigendum will be available in the Website only.

Sd/- Executive Engineer
Rural Works Division, Jeypore

OIPR-25160/11/0029/2526

Government of Odisha
e-Procurement Notice
Bid Identification No. Online tender/11/S.E.R.W BOUDH/2025-26

O-1800

NATIONAL COMPETITIVE BIDDING THROUGH e-Procurement

E-mail : rw_boudh@yahoo.co.in

Name of the work :- Road work - 1 (One) No.

1. Estimated cost : Rs.18.91 lakh (approximately)
2. Period of completion : 02 (Two) calendar month
3. Date & time of availability of bid documents in the portal : From 18.12.2025, 10.00 AM to 29.12.2025, 5.00 PM
4. Last date / time for receipt of bids in the portal : 29.12.2025 up to 5.00 PM
5. Last date / Time for seeking of tender clarification : 26.12.2025 up to 5.00 PM
6. Date & time of opening of tender/Bid : 30.12.2025 at 11.00 AM
7. Name & address of the officer inviting Bid : Executive Engineer, R.W. Division Boudh

Further details, corrigendum(s) etc. can be seen from the e-procurement portal “https://www.tendersorissa.gov.in

Sd/- Executive Engineer
R.W. Division, Boudh

OIPR-25061/11/0027/2526

## କୋର୍ଟଙ୍କ ନିର୍ଦ୍ଦେଶ ପରେ ଜବରଦଖଲ ଉଚ୍ଛେଦ

**ଓଡ଼ଗାଁ,୧୬।୧୨/ଏନ୍‌ଏନ୍‌ଏସ୍:** କୋର୍ଟଙ୍କ ନିର୍ଦ୍ଦେଶପରେ ଜବରଦଖଲ ଉଚ୍ଛେଦ କରାଯାଇଛି । ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳ ଥାନା ଅଧିନ ଖଇରପଟି ଗ୍ରାମର ପ୍ରଫୁଲ୍ଲ କୁମାର ନାୟକ ଦୁଇଜଣଙ୍କୁ ଜାଗାବିକ୍ରି କରିଥିଲେ ।କାଞ୍ଚନ ବେହେରା ଆଗପଟ ଓ ମନୋରଞ୍ଜନ ବେହେରା ପଛପଟ ଜାଗା କିଣିଥିଲେ । କିନ୍ତୁ କାଞ୍ଚନ ବେହେରା ନିଜଜାଗା ସହିତ ଯିବାଆସିବା ଥିବା ୨୦ ଫୁଟ ଜାଗାକୁ ମଧ୍ୟ କବଜାକରି ପାଚେରୀ ବୁଲାଇଥିଲେ । ଫଳରେ ପଛପଟ ଜାଗା କିଣିଥିବା ମନୋରଞ୍ଜନ ଘରକୁ ଯିବାଆସିବା ରାସ୍ତା ବନ୍ଦହୋଇ ଯାଇଥିଲା । ଏନେଇ ମନୋରଞ୍ଜନ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

## ପୁରୀରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି

**ପୁରୀ,୧୬।୧୨/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ ଆଜି ପିପିଲି ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହରା ଏଥିରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୋଟ ୨୨ ଗୋଟି ଅଭିଯୋଗ ମିଳିଥିଲା । ସେଥିରୁ ୧୭ ଗୋଟି ବ୍ୟକ୍ତିଗତ, ୫ଗୋଟି ଗ୍ରାମ ସମ୍ବନ୍ଧୀୟ ଅଭିଯୋଗ ରହିଥିଲା । ଶୁଣାଣିରେ ବିଡ଼ିଓ ସରୋଜ କୁମାର ରାଉତ, ତହସିଲଦାର ହୃଷିକେଶ ତ୍ରିପାଠୀ, ଡେପୁଟି କଲେକ୍ଟର ଅନୁସ୍ରବ ଗନ୍ତାୟତ, ଅଭିଯୋଗ ଶୁଣାଣୀ ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

III-06A OIPR-24034/14/0011/2526

# ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ
(ଶିଳ୍ପ ସମ୍ପର୍କିତ ପ୍ରକଳ୍ପ)

### ଅଧିସୂଚନା

**ସଂଖ୍ୟା- ୧୬୩୫୭** ତା-୨୮/୧୦/୨୦୨୫

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ **ଢେଙ୍କାନାଳ** ଜିଲ୍ଲାର **M/s ରୁଙ୍ଗଟା ମାଇନ୍ସ ଲିମିଟେଡ଼, ଢେଙ୍କାନାଳ ଇସ୍ପାତ କାରଖାନା** । ନିର୍ମାଣ ନିମନ୍ତେ ମୌଜା -**ନୟା ଭାଗିରଥିପୁର ପଶ୍ଚିମବାଡ**, ଥାନା-ମୋଟଙ୍ଗା ନଂ- **41**, ତହସିଲ **ଓଡାପଡା** , ଜିଲ୍ଲା-**ଢେଙ୍କାନାଳରେ** ନିମ୍ନ ତଫସିଲ ମତେ ପ୍ରାୟ **ଏ: 17.8800** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ :- **M/s ରୁଙ୍ଗଟା ମାଇନ୍ସ ଲିମିଟେଡ଼, ଢେଙ୍କାନାଳ ଇସ୍ପାତ କାରଖାନା ।**

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ :- **ଜମି ମୁଖ୍ୟ ଜେନେରାଲ ମ୍ୟାନେଜର ଇଡ଼କୋ (IDCO)**

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ :- **For setting of Railway siding with approach road to NH-55, M/S ରୁଙ୍ଗଟା ମାଇନ୍ସ ଲିମିଟେଡ଼, ଢେଙ୍କାନାଳ ଇସ୍ପାତ କାରଖାନା ।**

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ :- **ଏଥି ସହିତ ସଲଗ୍ନ କରାଯାଇଛି**

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ :- ଉପ ଜିଲ୍ଲାପାଳ, **ଢେଙ୍କାନାଳ**

୬ ଜମିର ବିବରଣୀ :- **ଏଥି ସହିତ ଜମି ସଲଗ୍ନ କରାଯାଇଛି**

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, **M/s ରୁଙ୍ଗଟା ମାଇନ୍ସ ଲିମିଟେଡ଼, ଢେଙ୍କାନାଳ ଇସ୍ପାତ କାରଖାନା ।, ଢେଙ୍କାନାଳଙ୍କ** କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି **ଢେଙ୍କାନାଳ** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ /ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୋଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୫ ର ବ୍ୟବସ୍ଥା ଅନୁଯାୟୀ **ଢେଙ୍କାନାଳ** ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ଢେଙ୍କାନାଳ

ମୌଜା :ନୟାଭାଗିରଥିପୁରପଶ୍ଚିମବାଡ
ଥାନା :ମୋଟଙ୍ଗା
ଥାନା :ମୋଟଙ୍ଗା - ୪୦
ଜିଲ୍ଲା :ଢେଙ୍କାନାଳ
ମୋଟ ରକବା :ଏ ୧୭.୮୮୦

| କ୍ରମିକ ନଂ | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା | ଅର୍ଜିତ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ଗୋପବନ୍ଧୁ ମିଶ୍ର ପି: ହଟନାଥ ମିଶ୍ର, ପ୍ରାଣବନ୍ଧୁ ମିଶ୍ର, ବ୍ରଜବନ୍ଧୁ ମିଶ୍ର ପି: ହାଡିବନ୍ଧୁ ମିଶ୍ର, ରବିନାରାୟଣ ମିଶ୍ର ପି: ଆନନ୍ଦ ମିଶ୍ର ଜା: ବ୍ରାହ୍ମଣ ବା: ନୟାଭାଗିରଥି ପୁର ପୂର୍ବବାଡ, ପୂର୍ଣ୍ଣଚନ୍ଦ୍ର ମିଶ୍ର ପି: ଆନନ୍ଦ ମିଶ୍ର ଜା: ବ୍ରାହ୍ମଣ ବା: ନୟାଭାଗିରଥି ପୁର, ଜନକ ମିଶ୍ର ସ୍ୱା: ସୁଦର୍ଶନ ମିଶ୍ର, ମିନକେତନ ମିଶ୍ର ପି: ଯଦୁନାଥ ମିଶ୍ର, ଲକ୍ଷ୍ମୀ ମିଶ୍ର ସ୍ୱା: ଉଦୟ ନାଥ ମିଶ୍ର, ଅଭିମନ୍ୟୁ ମିଶ୍ର ପି: ଗିରିଧାରୀ ମିଶ୍ର ଜା: ବ୍ରାହ୍ମଣ ବା: ନୟାଭାଗିରଥି ପୁର ପୂର୍ବବାଡ | ୨୨ | ୭୫୫ (ସ୍ଥ) | ତଇଲା ଦୁଇ | ୧.୪୪୦ | ୦.୨୪୦ | |
| ୨ | ଗୋପବନ୍ଧୁ ମିଶ୍ର, ପ୍ରେମଲତା ମିଶ୍ର, ପ୍ରତିମା ମିଶ୍ର ପି: ହଟକିଶୋର ମିଶ୍ର, ମେନକା ମିଶ୍ର ସ୍ୱା: ହଟକିଶୋର ମିଶ୍ର, ରବି ମିଶ୍ର, ପୂର୍ଣ୍ଣ ମିଶ୍ର ପି: ଆନନ୍ଦ ମିଶ୍ର, କମଳିନୀ ମିଶ୍ର ସ୍ୱା: ଆନନ୍ଦ ମିଶ୍ର, ଜନକ ମିଶ୍ର ସ୍ୱା: ସୁଦର୍ଶନ ମିଶ୍ର, ମିକେତନ ମିଶ୍ର | ୨୩ | ୬୪୪ | ପତିତ | ୦.୧୦୦ | ୦.୧୦୦ | |
| ୩ | | | ୨୧୬ | ତଇଲା ଦୁଇ | ୦.୦୪୦ | ୦.୦୪୦ | |
| ୪ | | | ୨୧୯ | ନାଳ | ୦.୧୩୦ | ୦.୧୩୦ | |
| ୫ | | | ୨୨୦ | ତଇଲା ଦୁଇ | ୦.୨୪୦ | ୦.୨୪୦ | |
| ୬ | ପି: ଯଦୁନାଥ ମିଶ୍ର ଜା: ବ୍ରାହ୍ମଣ ବା: ନୟାଭାଗିରଥି ପୁର ପୂର୍ବବାଡ | | ୨୨୧ | ତଇଲା ଦୁଇ | ୦.୧୦୦ | ୦.୧୦୦ | |
| ୭ | | | ୨୨୬ | ତଇଲା ଦୁଇ | ୦.୦୫୦ | ୦.୦୫୦ | |
| | | | | | ମୋଟ | ୦.୬୬୦ | |
| ୮ | ଜୟ ନାଏକ, ଫଟୁ ନାଏକ, ଭାଇଗ ନାଏକ, ଜଷ୍ଟୁ ନାଏକ ପି: ଚନ୍ଦ୍ର ନାଏକ, କୁଳମଣି ନାଏକ, ଲମ୍ବୋଦର ନାଏକ, ଗଙ୍ଗା ନାଏକ, ମାୟା ନାଏକ ପି: ମଦନ ନାଏକ ଜା: ପାଣ ବା: ନିଜଗାଁ | ୩୦ | ୫୨୨/୯୫୨ | ପତିତ | ୦.୦୨୦ | ୦.୦୨୦ | |
| ୯ | ଧନେଶ୍ୱର ତ୍ରିପାଠୀ ପି:ରାମଚନ୍ଦ୍ର ତ୍ରିପାଠୀ ଜା: ବ୍ରାହ୍ମଣ ବା: ନିଜଗାଁ | ୪୯ | ୫୮୫ | ଶାରଦ ଏକ | ୨.୨୦୦ | ୨.୨୦୦ | |
| ୧୦ | ପଦ୍ମଲାଭ ମିଶ୍ର ପି:ପିତବାସ ମିଶ୍ର ଜା: ବ୍ରାହ୍ମଣ ବା: ନୟାଭାଗିରଥି ପୁର ପୂର୍ବବାଡ | ୬୦ | ୨୨୮ | ତଇଲା ଦୁଇ | ୦.୧୭୦ | ୦.୧୭୦ | |
| ୧୧ | | | ୨୨୯ (ସ୍ଥ) | ତଇଲା ଦୁଇ | ୦.୪୫୦ | ୦.୨୪୦ | |
| | | | | | ମୋଟ | ୦.୪୧୦ | |
| ୧୨ | ବାଜିଆ ନାଏକ, ତିର୍ଥ ନାଏକ, ନକୁଳ ନାଏକ, କୌଶଲ୍ୟା ନାଏକ, ସମ୍ବାରି ନାଏକ, ବେଙ୍ଗ ନାଏକ, ବେଲ ନାଏକ, ସୁଲ ନାଏକ ପି: କିଣା ନାଏକ ଜା: ପାଣ ବା: ନିଜଗାଁ | ୮୨ | ୨୨୮ (ସ୍ଥ) | ଶାରଦ ଦୁଇ | ୦.୮୧୦ | ୦.୩୦୦ | |
| ୧୩ | ରବିନାରାୟଣ ମିଶ୍ର, ପୂର୍ଣ୍ଣ ମିଶ୍ର ପି: ଆନନ୍ଦ ମିଶ୍ର, ମିନକେତନ ମିଶ୍ର ପି: ଯଦୁନାଥ ମିଶ୍ର ଜା: ବ୍ରାହ୍ମଣ ବା: ନୟା ଭାଗିରଥିପୁର ପୂର୍ବ ବାଡ | ୧୦୮ | ୬୩୧(ସ୍ଥ) | ଶାରଦ ତିନ | ୦.୨୦୦ | ୦.୧୪୦ | |
| ୧୪ | | | ୬୩୨(ସ୍ଥ) | ତଇଲା ଦୁଇ | ୦.୫୪୦ | ୦.୪୪୦ | |
| ୧୫ | | | ୬୩୬ (ସ୍ଥ) | ତଇଲା ଦୁଇ | ୦.୬୬୦ | ୦.୩୮୦ | |
| | | | | | ମୋଟ | ୦.୯୬୦ | |
| ୧୬ | ରାମଚନ୍ଦ୍ର ମିଶ୍ର ପି:ଜନ୍ମେଶ୍ୱର ମିଶ୍ର ଜା: ବ୍ରାହ୍ମଣ ବା: ନୟା ଭାଗିରଥିପୁର ପୂର୍ବ ବାଡ | ୧୧୧ | ୫୯୩(ସ୍ଥ) | ଶାରଦ ଦୁଇ | ୦.୧୮୦ | ୦.୦୬୦ | |
| ୧୭ | ଲକ୍ଷ୍ମୀ ମିଶ୍ର, ସା- ଉଦୟନାଥ ମିଶ୍ର, ଅଭିମନ୍ୟୁ ମିଶ୍ର, ପିତା- ଗିରିଧାରୀ ମିଶ୍ର, ଜାତି- ବ୍ରାହ୍ମଣ, ବା- ନୟାଭାଗିରଥିପୁରପୂର୍ବବାଡ | ୧୧୩ | ୬୪୫(ସ୍ଥ) | ପତିତ | ୦.୧୬୦ | ୦.୦୪୦ | |
| ୧୮ | | | ୨୧୭ | ତଇଲା ଦୁଇ | ୦.୧୧୦ | ୦.୧୧୦ | |
| ୧୯ | | | ୨୨୨ | ତଇଲା ଦୁଇ | ୦.୦୪୦ | ୦.୦୪୦ | |
| ୨୦ | | | ୨୧୮/୯୪୮ (ସ୍ଥ) | ନାଳ | ୦.୦୫୦ | ୦.୦୩୦ | |
| | | | | | ମୋଟ | ୦.୨୨୦ | |
| ୨୧ | ଶିରିଣି ରାଉତ ପି:ବୁଧିଆ ରାଉତ ଜା: ଗୋପାଳ ବା: ନିଜଗାଁ | ୧୨୬ | ୫୯୫(ସ୍ଥ) | ଶାରଦ ଏକ | ୦.୬୨୦ | ୦.୧୬୦ | ଜବର ଦଖଲ, ହରିବନ୍ଧୁ ତ୍ରିପାଠୀ, ବାଳକୃଷ୍ଣ ତ୍ରିପାଠୀ, ପି. ଦୟାନିଧି ତ୍ରିପାଠୀ, ଜା. ବ୍ରାହ୍ମଣ, ବା. ନିଜଗାଁ |
| ୨୨ | ହରିବନ୍ଧୁ ତ୍ରିପାଠୀ, ବାଳକୃଷ୍ଣ ତ୍ରିପାଠୀ ପି: | ୧୩୧ | ୫୯୧ (ସ୍ଥ) | ଶାରଦ ଏକ | ୦.୪୫୦ | ୦.୧୪୦ | |
| ୨୩ | ଦୟାନିଧି ତ୍ରିପାଠୀ, ଚିତ୍ରକଳା ତ୍ରିପାଠୀ, ଭଗବତୀ କୁମାରୀ ନନ୍ଦ ପି: ଅନନ୍ତ ଚରଣ ତ୍ରିପାଠୀ, ନାରାୟଣ ତ୍ରିପାଠୀ, ଭଗବାନ ତ୍ରିପାଠୀ ପି: ବୃନ୍ଦାବନ ତ୍ରିପାଠୀ ଜା: ବ୍ରାହ୍ମଣ ବା: ନିଜଗା | | ୫୯୨ | ଶାରଦ ଏକ | ୦.୧୬୦ | ୦.୧୬୦ | |
| | | | | | ମୋଟ | ୦.୩୦୦ | |
| ୨୪ | ହରିବନ୍ଧୁ ତ୍ରିପାଠୀ, ବାଳକୃଷ୍ଣ ତ୍ରିପାଠୀ ପି: ଦୟାନିଧି ତ୍ରିପାଠୀ, ଚିତ୍ରକଳା ମହାପାତ୍ର, ଭଗବତୀ କୁମାରୀ ନନ୍ଦ ପି: ଅନନ୍ତ ଚରଣ ତ୍ରିପାଠୀ, ଭଗବାନ ତ୍ରିପାଠୀ, ନାରାୟଣ ତ୍ରିପାଠୀ ପି: ବୃନ୍ଦାବନ ତ୍ରିପାଠୀ, ଧନେଶ୍ୱର ତ୍ରିପାଠୀ ପି: ରାମଚନ୍ଦ୍ର ତ୍ରିପାଠୀ ଜା: ବ୍ରାହ୍ମଣ ବା: ନିଜଗାଁ | ୧୩୨ | ୨୯୬ (ସ୍ଥ) | ତଇଲା ଦୁଇ | ୦.୧୬୦ | ୦.୧୦୦ | |
| ୨୫ | ଧନେଶ୍ୱର ନନ୍ଦ ପି:ନିଳାମ୍ବର ନନ୍ଦ ଜା: ବ୍ରାହ୍ମଣ ବା: କେମାଦେଇ ପୁର , ଜି. ଅନୁଗୋଳ | ୧୩୬/୪୨ | ୮୦୪ | ତଇଲା ଦୁଇ | ୦.୦୩୦ | ୦.୦୩୦ | |
| ୨୬ | କୁଞ୍ଜ ବିହାରୀ ନନ୍ଦ, ବିଭୁତି ଭୂଷଣ ନନ୍ଦ, ଗଗନ ବିହାରୀ ନନ୍ଦ ପି: ଲଳିତ ମୋହନ ନନ୍ଦ, ପ୍ରମୋଦ କୁମାର ନନ୍ଦ, ବିନୋଦ ବିହାରୀ ନନ୍ଦ ପି: ହର ମୋହନ ନନ୍ଦ, ଦିଲିପ କୁମାର ନନ୍ଦ, ସନ୍ଦିପ କୁମାର ନନ୍ଦ, ତପନ କୁମାର ନନ୍ଦ ପି: ନଗେନ୍ଦ୍ର କୁମାର ନନ୍ଦ, ରବି ନାରାୟଣ ନନ୍ଦ ପି: ରମେଶ ଚନ୍ଦ୍ର ନନ୍ଦ ଜା: ବ୍ରାହ୍ମଣ ବା: ନୟା ଭାଗିରଥିପୁର ପୂର୍ବ ବାଡ଼ | ୧୩୬/୫୧ | ୬୪୩/୯୯୨ (ସ୍ଥ) | ନାଳ | ୦.୧୪୦ | ୦.୦୩୦ | |
| ୨୭ | ମକୁନ୍ଦ ଚରଣ ସ୍ୱାଇଁ ପି:ରତ୍ନାକର ସ୍ୱାଇଁ ଜା: ଖଣ୍ଡାୟତ ବା: ନାଧରା | ୧୩୬/୬୮ | ୨୯୬/୧୧୪୫ | ଶାରଦ ତିନ | ୦.୨୧୦ | ୦.୨୧୦ | |
| ୨୮ | | | ୨୯୫ | ତଇଲା ଦୁଇ | ୦.୦୩୦ | ୦.୦୩୦ | |
| | | | | | ମୋଟ | ୦.୨୪୦ | |
| ୨୯ | କୃଷ୍ଣଚନ୍ଦ୍ର ସାମଲ ପି:ଲମ୍ବୋଦର ସାମଲ ଜା: ଖଣ୍ଡାୟତ ବା: ଘୋଡ଼ାଡିଆଁ | ୧୩୬/୬୯ | ୨୯୬/୧୧୪୬ | ଶାରଦ ତିନ | ୦.୨୨୦ | ୦.୨୨୦ | |
| ୩୦ | ପୁଷ୍ପଲତା ସାହୁ ସ୍ୱା:ଦୁଃଖବନ୍ଧୁ ପାତ୍ର ଜା: ଗୁଡ଼ିଆ ବା: ରଘୁନାଥ ପୁର | ୧୩୬/୯୦ | ୮୦୫ (ସ୍ଥ) | ତଇଲା ଦୁଇ | ୧.୭୦୦ | ୦.୦୫୦ | |
| ୩୧ | ଭଗବାନ ସାମନ୍ତରାୟ ପି:ଘନଶ୍ୟାମ ସାମନ୍ତରାୟ ଜା: ବ୍ରାହ୍ମଣ ବା: ଏଚ. ଏ. ଏଲ. ଟାଉନସିପ, ସୁନାବେଡା, ଥାନା- ସୁନାବେଡା ଜିଲ୍ଲା- କୋରାପୁଟ | ୧୩୬/୯୫ | ୨୯୬(ସ୍ଥ) | ଶାରଦ ତିନ | ୦.୦୨୦ | ୦.୦୨୦ | |
| ୩୨ | ବିମଳ କୁମାର ସାହୁ ପି:ହଟକିଶୋର ସାହୁ ଜା: ଗୁଡ଼ିଆ ବା: ନାଧରା | ୧୩୬/୧୧୬ | ୨୯୨/୧୧୨୪(ସ୍ଥ) | ତଇଲା ଦୁଇ | ୦.୧୮୦ | ୦.୦୮୦ | |
| ୩୩ | ଲକ୍ଷ୍ମୀଦେବୀ,ସା- ନରେନ୍ଦ୍ର ସିଂ, ଜାତି- ରାଜପୁତ, ବା- ହିଲ୍ ଭିୟୁ, ଥାନା- ଏମ୍.ଜି.ଏମ୍ ମ୍ୟାଙ୍ଗୋ, ଜିଲ୍ଲା- ୱେଷ୍ଟ ସିଂହ ଭୁମି, ଜାମସେଦପୁର,ରାଜ୍ୟ- ଝାଡଖଣ୍ଡ | ୧୩୬/୧୨୨ | ୫୨୧ | ତଇଲା ଦୁଇ | ୦.୨୯୦ | ୦.୨୯୦ | |
| ୩୪ | | | ୫୨୩ | ତଇଲା ଦୁଇ | ୦.୩୦୦ | ୦.୩୦୦ | |
| ୩୫ | | | ୫୨୨ | ତଇଲା ଦୁଇ | ୦.୬୧୦ | ୦.୬୧୦ | |
| ୩୬ | | | ୫୨୮ | ତଇଲା ଦୁଇ | ୦.୦୩୦ | ୦.୦୩୦ | |
| ୩୭ | | | ୫୨୯ | ଶାରଦ ତିନ | ୦.୧୩୦ | ୦.୧୩୦ | |
| ୩୮ | | | ୫୮୪ | ଶାରଦ ତିନ | ୦.୧୨୦ | ୦.୧୨୦ | |
| ୩୯ | | | ୫୮୬ | ଶାରଦ ଦୁଇ | ୦.୨୮୦ | ୦.୨୮୦ | |
| ୪୦ | | | ୫୮୭ | ଶାରଦ ଦୁଇ | ୦.୨୬୦ | ୦.୨୬୦ | |
| ୪୧ | | | ୫୮୯ | ଶାରଦ ଦୁଇ | ୦.୦୨୦ | ୦.୦୨୦ | |
| ୪୨ | | | ୫୯୦ | ଶାରଦ ତିନ | ୦.୧୩୦ | ୦.୧୩୦ | |
| ୪୩ | ଲକ୍ଷ୍ମୀଦେବୀ,ସା- ନରେନ୍ଦ୍ର ସିଂ, ଜାତି- ରାଜପୁତ, ବା- ହିଲ୍ ଭିୟୁ, ଥାନା- ଏମ୍.ଜି.ଏମ୍ ମ୍ୟାଙ୍ଗୋ, ଜିଲ୍ଲା- ୱେଷ୍ଟ ସିଂହ ଭୁମି, ଜାମସେଦପୁର,ରାଜ୍ୟ- ଝାଡଖଣ୍ଡ | ୧୩୬/୧୨୨ | ୬୩୦ | ଶାରଦ ଦୁଇ | ୦.୧୯୦ | ୦.୧୯୦ | |
| ୪୪ | | | ୬୪୧ | ଶାରଦ ତିନ | ୦.୨୨୦ | ୦.୨୨୦ | |
| ୪୫ | | | ୫୬୬(ସ୍ଥ) | ତଇଲା ଦୁଇ | ୨.୪୫୦ | ୦.୮୬୦ | |
| ୪୬ | | | ୫୯୧/୧୨୦୩(ସ୍ଥ) | ଶାରଦ ଏକ | ୦.୪୫୦ | ୦.୧୪୦ | |
| ୪୭ | | | ୫୯୨/୧୨୦୫(ସ୍ଥ) | ଶାରଦ ଏକ | ୦.୬୫୦ | ୦.୨୨୦ | |
| ୪୮ | | | ୬୩୧ | ଶାରଦ ଏକ | ୦.୨୪୦ | ୦.୨୪୦ | |
| ୪୯ | | | ୬୩୨/୧୨୦୪ | ଶାରଦ ଏକ | ୦.୩୨୦ | ୦.୩୨୦ | |
| ୫୦ | | | ୬୩୨/୯୮୬ | ଶାରଦ ଏକ | ୦.୦୬୦ | ୦.୦୬୦ | |
| ୫୧ | | | ୬୩୩(ସ୍ଥ) | ଶାରଦ ଏକ | ୦.୫୬୦ | ୦.୪୮୦ | |
| | | | | | ମୋଟ | ୫.୪୬୦ | |
| ୫୨ | ନରେନ୍ଦ୍ର ସିଂହ ପି:ମହାତମ୍ ସିଂହ ଜା: ରାଜପୁତ ବା: ହିଲ୍ ଭ୍ୟୁ କଲୋନୀ , ଥାନା - ଏମ୍ ଜି ଏମ୍ ମ୍ୟାଙ୍ଗୋ , ଜିଲ୍ଲା - ସିଂହଭୁମି ଜାମସେଦପୁର , ରାଜ୍ୟ - ଝାଡଖଣ୍ଡ | ୧୩୬/୧୨୮ | ୬୩୪ | ଶାରଦ ଏକ | ୦.୧୬୦ | ୦.୧୬୦ | |
| ୫୩ | | | ୫୬୯(ସ୍ଥ) | ଶାରଦ ତିନ | ୦.୮୦୦ | ୦.୬୬୦ | |
| ୫୪ | | | ୫୨୨ | ତଇଲା ଦୁଇ | ୦.୩୩୦ | ୦.୩୩୦ | |
| ୫୫ | | | ୫୮୮ | ତଇଲା ଦୁଇ | ୦.୯୫୦ | ୦.୯୫୦ | |
| ୫୬ | | | ୫୮୨ | ଶାରଦ ତିନ | ୦.୦୬୦ | ୦.୦୬୦ | |
| ୫୭ | | | ୫୨୫ | ଶାରଦ ତିନ | ୦.୧୨୦ | ୦.୧୨୦ | |
| ୫୮ | | | ୬୩୨ | ଶାରଦ ଏକ | ୦.୧୬୦ | ୦.୧୬୦ | |
| ୫୯ | | | ୫୬୦ | ଶାରଦ ତିନ | ୦.୧୬୦ | ୦.୧୬୦ | |
| | | | | | ମୋଟ | ୨.୬୨୦ | |
| ୬୦ | କୁନୁ ମହାଳିକ ପି:ଜଟିଆ ମହାଳିକ ଜା: କେଉଟ ବା: ନୁଆହତା, ଥାନା - ବଅଁରପାଳ, ଜି- ଆନୁଗୋଳ | ୧୩୬/୧୩୪ | ୫୬୪ | ଶାରଦ ତିନ | ୦.୧୬୦ | ୦.୧୬୦ | |
| ୬୧ | କୁନୁ ମହାଳିକ ପି:ଜଟିଆ ମହାଳିକ ଜା: କେଉଟ ବା: ନୂଆହତା ଥାନା - ବଅଁରପାଳ, ଜିଲ୍ଲା - ଅନୁଗୋଳ | ୧୩୬/୧୪୨ | ୫୮୦ | ଶାରଦ ତିନ | ୦.୨୧୦ | ୦.୨୧୦ | |
| ୬୨ | ମନିନ୍ଦର ସିଂହ ପି:ନରେନ୍ଦ୍ର ସିଂହ ଜା: ରାଜପୁତ ବା: ହିଲ ଭିୟୁ କଲୋନୀ , ଥାନା - ଏମ. ଜି. ଏମ. ହସପିଟାଲ ଜି – ଝାଡଖଣ୍ଡ | ୧୩୬/୧୬୨ | ୬୩୬ | ଶାରଦ ଏକ | ୦.୨୬୦ | ୦.୨୬୦ | |
| ୬୩ | | | ୬୪୦ | ଶାରଦ ଏକ | ୦.୧୬୦ | ୦.୧୬୦ | |
| | | | | | ମୋଟ | ୦.୪୩୦ | |
| ୬୪ | ନରେନ୍ଦ୍ର ସିଂହ ପି:ମହତାମ ସିଂହ ଜା: ରାଜପୁତ ବା: ହିଲଭିୟ କଲୋନୀ, ଥାନା - ଏମ. ଜି. ଏମ ହସପିଟାଲ , ସିଂହଭୁମ ଜାମସେଦପୁର,ଜିଲ୍ଲା- ରାଜ୍ୟ – ଝାଡ଼ଖଣ୍ଡ | ୧୩୬/୧୬୬ | ୬୩୨ | ଶାରଦ ଏକ | ୦.୨୨୦ | ୦.୨୨୦ | |
| ୬୫ | ଲକ୍ଷ୍ମିଦେବୀ ସ୍ୱା:ନରେନ୍ଦ୍ର ସିଂହ ଜା: ରାଜପୁତ ବା: ହିଲ ଭିୟୁ କଲୋନି, ଥାନା - ଏମ୍. ଜି. ଏମ୍. ହସପିଟାଲ, ଜି- ଝାଡଖଣ୍ଡ | ୧୩୬/୧୬୯ | ୬୩୮ | ଶାରଦ ଏକ | ୦.୨୩୦ | ୦.୨୩୦ | |
| ୬୬ | | | ୬୩୯ | ଶାରଦ ଏକ | ୦.୨୩୦ | ୦.୨୩୦ | |
| ୬୭ | | | ୬୩୫ | ପାଣିମାହାରା | ୦.୧୨୦ | ୦.୧୨୦ | |
| ୬୮ | | | ୫୨୨/୧୧୩୨ | ତଇଲା ଦୁଇ | ୦.୨୬୦ | ୦.୨୬୦ | |
| | | | | | ମୋଟ | ୦.୮୪୦ | |
| ୬୯ | ନିଳକଣ୍ଠ ମହାନ୍ତି ପି:ଉଦୟନାଥ ମହାନ୍ତି ଜା: ଖଣ୍ଡାୟତ ବା: ନାଧରା | ୧୩୬/୨୦୬ | ୬୮୦ (ସ୍ଥ) | ପତିତ | ୦.୫୮୦ | ୦.୦୫୦ | |
| ୭୦ | | | ୨୨୯ (ସ୍ଥ) | ଶାରଦ ଦୁଇ | ୦.୪୫୦ | ୦.୩୫୦ | |
| | | | | | ମୋଟ | ୦.୪୦୦ | |
| ୭୧ | ନିଳକଣ୍ଠ ମହାନ୍ତି ପି:ଉଦୟନାଥ ମହାନ୍ତି ଜା: ଚଷା ବା: ନାଧରା | ୧୩୬/୨୧୨ | ୨୫୩(ସ୍ଥ) | ଶାରଦ ତିନ | ୦.୬୨୦ | ୦.୫୫୦ | |
| ୭୨ | | | ୨୫୪ | ତଇଲା ଦୁଇ | ୦.୨୧୦ | ୦.୨୧୦ | |
| ୭୩ | | | ୨୫୨(ସ୍ଥ) | ଶାରଦ ତିନ | ୦.୧୬୦ | ୦.୧୨୦ | |
| | | | | | ମୋଟ | ୦.୮୮୦ | |
| ୭୪ | ମଧୁସ୍ମିତା ପାଣି ସ୍ୱା:ଅନନ୍ତ କୁମାର ନନ୍ଦ ଜା: ବ୍ରାହ୍ମଣ ବା: ସା-ନୟାଭାଗିରଥିପୁର (ପୂର୍ବ) ପୋ-ଧଳପୁର, ଥା-ମୋଟଙ୍ଗା, ଜି-ଢେଙ୍କାନାଳ-୭୫୯୦୧୯ | ୧୩୬/୨୧୩ | ୨୨୮/୧୨୨୨୭(ସ୍ଥ) | ଶାରଦ ଦୁଇ | ୦.୬୪୦ | ୦.୧୫୦ | |
| ୭୫ | ନିଳକଣ୍ଠ ମହାନ୍ତି ପି:ଉଦୟନାଥ ମହାନ୍ତି ଜା: ଖଣ୍ଡାୟତ ବା: ସା/ପୋ-ନାଧେରା, ଥା-ମୋଟଙ୍ଗା, ଜି-ଢେଙ୍କାନାଳ | ୧୩୬/୨୪୧ | ୨୨୮/୧୨୦୨୬(ସ୍ଥ) | ଶାରଦ ଦୁଇ | ୦.୧୬୦ | ୦.୦୫୦ | |
| | | | | | ମୋଟ ରକବା- ଏ | ୧୭.୮୮୦ | |

| ସା/- | ସା/- | ସା/- |
|---|---|---|
| ଅମିନ ଓଡ଼ାପଡ଼ା ତହସିଲ | ତହସିଲଦାର ତଥା ଭୁ-ଅର୍ଜନ ଅଧିକାରୀ ଓଡ଼ାପଡ଼ା | ଜିଲ୍ଲାପାଳ ଢେଙ୍କାନାଳ |

ନିତିଦିନ NITIDIN



## ପ୍ରଥମ ପୃଷ୍ଠାରୁ

## ୪୫ ଏମ୍‌ଓୟୁ, ବିନିଯୋଗ ...

ସମ୍ପୂର୍ଣ ଆକର୍ଷଣୀୟ ହେବ, ଏବଂ ମେଡ-ଟେକ୍ ଉତ୍ପାଦନରେ ମଧ୍ୟ ଏହା ଓଡ଼ିଶାର ପ୍ରମୁଖ ହେବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଫାର୍ମା ଶିଳ୍ପ ଯାହା ଆବଶ୍ୟକ କରେ, ରାଜ୍ୟ ତାହା ସମସ୍ତ ଦେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଓଡ଼ିଶାର ପରିବେଶ ସମ୍ପୂର୍ଣ୍ଣ ଶିଳ୍ପ ଅନୁକୂଳ। ଯାହା ଶିଳ୍ପ ପାଇଁ ଆବଶ୍ୟକ, ସବୁକିଛି ଓଡ଼ିଶାରେ ଅଛି। ଓଡ଼ିଶାରେ ଦେଶର ସର୍ବାଧିକ ଖଣିଜ ପଦାର୍ଥ, ତିନୋଟି ପ୍ରମୁଖ ବନ୍ଦର, ଦୁଇଟି ବାଣିଜ୍ୟିକ ବିମାନବନ୍ଦର, ୫୭୫ କିଲୋମିଟର ପରିବ୍ୟାପ୍ତ ଉପକୂଳ, ଉନ୍ନତ ରେଳ ଏବଂ ସଡ଼କ ନେଟୱାର୍କ, ଅତିରିକ୍ତ ବିଦ୍ୟୁତ୍, ପର୍ଯ୍ୟାପ୍ତ ଜଳ ଉପଲବ୍ଧତା ସହ ଇଣ୍ଡଷ୍ଟ୍ରି ମାନବସମ୍ପଦ ମଧ୍ୟ ଅଛି। ଏହି ଓଡ଼ିଶା ପୂର୍ବ ଭାରତର ମାନ୍ୟୁଫାକ୍ଚରିଙ୍ଗ ହବ୍ ହେବାପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। କାର୍ଯ୍ୟକ୍ରମରେ ଶିଳ୍ପ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଥିଲେ ଯେ, ଓଡ଼ିଶା ଫାର୍ମା ସମ୍ମିଳନୀ ୨୦୨୫ ଆମ ରାଜ୍ୟର ବିକାଶ-କେନ୍ଦ୍ରିତ ଶିଳ୍ପାୟନ ରଣନୀତିକୁ ପ୍ରତିଫଳିତ କରୁଛି। ପ୍ରଗତିଶୀଳ ନୀତି, ସମର୍ପିତ ଶିଳ୍ପ ପାର୍କ, ଦକ୍ଷ ମାନବ ସମ୍ବଳ ସହିତ ଓଡ଼ିଶା ବର୍ତ୍ତମାନ ଔଷଧ ଏବଂ ଚିକିତ୍ସା ଉପକରଣ ନିର୍ମାଣ ପାଇଁ ଏକ ପ୍ରକୃଷ୍ଟ ପରିବେଶ ସୃଷ୍ଟି କରିବ। ଅନ୍ୟମାନଙ୍କ ମଧ୍ୟରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ପ୍ରମୁଖ ଉପସ୍ଥିତ ଥିଲେ। ଶିଳ୍ପ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ସଚିବ ଅଶ୍ୱତି ଏସ୍ ଧନ୍ୟବାଦ ଦେଇଥିଲେ।

## ୧୩ ଜୀବନ୍ତ ଦଗ୍ଧ ...

ଭୋର ପ୍ରାୟ ୪ ଟା ସମୟରେ ବଳଦେବ ପୁଲିସ୍ ଷ୍ଟେସନ ଅଞ୍ଚଳର ମାଇଲ୍ ଷ୍ଟୋନ୍ ୧୨୭ ରେ ଏହି ଦୁର୍ଘଟଣା ଘଟିଛି। ଜିଲ୍ଲା ମାଜିଷ୍ଟ୍ରେଟ୍ (ଡିଏମ୍) ଏବଂ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ (ଏସ୍‌ପି) ସମେତ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଘଟଣାରେ ଗଭୀର ଶୋକବ୍ୟକ୍ତ କରିବା ସହ ଆହତମାନଙ୍କ ପାଇଁ ଉପଯୁକ୍ତ ଚିକିତ୍ସା କରିବାକୁ ଜିଲ୍ଲା ପ୍ରଶାସନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମୃତକ ଓ ଆହତଙ୍କ ପରିବାରକୁ ଆର୍ଥିକ ସହାୟତା ଘୋଷଣା କରିବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଅନ୍ୟପକ୍ଷେ ପୁଲିସ୍ ଏହି ଘଟଣାରେ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ଭାରତ-ଜୋର୍ଡାନ୍ ୫ ଚୁକ୍ତି ...

ପ୍ରସ୍ତାବ ଦେଇଛନ୍ତି। ସେ ଜୋର୍ଡାନର ଡିଜିଟାଲ ପେମେଣ୍ଟ ସିଷ୍ଟମ୍ ଏବଂ ଭାରତର ଏକୀକୃତ ପେମେଣ୍ଟ ଇଣ୍ଟରଫେସ୍ ମଧ୍ୟରେ ସହଯୋଗ ପାଇଁ ମଧ୍ୟ ଆହ୍ୱାନ କରିଛନ୍ତି। ଆଲୋଚନା ପରେ, ଉଭୟ ପକ୍ଷ ସ୍ୱାକ୍ଷର କରିଥିବା ପାଞ୍ଚଟି ବୁଝାମଣାପତ୍ର ମଧ୍ୟରେ ୧. ନୂତନ ଏବଂ ନବୀକରଣୀୟ ଶକ୍ତି କ୍ଷେତ୍ରରେ ବୈଷୟିକ ସହଯୋଗ ପାଇଁ ବୁଝାମଣାପତ୍ର, ୨. ଜଳସମ୍ପଦ ପରିଚାଳନା ଏବଂ ବିକାଶ କ୍ଷେତ୍ରରେ ସହଯୋଗ ପାଇଁ ବୁଝାମଣାପତ୍ର, ୩. ପେଟ୍ରା ଏବଂ ଏଲୋରା ମଧ୍ୟରେ ଯୁଗ୍ମ ଚୁକ୍ତିନାମା, ୪. ୨୦୨୫-୨୦୨୯ ବର୍ଷ ପାଇଁ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମର ନବୀକରଣ ଏବଂ ୫. ଡିଜିଟାଲ ପରିବର୍ତ୍ତନ ପାଇଁ ଜନସଂଖ୍ୟା ସ୍ତରରେ କାର୍ଯ୍ୟକାରୀ ହୋଇଥିବା ସଫଳ ଡିଜିଟାଲ ସମାଧାନ ବାଣ୍ଟିବା କ୍ଷେତ୍ରରେ ସହଯୋଗ ପାଇଁ ଆଗ୍ରହ ପତ୍ର ଆଦି ସାମିଲ ରହିଛି। ରାଜା ଅବଦୁଲ୍ଲା ଦ୍ୱିତୀୟ ମଧ୍ୟ ମୋଦୀଙ୍କ ସହ ଆଲୋଚନା କାଳରେ ଦ୍ୱିପାକ୍ଷିକ ସମ୍ପର୍କ ସମୀକ୍ଷା କରିଥିଲେ ଏବଂ ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ଏବଂ ବିଶ୍ୱ ପ୍ରସଙ୍ଗ ଉପରେ ମତ ବିନିମୟ କରିଥିଲେ। ଆତଙ୍କବାଦ ବିରୁଦ୍ଧରେ ଭାରତର ଲଢ଼େଇକୁ ଦୃଢ଼ ସମର୍ଥନ ଜଣାଇଥିଲେ ଏବଂ ସମସ୍ତ ପ୍ରକାର ଏବଂ ପ୍ରକାଶନରେ ଆତଙ୍କବାଦକୁ ନିନ୍ଦା କରିଥିଲେ। ପ୍ରକାଶ, ଦୀର୍ଘ ୩୭ ବର୍ଷ ମଧ୍ୟରେ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଜୋର୍ଡାନକୁ ପ୍ରଥମ ପୂର୍ଣ୍ଣାଙ୍ଗ ଦ୍ୱିପାକ୍ଷିକ ଗସ୍ତ, ଏହା ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କର ୭୫ତମ ବାର୍ଷିକୀ ସହିତ ମେଳ ଖାଉଛି। ଜୋର୍ଡାନ୍ ଗସ୍ତ ଶେଷ କରିବା ପରେ ମୋଦୀ ସେଠାରୁ ଇଥିଓପିଆ ଗସ୍ତ କରିଛନ୍ତି। ବିମାନ ବନ୍ଦରରେ ପହଞ୍ଚିବା ପରେ ମୋଦୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ପ୍ରଧାନମନ୍ତ୍ରୀ ଅବି ଅହମ୍ମଦ ଅଲୀ ନିଜେ ଉପସ୍ଥିତ ରହି ମୋଦୀଙ୍କୁ ସ୍ୱାଗତ କରିଥିଲେ ଏବଂ ନିଜ ଗାଡିରେ ବସାଇ ନ୍ୟାସନାଲ ପ୍ୟାଲେସ୍ ପର୍ଯ୍ୟନ୍ତ ନେଇଯାଇଥିଲେ। ସେଠାରେ ମଧ୍ୟ ମୋଦୀଙ୍କୁ ଔପଚାରିକତାପୂର୍ଣ୍ଣ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି। ଉଭୟ ନେତା ଏବେ ଦ୍ୱିପାକ୍ଷିକ ବୈଠକ ଆରମ୍ଭ କରିଥିବା ସୂଚନା ମିଳିଛି।

## ବାଦ୍ ପଡ଼ିଛନ୍ତି ୫୮ ଲକ୍ଷରୁ ...

୭,୦୮,୧୬,୬୩୧ ଭୋଟରଙ୍କ ନାମ ହିଁ ଉଲ୍ଲେଖ ରହିବ ବୋଲି ଆଶା କରାଯାଉଛି, ଯାହା ୭,୬୬,୩୭,୫୨୯ ଭୋଟରଙ୍କଠାରୁ ୫୮,୨୦,୮୯୮ ସଂଖ୍ୟକ କମ୍। ତେବେ ଆୟୋଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ପ୍ରଭାବିତ ଭୋଟରଙ୍କ ପାଇଁ ଶୁଣାଣି ପ୍ରକ୍ରିୟା ପ୍ରାୟ ଗୋଟିଏ ସପ୍ତାହ ମଧ୍ୟରେ ଆରମ୍ଭ ହେବ। ଡ୍ରାଫ୍ଟ ତାଲିକା ପ୍ରକାଶନ ଏବଂ ଶୁଣାଣି ଆରମ୍ଭ ମଧ୍ୟରେ ବ୍ୟବଧାନ ଶୁଣାଣି ନୋଟିସ୍ ମୁଦ୍ରଣ, ସମ୍ପୃକ୍ତ ଭୋଟରଙ୍କୁ ସେଗୁଡ଼ିକ ପ୍ରଦାନ ଏବଂ ଉକ୍ତ ଡାଟାବେସ୍‌ରେ ଏଥିପାଇଁ ଡିଜିଟାଲ୍ ବ୍ୟାକଅପ୍ ସୃଷ୍ଟି କରିବା ହେତୁ ରହିବ, ଅଧିକାରୀ କହିଛନ୍ତି। ପ୍ରକାଶ, ନଭେମ୍ବର ୪ ରୁ ଆରମ୍ଭ ହୋଇ ଡିସେମ୍ବର ୧୧ ରେ ଶେଷ ହୋଇଥିବା ଏସ୍‌ଆଇଆର୍ ପ୍ରକ୍ରିୟା ସମୟରେ ଭୋଟରଙ୍କ ଭାଗ୍ୟକୁ ନେଇ ସପ୍ତାହର ରାଜନୈତିକ ଚିନ୍ତା ଏବଂ ସାଧାରଣ ଅନିଶ୍ଚିତତା ପରେ ଏହି ପ୍ରକାଶନ ଆସିଛି। ଆୟୋଗ ସୂତ୍ର ଅନୁଯାୟୀ, ପଞ୍ଜିକୃତ ଠିକଣାରେ ଅନୁପସ୍ଥିତ ରହିବା, ସ୍ଥାୟୀ ଭାବରେ ସ୍ଥାନାନ୍ତରିତ ହେବା, ମୃତ କିମ୍ବା ଏକାଧିକ ନିର୍ବାଚନମଣ୍ଡଳୀରେ ନକଲ ଭୋଟର ଭାବରେ ଚିହ୍ନିତ ହେବା କାରଣରୁ ଏହି ୫୮ ଲକ୍ଷ ଭୋଟରଙ୍କୁ ସାମୟିକ ଭାବେ ବାଦ୍ ଦିଆଯାଇଛି। ତେବେ ଏହା ଚୂଡ଼ାନ୍ତ ନୁହେଁ। ବାଦ୍ ପଡିଥିବା ବ୍ୟକ୍ତିବିଶେଷ ସେମାନଙ୍କ ପ୍ରମାଣ ପତ୍ର ସହ ଭୋଟର ତାଲିକାରେ ସ୍ଥାନିତ ହେବା ପାଇଁ ଆବେଦନ କରିପାରିବେ। ଯେକୌଣସି ପ୍ରକାର ଅଭିଯୋଗ ବା ଆପତ୍ତି ଗ୍ରହଣ ପାଇଁ ୧୬/୧୨/୨୦୨୫ ରୁ ୧୫/୦୧/୨୦୨୬ ମଧ୍ୟରେ ଡ୍ରାଫ୍ଟ ରୋଲ୍ ପ୍ରକାଶନ କରାଯିବ। ଏହି ସମୟରେ ବାଦ୍ ପଡିଥିବା ବ୍ୟକ୍ତିମାନେ ଘୋଷଣା ଫର୍ମ ଏବଂ ସହାୟକ ଦସ୍ତାବିଜ ସହିତ ଫର୍ମ-୬ରେ ସେମାନଙ୍କର ଦାବି ଦାଖଲ କରିପାରିବେ। ପ୍ରକାଶ, ଗତ ସପ୍ତାହରେ ସିଇଓଙ୍କ କାର୍ଯ୍ୟାଳୟ ଦ୍ୱାରା ପ୍ରକାଶିତ ଏକ ବିସ୍ତୃତ ବିବରଣୀରୁ ଜଣାପଡିଛି ଯେ ୨୪,୧୬,୮୫୨ ଭୋଟରଙ୍କୁ ମୃତ ଭାବରେ ଚିହ୍ନିତ କରାଯାଇଥିଲା, ୧୯,୮୮,୦୭୬ ଜଣଙ୍କୁ ସ୍ଥାୟୀ ଭାବରେ ସ୍ଥାନାନ୍ତରିତ କରାଯାଇଥିଲା ଏବଂ ୧୨,୨୦,୦୩୮ ଜଣଙ୍କୁ ସେମାନଙ୍କ ପଞ୍ଜିକୃତ ଠିକଣାରେ ନିଖୋଜ କିମ୍ବା ଖୋଜାଖୋଜି କରାଯାଇନଥିଲା। ସେହିପରି ଅନ୍ୟ ୧.୩୮ ଲକ୍ଷ ଭୋଟରଙ୍କୁ ନକଲି ଭୋଟର ଭାବରେ ଚିହ୍ନଟ କରାଯାଇଥିଲା, ଯେତେବେଳେ ୧,୮୩,୩୨୮ ନାମକୁ 'ଭୂତ' ଭୋଟର ଭାବରେ ଚିହ୍ନଟ କରାଯାଇଥିଲା। ଏହା ସହିତ, ଗଣନା ସମୟରେ ଚିହ୍ନଟ ହୋଇଥିବା ଅନ୍ୟାନ୍ୟ ଜଟିଳତା ଯୋଗୁଁ ୫୭,୦୦୦ ରୁ ଅଧିକ ନାମକୁ ବାଦ୍ ଦିଆଯାଇଥିଲା।

## ଲୋକସଭାରେ ଭିବି-ଜି ...

କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ସରକାରଙ୍କ ମନରେଗା ଯୋଜନାକୁ ପୁନଃନିର୍ମାଣ କରିବାର ପଦକ୍ଷେପକୁ ସମାଲୋଚନା କରିଥିଲେ ଏବଂ କହିଥିଲେ ଯେ କଂଗ୍ରେସ ଏହାକୁ ବିରୋଧ କରିବ। ଗୃହରେ ବିଲ୍ ଆଗତ ହେବ ମାତ୍ରେ ବିରୋଧୀ ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ଫଳରେ ଗୃହ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରହିଥିଲା। ପରେ ବିରୋଧୀ ସଦସ୍ୟ ମାନେ କକ୍ଷ ତ୍ୟାଗ କରିବ ସହ ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲେ।

## ବିକ୍ରମଙ୍କ ସମେତ ପାଞ୍ଚ ...

ଅର୍ଥାତ୍ ଶନିବାର ଶୁଣାଣି ହୋଇଥିଲା। ବିକ୍ରମଙ୍କ ପାଇଁ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ମାନସ ଚାନ୍ଦ, କୈଳାସ ପଣ୍ଡା, କେକେ ବେହେରା, ଦୀପକ ପଟ୍ଟନାୟକ, ଶିବ ନାରାୟଣ ସାହୁ ମାମଲା ପରିଚାଳନା କରିଥିବା ବେଳେ ସହଯୋଗ କରିବାକୁ ୫୦ରୁ ଅଧିକ ଆଇନଜୀବୀ ଉପସ୍ଥିତ ହୋଇଥିଲେ। ସେପଟେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭାବେ ବରିଷ୍ଠ ଆଇନଜୀବୀ କାଳୀ ଶଙ୍କର ମିଶ୍ର ମାମଲା ପରିଚାଳନା କରିଥିଲେ। ଗଞ୍ଜାମ ପିପି ବିଶ୍ୱଜିତ ବରାଳ ତାଙ୍କୁ ସହଯୋଗ କରିଥିଲେ। ବିକ୍ରମଙ୍କ ଜାମିନ ଆବେଦନକୁ ଦୃଢ଼ ବିରୋଧ କରିଥିଲେ ସରକାରୀ ଓକିଲ। ପୀତବାସଙ୍କୁ ହତ୍ୟା ପରେ ତାଙ୍କ ପରିବାର ଲୋକଙ୍କୁ ହତ୍ୟା ଧମକ ଦିଆଯାଉଛି। ଦୁଇ ଥର ଫୋନ୍ କରି ତାଙ୍କୁ ହତ୍ୟା ଧମକ ଦିଆଯାଇଛି। ଏନେଇ ବୈଦ୍ୟନାଥପୁର ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ଗୋଟିଏ କେସ୍ କାହାକୁ ଅଭିଯୁକ୍ତ ଦର୍ଶାଯାଇନଥିବା ବେଳେ ଆଉ ଗୋଟିଏ କେସରେ ବିକ୍ରମଙ୍କ ନାମ ରହିଥିବା ଜଣାପଡିଛି। ଦୁଇଟି କେସରେ ସମସ୍ତ ରେକର୍ଡ ଶନିବାର ସରକାରୀ ଓକିଲଙ୍କ ଜରିଆରେ ଦାଖଲ କରିଥିଲା ପୁଲିସ। ଏହି ରେକର୍ଡ ଦାଖଲ କରିବା ପରେ ବିକ୍ରମଙ୍କ ଓକିଲ ଏହାର ମଧ୍ୟ ଜବାବ ରଖିଥିଲେ। ଗିରଫଦାରୀକୁ ନେଇ ଦୁଇ ପକ୍ଷ ଓକିଲଙ୍କ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। ସେପଟେ ବିକ୍ରମଙ୍କ ଓକିଲ ଦୀପକ କୁମାର ପଟ୍ଟନାୟକ କହିଛନ୍ତି, ପୁଲିସ ଗିରଫ ସମୟରେ କୌଣସି ନିୟମ ମାନି ନାହିଁ। ଗିରଫ ସମୟରେ ତାଙ୍କ ଘର ଲୋକ କିମ୍ବା ସ୍ଥାନୀୟ ଭଦ୍ରବ୍ୟକ୍ତିଙ୍କୁ ନୋଟିସ୍ କରି ନାହିଁ। ପୀତବାସଙ୍କୁ କୁରୁପତି ଭୂୟାଁ ଓ ସହଯୋଗୀ ଚିଣ୍ଟୁ ପ୍ରଧାନ ଗୁଳି କରିଥିଲେ। ଚିଣ୍ଟୁ ପ୍ରଧାନ ବୟାନ ଆଧାରରେ ବିକ୍ରମ କୁମାର ପଣ୍ଡାଙ୍କୁ ଗିରଫ କରାଯାଇଥିବା ପୁଲିସ ଦର୍ଶାଇଛି। କିନ୍ତୁ ପୁଲିସ ଦେଇଥିବା ଆରେଷ୍ଟ ମେମୋ ଅନୁସାରେ ବିକ୍ରମଙ୍କ ଗିରଫ ପରେ ଚିଣ୍ଟୁଙ୍କୁ ଗିରଫ କରାଯାଇଛି ବୋଲି କୋର୍ଟକୁ ଜଣାଇଥିଲେ। ଶେଷରେ ସ୍ୱତନ୍ତ୍ର କୋର୍ଟ ତଥା ଏଡିଜେ-୩ କୋର୍ଟ ଜାମିନ୍ ଆବେଦନ ରାୟ ଶୁଣାଣି ସଂରକ୍ଷିତ ରଖିଥିଲେ। ଆଜି କୋର୍ଟରେ ପୁଣି ଜାମିନ୍ ଆବେଦନ ରାୟ ଶୁଣାଇଛନ୍ତି କୋର୍ଟ। ସମସ୍ତ ୫ ଅଭିଯୁକ୍ତ ବେଲ୍ ଆବେଦନକୁ ଖାରଜ କରିଦେଇଛନ୍ତି।

# ବିଜେଡି ପକ୍ଷରୁ ବ୍ରହ୍ମଗିରି ଥାନା ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା

**ପୁରୀ,୧୬।୧୨/ଏନ୍‌ଏନ୍‌ଏସ୍:** ବ୍ରହ୍ମଗିରି ବ୍ଲକ କୁସୁବେଣ୍ଟି ପଞ୍ଚାୟତ ହରିଦାସ ଗ୍ରାମର ଗ୍ରାମବାସୀଙ୍କ ବେଆଇନ ଗିରଫଦାରୀ ଓ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବିରୁଦ୍ଧରେ ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବ୍ରହ୍ମଗିରି ଥାନା ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ବିଶାଳ ଗଣ ଧାରଣା ଅନୁଷ୍ଠିତ ହୋଇଯାଇଛି। ଗତକାଲି ପୁରୀ ଜିଲ୍ଲା ପ୍ରଶାସନ ଏବଂ ପୋଲିସ ମାନଙ୍କ ଅମାନୁଷିକ ଭାବେ ଅତ୍ୟାଚାର ଏବଂ ବିନା ଦୋଷରେ ହରିଦାସ ଗ୍ରାମର ଚାଷୀ ଭାଇ ଏବଂ ମା ମାନଙ୍କୁ ଉଠେଇ ଆଣିବା କୁ ବିରୋଧ କରି ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା ଦୃଢ଼ ନିନ୍ଦା କରିବା ସହିତ ବ୍ରହ୍ମଗିରି ଥାନା ପରିସରରେ ଅହୋରାତ୍ର ଧାରଣା ଦେଇଛନ୍ତି। ଆଜି ଏହି ଶାନ୍ତିପୂର୍ଣ୍ଣ ବିଶାଳ ଗଣ ଧାରଣାର ସଭାପତି ଭାବେ ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳ ସଭାପତି ବିଦ୍ୟାଧର ସ୍ୱାଇଁ ସଭାପତିତ୍ୱ କରିଥିଲେ। ବ୍ରହ୍ମଗିରି ବ୍ଲକ କୁସୁବେଣ୍ଟି ପଞ୍ଚାୟତ ହରିଦାସ ଗ୍ରାମର ଏହି ସମସ୍ୟା ପ୍ରାୟ ଦୀର୍ଘ ୩୦ ବର୍ଷ ତଳର ସମସ୍ୟା, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ସରକାର ସମୟରେ ଏହି କେନାଲ ଖନନ ପାଇଁ ଅର୍ଥ ମଞ୍ଜୁର କରାଯାଇଥିଲା। ବିଗତ ଦିନରେ ଏହି ଭଳି ସମସ୍ୟା ଦେଖାଯାଇଥିଲେ ମଧ୍ୟ ସମାଧାନ ହୋଇପାରିନଥିଲା। କିନ୍ତୁ ରାଜ୍ୟ ତଥା କେନ୍ଦ୍ରରେ ଡ଼ବଲ୍ ଇଞ୍ଜିନ ବିଜେପି ସରକାର ଚାଲିଛି। ଡ଼ବଲ ଇଞ୍ଜିନ ବିଜେପି ସରକାର ଗଢ଼ିବାର ଆଜକୁ ପ୍ରାୟ ୧୮ ମାସ ହେଇଗଲାଣି। ବ୍ରହ୍ମଗିରି ବ୍ଲକ ରେ ମାଟି ମୁଠାଟେ କେଉଁଠି ପକାଇ ନାହାଁନ୍ତି। ରାଜ୍ୟରେ ଯେଉଁ ନାରା ଦେଇ ଡ଼ବଲ ଇଞ୍ଜିନ ସରକାର ଗଢିଥିଲା ସେ ନାରା ରୁ ଗୋଟିଏ ମଧ୍ୟ ପ୍ରତିଶୃତି ପୂରଣ କରି ପାରିଲେ ନାହିଁ। ଆଇନଗତ ଭାବେ ହରିଦାସ ଗ୍ରାମର ଗ୍ରାମବାସୀ ମାନଙ୍କୁ ସରକାରୀ ନିଷେଧାଦେଶ ସମ୍ପର୍କରେ କୌଣସି ପ୍ରାକ୍ ସୂଚନା ଦିଆଯାଇ ନଥିଲା ଏବଂ ନୂତନ କେନାଲ ଖନନ ହେବା ଦ୍ୱାରା ଗ୍ରାମର ଯେଉଁ ସରକାରୀ ଜମି, ବ୍ୟକ୍ତିଗତ ଜମି କ୍ଷତିଗ୍ରସ୍ତ ହେବ ସେ ସମ୍ପର୍କରେ ଉପଯୁକ୍ତ ରାଜସ୍ୱ ଆଇନ୍ କୁ ଅନୁସରଣ ନକରି ଓ କ୍ଷତିପୂରଣ ସମ୍ପର୍କରେ କୌଣସି ଆଲୋଚନା ନ କରି ତରବରିଆ ଭାବେ ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ପ୍ରସାଶନ ମାତ୍ରାଧିକ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିଛନ୍ତି। ଗତକାଲି ପୁରୀ ଜିଲ୍ଲା ପ୍ରଶାସନ ଏବଂ ପୋଲିସ ମାନେ ହରିଦାସ ଗ୍ରାମର ଗ୍ରାମବାସୀଙ୍କ ଉପରେ ଅମାନୁଷିକ ଭାବେ ଅତ୍ୟାଚାର ଏବଂ




ମା ମାନଙ୍କୁ ଟଣା ଓଟରା କରି ଧକ୍କା ଦେଇ ବ୍ରହ୍ମଗିରି ଥାନାକୁ ଟାଣି ଆଣିବା ଏହା ବ୍ରହ୍ମଗିରି ବ୍ଲକ ରେ ଅତି ନିନ୍ଦନୀୟ ଘଟଣା। ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ଉପସଭାପତି ଶ୍ରୀ ଦାସବର୍ମା ଏହି ଭଳି ନିନ୍ଦନୀୟ ଘଟଣାକୁ ତୀବ୍ର ବିରୋଧ କରି ଗତକାଲି ଠାରୁ ଅହୋରାତ୍ର ଧାରଣା ଜାରୀ ରଖିଛନ୍ତି। ପୁରୀ ଜିଲ୍ଲା ପ୍ରଶାସନ ୨୦ ପ୍ଲାଟୁନ୍ ପୋଲିସ ଫୋର୍ସ ନେଇ ଯେଉଁ ଭଳି ଭାବେ ଅତ୍ୟାଚାର କରି କେନାଲ ଖୋଳିବା ପାଇଁ ଯାଇଥିଲେ ଏହାକୁ ବ୍ରହ୍ମଗିରି ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ମାନେ ମଧ୍ୟ ଦୃଢ଼ ନିନ୍ଦା କରିଛନ୍ତି। ପ୍ରସାଶନ ଯେଉଁ ଡ଼ବଲ ଇଞ୍ଜିନ ବିଜେପି ରାଜନୈତିକ ଦଳ ଦ୍ୱାରା ପରିଚାଳିତ ହୋଇ ନିରିହ ଚାଷୀ ଏବଂ ମା ମାନଙ୍କୁ ଧରି ନେଇଛି ଏହା ରାସ୍ତା ଛକ ଠାରେ ସାଧାରଣ ଲୋକ ମାନେ ଆଲୋଚନା କରି ନିନ୍ଦା କରୁଛନ୍ତି। ଏହି କାର୍ଯ୍ୟାନୁଷ୍ଠାନ ମଧ୍ୟରେ ପ୍ରଶାସନ ହରିଦାସ ଗ୍ରାମର ଛାତ୍ରଛାତ୍ରୀ ଓ ବୃଦ୍ଧ ବ୍ୟକ୍ତିଙ୍କୁ ମଧ୍ୟ ନିର୍ଯାତନା ଦେଇ ଗିରଫ କରିଛନ୍ତି। ଗିରଫ ହୋଇଥିବା ବ୍ୟକ୍ତି ମାନଙ୍କ ବିରୁଦ୍ଧରେ ପ୍ରଶାସନ ଅତ୍ୟନ୍ତ ସଙ୍ଗିନୀ ଦଫା ଲଗାଇଥିବାରୁ ସ୍ଥାନୀୟ ଗ୍ରାମ ନ୍ୟାୟାଳୟରେ ସେମାନଙ୍କ ଜାମିନ ନାମଞ୍ଜୁର ହୋଇଛି ଓ ସେମାନେ ଗିରଫ ହୋଇ ଜେଲ ଯାଇଛନ୍ତି।

ଆଜି ଏହି ବିଶାଳ ଗଣ ଧାରଣା ରେ ଶ୍ରୀ ଦାସବର୍ମା ଉପସ୍ଥିତ ରହି ପ୍ରସାଶନ କୁ ଚେତାବନୀ ଦେଇଥିଲେ ଯେ ଯଦି ଏହି ଭଳି ସମସ୍ୟାକୁ ଖୁବଶୀଘ୍ର ସମାଧାନ ନ କରନ୍ତି ଏହାର ଜବାବ ଆଗାମୀ ଦିନରେ ଚାଷୀ ଭାଇମାନେ ଆହୁରି ତିବ୍ର ଭାବରେ ରାଜରାସ୍ତାରେ ଲଢ଼େଇ କରି ଜବାବ ଦେବେ। ଏହି ବିଶାଳ ଶାନ୍ତିପୂର୍ଣ୍ଣ ଗଣ ଧାରଣାରେ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ବ୍ରହ୍ମଗିରି ସିପିଏମ ନେତା ଭୀମସେନ ସ୍ୱାଇଁ, ବ୍ରହ୍ମଗିରି ବ୍ଲକ ଅଧକ୍ଷା ରତ୍ନାବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ଜିଲ୍ଲା ପରିଷଦ ସଦସ୍ୟ ଜମ୍ନେଶ୍ୱର ସାହୁ, ବରିଷ୍ଠ ଚାଷୀ ନେତା ଭଗବାନ ନାୟକ, ପ୍ରଫୁଲ୍ଲ ଜେନା, ନବକିଶୋର ଶଣ୍ଢ, ପୂର୍ବତନ ଅଧକ୍ଷ କୃଷ୍ଣ ଚନ୍ଦ୍ର ରାୟ, ଉପାଧକ୍ଷ ଯୁଧିଷ୍ଠିର ନାୟକ, ମହିଳା ନେତ୍ରୀ ମାନସି ହରିଚନ୍ଦନ, ସସ୍ମିତା ସାହୁ, ଯୁବ ନେତୃତ୍ୱ ନନ୍ଦ ବିଶ୍ୱାଳ, ସର୍ବେଶ୍ୱର ପଲାଇ, ବିଜୟ ଦଳେଇ, ବୃନ୍ଦାବନ ପ୍ରଧାନ, ଅମୂଲ୍ୟ ଜେନା, ରାଧାକାନ୍ତ ସାହୁ, ବରିଷ୍ଠ ଆଇନଜୀବୀ ଭାସ୍କର ଜେନା ଓ ବ୍ରହ୍ମଗିରି ବ୍ଲକର ସହ ସହ ବିଜୁ ଜନତା ଦଳର କର୍ମୀ ଙ୍କ ସମେତ ବହୁ ଚାଷୀ ଭାଇ ଏବଂ ମା'ମାନେ ଉପସ୍ଥିତ ଥିଲେ।

# ଦେବୀ ନଦୀ ଦକ୍ଷିଣପାର୍ଶ୍ୱ ପଥର ପ୍ୟାକିଂର ଶିଳାନ୍ୟାସ



**କଣ୍ଟାପଡ଼ା,୧୬।୧୨/ଏନ୍‌ଏନ୍‌ଏସ୍:** ଆଜି କାଠଯୋଡି-ସିରୁଆ-ଦେବୀ ନଦୀର ଦକ୍ଷିଣ ପାର୍ଶ୍ୱ ଗୋବିନ୍ଦପୁରଠାରେ ଓଡିଶା ଜଳସେଚନ ବିଭାଗ ତରଫରୁ ପ୍ରାଚୀ ଡିଭିଜନ ପ୍ରତାପନଗରୀ ସବ-ଡିଭିଜନ ଓ ଝାରପଡ଼ା ସେକ୍ସନର ପଥର ପ୍ୟାକିଂ କାର୍ଯ୍ୟର ଶିଳାନ୍ୟାସ ନିଆଳୀ ବିଧାୟକ ଛବି ମଲିକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଜଳସେଚନ ବିଭାଗ ତରଫରୁ ୩ କୋଟି ୪୦ଲକ୍ଷ ଅର୍ଥ ବ୍ୟୟ ଅଟକଳରେ ଗୋବିନ୍ଦପୁର ଠାରେ ଦୁର୍ବଳ ନଦୀବନ୍ଧ ଓ ଅଞ୍ଚଳର ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ପଥର ପ୍ୟାକିଂର ନିହାତି ଆବଶ୍ୟକତା ଥିବା ଅନୁଧ୍ୟାନ ପରେ କାର୍ଯ୍ୟ ଆରମ୍ଭ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପଥର ପ୍ୟାକିଂ ଶିଳାନ୍ୟାସ ସ୍ଥଳରେ ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରଘୁନାଥ ସ୍ୱାଇଁ, ସହକାରୀ ନିର୍ବାହି ଯନ୍ତ୍ରୀ ଅଜୟ କୁମାର ବେହେରା-ସହାୟକ ଯନ୍ତ୍ରୀ ସୁନାକର ଦଳେଇ ଗୋବିନ୍ଦପୁର ମଣ୍ଡଳ ସଭାପତି ଲଲାଟ କେଶରୀ ପାତ୍ର ସାଂସଦଙ୍କ ପ୍ରତିନିଧି ସଂଗ୍ରାମ କେଶରୀ ପଟ୍ଟନାୟକ, ଆତ୍ମା ଅଧକ୍ଷ ପ୍ରଦୀପ୍ତ କୁମାର ପାତ୍ର, ଯୁବ ବିଜେପି ନେତା ବାବୁଲି ବେହେରା, ପ୍ରାକ୍ତନ ସରପଞ୍ଚ ଲଲାଟେନ୍ଦୁ ପ୍ରସାଦ ଦାଶ, ଯୁବନେତା ସୁଶାନ୍ତ ରାଉତ ଓ ବିଭାଗୀୟ କର୍ମଚାରୀଙ୍କ ସହିତ ବହୁ ଯୁବ ଓ ମହିଳା ସାମିଲ ଥିଲେ।

# ଧନୁସଂକ୍ରାନ୍ତିରେ ଧନୁମୁଆଁ ନେଇ ଚନ୍ଦ୍ରଭାଗା ବାପା ଘରକୁ ଆସିଲେ ମା' ମହାଲକ୍ଷ୍ମୀ

**କୋଣାର୍କ,୧୬।୧୨/ଏନ୍‌ଏନ୍‌ଏସ୍:** ପୌଷ ମାସ କୃଷ୍ଣପକ୍ଷ ପବିତ୍ର ଧନୁସଂକ୍ରାନ୍ତି ଅବସରରେ ଆଜି ମଙ୍ଗଳବାର ଅପରାହ୍ନରେ ବିଧିମୁତାବକ ମହାଲକ୍ଷ୍ମୀ କୋଣାର୍କ ଜଗନ୍ନାଥ ମନ୍ଦିରରୁ ଏକସୁସଜ୍ଜିତ ପାଲିଙ୍କିରେ ଶୋଭାଯାତ୍ରାରେ ବାଜା ବାଣ ଫୁଟାଇ ବାହାରି ବାପଘରକୁ ଧନୁ ମୁଆଁ ଧରି ବୁଲି ଆସିଛନ୍ତି। ପରମ୍ପରା ଓ ବିଧିମୁତାବକ ମା' ଲକ୍ଷ୍ମୀ ଆଜି ଧନୁ ସଂକ୍ରାନ୍ତିରେ ଧନୁମୁଆଁ ଆଣି ବାପଘରକୁ ଆସିଥିବା ବେଳେ ମାସକ ପରେ ମକର ସଂକ୍ରାନ୍ତିରେ ବାପଘରୁ ମକର ଚାଉଳ ନେଇ ପୁଣି ଜଗନ୍ନାଥ ଶ୍ରୀମନ୍ଦିରକୁ ଫେରିବେ। ଏ ନେଇ ମଙ୍ଗଳବାର ଅପରାହ୍ନରେ ଚନ୍ଦ୍ରଭାଗା ବଜାର କମିଟି ପକ୍ଷରୁ ଘଣ୍ଟମର୍ଦ୍ଦଳର ସୁସଜ୍ଜିତ ବାଜା, ବାଣ ପଟୁଆରରେ କୋଣାର୍କ ଜଗନ୍ନାଥ ମନ୍ଦିରରୁ ବିଧିମୁତାବକ ଆମନ୍ତ୍ରଣ କରି ମହାଲକ୍ଷ୍ମୀ ଜଗନ୍ନାଥ ମନ୍ଦିରରୁ ବାହାରି ଏକ ସୁସଜ୍ଜିତ ପାଲିଙ୍କିରେ ବସି ବାପଘର ବରୁଣ ରାଜାଙ୍କ ଗୃହ(ଚନ୍ଦ୍ରଭାଗା) ଅଭିମୁଖେ ଶୋଭାଯାତ୍ରାରେ ବାହାରିଥିଲେ। ବାଟରେ କୋଣାର୍କ ଦୁର୍ଗାବାଡ଼ି ନିକଟରେ ମହାଲକ୍ଷ୍ମୀ କିଛି ସମୟ ଅଟକି ଭୋଗ ଖାଇବା ପରେ ପୁଣି



ବାପା ଘର ଚନ୍ଦ୍ରଭାଗା ଅଭିମୁଖେ ଯାତ୍ରା କରି ଚନ୍ଦ୍ରଭାଗା ରେ ପହଞ୍ଚିଥିଲେ। ମା' ମହାଲକ୍ଷ୍ମୀ ନିଜ ବାପ ଘର ବରୁଣ ରାଜାଙ୍କ ଘର ଅର୍ଥାତ ଚନ୍ଦ୍ରଭାଗାରେ ପହଞ୍ଚିବା ପରେ ଚନ୍ଦ୍ରଭାଗା ବଜାର କମିଟି ପକ୍ଷରୁ ସଭାପତି ଅଜୟ କୁମାର ବେହେରା, ସମ୍ପାଦକ ବାନାମ୍ବର ବେହେରା , ରବିନ୍ଦ୍ର ପାତ୍ର , ମାନସ କୁମାର ସ୍ୱାଇଁ, ଗୋପୀନା ବେହେରା, ଆଲୋକ ବେହେରା, ଦୀପକ ବେହେରା, ବିଜୁ ବେହେରା, ଛବିନ୍ଦ୍ର ବାରିକ ପ୍ରମୁଖ ମା' ଲକ୍ଷୀଙ୍କୁ ଘରକୁ ନେବାପାଇଁ ସ୍ୱାଗତକରି ପାଛୋଟି ନେଇଥିଲେ। ଚନ୍ଦ୍ରଭାଗାରେ ପହଞ୍ଚି ବାପଘର ଅର୍ଥାତ ଚନ୍ଦ୍ରଭାଗା ସମୁଦ୍ର କୂଳରେ ସମୁଦ୍ର ପାଣିରେ ସ୍ନାନ ସାରି ବିଧିମୁତାବକ ପୂଜକଙ୍କ ଦ୍ୱାରା ପୂଜା ପାଠ ପରେ ବାପା ବରୁଣଙ୍କୁ ସନ୍ଧ୍ୟା ଆଳତି କରିସାରିବା ପରେ ବାପଘରେ ମା' ଲକ୍ଷ୍ମୀ ପ୍ରବେଶ କରିଥିଲେ। ଏହି ସମୟରେ ଚନ୍ଦ୍ରଭାଗା ସମୁଦ୍ରକୂଳରେ ଉପସ୍ଥିତ ଥିବା ଶହ ଶହ ପର୍ଯ୍ୟଟକ ମା' ମହାଲକ୍ଷ୍ମୀଙ୍କ ଦର୍ଶନ ଧାଡି କରି କରୁଥିବା ମନୋରମ ଦୃଶ୍ୟ ଦେଖିବାକୁ ମିଳିଥିଲା।

## ଉଷୁନା ଚାଉଳ ଉଠାଣ ...

ବର୍ଷରେ ଖରିଫ୍ ଓ ରବି ଋତୁ ପାଇଁ ଓଡ଼ିଶାର ଧାନ ସଂଗ୍ରହ ପରିମାଣକୁ ୫୦ ଲକ୍ଷ ମେଟ୍ରିକ୍ ଟନ୍‌ରୁ ୫୮ ଲକ୍ଷ ମେଟ୍ରିକ୍ ଟନ୍ ବୃଦ୍ଧି କରାଯାଇଥିବାରୁ ସେ ପତ୍ରରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ ଏହି ଧାନ ସଂଗ୍ରହ ପରିମାଣ ବୃଦ୍ଧି ରାଜ୍ୟର ଚାଷୀ ସମାଜର ଆତ୍ମବିଶ୍ୱାସକୁ ବଢ଼ାଇବା ସହ ସୁରୁଖୁରୁରେ ସଂଗ୍ରହ କାର୍ଯ୍ୟକୁ ସୁନିଶ୍ଚିତ କରିଛି। ତେବେ ଓଡ଼ିଶାରେ ବିଶେଷ ଭାବରେ ଉଷୁନା ଚାଉଳ ଅଧିକ ଉତ୍ପାଦନ ହେଉଥିବା ବେଳେ ୨୦୨୫-୨୬ ଖରିଫ ଋତୁ ପାଇଁ ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇଯାଇଥିବାରୁ ଉଷୁନା ଚାଉଳର ତୁରନ୍ତ ଉଠାଣ ନିତାନ୍ତ ଜରୁରୀ। ଏହି ପରିପ୍ରେକ୍ଷୀରେ କେନ୍ଦ୍ରୀୟ ପୁଲ ଅଧୀନରେ ଉଭୟ ଖରିଫ୍ ଓ ରବି ଋତୁ ପାଇଁ ଓଡ଼ିଶାର ଉଷୁନା ଚାଉଳ ଉଠାଣ ପରିମାଣକୁ ବର୍ତ୍ତମାନର ୨୦ ଲକ୍ଷ ମେଟ୍ରିକ୍ ଟନରୁ ବଢ଼ାଇ ୨୫ ଲକ୍ଷ ମେଟ୍ରିକ୍ ଟନ କରିବା ପାଇଁ ଅନୁରୋଧ କରିଛନ୍ତି। ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଦ୍ୱାରା ବଳକା ଥିବା ଏହି ଉଷୁନା ଚାଉଳର ଶୀଘ୍ର ଉଠାଣ ହେଲେ ଓଡ଼ିଶାର ଚାଷୀମାନେ ବିଶେଷ ଭାବରେ ଲାଭବାନ ହେବେ ଏବଂ ଜାତୀୟ ଖାଦ୍ୟ ନିରାପତ୍ତା ବ୍ୟବସ୍ଥା ଆହୁରି ମଜବୁତ୍ ହେବ ବୋଲି ଦର୍ଶାଯାଇଛି।

## ଏଆଇ ଆଗାମୀ ପିଢ଼ିର ...

କେନ୍ଦ୍ର ସହିତ ଗୁଗୁଲ୍‌ର ସହଯୋଗ ଏବଂ ଏଥିପାଇଁ ୮ ମିଲିୟନ୍ ଆମେରିକୀୟ ଡଲାର ବିନିଯୋଗକୁ ପ୍ରଶଂସା କରିଛନ୍ତି। ଏହା ବ୍ୟତୀତ ଆଇଆଇଟି ବମ୍ବେଠାରେ 'ଇଣ୍ଡିକ୍ ଲାଙ୍ଗୁଏଜ୍ ଟେକ୍ନୋଲୋଜିଜ୍ ରିସର୍ଚ୍ଚ ହବ୍' ପ୍ରତିଷ୍ଠା ପାଇଁ ଗୁଗୁଲ୍ ଦ୍ୱାରା ପ୍ରଦତ୍ତ ୨ ମିଲିୟନ୍ ଆମେରିକୀୟ ଡଲାର୍‌ର ଯୋଗଦାନକୁ ମଧ୍ୟ ସେ ସ୍ୱୀକୃତି ଦେଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ 'ଇଣ୍ଡିଆ ଏଆଇ ମିଶନ୍' ସହିତ ଏହିପରି ରଣନୀତିକ ଶିଳ୍ପ ଭାଗିଦାରୀ ଭାରତକୁ ଏକ ଆନ୍ତର୍ଜାତୀୟ ଏଆଇ ଶକ୍ତି କେନ୍ଦ୍ରରେ ପରିଣତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ଗୁଗୁଲ୍ ଭଳି ବୈଶ୍ୱିକ ସହଯୋଗୀମାନଙ୍କୁ କେବଳ ପାଣ୍ଠି ଯୋଗାଣ ବଦଳରେ ଏଆଇ ଉତ୍କର୍ଷ କେନ୍ଦ୍ରଗୁଡ଼ିକ ସହିତ ଦୀର୍ଘମିଆଦୀ ସାଂସ୍ଥାନିକ ଭାଗିଦାରୀ ସ୍ଥାପନ କରିବାକୁ ସେ ଆହ୍ୱାନ କରିଛନ୍ତି। ଏହା ଦ୍ୱାରା ଭାରତ ବିଶ୍ୱସ୍ତରୀୟ ଏଆଇ ମୂଲ୍ୟ ସୃଷ୍ଟିର ଏକ କେନ୍ଦ୍ର ହୋଇପାରିବ ଏବଂ 'ବିକଶିତ ଭାରତ' ଲକ୍ଷ୍ୟ ହାସଲ ହୋଇପାରିବ । ପରେ ଶ୍ରୀ ପ୍ରଧାନ ଗୁଗୁଲ୍ ଇଣ୍ଡିଆର କଣ୍ଟ୍ରି ମ୍ୟାନେଜର ତଥା ଉପସଭାପତି ପ୍ରୀତି ଲୋବାନା ଏବଂ ଗୁଗୁଲ୍ ନେତୃତ୍ୱ ଟିମ୍ ସହ ଏକ ଫଳପ୍ରଦ ବୈଠକ କରିଥିଲେ। ଏହି ଅବସରରେ ଡିଜିଟାଲ୍ ବ୍ୟବଧାନକୁ ଦୂର କରିବା, ପ୍ରଯୁକ୍ତିର ଗଣତାନ୍ତ୍ରିକୀକରଣ, ଦେଶର ଦୂରଦୂରାନ୍ତ ଅଞ୍ଚଳରେ ଉନ୍ନତ ଶିକ୍ଷାକୁ ସୁଗମ କରିବା ପାଇଁ ପ୍ରଯୁକ୍ତିର ଉପଯୋଗ ଏବଂ ବଡ଼ ଭାଷା ମଡେଲ୍‌ଗୁଡ଼ିକୁ (ଏଲ୍‌ଏଲ୍‌ଏମ୍) ଭାରତୀୟ ଭାଷା ଓ ଭାରତୀୟତା ସହିତ ସମନ୍ୱିତ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଶ୍ରୀ ପ୍ରଧାନଙ୍କ ଏହି ଉଦ୍ୟମଗୁଡ଼ିକ ପ୍ରଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ଭାରତର ଆଗାମୀ ଯାତ୍ରା ପାଇଁ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

# ପୂର୍ବଶତ୍ରୁତାରୁ ମରଣାନ୍ତକ ଆକ୍ରମଣ: ଯୁବକ ଗୁରୁତର

**ଫୁଲନଖରା,୧୬।୧୨/ଏନ୍‌ଏନ୍‌ଏସ୍:** କଟକ ସହର ଅନେକ ଅପରାଧିକ କାର୍ଯ୍ୟରେ ଲିପ୍ତ ଥିବା ଜଣେ ପେସାଦାର ଅପରାଧୀ ଲକି ରାଉତ ଗତକାଲି ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଶଙ୍କରପୁର ବାଲିସାହିର ଉପେନ୍ଦ୍ର ଦେବତାଙ୍କ ଘରେ ପଶି ତାଙ୍କ ବୁଲେଟକୁ ଜାଳିଦେବା ସହିତ ଉପେନ୍ଦ୍ରଙ୍କ ବାପା ଓ ମା'ଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା ସହ ମାରିଦେବାକୁ ଧମକ ଦେଇଥିଲେ। ଗଗନ ନାମକ ଜଣେ ପରିବା ବ୍ୟବସାୟୀଙ୍କଠାରୁ ୩ହଜାର



ଟଙ୍କା ଛଡାଇ ଆଣି ତାଙ୍କ ପରିବା ବୋରାକୁ କେନାଲକୁ ଫିଙ୍ଗି ଦେଇଥିଲେ। ଏ ବାବଦରେ କଟକ ବାଦାମବାଡ଼ି ଥାନାରେ ଲକି ରାଉତ ବିରୁଦ୍ଧରେ ଦୁଇଟି ଲିଖିତ ଅଭିଯୋଗ ହୋଇଛି। ବାଦାମବାଡ଼ି ପୋଲିସ ଗଳିକନ୍ଦିରେ ଅପରାଧୀକୁ ଖୋଜିବୁଲୁଛି। ଅପରପକ୍ଷରେ ଉକ୍ତ ଅପରାଧୀ ଲକି ବାଦାମବାଡ଼ି ପୋଲିସ ଭୟରେ ଆତ୍ମଗୋପନ କରିବା ପାଇଁ ଆଜି ସକାଳୁ ସକାଳୁ ଆସି ସଦରଥାନା ଅଞ୍ଚଳ ଶଙ୍ଖତ୍ରାସ ଗ୍ରାମରେ ପହଞ୍ଚିଥିଲା। କିନ୍ତୁ ସେ ଜାଣି ନ ଥିଲା ଯେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଶଙ୍ଖତ୍ରାସ ଗ୍ରାମର ମାଛ ବ୍ୟବସାୟୀ ବସନ୍ତ ଦାସଙ୍କ ହାବୁଡ଼ରେ ପଡ଼ିବ ବୋଲି। ବସନ୍ତ ଦାସ ସକାଳ ୭ଟା ୩୦ରେ ଶଙ୍ଖତ୍ରାସ ବଜାରରେ ଚା' ପିଉଥିବା ବେଳେ ଦେଖା ହୋଇଥିଲା ପୂର୍ବ ଶତ୍ରୁ ଲକି। ଉଭୟଙ୍କ ମଧ୍ୟରେ ବଚସା ଓ ଠେଲାପେଲା ହେବା ସମୟରେ ହଠାତ ବସନ୍ତ ତା'ର ମାଛ ଦୋକାନରୁ ଏକ ଚାପଡ଼ ଆଣି ଲକିର ମୁଣ୍ଡ ଓ ମୁହଁକୁ ଚୋଟ ପରେ ଚୋଟ ମାରି ତଳେ ପକାଇ ଦେବା ଫଳରେ ନିମିଷକ ମଧ୍ୟରେ ଶଙ୍ଖତ୍ରାସ ବଜାର ଶୂନଶାନ ହୋଇଯାଇଥିଲା। ସଦର ଥାନା ପୁଲିସ ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଲକିକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରିଥିଲେ। ଏବେ ଲକି ମୃତ୍ୟୁ ସହିତ ସଂଗ୍ରାମ କରୁଛି। ସଦର ଥାନା ଅଧିକାରୀ ତୁଷାରକାନ୍ତ ସେଠି ଘଟଣାର ଛାନ୍‌ଭିନ କରି ଉପସ୍ଥିତ ବୁଦ୍ଧି ଖଟେଇ ଅପରାଧୀ ବସନ୍ତ ଦାସକୁ ଗିରଫ କରିବାରେ ସଫଳ ହୋଇଛନ୍ତି।

**OFFICE OF THE NOTIFIED AREA COUNCIL, BOUDHGARH**

C-1787

e-mail : boudhgarhnac@yahoo.co.in, Ph. No. 06841-222024

Letter No. 4250 Dated : 11.12.2025

**QUOTATION CALL NOTICE**

Sealed Quotation in Plain Paper are invited from the Person Specialized in Art & Craft / Artist / Painter having GST registration, PAN Card etc to Wall Painting works at NAC Boudhgarh for the year 2025-26 and coming year 2026-27. The quotation paper will available in the office of the undersigned on payment of Rs. 2000.00 (Rupees two thousand) only (Non-refundable) in cash in any working days from dt. 15.12.2025 at 10.00 AM to dt.18.12.2025 up to 3.00 PM. The quotation will be receive up to dt. 18.12.2025 up to 3.30 PM and will be opened on 18.12.2025 at 4.00 PM.

The rate should be quoted inclusive of all taxes and completion of wall painting works. The payment will be made after inspection of the wall painting works after submission of Bill. The authority reserves the right to accept or reject any or all quotation without assigning any reason thereof.

Sd/- Executive Officer,
Boudhgarh N.A.C.

OIPR-13155/11/0024/2526

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

ଆକାଶ ଶୋଭା ବିଲଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୨୪୦୮୬/ଭୁ.ଉ.କ.,ଭୁବନେଶ୍ୱର ତା.୦୬.୧୨.୨୦୨୫ରିଖ

KPH-89/89

**ସୂଚନା**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କପିଳପ୍ରସାଦ ହାଉସିଂ ସ୍କିମ୍, ମୌଜା-କପିଳପ୍ରସାଦ, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ. HIG-II-55 କୁ ଭନେଶ ମଦନ ମୋହନ ଗୋସାଇଁ, ପିତା-ସ୍ୱର୍ଗତଃ ଶ୍ରୀ ମଦନ ମୋହନ ଗୋସାଇଁ, ସ୍ଥାୟୀ ଠିକଣା - JN/IV/16/13 Sector 10, Vashi, New Bombay ଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଭନେଶ ମଦନ ମୋହନ ଗୋସାଇଁ, ତା ୩୧.୧୦.୨୦୨୪ ରିଖରେ ମୃତ୍ୟୁ ବରଣ କରିଅଛନ୍ତି। (Death Certificate Registration No. 13372/2024 & issue No. 13565/2024 dtd. 18.11.2024)
Legal heir certificate Misc. Case No. E-LHC/2025/132660 dated 07.07.2025 ଅନୁଯାୟୀ ଭନେଶ ମଦନ ମୋହନ ଗୋସାଇଁ ଙ୍କର ଏକମାତ୍ର ଉତ୍ତରାଧିକାରୀ (୧) ସଂଗୀତା ଗୋସାଇଁ (ସ୍ତ୍ରୀ) ଅଟନ୍ତି।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀ ଉକ୍ତ ଗୃହର ମାଲିକାନା ସତ୍ୱ ତାଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଗୃହର ମାଲିକାନାସତ୍ତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ତ୍ୱ ସଂଗୀତା ଗୋସାଇଁଙ୍କ ନାମରେ ଉତ୍ତରାଧିକାରୀସୂତ୍ରେ ପରିବର୍ତ୍ତନ ଆଇନ୍ ଅନୁଯାୟୀ ସଂପାଦନ କରାଯିବ।

ସ୍ୱା/-ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0418/2526 CAD-2691

## ଆଜିର ଇତିହାସ

- ୧୩୯୮-ମଙ୍ଗୋଲର ସମ୍ରାଟ ତୈମୁରଲଙ୍ଗ ଦିଲ୍ଲୀ ଉପରେ କବ୍‌ଜା କରିଥିଲେ।
- ୧୬୪୫-ଜାହାଙ୍ଗୀରଙ୍କ ପତ୍ନୀ ନୂରଜହାଁ ବେଗମ୍‌ଙ୍କ ନିଧନ।
- ୧୮୦୩-ଇଷ୍ଟ ଇଣ୍ଡିଆ କମ୍ପାନୀ ଓଡ଼ିଶା ଉପରେ କବ୍‌ଜା କରିଥିଲା।
- ୧୯୨୮-ଭଗତ ସିଂହ, ରାଜଗୁରୁ ଓ ସୁଖଦେବ ସାଣ୍ଡର୍ସଙ୍କ ହତ୍ୟା କରିଦେଇଥିଲେ।
- ୧୯୭୧-ଭାରତ-ପାକ୍ ଯୁଦ୍ଧ ସମାପ୍ତ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ**: ଦିନଟି ମିଶ୍ରିତ ଫଳ ଦେବ। କାରବାରରେ ଧନ ପ୍ରାପ୍ତି ଯୋଗ ରହିଛି। କାମର ଅଧିକତା ରହିବ ଓ କିଛି ସମସ୍ୟା ରହିବ। କୌଣସି ଉତ୍ସବରେ ଅଧିକ ଖର୍ଚ୍ଚ କରିବେ। ପରିବାରରେ ବିବାଦର ସ୍ଥିତି ରହିପାରେ।

**ବୃଷ**: ସାମାନ୍ୟ ଦିନଟିଏ। କାର୍ଯ୍ୟକ୍ଷେତ୍ରରେ ଅନ୍ୟ ଉପରେ ଭରସା କ୍ଷତି ଦେବ। ଜମି ସଂକ୍ରାନ୍ତୀୟ ସୌଦାରେ ବରିଷ୍ଠଙ୍କ ପରାମର୍ଶ ଆବଶ୍ୟକ। ନୂଆ କାମର ଆରମ୍ଭ କରିପାରନ୍ତି। ପରିବାରର ପରିବେଶ ଖୁବ ଭଲ ରହିବ।

**ମିଥୁନ**: ଦିନଟି ଖୁବ୍ ଭଲରେ ବିତିବ। ଆୟର ସୋର୍ସ ବୃଦ୍ଧି ହେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ଆତ୍ମବିଶ୍ୱାସ ସଫଳତା ଦେବ। ନିବେଶରୁ ଲାଭ ପାଇବେ। ମିତ୍ରଙ୍କ ଭରପୂର ସହଯୋଗ ପାଇବେ।

**କର୍କଟ**: ଦିନଟି ଶୁଭ ଫଳଦାୟୀ। ବୟସ୍କଙ୍କ ଆଶୀର୍ବାଦ ଧନ ଲାଭ ଦେବ। ପ୍ରମୋଶନ ଯୋଗ ରହିଛି। କ୍ଷମତାରୁ ଲାଭ ଉଠାଇବେ। ଆକସ୍ମିକ ଧନ ଲାଭ ସ୍ଥିତି ରହିଛି। ମିତ୍ରଙ୍କ ସହଯୋଗ ପ୍ରାପ୍ତ କରିବେ।

**ସିଂହ**: ଦିନଟି ସାମାନ୍ୟ ରହିବ। ସମସ୍ୟାର ସମ୍ମୁଖୀନ ହେବେ। ଅନାବଶ୍ୟକ ଖର୍ଚ୍ଚ ଚିନ୍ତାରେ ପକାଇବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ବିବାଦରେ ଫସି ପାରନ୍ତି। ପରିବାରରେ ଆନନ୍ଦଦାୟକ ପରିବେଶ ରହିବ।

**କନ୍ୟା**: ଆର୍ଥିକ ଦୃଷ୍ଟିରୁ ଦିନଟି ଖୁବ୍ ଭଲ। କାରବାରରୁ ଧନ ପ୍ରାପ୍ତି ସମ୍ଭବ। ଆୟର ସୋର୍ସ ବୃଦ୍ଧି ହେବ। କଠିନ ପରିଶ୍ରମ ସଫଳତା ଦେବ। ସନ୍ତାନ ପାଇଁ ମହତ୍ତ୍ୱପୂର୍ଣ୍ଣ ନିର୍ଣ୍ଣୟ ନେଇପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା**: ଆଜି ମିଶ୍ରିତ ଫଳ ପାଇବେ। ବ୍ୟାପାର ଆଦି ଭଲ ଚାଲିବ। ଅନାବଶ୍ୟକ ଖର୍ଚ୍ଚ ଅଧିକ ରହିବ। ବ୍ୟସ୍ତତା ପାଇଁ କ୍ଳାନ୍ତ ହେବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ବିବାଦରେ ଫସି ପାରନ୍ତି। ସ୍ୱାସ୍ଥ୍ୟ ସାମାନ୍ୟ ରହିବ।

**ବିଛା**: କାରବାର ଖୁବ୍ ଭଲ ଚାଲିବ। ଧନ ଲାଭ ହେବ। ମିଶ୍ରିତ ଫଳ ପାଇବେ। ସବୁ କାର୍ଯ୍ୟ ଆଜି ପୂରା ହେବ। ଧର୍ମ-କର୍ମ ପ୍ରତି ଆସ୍ଥା ରହିବ। ସାଙ୍ଗସାଥିଙ୍କ ସହିତ ସମ୍ପର୍କ ଖରାପ ହୋଇପାରେ।


**ଧନୁ**: ଦିନଟି ଉତ୍ତମ। ଧନ ଲାଭର ସ୍ଥିତି ରହିଛି। ବିଦ୍ୟାର୍ଥୀମାନେ ଖୁବ୍ ପରିଶ୍ରମ କରିବେ। ସମ୍ପତ୍ତି କିଣିବାରେ ରୁଚି ରଖିବେ। ପରିବେଶ ଖୁବ୍ ଭଲ ରହିବ। ପରିଜନଙ୍କ ଭରପୂର ସହଯୋଗ ପାଇବେ।

**ମକର**: କାର୍ଯ୍ୟକ୍ଷେତ୍ରରେ ଛୋଟ ଛୋଟ ସମସ୍ୟା ଆସିପାରେ। କଠିନ ପରିଶ୍ରମ ସଫଳତା ଦେବ। ମନୋବଳ ବୃଦ୍ଧି ହେବ। ଜରୁରୀ କାର୍ଯ୍ୟ ସମୟାନୁସାରେ ପୂରା ହେବ। ମିତ୍ରଙ୍କ ସହିତ ସାକ୍ଷାତ ପ୍ରସନ୍ନତା ଦେବ।

**କୁମ୍ଭ**: ଦିନଟି ଶୁଭ ଫଳଦାୟୀ। ଆକସ୍ମିକ ଧନ ଲାଭ ହୋଇପାରେ। ପ୍ରପର୍ଟି ଓ ସେୟାର ବଜାରରେ ନିବେଶ ଲାଭ ଦେବ। ସଫଳତା ପାଇବେ। ମାଙ୍ଗଳିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି। ନୂଆ ବସ୍ତୁ କିଣିପାରନ୍ତି।

**ମୀନ**: ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ନୂଆ କାମ ଆରମ୍ଭ କରିପାରନ୍ତି। ଚାକିରି ମିଳିଯିବ। ମଙ୍ଗଳ କାମର ଆୟୋଜନ ହୋଇପାରେ। ଘରୋଇ ଜୀବନରେ ପ୍ରତିକୂଳତାର ସମ୍ମୁଖୀନ ହୋଇପାରନ୍ତି।

## ଶ୍ରୀମଦ୍ ଭଗବଦ୍‌ଗୀତା




**ପ୍ରକୃତ୍ୟୈବ ଚ କର୍ମାଣି କ୍ରିୟମାଣାନି ସର୍ବଶଃ।**
**ଯଃ ପଶ୍ୟତି ତଥାତ୍ମାନମକର୍ତ୍ତାରଂ ସ ପଶ୍ୟତି। (୧୩/୨୯)**

ପ୍ରକୃତି ସବୁ ପ୍ରକାର ସମସ୍ତ କାର୍ଯ୍ୟ କରନ୍ତି। କିନ୍ତୁ ଆତ୍ମା କିଛି କାର୍ଯ୍ୟ କରନ୍ତି ନାହିଁ, ସେ ଆକର୍ତ୍ତା। ଏଭଳି ଯିଏ ଦର୍ଶନ କରନ୍ତି, ସେ ହିଁ ଯଥାର୍ଥଦର୍ଶୀ। ଏପରିକି ମଣିଷ ଯେଉଁ ପରିସ୍ଥିତିରେ ଯେଭଳି କାର୍ଯ୍ୟ କରେ ତାହା ବି ପ୍ରକୃତିର କାର୍ଯ୍ୟ।


ଶ୍ରୀ ରାମକୃଷ୍ଣ କହନ୍ତି - ମୁଁ ତାଙ୍କୁ ହିଁ ବ୍ରହ୍ମ ଭାବରେ ଉପାସନା କରେ। ସେ ସୃଷ୍ଟି, ସ୍ଥିତି ଓ ବିନାଶର କାର୍ଯ୍ୟ ଦ୍ୱାରା ଆଦୌ ପ୍ରଭାବିତ ନୁହନ୍ତି। ମୁଁ ତାଙ୍କୁ ଶକ୍ତି ବା ମାୟା କିମ୍ବା ପ୍ରକୃତି ଭାବରେ ପୂଜା କରେ। ଏହି ପ୍ରକୃତି କାର୍ଯ୍ୟ କାରଣ ବିବର୍ଜିତ ବ୍ରହ୍ମଙ୍କ ସାନ୍ନିଧ ଲାଭ କରି ନିରନ୍ତର ସର୍ବ କାର୍ଯ୍ୟ କରନ୍ତି।

# ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ



ହିନ୍ଦୁ ହୁଅନ୍ତୁ ଅବା ମୁସଲମାନ, ଖ୍ରୀଷ୍ଟିଆନ ହୁଅନ୍ତୁ ଅବା ବୌଦ୍ଧ ସମସ୍ତେ ହେଉଛନ୍ତି ଏକ ପରମେଶ୍ୱରଙ୍କ ସନ୍ତାନ। ଏହା କହୁଥିଲେ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ। ମୟୂରଭଞ୍ଜ ଜିଲ୍ଲାର ବାରିପଦା ଠାରେ ୧୮୭୦ ମସିହା ଆଜିର ଦିନରେ ସେ ଜନ୍ମଗ୍ରହଣ କରିଥିଲେ। ଓଡ଼ିଶାର ରାଜନୀତି, ସମାଜନୀତି, ଶିକ୍ଷା, ସ୍ୱାସ୍ଥ୍ୟ ତଥା ସାଂସ୍କୃତିକ ପରମ୍ପରାକୁ ବୁଦ୍ଧିମନ୍ତ କରିବାରେ ସେ ନିଭେଇଥିଲେ ଗୁରୁତ୍ୱପୂର୍ଣ୍ଣ ଭୂମିକା। ଉତ୍କଳ ପ୍ରଦେଶ ଗଠନ କରିବାରେ ସେ ଥିଲେ ଜଣେ ପ୍ରମୁଖ ବିନ୍ଧାଣୀ ଓ ଉତ୍କଳ ସମ୍ମିଳନୀର ସେ ଥିଲେ ଅନ୍ୟତମ କର୍ଣ୍ଣଧାର। ରାଜ୍ୟର ମଙ୍ଗଳ ତଥା ପ୍ରଜାହିତ ପାଇଁ ସର୍ବଦା ଚେଷ୍ଟିତ ଥିବା ଶ୍ରୀ ଭଞ୍ଜଦେବ ଥିଲେ ଜଣେ ସୁଶାସକ, ସରଳ ଓ ଅମାୟିକ ବ୍ୟକ୍ତି। ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରସାରରେ ତାଙ୍କର ଅବଦାନ ଥିଲା ଅତୁଳନୀୟ। ଭାଷା ଆନ୍ଦୋଳନର ଅନ୍ୟତମ ପୁରୋଧା ଥିଲେ ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ। ରାଜ୍ୟର ଉନ୍ନତି ପାଇଁ ସେ କରିଯାଇଥିବା ବିକାଶଗୁଡ଼ିକୁ ଲୋକମାନେ ଆଜି ବି ସ୍ମରଣ କରୁଛନ୍ତି। ସହପାଠୀଙ୍କ ସହିତ ସରଳ ଭାବରେ ମିଶିବା ସହିତ ବିଭିନ୍ନ ସ୍ଥାନ ଭ୍ରମଣ କରିବାକୁ ସେ ଭଲ ପାଉଥିଲେ। ଶାସନ କରିବା ପରେ ରାଜନୀତି ଓ ଦର୍ଶନଶାସ୍ତ୍ରକୁ ସେ ଭଲ ଭାବରେ ପଢ଼ିବା ଆରମ୍ଭ କରିଥିଲେ। ବିଏ ପାସ୍ କରିବା ପୂର୍ବରୁ ରାଜଗାଦି ଆରୋହଣ କରିଥିଲେ ଶ୍ରୀ ଭଞ୍ଜଦେଓ। ପଣ୍ଡିତ ଗୋପବନ୍ଧୁ ସବୁ କାର୍ଯ୍ୟରେ ତାଙ୍କର ପରମ ସଖା ଭାବରେ ଜଣେ ପରାମର୍ଶଦାତା ଥିଲେ। ଶିକ୍ଷାର ପ୍ରସାର ପାଇଁ ନିଜ ରାଜ୍ୟରେ ୪୪ଟି ବିଦ୍ୟାଳୟରୁ ୪୦୦ ପର୍ଯ୍ୟନ୍ତ ବିଦ୍ୟାଳୟ ବୃଦ୍ଧି କରାଇବାର ଶ୍ରେୟ ତାଙ୍କୁ ଦିଆଯାଏ। ଉତ୍କଳ ପ୍ରଦେଶ ଗଠନରେ ସେ ଥିଲେ ମଧୁସୂଦନଙ୍କ ଯୋଗ୍ୟ ସାରଥି। ସେ ସମୟରେ କଟକ ବଡ଼ ଡାକ୍ତରଖାନା, ରେଭେନ୍ସା କଲେଜ, ଉତ୍କଳ ସାହିତ୍ୟ ସମାଜ, କଟକ ଟାଉନ୍‌ହଲ୍ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଆଦିକୁ ଆର୍ଥିକ ସହାୟତା ସେ ପ୍ରଦାନ କରିଥିଲେ। ରୂପ୍‌ସା-ବାରିପଦା ପର୍ଯ୍ୟନ୍ତ ଥିବା ରେଳ ଲାଇନ୍ ତାଙ୍କର କୀର୍ତ୍ତି। ଉତ୍କଳ ଜନନୀର ଏହି ଯୋଗଜନ୍ମା ସନ୍ତାନଙ୍କର ୨୨ ଫେବୃଆରୀ, ୧୯୧୨ରେ ତିରୋଭାବ ହୋଇଥିଲା।

# ଅନ୍ତରୀକ୍ଷରେ ଚିନି



ଅନ୍ତରୀକ୍ଷ, ଆକାଶଗଙ୍ଗା, ଚନ୍ଦ୍ର, ସୂର୍ଯ୍ୟ, ତାରା, ଗ୍ରହ ଓ ଧୂମକେତୁ ଆଦି ଅନନ୍ତ ଆକାଶରେ ସେମାନଙ୍କର ଉପସ୍ଥିତି ପାଇଁ ବୈଜ୍ଞାନିକମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ରହିଛନ୍ତି। ପୃଥିବୀର ନିକଟତମ ଗ୍ରହ ଚନ୍ଦ୍ର ଉପରେ ବେଶ୍ କିଛି ତଥ୍ୟ ମଣିଷ ପାଇସାରିଛି। ବାକି ଅନନ୍ତ ବ୍ରହ୍ମାଣ୍ଡରେ ବୈଜ୍ଞାନିକମାନଙ୍କର ଅଧ୍ୟୟନ ଜାରି ରହିଛି। ନିଜର ଏହି ଅନ୍ୱେଷଣଗୁଡ଼ିକୁ ନେଇ ନାସାରୁ ଆରମ୍ଭ କରି ଇସ୍ରୋ ପର୍ଯ୍ୟନ୍ତ ବୈଜ୍ଞାନିକମାନେ ଆକାଶରେ ଲୁଚି ରହିଥିବା ପାଣି, ବରଫ ଓ ସବୁ ପ୍ରକାରର ଗ୍ୟାସ୍ ଥିବା ବିଷୟରେ ଜାଣୁଛନ୍ତି। ତେବେ ଏହା ମଧ୍ୟରେ ହୋଇଥିବା ଏକ ଅଧ୍ୟୟନରେ ବିଶେଷ କରି ଧୂମକେତୁ ସମ୍ପର୍କରେ ଜାଣିବା ସମୟରେ ଅନ୍ତରୀକ୍ଷରେ ଚିନି ମିଳିଥିବା ବିଷୟରେ ଜଣାପଡ଼ିଛି। ଏହା ପରେ ବୈଜ୍ଞାନିକମାନଙ୍କର କୌତୁହଳ ଏ ସମ୍ପର୍କରେ ବୃଦ୍ଧି ପାଇଛି। ସ୍ପେସ୍‌କ୍ରାଫ୍ଟ ଆଣିଥିବା କିଛି ନମୁନା ଉପରେ ହୋଇଥିବା ଅଧ୍ୟୟନ ଅନୁସାରେ ଜୀବ ବିଜ୍ଞାନ ପାଇଁ ଜରୁରୀ ଚିନି, ଅଠାଳିଆ ପଦାର୍ଥ ଓ ତାରାମାନଙ୍କ ଧୂଳି ଅନୁମାନ ଠାରୁ ଅଧିକ ମିଳିଛି। ଅନ୍ତରୀକ୍ଷ ଯାନ ଓସିରିସ୍-ରେକ୍ସ ଏପରି ଉଲ୍‌କାପିଣ୍ଡଗୁଡ଼ିକ ଉପରେ ଅଧ୍ୟୟନ କରୁଛି। ଏଥିମଧ୍ୟରୁ ଏକ ଉଲ୍‌କାପିଣ୍ଡ ବେନ୍ନୁ (ଛୋଟ ତାରା) ଉପରେ ଅଧ୍ୟୟନ କରାଯାଇଥିଲା ଯେଉଁଟି ଭାଙ୍ଗି ଦୁଇଟି ଉଲ୍‌କାପିଣ୍ଡ ପୃଥିବୀରେ ଆସି ପଡ଼ିଥିଲା। ସେହି ଉଲ୍‌କାପିଣ୍ଡର ରାସାୟନିକ ଯାଞ୍ଚ କରାଯାଉଛି ଓ ଏହି ଅଧ୍ୟୟନ ଉପରେ ଲଗାତର ବଡ଼ ବଡ଼ ତଥ୍ୟ ମଧ୍ୟ ମିଳୁଛି। ବେନ୍ନୁ ଉପରେ ହୋଇଥିବା ଅଧ୍ୟୟନରେ କୁହାଯାଇଛି ଯେ ପାଞ୍ଚଟି କାର୍ବନ ଥିବା ସୁଗାର୍ ରାଇବୋସ୍ ଓ ପ୍ରଥମ ଥର କୌଣସି ବାହାରର ନମୁନାରେ ଛଅଟି କାର୍ବନ୍ ଥିବା ଗ୍ଲୁକୋଜ ମିଳିଛି। କିନ୍ତୁ ଏହି ସୁଗାର୍ ଜୀବନର ପ୍ରମାଣ ନୁହେଁ। ଏହା ପୂର୍ବରୁ ବେନ୍ନୁର ନମୁନାରେ ଅମିନୋ ଏସିଡ୍, ନ୍ୟୁକ୍ଲିୟସ୍ ଓ କାର୍ବୋକ୍ସିଲିକ୍ ଏସିଡ୍ ଥିବା ବିଷୟରେ କୁହାଯାଇଥିଲା। ଏବେ ଚିନି ମିଳିବା ପରେ ଏହା ଦର୍ଶଉଛି ଯେ ବାୟୋଲୋଜିକାଲ୍ ମଲିକ୍ୟୁଲ୍ସର ବ୍ଲକ୍ସ ପୂରା ସୌରମଣ୍ଡଳରେ ବ୍ୟାପି ରହିଛି। ତେବେ ଏହା ଚିନିର ଏକ ରାସାୟନିକ ରୂପ ଯାହା ସାହାଯ୍ୟରେ ରିବୋନୁକ୍ଲିକ୍ ଏସିଡ୍ (ଆର୍‌ଏନ୍‌ଏ) ତିଆରି ହୁଏ। ଏହା ଶରୀରରେ ସନ୍ଦେଶ ପଠେଇବା କାମ କରେ। ଏହା ସନ୍ଦେଶକୁ ନେଇ ଅନ୍ୟ ରାଇବୋସୋମ୍ସ ପର୍ଯ୍ୟନ୍ତ ପଠାଏ। ଆର୍‌ଏନ୍‌ଏର ସନ୍ଦେଶକୁ ପଢ଼ି ଶରୀର ଆବଶ୍ୟକତା ଅନୁସାରେ ପ୍ରୋଟିନ୍‌ର ନିର୍ମାଣ କରେ। ଅର୍ଥାତ ଆର୍‌ଏନ୍‌ଏ ଜୀବନକୁ ବିକଶିତ କରିବା ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଅବୟବ।

# ଦିବ୍ୟତାର ପ୍ରତୀକ: ଝୁମ୍‌କା



**କାନରେ ପିନ୍ଧାଯାଉଥିବା ଝୁମ୍‌କା ଘଣ୍ଟି ପରି ଏକ ଗହଣା। ମୁଣ୍ଡ ହଲେଇଲେ ଝୁମ୍‌କା ଗତିଶୀଳ ହୁଏ ଓ ତା'ର ଶବ୍ଦ ଅନ୍ୟ ଗହଣା ଠାରୁ ଅଲଗା ପରିଚୟ ସୃଷ୍ଟି କରାଏ। ଆଜି ବି ପାରମ୍ପରିକ ଝୁମ୍‌କାରେ ଏହି ଘଣ୍ଟି ପରି ଆକାର ସ୍ପଷ୍ଟ ନଜର ଆସେ। ଝୁମ୍‌କାର ଉତ୍ପତ୍ତି ବହୁ ପୁରୁଣା କାଳରୁ ହୋଇଛି। ଖ୍ରୀ.ପୂ ୩୦୦ ସମୟରେ ଚୋଳ ବଂଶ ସହିତ ଜଡ଼ିତ ରହିଛି ଏହାର ଇତିହାସ। ସେ ସମୟରେ ଦକ୍ଷିଣ ଭାରତର ମନ୍ଦିରଗୁଡ଼ିକରେ ଦେବୀ ଦେବତାମାନଙ୍କର ମୂର୍ତ୍ତିଗୁଡ଼ିକୁ ଝୁମ୍‌କା ଦ୍ୱାରା ସଜାଯାଉଥିଲା। ଏହି ଆଭୂଷଣ ଥିଲା ଦେବତାମାନଙ୍କ ପ୍ରତି ସମ୍ମାନ ଓ ଦିବ୍ୟତାର ପ୍ରତୀକ। ଏହି ପରମ୍ପରା ଦ୍ୱାରା ପ୍ରେରିତ ହୋଇ ମନ୍ଦିରଗୁଡ଼ିକରେ ନୃତ୍ୟଶିଳ୍ପୀମାନେ ବିଶେଷ କରି ଭାରତନାଟ୍ୟମ୍‌ର ଶିଳ୍ପୀମାନେ ଝୁମ୍‌କା ପିନ୍ଧିବା ଆରମ୍ଭ କଲେ। ନୃତ୍ୟ ସମୟରେ ଝୁମ୍‌କାର ଲୟବଦ୍ଧ ଗତି ଓ ଚମକ ନୃତ୍ୟର ସୁନ୍ଦରତା ବୃଦ୍ଧି କରଉଥିଲା।**





ରାଜପରିବାର ଓ ମୋଗଲ ପ୍ରଭାବ-ସମୟ ସହିତ ଝୁମ୍‌କା ରାଜପରିବାର ଓ କୁଳୀନ ମହିଳାମାନଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ହୋଇଥିଲା। ଓଜନିଆ ଆଭୂଷଣ ହୋଇଥିବା କାରଣରୁ ଏହାକୁ ବହୁତ ଖାସ୍ ବୋଲି କୁହାଯାଏ। କାରଣ ଏହା ଭିତର ଭାଗର ଅଂଶ ଖାଲି ଥାଏ ଯେଉଁ କାରଣରୁ ଏହା ଦେଖିବାକୁ ଭବ୍ୟ ଓ ପିନ୍ଧିବା ପାଇଁ ଏହା ଖୁବ୍ ହାଲୁକା ହୋଇଥାଏ। କିନ୍ତୁ ମୋଗଲ୍ କାଳରେ ଝୁମ୍‌କାର ଚାହିଦା ବୃଦ୍ଧି ପାଇବାକୁ ଲାଗିଲା। ଏ ସମୟରେ କାନଫୁଲ ଓ ସଂକଳୀର ଚଳନ ବୃଦ୍ଧି ପାଇଥିଲା ଯେଉଁ କାରଣରୁ ଝୁମ୍‌କାକୁ ଏକ ସଜେଇବା ଚେନ୍ ଜରିଆରେ ଯୋଡ଼ାଯାଇ ପିନ୍ଧା ଯାଉଥିଲା। ମୋତିର ଲଡ଼ି, କଟାଯାଇ ନଥିବା ହୀରା ଓ ସୁନାର କାରୁକାର୍ଯ୍ୟ ଝୁମ୍‌କାକୁ ରୟାଲ୍ ଲୁକ୍ ଦେଇଥିଲା।

ପ୍ରକାର-ଆଜି ଝୁମ୍‌କାର ଅନେକ ରୂପ ଦେଖିବାକୁ ମିଳେ। ଟେମ୍ପଲ ଝୁମ୍‌କା, କୁନ୍ଦନ ଝୁମ୍‌କା, ମୀନାକାରୀ, ଅକ୍ସିଡାଇଜ୍‌ଡ, ସିଲ୍‌ଭର ଓ ପର୍ଲ ଆଦି ଝୁମ୍‌କାର ପ୍ରତି ଷ୍ଟାଇଲ୍‌ର ରହିଛି ବିଶେଷ ଚାହିଦା। ପାରମ୍ପରିକ ଡିଜାଇନ୍ ଶାଢ଼ି ଓ ଲେହେଙ୍ଗା ସହିତ ଝୁମ୍‌କା ଖୁବ୍ ମ୍ୟାଚ କରେ। ସେହିପରି ମିନିମଲ୍ ଓ ଫ୍ୟୁଜନ ଝୁମ୍‌କା ଇଣ୍ଡୋ-ୱେଷ୍ଟର୍ଣ୍ଣ ଆଉଟଫିଟ୍ସ ସହିତ ମଧ୍ୟ ପସନ୍ଦ କରାଯାଏ।

ଫ୍ୟାସନ୍- ଆଜି ଝୁମ୍‌କାର ଫ୍ୟାସନ୍ ଚଳନରେ ରହିଛି। କେବଳ ଆମ ଦେଶରେ ନୁହେଁ, ପାକିସ୍ତାନ, ବାଂଲାଦେଶ ଓ ଏବେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ମଧ୍ୟ ଝୁମ୍‌କା ଷ୍ଟାଇଲ୍ ଷ୍ଟେଟମେଣ୍ଟର ଅଂଶବିଶେଷ ହୋଇଗଲାଣି।

# ସାଓ ଜୋଆଓ

ପୂରା ଦୁନିଆରେ ଆଜି ବି ଏପରି ଅନେକ ପରମ୍ପରାକୁ ଅନୁସରଣ କରାଯାଉଛି ଯେଉଁଗୁଡ଼ିକ ବିଷୟରେ ଜାଣିଲେ ଆଶ୍ଚର୍ଯ୍ୟ ନହୋଇ ରହିପାରିବେ ନାହିଁ। କେଉଁଠାରେ ଏପରି ପରମ୍ପରାଗୁଡ଼ିକ ଧାର୍ମିକ ଆସ୍ଥା ସହିତ ଜଡ଼ିତ ହୋଇଥାନ୍ତି ତ କେଉଁଠାରେ ସାଂସ୍କୃତିକ ପରିଚୟର ଅଂଶବିଶେଷ ହୋଇଥାନ୍ତି। ଆମ ଦେଶରେ ଏହିପରି ପରମ୍ପରାଗୁଡ଼ିକର ପ୍ରଚଳନ ଅଧିକ। ଏଠାରେ ପ୍ରତି ରାଜ୍ୟ ଓ କ୍ଷେତ୍ରରେ ନିଜର ଅଲଗା ଅଲଗା ପରମ୍ପରା ରହିଛି। ଏହି ପରମ୍ପରାଗୁଡ଼ିକ ଅଳ୍ପ ଅଜବ ଲାଗିଲେ ମଧ୍ୟ ଖୁବ୍ ରୋଚକପୂର୍ଣ୍ଣ ହୋଇଥାଏ। ଏହିପରି ଏକ ପରମ୍ପରାକୁ ଅନୁସରଣ କରାଯାଏ ଗୋଆରେ। ସମୁଦ୍ର କୂଳ ଓ ରଙ୍ଗିନ ସଂସ୍କୃତି ପାଇଁ ଗୋଆର ପ୍ରସିଦ୍ଧି ରହିଛି। କେବଳ ଭ୍ରମଣ ପାଇଁ ଯେ ଗୋଆ ଲୋକପ୍ରିୟ ତାହା ନୁହେଁ, ଅନୋଖା ପରମ୍ପରାଗୁଡ଼ିକ ପାଇଁ ମଧ୍ୟ ବେଶ୍ ଜଣାଶୁଣା। ପ୍ରତିବର୍ଷ ଜୁନ୍ ମାସରେ ସେଠାରେ ସାଓ ଜୋଆଓ ନାମକ ଏକ ଖାସ୍ ଉତ୍ସବ ପାଳନ କରାଯାଏ। ବିଶେଷ କରି ଉତ୍ତର ଗୋଆର ଗ୍ରାମଗୁଡ଼ିକରେ ଏହି ଉତ୍ସବ ପାଳନ କରାଯାଏ। ଏହି ଉତ୍ସବ ଅନ୍ତର୍ଗତ ବିବାହ ପରେ ନୂଆ ବରକୁ କୂଳ କିମ୍ବା ପୋଖରୀର ପାଣି ମଧ୍ୟକୁ ଧକ୍କା ମାରି ପକେଇ ଦିଆଯାଏ। ପ୍ରଥମେ ଶୁଣିଲେ ଏହା ଆଶ୍ଚର୍ଯ୍ୟ ଲାଗିପାରେ କିନ୍ତୁ ଏହା ପଛରେ ରହିଛି ଗଭୀର ସାଂସ୍କୃତିକ ଓ ଧାର୍ମିକ ମାନ୍ୟତା। ସେଣ୍ଟ ଜନ୍ ଦି ବାପ୍‌ଟିଷ୍ଟଙ୍କ ସ୍ମୃତିରେ ଏହି ଉତ୍ସବର ପାଳନ କରାଯାଏ। ସେଣ୍ଟ ଜନ୍ ପାଣିରେ ବୁଡ଼ି ବୁଡ଼ି ଲୋକମାନଙ୍କୁ ନୂଆ ଜୀବନ ଓ ନୂଆ ପ୍ରାରମ୍ଭ ବିଷୟରେ ସନ୍ଦେଶ ଦେଉଥିଲେ। ତେଣୁ ପାଣିରେ ବୁଡ଼ିବାର ପରମ୍ପରାକୁ ଶୁଦ୍ଧତା, ଜୀବନ ଓ ନୂଆ ସମ୍ପର୍କର ପ୍ରତୀକ ଭାବରେ ଗ୍ରହଣ କରାଯାଏ। ସ୍ଥାନୀୟ ଲୋକମାନଙ୍କ ଅନୁସାରେ ପାଣିରେ ବୁଡ଼ିଲେ ନୂଆ ବରର ଜୀବନରେ ସମୃଦ୍ଧି ଆସେ। ଏହି ପରମ୍ପରାକୁ ଆଗାମୀ ପିଢ଼ି ପାଇଁ ଆଶୀର୍ବାଦର ସଂକେତ ଭାବରେ ମଧ୍ୟ ଗ୍ରହଣ କରାଯାଏ। ଏହା ସହିତ ବୈବାହିକ ଜୀବନର ପ୍ରାରମ୍ଭ ଶୁଭ ହୋଇଥାଏ ବୋଲି ଲୋକମାନଙ୍କର ବିଶ୍ୱାସ ରହିଛି।



# ଘର ଛାଡ଼ିବେ ତୁଲ୍‌ସୀ





ଟିଭି ଧାରାବାହିକ 'କିଉଁକି ସାସ୍ ଭି କଭି ବୋହୂ ଥୀ' ଦ୍ୱିତୀୟ ସିଜିନ୍‌ରେ ଏ ସମୟ ଆସିଗଲାଣି ଯେତେବେଳେ ମିହିରର ବିଶ୍ୱାସଘାତକତାକୁ ନେଇ ତୁଳ୍‌ସୀ ପ୍ରଶ୍ନ ପଚାରିବ। ତୁଲ୍‌ସୀର ଅଧିକାଂଶ ପ୍ରଶ୍ନର ଉତ୍ତର ନାହିଁ ମିହିର ପାଖରେ। ନିୟୋନିକା ଘଟଣା ସହିତ ମନ୍ଦିରା ଘଟଣା ମଧ୍ୟ ଏଥିରେ ଯୋଡ଼ି ହୋଇଯିବ। ମିହିର କ୍ଷମା ମାଗିବାକୁ ଚେଷ୍ଟା କରିବ କିନ୍ତୁ ଏହାକୁ ଗ୍ରହଣ କରିବ ନାହିଁ ତୁଲ୍‌ସୀ। ଏହାର ନୂଆ ପ୍ରୋମୋର ଭିଡିଓରେ ତୁଲ୍‌ସୀ ଘରଛାଡ଼ି ଯିବାର ଦୃଶ୍ୟ ଦେଖିବାକୁ ମିଳୁଛି। ନିଜ ଜିନିଷପତ୍ର ସହିତ ତୁଲ୍‌ସୀ ଶିଡ଼ିରେ ଓହ୍ଲଉଛି ଓ ପୁଅ ରିତିକ୍ କେଉଁଠିକୁ ଯାଉଛ ବୋଲି ପ୍ରଶ୍ନ ପଚାରୁଛି। ଘରର ଅନ୍ୟ ସଦସ୍ୟମାନେ ମଧ୍ୟ ସମାନ ପ୍ରଶ୍ନ ପଚାରୁଛନ୍ତି ତୁଲ୍‌ସୀଙ୍କୁ। ଏହାର ଉତ୍ତର ପାଇବା ପାଇଁ ସେ ମିହିରକୁ ପଚାରିବାକୁ କହୁଛନ୍ତି। କିନ୍ତୁ ମିହିର ପଥର ମୂର୍ତ୍ତି ପରି ଛିଡ଼ା ହେବାର ଦେଖିବାକୁ ମିଳୁଛି। କିଛି ସମୟ ମଧ୍ୟରେ କିରଣ ଏହି ମୋର୍ଚ୍ଚାକୁ ସମ୍ଭାଳିବେ। କିନ୍ତୁ ତୁଲ୍‌ସୀ, ମିହିର ସହିତ ସମ୍ପର୍କ ତୁଟେଇବା କଥା କହିବେ ଯେଉଁ ନିଷ୍ପତ୍ତି ଶାନ୍ତିନିକେତନକୁ ଦୋହଲେଇ ରଖିଦେବ। ତେଣୁ ଧାରାବାହିକ ଆଗକୁ ଯାଇ କେଉଁ ପ୍ରକାରର ମୋଡ଼ ନେଉଛି ତାହା ଦେଖିବାର ବିଷୟ। ପରିବାରର ଲୋକମାନେ ପୁଣି ଥରେ ତୁଲ୍‌ସୀ ଓ ମିହିରଙ୍କୁ ଏକା ସହିତ ଆଣିବାକୁ ଚାହିଁବେ। କିନ୍ତୁ ତୁଲ୍‌ସୀ ସେମାନଙ୍କ କଥା ରଖିବେ କି ? ଏପରି ପ୍ରଶ୍ନଗୁଡ଼ିକର ଉତ୍ତର ପାଇବା ପାଇଁ ଦେଖନ୍ତୁ 'କିଉଁକି ସାସ୍ ଭି କଭି ବୋହୂ ଥୀ'।

ଏକତା କପୁରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ଧାରାବାହିକଟି ୨୦୦୦-୨୦୦୮ ପର୍ଯ୍ୟନ୍ତ ଷ୍ଟାର୍ ପ୍ଲସ୍‌ରେ ପ୍ରସାରିତ ହୋଇଥିଲା। ଏଥିରେ ତୁଲ୍‌ସୀ ଭୂମିକାରେ ସ୍ମୃତି ଇରାନୀ ଓ ମିହିର ଚରିତ୍ରରେ ଅମର ଉପାଧ୍ୟାୟ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଏବେ ଏହି ବର୍ଷ ପୁଣି ଥରେ ଏହାର ଦ୍ୱିତୀୟ ଭାଗ ଆରମ୍ଭ ହୋଇଛି ଯେଉଁଟି ଭାରତୀୟ ଟେଲିଭିଜନ ଇତିହାସରେ ସବୁଠାରୁ ଅଧିକ ଲୋକପ୍ରିୟ ଧାରାବାହିକ ଭାବରେ ମାନ୍ୟତା ପାଇଛି। ଧାରାବାହିକଟି ୧୮୦୦ରୁ ଅଧିକ ଏପିସୋଡ୍ ପୂରା କରି ଲିମ୍‌କା ବୁକ ଅଫ୍ ରେକର୍ଡସ୍‌ରେ ସାମିଲ ହୋଇଛି।

# ଉତ୍ତମ ସ୍ୱାସ୍ଥ୍ୟ ପାଇଁ ବାସନ

ରୋଷେଇ କରିବା କଥା ଯଦି ଆସେ ତେବେ ଆୟୁର୍ବେଦର ନିୟମ ବହୁତ ସିଧା- 'ପ୍ରାକୃତିକ ଜିନିଷର ବ୍ୟବହାର କରିବା ଉଚିତ'। ଆୟୁର୍ବେଦ ଅନୁସାରେ ସଠିକ୍ ବାସନ ବା ପାତ୍ରରେ ତିଆରି ହୋଇଥିବା ଖାଦ୍ୟ ଜୀବନ୍ତ ହୋଇ ରହେ ଓ ହଜମ କରିବାକୁ ସହଜ ହୁଏ। ତେଣୁ ରୋଷେଇ କରିବା ବେଳେ ଖୁବ୍ ଭଲ ସ୍ୱାସ୍ଥ୍ୟ ପାଇବା ପାଇଁ ସାମଗ୍ରୀର ଯେ ଆବଶ୍ୟକ ହୁଏ ତାହା ନୁହେଁ ବାସନକୁସନର ମଧ୍ୟ ମହତ୍ତ୍ୱ ଥାଏ। ତେବେ ଚାରି ପ୍ରକାରର ବାସନ ବା ପାତ୍ରକୁ ଉଭୟେ ଆୟୁର୍ବେଦ ଓ ବିଜ୍ଞାନ ରୋଷେଇ ପାଇଁ ଭିଆଇପି ବୋଲି ମାନନ୍ତି। ତେଣୁ ଏ ବିଷୟରେ ଆସନ୍ତୁ ଜାଣିବା।



**ମାଟିର ବାସନ**-ମାଟିର ବାସନରେ ଖାଦ୍ୟକୁ କମ୍ ଜାଳଦେଇ ରନ୍ଧାଯାଏ। ଧିମା ଆଞ୍ଚରେ ନା କେବଳ ଭଲ ଖାଦ୍ୟ ପ୍ରସ୍ତୁତ ହୁଏ ଖାଦ୍ୟର ସ୍ୱାଦ ମଧ୍ୟ ବୃଦ୍ଧି ହୁଏ। ମାଟି ପାତ୍ରରେ ତିଆରି ଖାଦ୍ୟରେ ମାଟିର ଖୁବ୍ ଭଲ ଗୁଣଗୁଡ଼ିକ ବି ମିଶିଯାଆନ୍ତି।

**ଲୁହାର ବାସନ**-କାଷ୍ଟ ଆୟରନ ବା ଲୁହାର ବାସନ ଯୋଗୁ ଖାଦ୍ୟରେ ଆୟରନ୍‌ର ମାତ୍ରା ମିଶିଯାଏ ଓ ଶରୀରକୁ ଆୟରନ୍ ମିଳିଯାଏ। ଏହା ଆମମାନଙ୍କ ରକ୍ତ ଓ ପାଚନ ତନ୍ତ୍ର ପାଇଁ ବହୁତ ଲାଭକାରୀ ପ୍ରମାଣିତ ହୁଏ।

**ତମ୍ବାର ବାସନ**-ତମ୍ବା ବାସନକୁ ଯଦି ଆମେ ସଠିକ୍ ଭାବରେ ବ୍ୟବହାର କରିବା ତେବେ ଏହା ପାଣିକୁ ଶୁଦ୍ଧ କରିବା କାମ କରିଥାଏ। ଏହା ସହିତ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ତମ୍ବା ବାସନ ସାହାଯ୍ୟ କରିଥାଏ।

**ଷ୍ଟେନଲେସ୍ ଷ୍ଟିଲ୍**-ଷ୍ଟିଲ୍ ମଜଭୁତ ହେବା ସହିତ ସୁରକ୍ଷିତ। ଏହା ପେଟ ଓ ଆନ୍ତ ଆଦିରେ ସମସ୍ୟା ସୃଷ୍ଟି କରେନାହିଁ। ସ୍ୱାସ୍ଥ୍ୟକୁ ବି ସମ୍ପୂର୍ଣ୍ଣ ଭାବରେ ସୁରକ୍ଷା ପ୍ରଦାନ କରେ।

**ନନ୍‌ଷ୍ଟିକ୍‌ରୁ କ୍ଷତି**-ନନ୍‌ଷ୍ଟିକ୍ ପ୍ୟାନ୍‌ରୁ ଯେଉଁ ରସାୟନ ମିଳେ ତାହା ଖାଦ୍ୟରେ ମିଶିଯାଏ। ସେଥିପାଇଁ ଏହି ରସାୟନରୁ ରକ୍ଷା ପାଇବା ପାଇଁ ନନ୍‌ଷ୍ଟିକ୍‌କୁ ଛାଡ଼ି ଅନ୍ୟ ପାରମ୍ପରିକ ବାସନକୁସନକୁ ଆପଣାଇବା ଉଚିତ।

**ବିଜ୍ଞାନ ମଧ୍ୟ ଏହି ତଥ୍ୟଗୁଡ଼ିକ ଉପରେ ବିଶ୍ୱାସ କରେ। ପ୍ରାକୃତିକ ବାସନକୁସନ ଭୋଜନକୁ ସମାନ ଭାବରେ ଗରମ କରିବା ସହିତ ପ୍ରାକୃତିକ ତତ୍ତ୍ୱଗୁଡ଼ିକୁ ନଷ୍ଟ ହେବାକୁ ଦିଅନ୍ତି ନାହିଁ। ରୋଷେଇ କରିବା ବେଳେ ଖାଦ୍ୟରେ କୌଣସି ପ୍ରକାରର ହାନିକାରକ ତତ୍ତ୍ୱ ମିଶେ ନାହିଁ ଓ ଖାଦ୍ୟ ସ୍ୱାଦିଷ୍ଟ ମଧ୍ୟ ହୁଏ।**

# ଟାଟା ପାୱାର୍ ଦ୍ୱାରା ଅତିରିକ୍ତ ସୁରକ୍ଷା ଜମାରାଶି ଦାବିକୁ ବିରୋଧ




**କଟକ,୧୬।୧୨/ଏନ୍ଏନ୍ଏସ୍:** ଓଡ଼ିଶାର ଶିଳ୍ପାଞ୍ଚଳଗୁଡ଼ିକରେ ଚାଲୁଥିବା ବିଦ୍ୟୁତ୍ ସଙ୍କଟ ମଧ୍ୟରେ ଟାଟା ପାୱାର୍ ଦ୍ୱାରା ଅତିରିକ୍ତ ସୁରକ୍ଷା ଜମା ରାଶି ଦାବିକୁ ବିରୋଧ କରି ଓଡ଼ିଶାର ସମସ୍ତ ମାଇକ୍ରୋ, ସ୍ମଲ ଏବଂ ମିଡିୟମ୍ ଉଦ୍ୟୋଗ, ଏମ୍ଏସ୍ଏମ୍ଇ ପକ୍ଷରୁ ନିନ୍ଦା କରାଯାଇଛି। ଅଘୋଷିତ ଏବଂ ଅନିୟମିତ ବିଦ୍ୟୁତ ବିଭ୍ରାଟ କାରଣରୁ ଶିଳ୍ପଗୁଡ଼ିକ ପ୍ରତିଦିନ ଉତ୍ପାଦନ,ଡେଲିଭରି ଏବଂ କର୍ମଚାରୀ ପରିଚାଳନାରେ ଭାରି ବାଧା ସହିତ କୋଟି କୋଟି ଟଙ୍କାର କ୍ଷତି ସହୁଛନ୍ତି। ଉତ୍ପାଦନମୂଳକ ଶିଳ୍ପଗୁଡ଼ିକ ପାଇଁ ବିଦ୍ୟୁତର ଅବିରତ ଯୋଗାଣ ଅତ୍ୟାବଶ୍ୟକ। ଉତ୍ପାଦନ ପ୍ରକ୍ରିୟା ଚାଲୁଥିବା ସମୟରେ ହଠାତ୍ ବିଦ୍ୟୁତ ବନ୍ଦ ହେଲେ କେବଳ କାମ ଅଟକିଯାଏ ତାହା ନୁହେଁ ବରଂ ଅଧା ତିଆରି ସାମଗ୍ରୀ ନଷ୍ଟ ହେବା, ଯନ୍ତ୍ରପାତିର ସେଟିଂ 'ଭାଙ୍ଗିବା, ରିଜେକ୍ସନ୍ ହାର ବଢ଼ିବା ଏବଂ କଞ୍ଚାମାଲର ଅପଚୟ ହେବା ଭଳି ଗୁରୁତର ସମସ୍ୟା ସୃଷ୍ଟି ହୁଏ। ଏଭଳି ପରିସ୍ଥିତରେ ନିରନ୍ତର ଏବଂ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ଦେବାରେ ବିଫଳ ହୋଇଥିବା ସତ୍ତ୍ୱେ ଅତିରିକ୍ତ ସୁରକ୍ଷା ଜମାରାଶି ଦାବି କରାଯିବା ଅନୈତିକ ଏବଂ ଅନ୍ୟାୟ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଓଡ଼ିଶାର ଶିଳ୍ପ ଉନ୍ନତି, ଆର୍ଥିକ ସ୍ଥିରତା ଏବଂ ସାଧାରଣ ହିତରେ ତୁରନ୍ତ ସୁଧାରାତ୍ମକ ପଦକ୍ଷେପ ନିଆଯିବାକୁ ବିଭିନ୍ନ ଉଦ୍ୟୋଗ ପକ୍ଷରୁ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସାତ୍ତ୍ୱିକ ସ୍ୱାଇଁ, ରୁଦ୍ରାଶିଷ ନାୟକ, ବିପିନ୍ ନାରାୟଣ ମହାନ୍ତି, ଅର୍ଣ୍ଣବ ତ୍ରିପାଠୀ ଓ ଗୌରୀ ଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଚାପଡ଼ ଚୋଟରେ ଯୁବକ ଗୁରୁତର



**କଟକ,୧୬।୧୨/ଏନ୍ଏନ୍ଏସ୍:** କଟକ ସଦର ଥାନା ଅଧିନ ଶଙ୍ଖତ୍ରାସ ବଜାରରେ ଆଜି ପୂର୍ବାହ୍ନ ସାଢ଼େ ଦଶଟାରେ ଜଣେ ଯୁବକର କୁକୁଡ଼ା କଟା ଚାପଡ଼ ଆକ୍ରମଣରେ ଅନ୍ୟଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆହତ ଯୁବକ ଜଣକ ହେଲେ ବାଦାମବାଡ଼ି ଥାନା ଅନ୍ତର୍ଗତ ଶଙ୍କରପୁର ନିକଟ ବଳଭଦ୍ରପୁର ବାଲିସାହିର ଶରତ ରାଉତଙ୍କ ସୁଜିତ ରାଉତ(୩୦) ଓରଫ୍ ପୁଅ ଲକି। ଶଙ୍ଖତ୍ରାସ ଗ୍ରାମର ଜଣେ ଯୁବକ ପ୍ରତ୍ୟେକ ଦିନ ଛତ୍ରବଜାରକୁ ପରିବା ବିକ୍ରିପାଇଁ ଯାଇଥାଏ। ଦୁଇ ତିନି ଦିନତଳେ ଲକି ଏବଂ ଶଙ୍ଖତ୍ରାସ ଗ୍ରାମର ଉକ୍ତ ଯୁବକଙ୍କ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ସେହି ଗଣ୍ଡଗୋଳକୁ ସମାଧାନ କରିବା ପାଇଁ ଲକି ଆସିଥିବାବେଳେ ବଜାରରେ ସେହି ଯୁବକ ଜଣକ ଏକ କୁକୁଡ଼ା କଟା ଚାପଡ଼ରେ ଅତର୍କିତ ତାଙ୍କ ମୁଣ୍ଡ,କାନ ଓ ଆଖି ପତାକୁ ହାଣିଦେଇଥିଲା। ଫଳରେ ସେହିଠାରେ ସେ ଗୁରୁତର ହୋଇପଡ଼ିଥିଲେ। ସେଠାରେ ଉପସ୍ଥିତ ଥିବା ଲୋକେ କଟକସଦର ଥାନାକୁ ଖବର ଦେଇଥିଲେ। ଖବରପାଇ ପୁଲିସ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଆହତ ଲକିଙ୍କୁ ପିସିଆର୍ ଯୋଗେ କଟକ ବଡ଼ ଡାକ୍ତରଖାନାକୁ ନେଇଯାଇଥିଲେ। ଏହି ଘଟଣାରେ ପୁଲିସ ଜଣକୁ ଅଟକରଖି ପଚରାଉଚରା କରୁଥିବାବେଳେ ଆହତ ଲକି ପୂର୍ବରୁ ବହୁବାର ଜେଲ ଯାଇଥିବା ପୁଲିସ ସୂଚନା ଦେଇଛି।

## ସିଏମ୍ସି ମେୟର୍ ଓ କମିଶନର୍ଙ୍କୁ ଦାବିପତ୍ର



**କଟକ,୧୬।୧୨/ଏନ୍ଏନ୍ଏସ୍:** କଟକ ମହାନଗର ନିଗମ (ସିଏମ୍ସି)ର ଅଧିକାରୀ ଓ କର୍ମଚାରୀ ଅବସର ନେଲାପରେ ବିଭିନ୍ନ ବିଭାଗରେ ପୁନଃ ନିଯୁକ୍ତି ଦେବା ପ୍ରତିବାଦରେ ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ପରିଷଦର ସଭାପତି ତଥା ସମାଜସେବୀ ସୁକାନ୍ତ ସେଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କଟକ ମେୟର ଓ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶାରେ ଲକ୍ଷଲକ୍ଷ ବେକାରି ଶିକ୍ଷିତ ଯୁବକ/ଯୁବତୀ ଚାକିରି ନ ପାଇ ହତାଶ ହେଉଥିବାବେଳେ ସେମାନଙ୍କୁ ନିଯୁକ୍ତି କରାନଯାଇ ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସିଏମ୍ସି କାହିଁକି ନିଯୁକ୍ତି ଦେଉଛି ବୋଲି ଦର୍ଶାଇବା ସହିତ ନୂତନ ନିଯୁକ୍ତି ନିମନ୍ତେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ପ୍ରତିନିଧି ମଣ୍ଡଳୀଙ୍କ ମଧ୍ୟରେ ଆଇନଜୀବୀ ଶିବ କୁମାର ବାରିକ, ବିଷ୍ଣୁ ପ୍ରସାଦ ମଲ୍ଲିକ, ଅନିମା ନାୟକ, ଜୁନେଦ୍ ଖାନ୍, ଜୀବନଜ୍ୟୋତି ସାହୁ, ଅଟଳ କିଶୋର ଜେନା, ପୂଜା ସେଠୀ, ନାରାୟଣ ସେଠୀ ଓ ଭାରତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ପେନ୍ସନ୍ ଲେନ୍‌ରେ ଡବଲ୍ କ୍ୟାରମ୍ ପ୍ରତିଯୋଗିତା



**କଟକ,୧୬।୧୨/ଏନ୍ଏନ୍ଏସ୍:** ପେନ୍ସନ ଲେନ୍ ମହଲ୍ଲା ନୌଯବନ କମିଟି ପକ୍ଷରୁ ସମ୍ପାଦକ ସେକ ଗୁଲାମ ମୋଇଉଦ୍ଦୀନଙ୍କ ଆହ୍ୱାନକ୍ରମେ ସ୍ଥାନୀୟ ପେନ୍ସନ୍ ଲେନ୍‌ଠାରେ ଏକ ଡବଲ କ୍ୟାରମ୍ ପ୍ରତିଯୋଗିତା ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କଟକ ସହରର ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରତିଯୋଗୀମାନେ ଅଂଶଗ୍ରହଣ କରି ଖେଳ ପ୍ରଦର୍ଶନ କରିଥିଲେ। ଫାଇନାଲ ମ୍ୟାଚରେ ତୁଳସୀପୁର ଅଞ୍ଚଳର ସେକ ବାବାଯାନୀ ଓ ସେକ ଜେସେହା ଯୁଗଳ ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଥିବା ବେଳେ ସେକ ସମିମ ଓ ଏ. ଚଣ୍ଡୀ ଅର୍ଣ୍ଣପୂର୍ଣ୍ଣା ଯୁଗଳ ରନର୍ସଅପ୍ ହୋଇଥିଲେ। ପ୍ରତିଯୋଗିତା ସମାପନ ଅବସରରେ ବିଜେତା ଓ ଉପବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପେନ୍ସନ୍ ଲେନ୍ ମହଲ୍ଲା କମିଟି ସଭାପତି ଜାବେଦ ଇକବାଲ, ଉପସଭାପତି ଇମ୍ରାନ ଖାନ, ଯୁଗ୍ମ ସମ୍ପାଦକ ଅବଦୁଲ ସାହିଦ, କୋଷାଧ୍ୟକ୍ଷ ସେକ ଖାଲିଲଉଲ୍ଲ ରହେମାନ, ସେକ ଜାବିର, ମୌଷର ଅଲ୍ଲୀ, ସେକ ଜାବିର ବକ୍ସ, ଉସ୍ମାନ ଖାନ, ସେକ ନସିମ ଓ ସେକ ରମଯାନୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ଏମ୍ଏସ୍ଏମ୍ଇ ବ୍ୟାପାର ମେଳା ଉଦ୍‌ଯାପିତ

**କଟକ,୧୬।୧୨/ଏନ୍ଏନ୍ଏସ୍:** ଓଡ଼ିଶା କ୍ଷୁଦ୍ର ଶିଳ୍ପ ସଂଘ ପରିସରରେ ଓଡ଼ିଶା କ୍ଷୁଦ୍ର ଶିଳ୍ପ ସଂଘ (ଓସିଆ) ପକ୍ଷରୁ ଆୟୋଜିତ ପାଞ୍ଚଦିନିଆ ରାଜ୍ୟସ୍ତରୀୟ ଏମ୍ଏସ୍ଏମ୍ଇ ବ୍ୟାପାର ମେଳା ୨୦୨୫ ଆଜି ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗ ଦେଇ ଶିଳ୍ପପତିମାନେ ଏକତ୍ରିତ ହୋଇ କାର୍ଯ୍ୟ କରିବା ଫଳରେ ରାଜ୍ୟ ସହିତ ସମଗ୍ର ଭାରତବର୍ଷ ଏକ ଅଗ୍ରଣୀ ଭୂମିକା ନେବାର ସାହାଯ୍ୟ କରିପାରିବ ବୋଲି କହିଥିଲେ। ଉଦ୍‌ଯାପନୀ ମେଳାରେ ସଭାପତି ସ୍ମରଜିତ ମହାନ୍ତି, ସମ୍ପାଦକ ସଞ୍ଜୟ କୁମାର ମହାପାତ୍ର, ଜ୍ଞାନ ରଞ୍ଜନ ଦାସ,ଦୀପାଂଶୁ ସାହୁଙ୍କ ସହିତ ଅନେକ ଶିଳ୍ପ ଉଦ୍ୟୋଗୀମାନେ ଉପସ୍ଥିତ ଥିଲେ।

## ବିଶ୍ୱନାଥ ପଣ୍ଡିତଙ୍କ ସ୍ମୃତି ପୀଠ ହାତେଇବାକୁ ଚକ୍ରାନ୍ତ



**କଟକ,୧୬।୧୨/ଏନ୍ଏନ୍ଏସ୍:** କଟକ ସହରର ଗୌରବମୟ ଇତିହାସ ଓ ସ୍ୱାଧୀନତା ସଂଗ୍ରାମର ମୂକସାକ୍ଷୀ ପାଲଟିଥିବା ବିଶିଷ୍ଟ ସମାଜବାଦୀ ନେତା ବିଶ୍ୱନାଥ ପଣ୍ଡିତଙ୍କ ବାସଭବନ ଉପରେ ଏବେ ଜମି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଚାନ୍ଦିନୀଚୌକ ବ୍ରାହ୍ମଣସାହିସ୍ଥିତ ଏହି ଐତିହ୍ୟ ସ୍ଥଳୀକୁ ଜବରଦଖଲ କରିବା ପାଇଁ ମାଫିଆମାନେ ନିଜର ଶକ୍ତି ପ୍ରଦର୍ଶନ କରିଥିବା ବେଳେ ଏହା ସମଗ୍ର ଓଡ଼ିଶାର ବୁଦ୍ଧିଜୀବୀ ଓ ସଂଗ୍ରାମୀ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। କୋର୍ଟରେ ମାମଲା ବିଚାରାଧୀନ ଥିବା ସତ୍ତ୍ୱେ ଜଣେ ସ୍ଥାନୀୟ ଜମି ମାଫିଆ ସମସ୍ତ ଆଇନକୁ ଆଙ୍ଗୁଠି ଦେଖାଇ ଯେଉଁଭଳି ଭାବେ ଗୁଣ୍ଡାଗର୍ଦ୍ଦି ଚଳାଇଛନ୍ତି, ତାହା ପ୍ରଶାସନର ନିଷ୍କ୍ରିୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣାର ଗୁରୁତ୍ୱ ଦେଖି ବିଶ୍ୱନାଥ ପଣ୍ଡିତ ସ୍ମୃତି ପରିଷଦ ପକ୍ଷରୁ ଡ଼କାଯାଇଥିବା ଆପତକାଳୀନ ବୈଠକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଶଶିଭୂଷଣ ବେହେରା, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଚିତ୍ତ ରଞ୍ଜନ ମହାନ୍ତି, ଡ଼ାକ୍ତର ରବି ରଞ୍ଜନ ସାହୁ, ହରିବନ୍ଧୁ ନାୟକ, ରତ୍ନାକର ମୁଖୀ, ଦିଲ୍ଲୀପ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ମାଫିଆଙ୍କୁ ଏନେଇ ତାଗଦ୍ କରିଛନ୍ତି। ପରିଷଦ ସଭାପତି ବୀରେନ୍ଦ୍ର ପ୍ରତାପ ସ୍ୱାଇଁ ସ୍ପଷ୍ଟ କରିଛନ୍ତି ଯେ ଏହା କେବଳ ଏକ ଘର ନୁହେଁ ବରଂ ଓଡ଼ିଶାର ଅସ୍ମିତା। ଆସନ୍ତା ଜାନୁଆରୀ ୩ ତାରିଖରେ ସେହି ସ୍ଥଳରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମହାସମାରୋହରେ ପଣ୍ଡିତଜୀଙ୍କ ଜୟନ୍ତୀ ପାଳନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ପ୍ରଶାସନ ତୁରନ୍ତ ଏହି ମାଫିଆଙ୍କୁ ଉଚିତ୍ କାର୍ଯ୍ୟପନ୍ଥା ଗ୍ରହଣ ନ କଲେ ଆଗାମୀ ଦିନରେ କଟକ ସହରରେ ତୀବ୍ର ଆନ୍ଦୋଳନ ହେବ ବୋଲି ବିଶ୍ୱନାଥ ପଣ୍ଡିତ ସ୍ମୃତି ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି।

## ୨ ଲୁଟେରା ଗିରଫ, ମୋବାଇଲ୍ ଜବତ

**କଟକ,୧୬।୧୨/ଏନ୍ଏନ୍ଏସ୍:** କଟକ ସଦର ଥାନା ପୁଲିସ ଆଜି ଦୁଇଜଣ ଲୁଟେରାଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ବଡ଼ଝରିଲୋ ଗ୍ରାମର ଅର୍ଜୁନ ଭୋଇ(୧୯) ଓ ସିଲୁ ଭୋଇ(୨୪)। ରବିବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାବେଳେ ନିଆଳି ମହାଙ୍ଗାପଡ଼ା ଗ୍ରାମର ବିଭୁତି ଭୂଷଣ ପତି ଏବଂ ତାଙ୍କ ପତ୍ନୀ ସୋନନ୍ଦା ବାରିକ ଏକ ବାଇକ୍ ଯୋଗେ ଫୁଲନଖରା ଦିଗରୁ ନିଆଳି ଦିଗକୁ ଯାଉଥିଲେ। ଏହି ସମୟରେ ଉପରୋକ୍ତ ଅଭିଯୁକ୍ତ ଅର୍ଜୁନ ଓ ସିଲୁ ତାଙ୍କୁ ପଛରୁ ପିଛାକରି ବ୍ରାହ୍ମଣୀଝରିଲୋ ନିକଟରୁ ତାଙ୍କ ପତ୍ନୀ କାନ୍ଧରେ ପକାଇଥିବା ଭ୍ୟାନିଟ ବ୍ୟାଗକୁ ଝାମ୍ପିନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଉଭୟ ଦମ୍ପତି ରାସ୍ତାରେ ପଡ଼ି ଆହତ ହୋଇଥିଲାବେଳେ ସ୍ଥାନୀୟ ଲୋକେ ସଦର ଥାନାକୁ ଖବର ଦେଇଥିଲେ। ଅପରପକ୍ଷେ ଅଭିଯୁକ୍ତ ଦୁଇଜଣ ବ୍ୟାଗ୍ ନେଇ ଦ୍ରୁତ ଗତିରେ ନିଆଳି ଦିଗକୁ ଯାଉଥିବାବେଳେ କୁରାଙ୍ଗ ନିକଟ ଆମ୍ରପଲି ହୋଟେଲ ନିକଟ ରାସ୍ତାରେ ପଡ଼ି ଆହତ ହୋଇଥିଲେ। ଥାନା ଅଧିକାରୀ ତୁଷାରକାନ୍ତ ସେଠୀଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ଆଇ ସର୍ବେଶ୍ୱର ମହାପାତ୍ର ଓ ଅନ୍ୟ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତ ୪ଜଣଙ୍କୁ ଡାକ୍ତରଖାନାରେ ଚିକିତ୍ସିତ କରାଇଥିଲେ। ଦୁଇ ଲୁଟେରାଙ୍କ ଚିକିତ୍ସା ପରେ ଥାନାରେ ଅଟକରଖି ପନ୍ଦର ହଜାର ଟଙ୍କା,ଗୋଟେ ମୋବାଇଲକୁ ଜବତ କରାଯାଇଛି। ଅଭିଯୁକ୍ତ ଦୁଇ ଜଣ ପେସାଦାର ଲୁଟେରା ବୋଲି ଜଣାପଡ଼ିଛି।




## ଖବରକାଗଜ ବିତରକଙ୍କ ଆତ୍ମହତ୍ୟା

**କଟକ,୧୬।୧୨/ଏନ୍ଏନ୍ଏସ୍:** ସ୍ଥାନୀୟ ନେହରୁପଲ୍ଲୀ ଅଞ୍ଚଳରେ ବେକରେ ଦଉଡ଼ି ଦେଇ ଜଣେ ଖବରକାଗଜ ବିତରକ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ହେଲେ ନେହରୁପଲ୍ଲୀ ଅଞ୍ଚଳର ରଞ୍ଜନ ପ୍ରଧାନ (୪୦)। ଖବର ପାଇ ସିଆର୍ଆର୍ଆଇ ଥାନା ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ନେହେରୁପଲ୍ଲୀ ଅଞ୍ଚଳରେ ରଞ୍ଜନ ତାଙ୍କ ପରିବାର ସହିତ ରହୁଥିଲେ। ରଞ୍ଜନଙ୍କର ୩ ଝିଅ ଥିବାବେଳେ ବଡ଼ ଝିଅ ଆଇଟିଆଇ ପଢୁଛନ୍ତି। ତେବେ କୌଣସି କାରଣରୁ ରଞ୍ଜନ ଗତ କିଛିଦିନ ହେବ ଏକପ୍ରକାର ମାନସିକ ଦୁଃଶ୍ଚିନ୍ତା ମଧ୍ୟରେ ରହୁଥିଲେ। ଗତକାଲି ୧ଟାରେ ସେ ଘରକୁ ଫେରିଥିଲେ। ଏହା ପରେ ସେ ପରିବାର ଲୋକଙ୍କ ସହିତ ଖାଇବା ପରେ ଶୋଇବା ଲାଗି ଘର ଭିତରପଟୁ କବାଟ ବନ୍ଦ କରିଦେଇଥିଲେ। ଦୀର୍ଘ ସମୟ ଡାକିବା ପରେ ନ ଶୁଣିବାରୁ କବାଟ ଭାଙ୍ଗି ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ସଂକ୍ରାନ୍ତି ଉତ୍ସବ



**କଟକ,୧୬।୧୨/ଏନ୍ଏନ୍ଏସ୍:** କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ସଂକ୍ରାନ୍ତି ଉତ୍ସବ ବିଡ଼ାନାସୀ ସ୍ଥିତ ଚହଟେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୀଣାପାଣି ରାମଲୀଳା ନାଟ୍ୟ ସଂସଦ, ବିଡ଼ାନାସୀ ଦୁର୍ଗାପୂଜା କମିଟି, ତ୍ରିନାଥ ଯୁବକ ସଂଘ ଓ ପାଠାଗାରର ମିଳିତ ସହଯୋଗରେ ଅନୁଷ୍ଠିତ ଉତ୍ସବକୁ ଦୁର୍ଗାପୂଜା କମିଟିର ସାଧାରଣ ସମ୍ପାଦକ ଶିବେନ୍ଦ୍ର କୁମାର ବେହେରା ସଭାପତି ଦାୟିତ୍ୱ ତୁଲାଇଥିଲେ। ସମିତିର ସବାପତି ଚୌଧୁରୀ କାଶୀନାଥ ମଲ୍ଲିକ ସଭା ପରିଚାଳନା କରିଥିଲେ। ଲୋକସମ୍ପର୍କ ପ୍ରମୁଖ କୈଳାସ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ସ୍ୱାଇଁ ସଂଗଠନ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ପ୍ରବଚକ ପ୍ରଦୀପ୍ତ କୁମାର ମହାପାତ୍ର ଧନୁସଂକ୍ରାନ୍ତିର ମହତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଉତ୍ସବରେ ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ସନ୍ତୋଷ କୁମାର ମଲ୍ଲିକ, ଡାକ୍ତର ରବିରଞ୍ଜନ ସାହୁ, ସୁବାସ ଚନ୍ଦ୍ର ସାହୁ, ଦିଲ୍ଲୀପ କୁମାର ବେହେରା, ବୈକୁଣ୍ଠ ବେହେରା, ଅଜୟ କୁମାର ସେନାପତି, ବିଜୟ କୁମାର ସେନାପତି, ଟୁକୁନା ବେହେରା, ଉମେଶ ଚନ୍ଦ୍ର ବେହେରା, ନାରାୟଣ ମୁଦୁଲି , ରାଜ କିଶୋର ବେହେରା ଓ ବାବୁଲି ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ମକରା ସାହୁ ରାମଧୁନ ଗାନ କରିଥିଲେ।

## ସମାଜ ବିଜ୍ଞାନ ବିଭାଗ ପକ୍ଷରୁ ଆଲୋଚନାଚକ୍ର

**କଟକ,୧୬।୧୨/ଏନ୍ଏନ୍ଏସ୍:** ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ 'ଭାରତୀୟ ସମାଜ ବିଜ୍ଞାନ ଅଧ୍ୟୟନର ଆଭିମୁଖ୍ୟ' ଶୀର୍ଷକ ଏକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ବିଶିଷ୍ଟ ସମାଜ ବିଜ୍ଞାନୀ ପ୍ରଫେସର ବିକେ ନାଗଲା ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ସମାଜ ବିଜ୍ଞାନର ଉତ୍ପତ୍ତି ଏବଂ ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ରବୀନ୍ଦ୍ର ପରିଡ଼ା ଯୋଗ ଦେଇ ସାମାଜିକ ପରିବର୍ତ୍ତନ ଏବଂ ଏହାର ଅଧ୍ୟୟନ ଶୈଳୀ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ବିକ୍ରମ କେଶରୀ ପଣ୍ଡା ଆଲୋଚନାଚକ୍ରରେ ସଭାପତିତ୍ୱ କରିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗର ଅଧ୍ୟାପକ ଡଃ. ଈଶ୍ୱର ଚନ୍ଦ୍ର ନାୟକ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଡ .ମନୋରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ରରେ ସମାଜ ବିଜ୍ଞାନ ବିଭାଗର ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ଆଲୋଚନାଚକ୍ର ହାଇବ୍ରିଡ୍ ମୋଡ୍‌ରେ ଆୟୋଜିତ ହୋଇଥିଲା।

### ଅପରେସନ୍ ଧରପଗଡ଼ ଅଭିଯାନ

## ୧୩୪ ମାମଲା ରୁଜୁ, ୧୪ ଗିରଫ

**କଟକ,୧୬।୧୨/ଏନ୍ଏନ୍ଏସ୍:** ରାଜ୍ୟରେ ଚୋରା ବାଲି, ମୋରମ, ମାଙ୍କଡ଼ା ପଥର ମାଫିଆ ତଥା ବେଆଇନ ଗୋଚାଲାଣକାରୀଙ୍କ ବିରୋଧରେ ଓଡ଼ିଶା ପୁଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି କ୍ରମରେ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ଓ ଗୋଚାଲାଣ ଉପରେ ରୋକ ଲଗାଇବା ପାଇଁ କିଛି ଦିନ ଧରି ପୁଲିସ ପକ୍ଷରୁ 'ଅପରେସନ ଧରପଗଡ଼' ଅଭିଯାନ କରାଯାଇଥିଲା। ରାଜ୍ୟ ତମାମ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ, ଟିପ୍ପର ଓ ହାଇୱା ଜବତ କରାଯାଇଛି। ଅଦ୍ୟାବଧି ସାରା ରାଜ୍ୟରେ ବାଲି, ମୋରମ ଏବଂ ମାଙ୍କଡ଼ାପଥର ମାଫିଆଙ୍କ ବିରୋଧରେ ୧୩୪ଟି ମାମଲା ରୁଜୁ କରାଯାଇଛି। ପୁଲିସ ୧୬୩ଟି ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ, ଟିପ୍ପର ଓ ହାଇୱାକୁ ଜବତ କରିଛି। ଏହା ସହ ୧୪ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବାବେଳେ ୯୨ରୁ ଅଧିକ ଲୋକଙ୍କୁ ନୋଟିସ୍ ଦିଆଯାଇଛି। ମୟୂରଭଞ୍ଜ ଜିଲ୍ଲା ପୁଲିସ ୩୯ଟି ମାମଲା ରୁଜୁ କରି ୪୫ଟି ଯାନ, ବାଲେଶ୍ୱର ୩୨ଟି ମାମଲା ରୁଜୁ କରି ୬୭ଟି ଯାନ, ଭଦ୍ରକ ଜିଲ୍ଲା ୧୮ଟି ମାମଲା ସହ ୧୮ଟି ଯାନ ଏବଂ ଗଞ୍ଜାମ ଜିଲ୍ଲା ୩୩ଟି ମାମଲା ରୁଜୁ କରି ୩୩ଟି ଯାନ ଜବତ କରିଛି। ଏହାଛଡ଼ା ବେଆଇନ ଗୋଚାଲାଣ ଅଭିଯାନରେ ପୁଲିସ ୨୩ଟି ମାମଲା ରୁଜୁ କରିବା ସହ ୩୧ଜଣଙ୍କୁ ଗିରଫ କରିଛି। ରାଜ୍ୟର ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଚିହ୍ନଟ କରି ଗିରଫ କରିବା, ଅସାମାଜିକ ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ଗ୍ରହଣ କରିବା, ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣ, ଗୋଚାଲାଣ ବିରୋଧରେ ପଦକ୍ଷେପ ନେବାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି। ସେହି ଅନୁଯାୟୀ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ତତ୍ତ୍ୱାବଧାନରେ ରାଜ୍ୟର ସମସ୍ତ ଏସ୍‌ପି ଅପରେସନ୍ ଧରପକଡ଼ ଅଭିଯାନରେ ସାମିଲ ହୋଇଥିଲେ।

# 'ଲଢୁଆ ନେତା ଥିଲେ ପ୍ରଶାନ୍ତ ମହାପାତ୍ର'




**ଭୁବନେଶ୍ୱର,୧୬।୧୨/ଏନ୍ଏନ୍ଏସ୍:** ପ୍ରଶାନ୍ତ ମହାପାତ୍ର ଥିଲେ ଜଣେ ସ୍ୱାଭିମାନୀ ନେତା। ଜଣେ ସଚ୍ଚୋଟ, କର୍ମଠ ଯୁବ ନେତା ଭାବେ ପରିଚିତ। ପୁରୁଣା ଭୁବନେଶ୍ୱରର ଏହି ଯୁବ ନେତା ପ୍ରଶାନ୍ତ ମହାପାତ୍ର ପ୍ରବାଦ ପୁରୁଷ ବିଜୁ ବାବୁଙ୍କର ଅତି ନିକଟତର ଥିଲେ। ବିଜୁବାବୁ ଯେଉଁ ସମୟରେ ଯେଉଁ ଦାୟିତ୍ୱ ଦେଉଥିଲେ ସେ ତାହାକୁ ସଠିକ୍ ଭାବେ ନିର୍ବାହ କରୁଥିଲେ। ସେ କେବେ ହେଲେ ନିଜ ସ୍ୱାର୍ଥପ୍ରତି ଧ୍ୟାନ ଦେଉ ନ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ମଙ୍ଗଳବାର ସ୍ଥାନିୟ ଗୀତ ଗୋବିନ୍ଦ ସଦନରେ ପ୍ରଶାନ୍ତ ମହାପାତ୍ର ସ୍ମୃତି କମିଟି ପକ୍ଷରୁ ଆୟୋଜିତ ତୃତୀୟ ଶ୍ରାଦ୍ଧ ବାର୍ଷିକୀରେ ମୁଖ୍ୟଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଥିଲେ ଯେ ପ୍ରଶାନ୍ତ ମହାପାତ୍ରଙ୍କ ନିଷ୍ଠା କର୍ତ୍ତବ୍ୟ ଯୋଗୁ ଆଜି ବି ସମସ୍ତଙ୍କ ମନରେ ରହିଛନ୍ତି। ସେତେବେଳେ ପୁରୁଣା ଭୁବନେଶ୍ୱର କହିଲେ ପ୍ରଶାନ୍ତ ଭାଇନାକୁ ବୁଝାଏ।

ବିଶିଷ୍ଟ ଅତିଥିଭାବେ ବିଜେଡି ନେତା ଅରୂପ ପଟ୍ଟନାୟକ ଯୋଗଦେଇ କହିଥିଲେ ଯେ ପ୍ରଶାନ୍ତ ମହାପାତ୍ର ବିଜୁ ବାବୁଙ୍କ ଭଳି ଲଢ଼ି ନେବାକୁ ଚାହୁଁଥିଲେ, ଦାନ ଚାହୁଁ ନ ଥିଲେ। ସେଥିପାଇଁ ବିଜୁ ବାବୁଙ୍କର ପ୍ରିୟ ହୋଇଥିଲେ ପ୍ରଶାନ୍ତ। ୧୯୮୦-୯୦ ଦଶକର କାଳ ଖଣ୍ଡନକୁ ଆଲୋଚନା କଲେ ପ୍ରଶାନ୍ତ ମହାପାତ୍ରଙ୍କ କଥା ନ କହିଲେ ଭୁବନେଶ୍ୱର ବିକାଶ ସେତେବେଳେ ଅଧୁରା ରହିଯିବ ବୋଲି ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଶ୍ରୀ ତ୍ରିପାଠୀ କହିଥିଲେ ଯେ ପ୍ରଶାନ୍ତ ମହାପାତ୍ର ସ୍ରୋତର ଅନୁକୂଳରେ ଯାଇ ନ ଥିଲେ ସେ ପ୍ରତିକୂଳରେ ଯାଇ ନେତା ହୋଇଥିଲେ। ସେତେବେଳେ ତାଙ୍କ ନେତୃତ୍ୱରେ ଭୁବନେଶ୍ୱର ଆଗକୁ ବଢୁଥିଲା। ବିଜୁବାବୁ ପ୍ରଶାନ୍ତଙ୍କୁ ଧରି ଭୁବନେଶ୍ୱରରେ ପ୍ରଥମେ ନିର୍ବାଚନ ଲଢ଼ିଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ଯୋଗଦେଇ କହିଥିଲେ ଏକାମ୍ର ଭୁବନେଶ୍ୱରର ଶେଷ ନେତୃତ୍ୱ ଥିଲେ। ମୋତେ ଯଦି କିଏ ରାଜନୈତିକ ନେତା ଭାବେ ଗଢ଼ିଥାଏ ସେ ହେଲେ ପ୍ରଶାନ୍ତ ଭାଇନା ବୋଲି ସିଂ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ବିଜେପି ନେତା ଜଗନ୍ନାଥ ପ୍ରଧାନ, ସମାଜସେବୀ ହରପ୍ରିୟା ପାଣିଗ୍ରାହୀ ପ୍ରମୁଖ ଅତିଥିମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜନତା ଦଳର ପୂର୍ବତନ ଛାତ୍ରନେତା ସମରେନ୍ଦ୍ର ସାହୁ ସଂଯୋଜନା କରିଥିବାବେଳେ ଅଧ୍ୟକ୍ଷତା କରିଥିଲେ କମିଟିର ଆବାହକ ଶ୍ରୀହର୍ଷ ହୋତା। ସ୍ୱର୍ଗତ ପ୍ରଶାନ୍ତ ମହାପାତ୍ରଙ୍କ ଧର୍ମପତ୍ନୀ ତଥା ବିଜେପି ନେତ୍ରୀ ରଶ୍ମୀ ମହାପାତ୍ର କମିଟିର କର୍ମମର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ସମାଜସେବା, ସାମ୍ବାଦିକତା, ଶିଳ୍ପ ଓ ଆଇନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ୫ଜଣଙ୍କୁ ପ୍ରଶାନ୍ତ ମହାପାତ୍ର ସ୍ମୃତି କମିଟି ତରଫରୁ ସମ୍ମାନିତ କରାଯାଇଥିଲା। ଶେଷରେ ସରୋଜ ମିଶ୍ର ଧନ୍ୟବାଦ୍ ଦେଇଥିଲେ।

# ଶିଶିର ଉତ୍ସବ ଉଦ୍‌ଘାଟିତ

**କଟକ,୧୬।୧୨/ଏନ୍ଏନ୍ଏସ୍:** ସ୍ଥାନୀୟ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ବରିଷ୍ଠ ସାହିତ୍ୟିକ ଡଃ. ପ୍ରଫୁଲ୍ଲ କୁମାର ଦାଶଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ୬୬ତମ ଶିଶିର ଉତ୍ସବକୁ ଉତ୍କଳ ସାହିତ୍ୟ ସମାଜର ପ୍ରାକ୍ତନ ସଭାପତି ଡଃ ବିଜୟାନନ୍ଦ ସିଂହ ଉଦ୍‌ଘାଟନ କରିଛନ୍ତି। ଦୀର୍ଘ ୬୬ବର୍ଷ ପୂର୍ବେ ଓଡ଼ିଶା ବିଶେଷକରି କଟକ ସହରର ପରିବେଶ ତଥା ପରିସ୍ଥିତି ସମ୍ପର୍କରେ ଥରେ ଭାବି ସାହିତ୍ୟ ସଂସଦ ସେ ସମୟରେ କଟକରେ ସାହିତ୍ୟ ଆସର ପାଇଁ ଯେଉଁ ସ୍ୱପ୍ନଦେଖିଥିଲା ତାହା କେତେ କଷ୍ଟକର ଥିଲା ତାହା ଅନୁଭବ କରିହେବ ବୋଲି ଉଦ୍‌ଘାଟକ ଡଃ. ସିଂହ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡଃ. ଗୌତମ ଜେନା, ବରେଣ୍ୟ ଅତିଥି ଡାକ୍ତର ଅମୀୟ ରଞ୍ଜନ ମହାପାତ୍ର ପ୍ରମୁଖ କହିଥିଲେ ଯେ କେବଳ ବାସ୍ତବଧର୍ମୀ କବିତା ହିଁ କାଳଜୟୀ କବିତା ହୋଇଥାଏ। ଏଣୁ କବିମାନେ ସାମ୍ପ୍ରତିକ ଘଟଣାକୁ ନେଇ ବାସ୍ତବଧର୍ମୀ କବିତା ଲେଖନ୍ତୁ ବୋଲି କହିଥିଲେ। ଏହି ଉତ୍ସବରେ ଅପର୍ଣ୍ଣା ମିଶ୍ରଙ୍କର ୨ଟି ପୁସ୍ତକ ଭକ୍ତିମୟୀ ଶ୍ରୀରାଧା ଓ ତଥାପି ଆସମାପ୍ତ ଲୋକାର୍ପଣ ହୋଇଥିଲା। ୨୫ ଜଣ କବି ସ୍ୱରଚିତ କବିତା ପାଠ କରିଥିବାବେଳେ ଏହି କବି ସମ୍ମିଳନୀକୁ ଡଃ ନଳିନୀ ବେହେରା ଓ ଡଃ ସରସ୍ୱତୀ ପାତ୍ର ସଂଯୋଜନା କରିଥିଲେ। ୫ ଜଣ କବି ପ୍ରତିଭା ଡଃ. ସଂଗ୍ରାମ ସାମନ୍ତରାୟ, ପ୍ରଭାତ ମଲ୍ଲିକ, ସ୍ନେହଲତା ଦ୍ୱିବେଦୀ, ସରିତା ପ୍ରଧାନ,ଡଃ. ଅଭୟ ରାଉତ ଓ ଆଶିଷ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ କବି ରାଜୀବ କୁମାର ଷଡ଼ଙ୍ଗୀ ସଭା ପରିଚାଳନା କରିଥିବା ବେଳେ ଅଜିତ କୁମାର ମହାପାତ୍ର ପ୍ରାରମ୍ଭିକ ସୂଚନା ଓ ବିବରଣୀ ପାଠ କରିଥିଲେ। ଶେଷରେ କାର୍ଯ୍ୟକାରୀ ସମ୍ପାଦକ ସୁରଜିତନାଥ ଧନ୍ୟବାଦ୍ ଦେଇଥିଲେ।






## ଅଣ୍ଡର-୧୯ ଏସିଆ କପ୍‌ରେ ଅଭିଜ୍ଞାନ କୁଣ୍ଡୁଙ୍କ ଦ୍ୱିଶତକ

# ମାଲେସିଆକୁ ୩୧୫ ରନ୍‌ରେ ହରାଇଲା ଭାରତ



**ଦୁବାଇ,୧୬।୧୨/ଏଜେନ୍ସି:** ଅଣ୍ଡର-୧୯ ଏସିଆ କପ୍‌ରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୩୧୫ ରନ୍‌ରେ ମାଲେସିଆକୁ ଶୋଚନୀୟ ଭାବେ ହରାଇ ଦେଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ଭାରତୀୟ ଟିମ୍ ୱିକେଟ୍‌କିପର୍ ବ୍ୟାଟର୍ ଅଭିଜ୍ଞାନ କୁଣ୍ଡୁଙ୍କ ଅପରାଜିତ ଦ୍ୱିଶତକ ଦମ୍‌ରେ ୭ ୱିକେଟ୍ ବିନିମୟରେ ୪୦୮ ରନ୍ କରିଥିଲା। ଜବାବରେ ମାଲେସିଆ ଟିମ୍ ୯୩ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦୁବାଇର ସେଭେନ୍ସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ପକ୍ଷରୁ ନଂ-୫ରେ ବ୍ୟାଟିଂ ପାଇଁ ଆସିଥିବା ଅଭିଜ୍ଞାନ କୁଣ୍ଡୁ ଚତୁର୍ଥ ୱିକେଟ୍ ପାଇଁ ବେଦାନ୍ତ ତ୍ରିବେଦୀଙ୍କ ସହ ୨୦୯ ରନ୍‌ର ଗୁରୁତ୍ୱପୂର୍ଣ୍ଣ ପାର୍ଟନରଶିପ୍ କରିଥିଲେ। କୁଣ୍ଡୁ ୧୨୫ ବଲ୍‌ରେ ୧୬ ଚୌକା ଓ ୯ ଛକା ସହାୟତାରେ ଅପରାଜିତ ୨୦୯ ରନ୍ କରିଥିଲେ। ଏହା ଟୁର୍ଣ୍ଣାମେଣ୍ଟରେ ଭାରତର ଲଗାତାର ତୃତୀୟ ବିଜୟ। ଏହା ପୂର୍ବରୁ ଟିମ୍ ଇଣ୍ଡିଆ ପ୍ରଥମ ମ୍ୟାଚ୍‌ରେ ୟୁଏଇକୁ ୩୪ ରନ୍‌ରେ ହରାଇଥିଲା। ଏହି ମ୍ୟାଚ୍‌ରେ ବୈଭବ ସୂର୍ଯ୍ୟବଂଶୀ ୧୭୧ ରନ୍‌ର ଇନିଂସ୍ ଖେଳିଥିଲେ। ସେହିପରି ଟିମ୍ ଦ୍ୱିତୀୟ ମ୍ୟାଚ୍‌ରେ ପାକିସ୍ତାନର ୯୦ ରନ୍‌ରେ ମାତ୍ ଦେଇଥିଲା। ୪୦୯ ରନ୍ ଲକ୍ଷ୍ୟର ପିଛା କରୁଥିବା ମାଲେସିଆ ୩୨.୧ ଓଭର୍‌ରେ ମାତ୍ର ୯୩ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଟିମ୍ ପକ୍ଷରୁ ହମ୍‌ଜା ପାଙ୍ଗି ସର୍ବାଧିକ ୩୫ ରନ୍ କରିଥିବା ବେଳେ ମୁହଦ୍ ଆଫିନିଦ୍ (୧୨), ଡିଜ୍ ପାତ୍ରୋ (୧୩) ଏବଂ ଜଶ୍ୱିନ୍ କ୍ରିଷ୍ଣାମୂର୍ତ୍ତି(୧୦)ଙ୍କୁ ଛାଡ଼ିଦେଲେ ବାକି ବ୍ୟାଟର୍ ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। ଭାରତ ପକ୍ଷରୁ ଫାଷ୍ଟ ବୋଲର୍ ଦୀପେଶ ଦୀପେନ୍ଦ୍ରନ୍ ୨୨ ରନ୍‌ରେ ୫ ଏବଂ ଉଦ୍ଧବ ମୋହନ ୨ଟି ୱିକେଟ୍ ନେଇଥିବା ବେଳେ କିଶନ କୁମାର ସିଂହ, ଖିଲାନ୍ ପଟେଲ୍ ଏବଂ କନିଷ୍କ ଚୌହାନ୍‌ଙ୍କୁ ୧-୧ ସଫଳତା ମିଳିଥିଲା।

ପୂର୍ବରୁ ପ୍ରଥମେ ବ୍ୟାଟିଂ ପାଇଥିବା ଭାରତର ଆରମ୍ଭ ଭଲ ନଥିଲା। କ୍ୟାପ୍‌ଟେନ୍ ଆୟୁଷ ମହାତ୍ରେ ୧୪, ବିହାନ୍ ମାଲହୋତ୍ରା ୭ ଏବଂ ବୈଭବ ସୂର୍ଯ୍ୟବଂଶୀ ୨୬ ବଲ୍‌ରେ ୫ ଚୌକା ଓ ୩ ଛକା ସହାୟତାରେ ୫୦ ରନ୍ କରି ଆଉଟ୍ ହୋଇଥିଲେ। ୮୭ ରନ୍‌ରେ ୩ ୱିକେଟ୍‌ର ପତନ ପରେ ବେଦାନ୍ତ ତ୍ରିବେଦୀଙ୍କ ସହ ଅଭିଜ୍ଞାନ କୁଣ୍ଡୁ ୧୮୧ ବଲ୍‌ରେ ୨୦୯ ରନ୍‌ର ଗୁରୁତ୍ୱପୂର୍ଣ୍ଣ ପାଟନରଶିପ୍ କରି ଟିମ୍‌ର ୭ ୱିକେଟ୍‌ରେ ସ୍କୋର୍ ୪୦୮ ରନ୍‌ରେ ପହଞ୍ଚାଇଥିଲେ। ବେଦାନ୍ତ ୧୦୬ ବଲ୍‌ରେ ୭ ଚୌକା ସହାୟତାରେ ୯୦ ରନ୍ କରି ଆଉଟ୍ ହୋଇଥିବା ବେଳେ କୁଣ୍ଡୁ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ମାଲେସିଆ ପକ୍ଷରୁ ମୁହମଦ ଆକ୍ରମ ୮୯ ରନ୍‌ରେ ସର୍ବାଧିକ ୫ ୱିକେଟ୍ ନେଇଥିଲେ। ଏନ୍ ସନ୍ତକୁମାରନ୍ ଏବଂ ଜଶ୍ୱିନ୍ କ୍ରିଷ୍ଣମୂର୍ତ୍ତିଙ୍କୁ ୧-୧ ସଫଳତା ମିଳିଥିଲା।

ମାଲେସିଆ ଆଇସିସିର ପୂର୍ଣ୍ଣ ସଦସ୍ୟ ହୋଇନଥିବାରୁ କୁଣ୍ଡୁଙ୍କ ରନ୍ ଏବଂ ଶତକ ୟୁଥ୍ ଦିନିକିଆ ମ୍ୟାଚ୍‌ର ରେକର୍ଡରେ ଯୋଡ଼ାଯିବ ନାହିଁ। ଏହି କାରଣରୁ ମଧ୍ୟ ଏହି ମ୍ୟାଚ୍‌କୁ ଅଣ୍ଡର-୧୯ ଅନ୍ତର୍ଜାତୀୟ ମ୍ୟାଚ୍‌ର ମାନ୍ୟତାପ୍ରାପ୍ତ ନୁହେଁ। ମାଲେସିଆ ବିପକ୍ଷରେ ପାକିସ୍ତାନର ସମୀର ମିନ୍‌ହାସ୍ ୧୭୭ ରନ୍ କରିଥିଲେ। ସେହି ରନ୍ ମଧ୍ୟ ୟୁଥ୍ ଦିନିକିଆ ରେକର୍ଡରେ ଗଣ୍ୟ ହୋଇନାହିଁ। ବାଂଲାଦେଶର ସୌମ୍ୟ ସରକାର ମଧ୍ୟ ୨୦୧୨ ଏସିଆ କପ୍‌ରେ କତର୍ ବିପକ୍ଷରେ ଦ୍ୱିଶତ ହାସଲ କରିଥିଲେ। ସେହି ରେକର୍ଡ ମଧ୍ୟ ୟୁଥ୍ ଦିନିକିଆରେ ଗଣ୍ୟ ହୋଇନାହିଁ।

# ଜାତୀୟ ପୁରୁଷ ହ୍ୟାଣ୍ଡବଲ୍‌ରେ ଓଡ଼ିଶାର ବିପୁଳ ବିଜୟ



**ଭୁବନେଶ୍ୱର,୧୬।୧/ଏନ୍‌ଏନ୍‌ଏସ୍:** ପଶ୍ଚିମବଙ୍ଗର ହୁଗୁଳି ଜିଲ୍ଲା ଚୀନସୁରାଠାରେ ଚାଲିଥିବା ୫୪ ତମ ଜାତୀୟ ପୁରୁଷ ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ଓଡ଼ିଶା ବିଜୟରୁ ଅଭିଯାନ ଆରମ୍ଭ କରିଛି। ଓଡ଼ିଶା ମଙ୍ଗଳବାର ନିଜ ପ୍ରଥମ ମ୍ୟାଚ୍‌ରେ ଚମତ୍କାର ପ୍ରଦର୍ଶନ କରି ହିର୍ଚଳ ପ୍ରଦେଶକୁ ୨୮-୨୦ ଗୋଲ୍‌ରେ ପରାସ୍ତ କରିଛି। ଓଡିଶା ପରବର୍ତ୍ତୀ ମ୍ୟାଚ୍‌ର ଝାଡ଼ଖଣ୍ଡ ଓ ଛତିଶଗଡକୁ ଭେଟିବ। ଓଡ଼ିଶା ଦଳର ଏହି ସଫଳତା ପାଇଁ ଓଡ଼ିଶା ହ୍ୟାଣ୍ଡବଲ୍ ସଂଘ ସମ୍ପାଦକ ଇଂ. ମାନସ କୁମାର ସ୍ୱାଇଁ ଦଳକୁ ଶୁଭକାମନା ଜଣାଇଛନ୍ତି।

## ଆଇପିଏଲ୍ ଅକ୍ସନ୍: ୭୭ ଖେଳାଳିଙ୍କ ପାଇଁ ୨୧୫.୪୫ କୋଟି ଖର୍ଚ୍ଚ

# ଗ୍ରୀନ୍ ସବୁଠୁ ଦାମୀ ବିଦେଶୀ ଖେଳାଳି

- ପ୍ରଶାନ୍ତ ବୀର ଓ କାର୍ତ୍ତିକ ଶର୍ମା ଦାମୀ ଅନ୍‌କ୍ୟାପ୍‌ଡ ଭାରତୀୟ
- ଉଭୟଙ୍କୁ ୧୪.୨୦-୧୪.୨୦ କୋଟିରେ କିଣିଲା ସିଏସ୍‌କେ



କାମେରନ୍ ଗ୍ରୀନ୍ ୨୫.୨୦ କୋଟି



ପ୍ରଶାନ୍ତ ଓ କାର୍ତ୍ତିକ ୨୮.୪୦ କୋଟି

**ଆବୁଧାବି,୧୬।୧୨/ଏଜେନ୍ସି:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍) ୨୦୨୬ ପାଇଁ ମିନି ଅକ୍ସନ୍ ମଙ୍ଗଳବାର ଆବୁଧାବିରେ ସମାପ୍ତ ହୋଇଛି। ଅକ୍ସନ୍ ପାଇଁ ବିସିସିଆଇ ମୋଟ ୩୫୦ ଖେଳାଳିଙ୍କୁ ଶର୍ଟ ଲିଷ୍ଟ କରିଥିବା ବେଳେ ଆଜି ୧୫୬ ଖେଳାଳିଙ୍କ ନାମ ଡକାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୦ ଟିମ୍ ୨୧୫.୪୫ କୋଟି ଟଙ୍କା ଖର୍ଚ୍ଚ କରି ୭୭ ଖେଳାଳିଙ୍କୁ କିଣିଛନ୍ତି। ଏହା ମଧ୍ୟରେ ୨୯ ବିଦେଶୀ ଏବଂ ୪୮ ଭାରତୀୟ ସାମିଲ।

ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର୍ କାମେରନ୍ ଗ୍ରୀନ୍ ଆଇପିଏଲ୍ ଇତିହାସର ସବୁଠୁ ଦାବୀ ବିଦେଶୀ ଖେଳାଳି ହୋଇଛନ୍ତି। ତାଙ୍କୁ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ୨୫.୨୦ କୋଟି ଟଙ୍କାରେ ନିଜ ସହିତ ସାମିଲ କରିଛି। ଗ୍ରୀନ୍ ନିଜ ଦେଶର ମିଚେଲ୍ ଷ୍ଟାର୍କଙ୍କ ରେକର୍ଡ ଭାଙ୍ଗିଛନ୍ତି। ଷ୍ଟାର୍କଙ୍କୁ ୨୦୨୪ରେ କେକେଆର୍ ୨୪.୭୫ କୋଟି ଟଙ୍କାରେ ଟିମ୍‌ରେ ସାମିଲ କରିଥିଲା। ଆଇପିଏଲ୍ ଇତିହାସରେ ସବୁଠୁ ଦାମୀ ଖେଳାଳିଙ୍କ ମଧ୍ୟରେ ଋଷଭ ପନ୍ତ ୭ କୋଟି ଟଙ୍କା ସହିତ ପ୍ରଥମ ଏବଂ ଶ୍ରେୟସ୍ ଆୟର୍ ୨୬.୭୫ କୋଟି ଟଙ୍କା ସହିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଯଦିଓ କେକେଆର୍ ଗୀନ୍‌କୁ ୨୫.୨୦ କୋଟି ଟଙ୍କାରେ କିଣିଛି, ତେବେ ଗ୍ରୀନ୍‌ଙ୍କୁ କେବଳ ୧୮ କୋଟି ଟଙ୍କା ମିଳିବ। ବାକି ୭.୨୦ କୋଟି ଟଙ୍କା ବିସିସିଆଇ ୱେଲ୍‌ଫେୟାର୍ ଫଣ୍ଡରେ ଜମା କରାଯିବ। ବିସିସିଆଇ ଗତବର୍ଷ ବିଦେଶୀ ଖେଳାଳିଙ୍କ ପାଇଁ ମିନି ଅକ୍ସନ୍‌ରେ ୧୮ କୋଟି ଟଙ୍କାର ସର୍ବାଧିକ ସୀମା ସ୍ଥିର କରିଥିଲା। ଫଳରେ ଅଧିକ ଡିମାଣ୍ଡ ନାମରେ ବିଦେଶୀ ଖେଳାଳି ଅନୁଚିତ ଲାଭ ଉଠାଇ ପାରିବେ ନାହିଁ।

**ପ୍ରଶାନ୍ତ ଓ କାର୍ତ୍ତିକ ଦାମୀ ଅନ୍‌କ୍ୟାପ୍‌ଡ୍ ଭାରତୀୟ**

ଏହି ଅକ୍ସନ୍‌ରେ ଯୁବ ଭାରତୀୟ ଖେଳାଳିଙ୍କ ଉପରେ ମଧ୍ୟ ଟିମ୍‌ଗୁଡ଼ିକ ଅଧିକ ଭରସା କରିଛନ୍ତି। ୨୦ ବର୍ଷୀୟ ପ୍ରଶାନ୍ତ ବୀର ଏବଂ ୧୯ ବର୍ଷୀୟ କାର୍ତ୍ତିକ ଶର୍ମା ୧୪.୨୦ କୋଟି ଟଙ୍କା ଲେଖାଏଁରେ ବିକ୍ରି ହୋଇଛନ୍ତି। ଦୁହିଁଙ୍କୁ ଚେନ୍ନାଇ ସୁପର୍ କିଙ୍ଗସ (ସିଏସ୍‌କେ) ୩୦ ଲକ୍ଷର ବେସ୍ ପ୍ରାଇସ୍‌ର ପ୍ରାୟ ୪୭ ଗୁଣା ଅଧିକ ମୂଲ୍ୟରେ କିଣିଛି। ଟିମ୍ ସେମାନଙ୍କ ପାଇଁ ମୋଟ ୨୮.୪୦ କୋଟି ଟଙ୍କା ଖର୍ଚ୍ଚ କରିଛି। ଏହି ଦୁଇଜଣ ଚଳିତ ସିଜନ୍‌ର ସବୁଠୁ ଦାମୀ ଭାରତୀୟ ଖେଳାଳି ହୋଇଛନ୍ତି। ପ୍ରଶାନ୍ତ ଉତ୍ତର ପ୍ରଦେଶର ହୋଇଥିବା ବେଳେ କାର୍ତ୍ତିକ ରାଜସ୍ଥାନର ନିବାସୀ। ଏହା ବ୍ୟତୀତ ଜମ୍ମୁ-କଶ୍ମୀରର ଆକିବ୍ ନବୀ ଡାର୍‌ଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ୮.୪୦ କୋଟି ଟଙ୍କାରେ ନିଜ ସହ ଯୋଡ଼ିଛି।

ଫାଷ୍ଟ ବୋଲର୍ ସେଟ୍‌ରେ କେକେଆର୍ କେକେଆର୍ ସର୍ବାଧିକ ଆଗ୍ରହ ଦେଖାଇଛି। ଟିମ୍ ଶ୍ରୀଲଙ୍କାର ମଥୀଶା ପଥିରାନା (୧୮ କୋଟି) ଏବଂ ବାଂଲାଦେଶର ମୁସ୍ତାଫିଜୁର୍ ରହମାନ୍ (୯.୨୦ କୋଟି)ଙ୍କୁ କିଣିଛି। ସ୍ପିନର୍‌ଙ୍କ ମଧ୍ୟରେ ରବି ବିଷ୍ଣୋଇଙ୍କୁ ରାଜସ୍ଥାନ ରୟାଲ୍ସ ୭.୨୦ କୋଟି ଟଙ୍କାରେ କିଣିଛି। ସେହିପରି ଭେଙ୍କଟେଶ ଆୟାର୍‌ଙ୍କୁ ଆର୍‌ସିବି ୭ କୋଟି ଟଙ୍କାରେ ନିଜ ସହ ଯୋଡ଼ିଛି। ୨୦୨୪ର ମେଗା ଅକ୍ସନ୍‌ରେ କେକେଆର୍ ଭେଙ୍କଟେଶ ଆୟର୍‌ଙ୍କ ଉପରେ ୨୩.୭୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲା।

**କନ୍‌ୱେ, ତୀକ୍ଷଣା ଓ ମୁଜିବ୍ ଅନ୍‌ସୋଲ୍ଡ**

୨୦୨୩ର ପ୍ଲେୟାର୍ ଅଫ୍ ଫାଇନାଲ୍ ହୋଇଥିବା ନ୍ୟୁଜିଲାଣ୍ଡର ଡେଭନ୍ କନ୍‌ୱେ, ଶ୍ରୀଲଙ୍କାର ମିଷ୍ଟ୍ରି ସ୍ପିନର୍ ମହୀଶ ତୀକ୍ଷଣା ଏବଂ ଆଫଗାନିସ୍ତାନର ମୁଜିବ୍ ଉର୍ ରହମାନ୍‌ଙ୍କ ପ୍ରତି କୌଣସି ଫ୍ରାଞ୍ଚାଇଜି ରୁଚି ଦେଖାଇ ନାହାନ୍ତି। ସେମାନଙ୍କ ନାମ ଦୁଇଥର ଅକ୍ସନ୍ ପୁଲ୍‌କୁ ଆସିଥିବା ସତ୍ତ୍ୱେ ଅନ୍‌ସୋଲ୍ଡ ରହିଛନ୍ତି। ସେମାନଙ୍କ ବ୍ୟତୀତ ଅଷ୍ଟ୍ରେଲିଆର ଜ୍ୟାକ୍ ଫ୍ରେଜର୍-ମ୍ୟାଗର୍କ, ୱେଷ୍ଟଇଣ୍ଡିଜ୍‌ର ଅଲ୍‌ଜାରୀ ଯୋସେଫ୍ ଏବଂ ସାଉଥ୍ ଆଫ୍ରିକାର ଜେରାଲ୍ଡ କୁଟ୍‌ଜୀଙ୍କୁ ମଧ୍ୟ କେହି କିଣିନାହାନ୍ତି।

# ମାର୍ଚ୍ଚ ୨୬ରୁ ଆଇପିଏଲ୍, ମେ’ ୩୧ରେ ଫାଇନାଲ୍

**ମୁମ୍ବାଇ,୧୬।୧/ଏଜେନ୍ସି:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍) ୨୦୨୬ ଆସନ୍ତା ବର୍ଷ ମାର୍ଚ୍ଚ ୨୬ ତାରିଖରୁ ଆରମ୍ଭ ହେବ। ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ମେ’ ୩୧ (ରବିବାର) ଖେଳାଯିବ। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ଏବେ ସୁଦ୍ଧା ପୂରା କାର୍ଯ୍ୟକ୍ରମର ଆଧିକାରିକ ଘୋଷଣା କରିନାହିଁ। ତେବେ ମିଡିଆ ରିପୋର୍ଟ ଅନୁସାରେ ଆଇପିଏଲ୍ ସିଇଓ ହେମାଙ୍ଗ ଅମୀନ୍ ମିନି ଅକ୍ସନ୍ ପୂର୍ବରୁ ଅନୁଷ୍ଠିତ ଏକ ବ୍ରିଫିଙ୍ଗ୍‌ରେ ସିଜନ୍-୧୯ର ତାରିଖ ସମ୍ପର୍କରେ ସୂଚନା ଦେଇଛନ୍ତି। ଆଇପିଏଲ୍ ୨୦୨୬ର ଆୟୋଜନ ଟି-୨୦ ବିଶ୍ୱକପ୍ ସମାପ୍ତ ହେବାର ପ୍ରାୟ ତିନି ସପ୍ତାହ ପରେ କରାଯିବ। ଟି-୨୦ ବିଶ୍ୱକପ୍ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖ ମଧ୍ୟରେ ଭାରତ ଏବଂ ଶ୍ରୀଲଙ୍କାରେ ପ୍ରସ୍ତାବିତ ଅଛି। ଅନ୍ୟପକ୍ଷରେ ଲଗାତାର ଦ୍ୱିତୀୟ ବର୍ଷ ଆଇପିଏଲ୍‌ର ଆୟୋଜନ ପାକିସ୍ତାନ ସୁପର୍ ଲିଗ୍ (ପିଏସ୍‌ଏଲ୍) ସହ ଟକ୍କର୍ ହେବ। ପିଏସ୍‌ଏଲ୍ ଆସନ୍ତା ବର୍ଷ ମାର୍ଚ୍ଚ ୨୬ରୁ ମେ ୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଅର୍ଥାତ୍ ଦୁଇ ଟୁର୍ଣ୍ଣାମେଣ୍ଟ ପ୍ରାୟ ଏକ ସମୟରେ ଚାଲିବ। ତେବେ ଆଇପିଏଲ୍‌ର ଉଦ୍‌ଘାଟନ ମ୍ୟାଚ୍‌କୁ ନେଇ ଏବେ ବି ଅସମଞ୍ଜସ୍ୟ ସ୍ଥିତି ଜାରିରହିଛି। ପରମ୍ପରା ଅନୁସାରେ ପ୍ରଥମ ମ୍ୟାଚ୍ ଡିଫେଣ୍ଡିଂ ଚାମ୍ପିଅନ୍ ଟିମ୍‌ର ଘରୋଇ ପଡ଼ିଆରେ ଖେଳାଯାଇଥାଏ। ମାତ୍ର ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ର ଉପଲବ୍ଧତାକୁ ନେଇ ସ୍ଥିତି ସ୍ପଷ୍ଟ ନୁହେଁ। ଏହି ପ୍ରସଙ୍ଗ ଆବୁଧାବିର ଡବ୍ଲ୍ୟୁ ହୋଟେଲ୍‌ରେ ଅନୁଷ୍ଠିତ ପ୍ରି-ଅକ୍ସନ୍ ମିଟିଂରେ ଫ୍ରାଞ୍ଚାଇଜି ପ୍ରତିନିଧିମାନଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା।




କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘ (କେସିଏ)କୁ ଆଇପିଲ୍ ମ୍ୟାଚ୍ ଆୟୋଜନ ପାଇଁ ସସର୍ତ୍ତ ଅନୁମତି ମିଳିଛି। ନିକଟରେ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର କହିଥିଲେ ଯେ ଏହି ପ୍ରସଙ୍ଗ ଉପରେ ରାଜ୍ୟ ସରକାରଙ୍କ ମନୋଭାବ ସକାରାତ୍ମକ ରହିଛି ଏବଂ ଗୃହ ମନ୍ତ୍ରୀ ଜି. ପରମେଶ୍ୱରନ୍ କେସିଏ ଅଧିକାରୀଙ୍କ ସହିତ ବୈଠକ କରି ଅନ୍ତିମ ନିଷ୍ପତ୍ତି ନେବେ। ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌କୁ ନେଇ ଅନିଶ୍ଚିତତାର ମୁଖ୍ୟ କାରଣ ଜୁନ୍ ୪ ତାରିଖର ଦଳାଚକଟା। ଏହିଦିନ ଆର୍‌ସିବିର ବିଜୟ ଉତ୍ସବ ଅବସରରେ ୧୧ ପ୍ରଶଂସକଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ରାଜ୍ୟ ସରକାର ଏହି ଷ୍ଟାଡିୟମ୍‌ରେ ବଡ଼ ଆୟୋଜନକୁ ନେଇ କଡ଼ା ମନୋଭାବ ଆପଣାଇଛନ୍ତି। ଏହି କାରଣରୁ ବିସିସିଆକୁ ମହିଳା ବିଶ୍ୱକପ୍‌ର କେତେକ ମ୍ୟାଚ୍ ବେଙ୍ଗାଲୁରୁ ବାହାରକୁ ସ୍ଥାନାନ୍ତରିତ କରିବାକୁ ପଡ଼ିଥିଲା।

# ରାମ ସେତୁ ଉପରୁ ଟି-୨୦ ବିଶ୍ୱକପ୍ ଟ୍ରଫି ଟୁର୍ ଆରମ୍ଭ

**ଚେନ୍ନାଇ,୧୬।୧୨/ଏଜେନ୍ସି:** ଟି-୨୦ ବିଶ୍ୱକପ୍ ୨୦୨୬ ଟ୍ରଫିର ଟୁର୍ ରାମ ସେତୁ ଉପରୁ ଆରମ୍ଭ ହୋଇଛି। ଏହି ଅବସରରେ ଦୁଇ ସିଟର୍ ବିଶିଷ୍ଟ ପାରାମୋଟର ଜରିଆରେ ଟ୍ରଫିକୁ ଶୂନ୍ୟକୁ ନିଆଯାଇଥିଲା। ଏହା ଟ୍ରଫିର ଟୁର୍ ଲଞ୍ଚକୁ ଐତିହାସିକ ଏବଂ ସ୍ମରଣୀୟ କରିଦେଇଛି। ଭାରତରେ ଆଡାମ୍ସ ବ୍ରିଜ୍‌କୁ ରାମ ସେତୁ ନାମରେ ଜଣାଯାଇଥାଏ। ଏହି ସ୍ଥଳ ଧାର୍ମିକ ଏକ ସାଂସ୍କୃତିକ ରୂପେ ଗୁରୁତ୍ୱପୂର୍ଣ୍ଣ ହେବା ସହିତ ଟୁର୍ଣ୍ଣାମେଣ୍ଟର ଦୁଇ ଆୟୋଜକ ଦେଶ ଭାରତ ଓ ଶ୍ରୀଲଙ୍କାକୁ ମଧ୍ୟ ଯୋଡ଼ିଥାଏ।



ଆଇସିସି ଏହି ଟ୍ରଫି ଟୁର୍‌କୁ କେବଳ ଏକ ପ୍ରଚାର ଅଭିଯାନ ନୁହେଁ, ବରଂ ସାରା ବିଶ୍ୱର ପ୍ରଶଂସକଙ୍କୁ ଯୋଡ଼ିବାର ଯାତ୍ରା ବୋଲି କହିଛି। ରାମ ସେତୁର ଅର୍ଥ ହିଁ ଯୋଡ଼ିବା ଏବଂ ଏହି ବାର୍ତ୍ତା କ୍ରିକେଟ୍ ଜରିଆରେ ଦେଶଗୁଡ଼ିକୁ ଏବଂ ଲୋକମାନଙ୍କୁ ଦେବାକୁ ଆଇସିସି ଚାହେଁ। ଆଇସିସି ଅଧ୍ୟକ୍ଷ ଜୟ ଶାହ କହିଛନ୍ତି, ରାମ ସେତୁ ପରି ଐତିହାସିକ ଏବଂ ସାଂସ୍କୃତିକ ସ୍ଥଳ ଉପରେ ଟ୍ରଫି ଟୁର୍‌ର ଆରମ୍ଭ କରିବା ଆଗାମୀ ବଡ଼ ଟୁର୍ଣ୍ଣାମେଣ୍ଟ ପାଇଁ ଏକ ପ୍ରେରଣାଦାୟକ ବାର୍ତ୍ତା। ଟ୍ରଫି ଟୁର୍ କେବଳ ଟ୍ରଫିର ଯାତ୍ରା ନୁହେଁ, ବରଂ ସାରା ବିଶ୍ୱର ପ୍ରଶଂସକ, ସଂସ୍କୃତିକ ଏବଂ କ୍ରିକେଟ୍ ଜଗତକୁ ଏକାଠି ଯୋଡ଼ିବାର ମାଧ୍ୟମ।

ଟ୍ରଡ଼ି ଟୁର୍ ଅବସରରେ ଟ୍ରଫି ଭାରତ, ଶ୍ରୀଲଙ୍କା, କତର, ଓମାନ୍, ନେପାଳ, ବାହାରିନ୍ ଏବଂ ମଙ୍ଗୋଲିଆ ସମେତ ଏସିଆର କେତେକ ଦେଶ ଗସ୍ତ କରିବ। ଏହା ଦ୍ୱାରା ପ୍ରଶଂସକ ଟ୍ରଫିକୁ ନିକଟରୁ ଦେଖିବା ସହିତ ଇଣ୍ଟରଆକ୍ଟିଭ୍ ଆକ୍ଟିଭିଜ୍‌ରେ ଭାଗ ନେବାର ସୁଯୋଗ ପାଇବେ। ଏହି ଅବସରରେ କଲେଜ ଏବଂ କ୍ୟାମ୍ପସ୍ ଭିଜିଟ୍, ଫ୍ୟାନ୍ ମିଟ୍, ପବ୍ଲିକ୍ ଇଭେଣ୍ଟ ଏବଂ କ୍ରିକେଟ୍ କାର୍ନିଭାଲ୍ ଆୟୋଜିତ କରାଯିବ। ଫଳରେ ଛୋଟ ଦେଶଗୁଡ଼ିକରେ ମଧ୍ୟ କ୍ରିକେଟ୍‌କୁ ପ୍ରୋତ୍ସାହନ ମିଳିପାରିବ। ଏକ ସ୍ୱତନ୍ତ୍ର ପଦକ୍ଷେପ ସ୍ୱରୂପ ଟ୍ରଫି ସ୍କୁଲ୍ ଏବଂ କଲେଜରେ ମଧ୍ୟ ଟୁର୍ କରିବ। ଏହାଦ୍ୱାରା ଯୁବ ପ୍ରଶଂସକଙ୍କୁ ଗ୍ଲୋବାଲ୍ କ୍ରିକେଟ୍ ସହିତ ଯୋଡ଼ିବାର ଅନୁଭବ ମିଳିବ। ଏହା ବ୍ୟତୀତ ଟ୍ରଫିକୁ ପ୍ରମୁଖ ଟି-୨୦ ଲିଗ୍ ଏବଂ ଦ୍ୱିପାକ୍ଷିକ ସିରିଜ୍‌ରେ ମଧ୍ୟ ପ୍ରଦର୍ଶିତ କରାଯିବ।

## ଏମ୍‌ସିଏଲ୍ ପ୍ରିମିୟର୍ ଲିଗ୍ ଉଦ୍‌ଯାପିତ

# ସିଏମ୍‌ଡି କିଙ୍ଗ୍‌ସ ମେନ୍ ଚାମ୍ପିଅନ୍

**ସମ୍ବଲପୁର, ୧୬।୧୨/ଏଜେନ୍ସି:** ବନ୍ଧୁତ୍ୱକୁ ପ୍ରୋତ୍ସାହିତ କରିବା, କମ୍ପାନୀର କର୍ମଚାରୀଙ୍କ ମଧ୍ୟରେ ପାରସ୍ପରିକ ଯୋଗାଯୋଗ ଏବଂ ସହଯୋଗକୁ ମଜବୁତ କରିବା ପାଇଁ ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ପକ୍ଷରୁ ଆୟୋଜିତ ଏକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସଫଳ ସମାପନ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ଉତ୍ସାହୀ ପ୍ରଦର୍ଶନ, ଶୃଙ୍ଖଳିତ ଖେଳ ଏବଂ ସମସ୍ତ ଦଳର ସାମୂହିକ ପ୍ରୟାସ ପ୍ରଦର୍ଶନ କରାଯାଇଥିଲା, ଯାହା କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ଏବଂ ସୁସ୍ଥ ପ୍ରତିଯୋଗିତାର ମୂଲ୍ୟବୋଧକୁ ପ୍ରତିଫଳିତ କରିଥିଲା। ଉଦୟ ଅନନ୍ତ କାଓଲେ, ସିଏମ୍‌ଡି; କେଶବ ରାଓ, ନିର୍ଦ୍ଦେଶକ (ମାନବ ସମ୍ବଳ); ପିକେ. ପଟେଲ, ସିଭିଓ, ଏ.କେ ବେହୁରା ନିର୍ଦ୍ଦେଶକ (ଅର୍ଥ) ଏବଂ ଏସ୍.କେ ଝା, ନିର୍ଦ୍ଦେଶକ (ଡିଟି/ଓ.ପି) ସମସ୍ତ ଦଳର ସଦସ୍ୟମାନଙ୍କୁ



କ୍ରୀଡ଼ା ଉତ୍ସାହର ଅସାଧାରଣ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଥିଲେ। ଫାଇନାଲ ମ୍ୟାଚ୍ ସିଏମ୍‌ଡି କିଙ୍ଗସ୍ ମେନ୍ ଏବଂ ସିଭିଓ ଭିଜିଲେଣ୍ଟ ରୟାଲ୍ସ ମଧ୍ୟରେ ଏକ ରୋମାଞ୍ଚକର ପ୍ରତିଯୋଗିତା ଥିଲା, ଯେଉଁଥିରେ କିଙ୍ଗସ୍ ଚାମ୍ପିଅନଶିପ୍ ଟାଇଟଲ୍ ଗ୍ରହଣ କରିଥିଲା। କିଙ୍ଗସ ମେନ୍ ଦଳର ଅନୀଲ ରାୟ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଏବଂ ଶିବ ଶଙ୍କର ଜେନା ପ୍ଲେୟାର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲେ।

ସପ୍ତାହବ୍ୟାପୀ ଆନ୍ତଃ-ନିର୍ଦ୍ଦେଶାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ‘ଏମ୍‌ସିଏଲ୍ ପ୍ରିମିୟର ଲିଗ୍ ୨୦୨୫’ରେ ଏମ୍‌ସିଏଲ୍ ମୁଖ୍ୟାଳୟରେ ବିଭିନ୍ନ ନିର୍ଦ୍ଦେଶାଳୟର ପ୍ରତିନିଧିତ୍ୱ କରୁଥିବା କର୍ମଚାରୀଙ୍କ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ କର୍ମଚାରୀମାନଙ୍କୁ ସେମାନଙ୍କ ନିୟମିତ ବୃତ୍ତିଗତ ପରିବେଶ ବାହାରେ ଭାବ ବିନିମୟ, ଯୋଗାଯୋଗ ଏବଂ ସମ୍ପର୍କ ସୃଷ୍ଟି କରିବା ପାଇଁ ଏକ ମଞ୍ଚ ପ୍ରଦାନ କରିଥିଲା। ବିଭିନ୍ନ କାର୍ଯ୍ୟକ୍ଷମ ପୃଷ୍ଠଭୂମିରୁ ଅଂଶଗ୍ରହଣକାରୀମାନଙ୍କୁ ଏକାଠି କରି, ପାରସ୍ପରିକ ବୁଝାମଣା, ଦଳଗତ କାର୍ଯ୍ୟ ଏବଂ ସଂଗଠନ ମଧ୍ୟରେ ନିଜସ୍ୱ ଭାବନା ବୃଦ୍ଧି କରିବାରେ ଏହି ଲିଗ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

# ସାବାଲେଙ୍କା କ୍ରମାଗତ ଦ୍ୱିତୀୟ ଥର ଡବ୍‌ଲ୍ୟୁଟିଏ ପ୍ଲେୟାର ଅଫ୍ ଦି ଇୟର୍



**ନୂଆଦିଲ୍ଲୀ,୧୬।୧୨/ଏଜେନ୍ସି:** ସାରା ବର୍ଷ ର୍‍ୟାଙ୍କିଙ୍ଗ୍ ଶୀର୍ଷରେ ରହିବା ପରେ ବିଶ୍ୱର ନମ୍ବର-୧ ମହିଳା ଟେନିସ୍ ଖେଳାଳି ଆରିନା ସାବାଲେଙ୍କା କ୍ରମାଗତ ଦ୍ୱିତୀୟ ସିଜନ୍ ପାଇଁ ଡବ୍ଲ୍ୟୁଟିଏ ପ୍ଲେୟାର୍ ଅଫ୍ ଦ ଇୟର୍ ମନୋନୀତ ହୋଇଛନ୍ତି। ୟୁଏସ୍ ଓପନ୍ ଟାଇଟଲ୍ ସଫଳତାର ସହ ଡିଫେଣ୍ଡ କରିବା ସହିତ ସାବାଲେଙ୍କା ନଅଟି ଫାଇନାଲ୍‌ରେ ପହଞ୍ଚି ପ୍ରଭାବଶାଳୀ ଭାବେ ୨୦୨୫ ଶେଷ କରିଛନ୍ତି। ଅଷ୍ଟ୍ରେଲିଆନ୍ ଓପନ୍ ଏବଂ ରୋଲାଣ୍ଡ ଗାରୋସ୍‌ରେ ରନର୍ସଅପ୍ ରହିଥିବା ସାବାଲେଙ୍କା ୱିମ୍ବଲଡନ୍ ସେମିଫାଇନାଲ୍‌ରେ ପହଞ୍ଚିଥିଲେ। ଏହି ବେଲାରୁଷ ଖେଳାଳି ମୋଟ ଉପରେ ଚାରିଟି ଟ୍ରଫି ଜିତିଥିବା ବେଳେ ସିଜନ୍‌ରେ ୬୩ ବିଜୟ ହାସଲ କରିଥିଲେ।

ସେ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ବର୍ଷ ଶେଷରେ ନମ୍ବର ୱାନ୍ ରାଙ୍କିଙ୍ଗ୍ ବଜାୟ ରଖି ରେକର୍ଡ ସିଙ୍ଗଲ୍ସ ପୁରସ୍କାର ରାଶି ୧୫,୦୦୮,୫୧୯ ଡଲାର୍ ଜିତି ରେକର୍ଡ ସ୍ଥାପନ କରିଛନ୍ତି। ଆମେରିକାର ଅମାଣ୍ଡା ଆନିସିମୋଭାଙ୍କୁ ବର୍ଷର ସର୍ବାଧିକ ଉନ୍ନତ ଖେଳାଳି ଭାବେ ମନୋନୀତ କରାଯାଇଛି। ଆନିସିମୋଭା ପାଞ୍ଚଟି ଫାଇନାଲ୍‌ରେ ପହଞ୍ଚିଥିବା ବେଳେ ଦୋହା ଏବଂ ବେଜିଂରେ କ୍ୟାରିୟରର ପ୍ରଥମ ଡବ୍ଲ୍ୟୁଟିଏ ୧୦୦୦ ଟାଇଟଲ୍ ଜିତିଥିଲେ। ଏହା ବ୍ୟତୀତ ୱିମ୍ବଲଡନ୍ ଏଙ୍ଗ ୟୁଏସ୍ ଓପନ୍‌ରେ ପ୍ରଥମ ଗ୍ରାଣ୍ଡସ୍ଲାମ୍ ଫାଇନାଲ୍‌ରେ ପ୍ରବେଶ କରିଥିଲେ।

ଅଷ୍ଟ୍ରେଲିଆନ୍ ଓପନ୍‌ରେ ଦ୍ୱିତୀୟ ଗ୍ରାଣ୍ଡ ସ୍ଲାମ୍ ଟାଇଟଲ୍ ହାସଲ କରିଥିବା କାଟେରିନା ସିନିଆକୋଭା ଏବଂ ଟେଲର୍ ଟାଉନ୍‌ସେଣ୍ଡଙ୍କୁ ବର୍ଷର ଶ୍ରେଷ୍ଠ ଡବଲ୍ସ ଦଳ ଭାବରେ ବିବେଚିତ କରାଯାଇଛି। ସେହିପରି ପୂର୍ବତନ ଅଲିମ୍ପିକ୍ ଚାମ୍ପିଅନ୍ ବେଲିଣ୍ଡା ବେନ୍‌ସିକ୍‌ଙ୍କୁ କମ୍‌ବ୍ୟାକ୍ ପ୍ଲେୟାର୍ ଅଫ୍ ଦ ଇୟର୍ ପୁରସ୍କାର ମିଳିଛି।

ଏହା ବ୍ୟତୀତ କ୍ୟାରିୟର୍‌ର ସର୍ବୋଚ୍ଚ ବିଶ୍ୱ ର୍‍ୟାଙ୍କିଙ୍ଗ୍ ୧୮ରେ ପହଞ୍ଚିବା ପରେ କାନାଡାର ୧୯ ବର୍ଷୀୟା ଖେଳାଳି ଭିକ୍ଟୋରିଆ ମ୍ବୋକୋଙ୍କୁ ସିଜନ୍‌ର ନୂତନ ଖେଳାଳି ଭାବରେ ବିବେଚିତ କରାଯାଇଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra